- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-296 ♦FRIDAY ♦24 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୯୬ ♦ଶୁକ୍ରବାର ♦୨୪ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




କିଙ୍ଗ: ରିଲିଜ୍ ପୂର୍ବରୁ ୨୫୦ କୋଟି ଆୟ

▶ପୃଷ୍ଠା ୧୧ ଦେଖନ୍ତୁ...

# ସିଝିଲା ଓଡ଼ିଶା

# ଆଉ ୨ ଦିନ କଲବଲ କରିବ ତାତି

## ୪୪ ଡିଗ୍ରୀରେ ଟକ୍‌ଟକ୍ ଫୁଟିଲା ଝାରସୁଗୁଡ଼ା ଓ ତାଳଚେର

- ରାଜଧାନୀରେ ୪୨ ଡିଗ୍ରୀ ଛୁଇଁଲା ପାରଦ
- ୨୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ
- ଆଜି ୬ ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ସତର୍କତା ଜାରୀ
- ତାତିରୁ ଉପଶମ ଦେଇପାରେ କାଳବୈଶାଖୀ ବର୍ଷା

■ ଭୁବନେଶ୍ୱର, ୨୩।୪ (ସମିସ): ଦିନ ୧୦ଟା ବେଳକୁ ଅସହ୍ୟ ତାତି ଓ ଗୁଳୁଗୁଳି ଆରମ୍ଭ ହେଉଛି। ପ୍ରବଳ ଖରା ପାଇଁ ଲୋକେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଥିବା ବେଳେ ଗତ ୪-୫ ଦିନ ହେଲାଣି ତତଲା କଡ଼େଇରେ ସମଗ୍ର ଓଡ଼ିଶା ସିଝୁଛି। ବୁଧବାର ପରି ଗୁରୁବାର ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ଅସମ୍ଭାଳ ତାତି ପରିଲକ୍ଷିତ ହୋଇଛି। ଗୁରୁବାର ରାଜ୍ୟର ୨୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଥିବା ବେଳେ ଝାରସୁଗୁଡ଼ା ଓ ତାଳଚେରରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ପାରଦ ୪୨.୧ ଡିଗ୍ରୀ ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡ଼ରେ ପାରଦ ୪୩.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ଢେଙ୍କାନାଳ ଓ ଅନୁଗୋଳରେ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ▶ପୃଷ୍ଠା-୭

**ବିଶ୍ୱର ୨୦ ଉତ୍ତପ୍ତ ସହର ମଧ୍ୟରେ ଭାରତର ୧୯**

# ଆଗୁଆ ହେବ ଖରାଛୁଟି

■ ଭୁବନେଶ୍ୱର, ୨୩।୪ (ସମିସ): ରାଜ୍ୟରେ ବଢ଼ୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଆଗୁଆ ଖରାଛୁଟି ଘୋଷଣା କରାଯିବ। ରାଜସ୍ୱ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆର୍‌ସି) ମିଳିତ ଭାବେ ବୈଠକ କରି ଗ୍ରୀଷ୍ମ ପ୍ରବାହର ସମୀକ୍ଷା କରିବା ପରେ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କମିବାର ସମ୍ଭାବନା ନାହିଁ। ପାଣିପାଗ ବିଭାଗର ଆକଳନକୁ ଦୃଷ୍ଟିରେ ରଖି ଉଭୟ ଅଙ୍ଗନବାଡ଼ି ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ରେକର୍ଡ ମତଦାନ

## ପଶ୍ଚିମବଙ୍ଗରେ ୯୨.୫୮%
## ତାମିଲନାଡୁରେ ୮୫.୧୧%

■ କୋଲକାତା/ଚେନ୍ନାଇ, ୨୩।୪ (ଏଜେନ୍ସି): ପ୍ରବଳ ଉତ୍ସାହ ଓ ଉତ୍ତେଜନା ମଧ୍ୟରେ ଆଜି ପଶ୍ଚିମବଙ୍ଗ ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଶେଷ ହୋଇଥିବା ବେଳେ ତାମିଲନାଡୁର ସମସ୍ତ ୨୩୪ଟି ନିର୍ବାଚନମଣ୍ଡଳୀରେ ମତଦାନ ହୋଇଛି। ଉଭୟ ରାଜ୍ୟରେ ରେକର୍ଡ ମତଦାନ ହୋଇଛି। ପଶ୍ଚିମବଙ୍ଗରେ ୯୨.୫୮ ପ୍ରତିଶତ ମତଦାନ ହୋଇଥିବା ବେଳେ ତାମିଲନାଡୁରେ ୮୫.୧୧ ପ୍ରତିଶତ ମତଦାନ ହୋଇଛି। ସ୍ୱାଧୀନ ଭାରତ ଇତିହାସରେ ଏହି ଦୁଇ ରାଜ୍ୟରେ ଏମିତି ରେକର୍ଡ ମତଦାନ କେ।।ବେ ହୋଇନଥିଲା। ଦୁଇ ରାଜ୍ୟରେ ମତାଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାରେ ଇତିହାସ ସୃଷ୍ଟି କରିଛନ୍ତି। ଏଥିପାଇଁ



ଭାରତର ନିର୍ବାଚନ କମିସନ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୨୦୨୧ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨.୩୦ ପ୍ରତିଶତ ମତଦାନ ହୋଇଥିଲା। କୋଭିଡ୍ କଟକଣା ମଧ୍ୟରେ ହୋଇଥିବା ଏହି ନିର୍ବାଚନରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ କ୍ରମାଗତ ତୃତୀୟ ଥର ଲାଗି କ୍ଷମତା ବଜାୟ ରଖିଥିଲା। ସେହିଭଳି ତାମିଲନାଡୁରେ ୨୦୧୧ରେ ସର୍ବାଧିକ ୭୮.୨୯ ପ୍ରତିଶତ ଭୋଟ୍ ରେକର୍ଡ କରାଯାଇଥିଲା। ଏହି ନିର୍ବାଚନରେ ଆନ୍ନାଡିଏମ୍‌କେ ବିପୁଳ ବିଜୟ ସହ କ୍ଷମତା ଦଖଲ କରିଥିଲା।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଆଜି ୧୫୨ଟି ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି। କେତେକ ମାମୁଲି ଘଟଣାକୁ ଛାଡ଼ିଦେଲେ ନିର୍ବାଚନ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଥିଲା। ଦକ୍ଷିଣ ଦିନାଜପୁରରେ ସର୍ବାଧିକ ୯୪.୩୭ ପ୍ରତିଶତ ମତଦାନ ହୋଇଥିବା ବେଳେ କୁଚ୍ ବିହାରରେ ୯୩ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନ କମିସନଙ୍କ ବିବାଦୀୟ ଏସଆଇଆର ପରେ ପ୍ରଥମ ଥର ଲାଗି ନିର୍ବାଚନ ▶ପୃଷ୍ଠା-୭


19001/30/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଜାତୀୟ ପଞ୍ଚାୟତିରାଜ ଦିବସ- ୨୦୨୬
ରାଜ୍ୟସ୍ତରୀୟ ସମାରୋହ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓ
ସାଂସଦ, ବଲାଙ୍ଗିର

ଏବଂ ବିଧାୟକ ବୃନ୍ଦ, ବଲାଙ୍ଗିର

ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦,୦୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କରକମଳରେ କାର୍ଯ୍ୟାଦେଶ ବଣ୍ଟନ ଓ ୨୦୦ କୋଟି ଟଙ୍କାର ପ୍ରଥମ କିସ୍ତି ରାଶି ପ୍ରଦାନ।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆଭ୍ୟନ୍ତରୀଣ ଅଡ଼ିଟ୍ ପ୍ରକ୍ରିୟାକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା ନିମନ୍ତେ "ପଞ୍ଚାୟତିରାଜ ସମୀକ୍ଷା" ପୋର୍ଟାଲର ଉନ୍ମୋଚନ।
- "ବିକଶିତ ଗାଁ, ବିକଶିତ ଓଡ଼ିଶା" ଅଭିଯାନରେ ଗ୍ରାମୀଣ ବିକାଶ କ୍ଷେତ୍ରରେ ମୋଟ ୨୧,୮୦୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।
- ସର୍ବ ଭାରତୀୟ ସ୍ତରରେ ଚଳିତ ବର୍ଷ ଓଡ଼ିଶାର ୫ଟି ପଞ୍ଚାୟତିରାଜ ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସେବା ପାଇଁ ପୁରସ୍କୃତ ହୋଇଛନ୍ତି।
- ଜିଲ୍ଲା ପରିଷଦ ବୈଠକକୁ ପାରଦର୍ଶିତାର ସହିତ ପରିଚାଳନା କରିବା ନିମନ୍ତେ "ଇ-ପଞ୍ଚାୟତ ସଭା" (ଜିଲ୍ଲା ପରିଷଦ) ପୋର୍ଟାଲର ଉନ୍ମୋଚନ।
- ବିଗତ ୨ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୪.୬୭ ଲକ୍ଷ ଗୃହ ନିର୍ମାଣ ହୋଇଅଛି ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୫୮ ଲକ୍ଷ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି।
- ଓଡ଼ିଶାର ୨୧,୦୩୩ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ସେହିପରି ୭,୦୯୯ଟି ଗ୍ରାମକୁ ସର୍ବସାଧାରଣ ପାଇପ୍ ଟ୍ୟାପ୍ (Stand Post) ଯୋଗେ ଜଳ ଯୋଗାଣ କରାଯାଉଛି। ଆଗାମୀ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ଜଳ ଯୋଗାଇ ଦିଆଯିବ।
- ୨୦୨୫-୨୬ ବର୍ଷରେ ୨୦୦ ଗ୍ରାମ ପଞ୍ଚାୟତ ISO ପ୍ରମାଣପତ୍ର ହାସଲ କରିଛନ୍ତି।

୨୪ ଅପ୍ରେଲ ୨୦୨୬ | ସନ୍ଧ୍ୟା ୫ ଘଟିକା | ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗିର

OIPR-19001/19001/2/26-27/0002

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

ସକାଳ THE SAKALA



www.sakalaepaper.com

# ଶ୍ରମ ବିଭାଗର ନିର୍ଦ୍ଦେଶନାମାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଫୁଁ'

ବାଲେଶ୍ୱର, ୨୩।୪ (ସମିସ)



ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏଥିରୁ ବାଦ ପଡ଼ିନି ବାଲେଶ୍ୱର ଜିଲ୍ଲା। ବାଲେଶ୍ୱର ଜିଲ୍ଲାର ଗ୍ରୀଷ୍ମ ପ୍ରବାହରେ ପାରାଦ ବଢ଼ି ବଢ଼ି ଚାଲିଛି। ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ମାର୍ଚ୍ଚ ୨୩ ତାରିଖରେ ଚିଠି ମାଧ୍ୟମରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରମିକଙ୍କ ନିରାପତ୍ତା ପାଇଁ ଦିନ ୧୧ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାର୍ଯ୍ୟରେ ନ ଲଗାଇବା ପାଇଁ ନିର୍ଦ୍ଦେଶନାମା ଜାରୀ କରିଥିଲେ। ହେଲେ ଶ୍ରମିକଙ୍କ ନିରାପତ୍ତା ପାଇଁ ଜାରି ହୋଇଥିବା ନିର୍ଦ୍ଦେଶନାମା ଖୋଦ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବମାନନା କରାଯାଇଛି। ଶ୍ରମିକଙ୍କ ନିରାପତ୍ତାୟକୁ ଧ୍ୟାନ ଦେବା ପରିବର୍ତ୍ତେ ସ୍ୱାର୍ଥ ପାଇଁ ଶ୍ରମିକଙ୍କ ଜୀବନକୁ ଢ଼ହଢ଼ହ ଖରାରେ ବାଜିରେ ଲଗା ଯାଉଛି।

ଖବର ଅନୁସାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପୁରୁଣା ବିଲଡିଂରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକଙ୍କ ମଧ୍ୟରୁ ୫ରୁ ଊର୍ଦ୍ଧ୍ୱ ଶ୍ରମିକ ବୁଧବାର ଢ଼ହଢ଼ହ ଖରାରେ ୧. ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ସେପଟେ ଜିଲ୍ଲାପାଳ ବିଭିନ୍ନ ବିଭାଗ ସହ ବୈଠକ କରି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଶ୍ରମିକଙ୍କ ନିରାପତ୍ତା ଦୃଷ୍ଟିରୁ ଦିନ ୧୧ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ

**ପ୍ରହସନ ପାଲଟିଛି ଶ୍ରମିକ ନିରାପତ୍ତା**

ଦେଇଥିଲେ, ଏମିତି କି ନିୟମ ନ ମାନିଲେ କାର୍ଯ୍ୟ କରୁଥିବା ଏଜେନ୍ସି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଚେତାବନୀ ଦେଇଥିଲେ। ହେଲେ ସରକାରୀ ନିର୍ଦ୍ଦେଶନାମାକୁ ଦୀର୍ଘ ୨୨ ଦିନ ବିତିଥିଲେ ସୁଦ୍ଧା ବିଭିନ୍ନ ବିଭାଗ ପକ୍ଷରୁ ଟେଣ୍ଡର ନେଇ କାର୍ଯ୍ୟ କରୁଥିବା ଏଜେନ୍ସି ମାନେ ଏହି ନିୟମକୁ ଫୁଁ' କରି ଦେଇଛନ୍ତି। ଜିଲ୍ଲାର ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରେଳ ବିଭାଗ ପକ୍ଷରୁ ହେଉଥିବା ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶ୍ରମିକଙ୍କ ଡହଡହ ଖରାରେ କାର୍ଯ୍ୟରେ ଲଗାଯାଇଛି। ଖରାରେ ଶ୍ରମିକଙ୍କ ଜୀବନ ବାଜିରେ ଲାଗୁଥିବା ବେଳେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ରେଳ ବିଭାଗର ବିଭାଗୀୟ ଅଧିକାରୀ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏପରିସ୍ଥଳେ ଜିଲ୍ଲାର ଅଧିକାରୀ ଜିଲ୍ଲାପାଳ ନିୟମକୁ ଅନୁପାଳନ ପାଇଁ ନିର୍ଦ୍ଦେଶନାମା ଜାରୀ କରୁଥିବା ବେଳେ ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ୧.୩୦ ପର୍ଯ୍ୟନ୍ତ ଶ୍ରମିକଙ୍କୁ ଟାଣ ଖରାରେ ନିୟୋଜିତ କରାଯିବା ସ୍ଥଳେ ଜିଲ୍ଲାପାଳଙ୍କ ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜିଲ୍ଲାର ଖୋଦ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିର୍ଦ୍ଦେଶ ଅନୁପାଳନ କରାଯାଉନଥିବା ବେଳେ ଜିଲ୍ଲାର ଅନ୍ୟ ସ୍ଥାନ ମାନଙ୍କରେ କିଭଳି ଶ୍ରମିକଙ୍କ ନିରାପତ୍ତା ଯୋଜନା କାର୍ଯ୍ୟ କରୁଥିବ ଏଠାରୁ ଜଳ ଜଳ ହୋଇ ଦିଶୁଛି। ଠିକାଦାର ନିଜର ସ୍ୱାର୍ଥ ସାଧାନ ପାଇଁ ଶ୍ରମିକଙ୍କ ଜୀବନକୁ ବାଜିରେ ଲଗାଇବା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏ ନେଇ ଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ତିନି ଦିନ ପାଇଁ ସ୍କୁଲ ଛୁଟି

ବାଲେଶ୍ୱର, ୨୩।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଖି ଆଗରେ ରଖି ଆଜି ଠାରୁ ଆସନ୍ତା ୨୫ ତାରିଖ ତିନିଦିନ ଧରି ସ୍କୁଲ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ଏହି ତିନି ଦିନ ଜିଲ୍ଲାର ସମସ୍ତ ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ, ବେସରକାରୀ ସ୍କୁଲ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶାନାମା ଅନୁସାରେ ଆଜି ଗୁରୁବାର ଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ ସ୍କୁଲ ସବୁ ବନ୍ଦ ରହିବ। ସେହିପରି ଜିଲ୍ଲାର ସମସ୍ତ ଛାତ୍ରାବାସ ଓ ଛାତ୍ରୀ ନିବାସ ମଧ୍ୟ ବନ୍ଦ ରହିବା ସହ ଛାତ୍ରଛାତ୍ରୀମାନଙ୍କୁ ଘରକୁ ଫେରାଇ ନେବା ପାଇଁ ଅଭିଭାବକମାନଙ୍କୁ ପରାମର୍ଶ ଦିଆଯାଇଛି। ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପ୍ରତିଷେଧକ ମୂଳକ ନିଷ୍ପତି ନିଆଯାଇଛି। ଏହାଛଡା ଏହି ନିୟମ କଡାକଡି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ଅଗବତି କରାଯାଇଛି। ଅନ୍ୟପଟେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଏକ ଘରୋଇ ସ୍କୁଲ କ୍ଷେତ୍ରରେ। ସେରଗଡ଼ ସ୍ଥିତ ଏକ ଘରୋଇ ସ୍କୁଲରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ଛୁଟି ସତ୍ତ୍ୱେ ସେଠାରେ ପାଠପଢ଼ା ହୋଇଥିଲା। ଏପରିକି ଛାତ୍ରଛାତ୍ରୀ ଆଜି ସ୍କୁଲରୁ ଅପରାହଣ ୨ଟା୩୦ମିନିଟ ସମୟରେ ବସ୍‌ଯୋଗେ ଫେରିଥିବା ଦେଖିବାକୁ ମିଳିଛି। ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ତିନି ଦିନ ପାଇଁ ସ୍କୁଲ ଛୁଟି କରାଯାଇଛି। ଅନ୍ୟପଟେ ଉକ୍ତ ବିଦ୍ୟାଳୟ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି ଯେ, ସ୍କୁଲ ଛୁଟି ପାଇଁ ଚିଠି ଡେରିରେ ଖବର ପାଇଥିବାରୁ ଆଜି କ୍ଲାସ ହୋଇଛି। ଏଥିପାଇଁ ସେମାନେ କ୍ଷମା ପ୍ରାର୍ଥନା ମଧ୍ୟ କରିଛନ୍ତି।

## ଅସହ୍ୟ ତାତିରେ ସନ୍ତୁଳି ହେଉଛି ବାଲେଶ୍ୱର ସହର

ବାଲେଶ୍ୱର, ୨୩।୪(ସମିସ): ବାଲେଶ୍ୱରରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାଫଳରେ ଲୋକେ ବହୁ ଅସୁବିଧାରେ ସମ୍ମୁଖିନ ହେଉଥିବା ବେଳେ ସକାଳ ୮ଟା ଠାରୁ ଏହି ଖରାର ପ୍ରକୋପ ଆସ୍ତେ ଆସ୍ତେ ବୃଦ୍ଧି ପାଇବାରେ ଲାଗୁଛି। ଫଳରେ ଦିନ ୧୧ଟା ସମୟରୁ ହିଁ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାପାଳ ଆଜି ଠାରୁ ତିନି ଦିନ ସ୍କୁଲ ଛୁଟି ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ବର୍ତମାନ ସମୟରେ ଏହି ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ସକାଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳୁଆ ମଧ୍ୟ ହେଉଛି। ଆଜି ବାଲେଶ୍ୱର ଜିଲ୍ଲାରେ ୩୬ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଅଧିକମାତ୍ରାରେ ଗୁଳୁଗୁଳି ପରିଲିକ୍ଷିତ ହେଉଛି। ଚଳିତ ମାସ ୨୨ତାରିଖରେ ସର୍ବାଧିକ ୩୯.୫ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଚଳିତ ମାସ୨୧ତାରିଖରେ ଦ୍ୱିତୀୟ ସର୍ବାଧିକ ୩୮.୪ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟେ ୨୦୨୪ମସିହାରେ ଜିଲ୍ଲାରେ ଏପ୍ରିଲ ମାସ ୩୦ତାରିଖରେ ସର୍ବାଧିକ ୪୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ୨୦୨୩ମସିହାରେ ଏପ୍ରିଲ ମାସ୨୦ତାରିଖରେ ୪୧.୧ଡିଗ୍ରୀ, ୨୦୨୨ମସିହା ମେ ମାସରେ ୪୦.୪ ଡିଗ୍ରୀ ଏବଂ ୨୦୨୧ମସିହା ମାର୍ଚ୍ଚ ମାସ ୩୧ତାରିଖରେ ୪୩ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଥିଲା ବୋଲି ପାଣିପାଗ ବିଭାଗର ବାଲେଶ୍ୱର ଅଧିକାରୀ ମୋହନ ଦାସ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଏହି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇ ୪୦ରୁ ୪୩ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି। ଏହା ଆଗକୁ ଅଧିକ ବଢ଼ିବାର ସମ୍ଭାବନା ମଧ୍ୟ ରହିଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା କହିଛନ୍ତି ଯେ, ବର୍ତମାନ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସମସ୍ତ ବ୍ଲକମାନଙ୍କରେ ସୂଚନା ପତ୍ର ପ୍ରଦାନ କରାଯାଉଥିବା ବେଳେ ଏକ ଗାଡି ଲୋକମାନଙ୍କୁ ଏହି ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନତା ବାର୍ତା ପ୍ରଦାନ କରୁଛି। ଏହାବ୍ୟତିତ ବିଭିନ୍ନ ଅଙ୍ଗନୱାଡି, ସ୍କୁଲ, କଲେଜରେ ପଢ଼ା ସମୟ ପରିବର୍ତନ ହୋଇଥିବା ବେଳେ ଦିନ୧୧ଟାରୁ ୩ଟା ପର୍ଯ୍ୟନ୍ତ ଯେପରି ଶ୍ରମିକମାନେ ଭାରି କାର୍ଯ୍ୟ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ବେଳେ କୌଣସି ଅଂଶୁଘାତ ଜନିତ ଖବର ଆସିଲେ ତୁରନ୍ତ ମେଡିକାଲରେ ରୁମ ଏବଂ ବେଡର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହାବ୍ୟତିତ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ଓଆରଏସ ପାଣି ମଧ୍ୟ ଯୋଗାଯାଉଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓକେସିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

ବାଲେଶ୍ୱର, ୨୩।୪(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍), ଭୁବନେଶ୍ୱର ମଧ୍ୟରେ 'ଏଆଇ କ୍ଷମତା ବିକାଶ' ବିଷୟରେ ବୁଝାମଣାପତ୍ର ସ୍ୱାକ୍ଷର ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।




ଏହା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ବିଭାଗ (ଆଇକ୍ୟୁଏସି) ସହଯୋଗରେ ସଂଗଠିତ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଆଇକ୍ୟୁଏସି ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ବୁଝାମଣାପତ୍ର ଦ୍ୱାରା ସହଯୋଗ ମାଧ୍ୟମରେ କାର୍ଯ୍ୟ କ୍ଷେତ୍ରରେ ନୂତନତ୍ୱ ଓ ସୁଯୋଗର ଦ୍ୱାର ଖୋଲିବ ବୋଲି ଆଶାବ୍ୟକ୍ତ କରିଥିଲେ। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଉଚ୍ଚ ଶିକ୍ଷାରେ କୃତ୍ରିମ ମେଧାର ପରିବର୍ତ୍ତନଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ। ବାଲେଶ୍ୱର ସ୍ଥିତ ଆରଜେଏସଏମଏସ ର ନିର୍ଦ୍ଦେଶକ ଡ଼କ୍ଟର ଶାନ୍ତନୁ କୁମାର ପାଣି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଗବେଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୌଶଳମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓକେସିଏଲ ର ଏକ କର୍ପୋରେଟ୍ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଓକେସିଏଲର ବ୍ୟବସ୍ଥାପନ ନିର୍ଦ୍ଦେଶକ ଡ଼କ୍ଟର ମନୋରଞ୍ଜନ ପୁଥାଳ ସଂଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଦୁଇଟି ପ୍ରାୟୋଗିକ ଶିକ୍ଷା ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଶ୍ରୀ ସୁଶାନ୍ତ ଜେ. ଦାସ ଶିକ୍ଷାଗତ ଓ ପ୍ରଶାସନିକ କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଏଆଇ କୌଶଳର ବ୍ୟବହାର ବିଷୟରେ ଉପସ୍ଥାପନା କରିଥିଲେ। ପରେ ଶ୍ରୀ ନୀଳାଦ୍ରି ବିହାରୀ ରାୟ ଓକେସିଏଲ ରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍ ଇକୋସିଷ୍ଟମ୍‌ର ଲାଇଭ୍ ଡେମୋ ପ୍ରଦର୍ଶନ କରି, ଶିଳ୍ପ-ପ୍ରସ୍ତୁତ କୌଶଳଗୁଡିକ ଅବଗତ କରାଇଥିଲେ। ଡ. ରାଜଶ୍ରୀ ଦତ୍ତଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା ଓ ଶେଷରେ ଡ଼କ୍ଟର ପ୍ରହ୍ଲାଦ ଖିଲ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ।

## ମାଛ ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ରାଜଘାଟ, ୨୩।୪ (ସମିସ): ବସ୍ତା ଥାନା ବାଉଁଶମୁଖା ଗ୍ରାମର ଜଣେ ମାଛ ବ୍ୟବସାୟୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିବା ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଉଡ଼ସାହି ଗ୍ରାମର ଦେବାଶିଷ କବି ଓରଫ୍ ଦେବୁ ଏବଂ ମନ୍ମଥ କବି। ଗ୍ରାମର ପିଣ୍ଟୁ ବୈଠା ମାଛ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ଅପ୍ରେଲ ୧୧ରେ ପିଣ୍ଟୁ ତାଙ୍କର ସହଯୋଗୀ ବେଣୁଧର ବେହେରାଙ୍କ ସହ ଜଳେଶ୍ୱର ଯାଇ ବେପାର ଟଙ୍କା ଧରି ଫେରୁଥିଲେ। ଦିନ ଦ୍ୱିପ୍ରହରରେ ମାଛ ବାବଦରେ କଥା ଅଛି କହି ଏକ ଅଜଣା ନମ୍ବରରେ ପିଣ୍ଟୁଙ୍କ ମୋବାଇଲକୁ ଫୋନ ଆସିବା ସହ ୧୬ ନମ୍ବର ଜାତୀୟ ରାଜପଥର କୁଡ଼ିଆ ପୋଲ ପାର୍ଶ୍ୱ ବସୁନ୍ଧରା ହୋଟେଲକୁ ଆସିବାକୁ ବ୍ୟକ୍ତି ଜଣକ କହିଥିଲେ। ପିଣ୍ଟୁ ଏବଂ ବେଣୁଧର ଉକ୍ତ ହୋଟେଲରେ କାରରୁ ଓହ୍ଲାଇବା କ୍ଷଣି ସ୍ଥାନୀୟ ସଦାନନ୍ଦପୁର ଅଞ୍ଚଳର ଦେବାଶିଷ କବି, ଦିଲ୍ଲୀପ ବେହେରା, ସ୍ନେହାଶିଷ ବାରିକ, କାହ୍ନୁ ଚରଣ ବାରିକ, ମନ୍ମଥ କବି, ହିତେଶ ବାରିକଙ୍କ ସମେତ ୧୦/୧୨ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ପିଣ୍ଟୁଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣି ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିବା ସହ ପାଖରେ ଥିବା ୪ଲକ୍ଷରୁ ଅଧିକ କଲେକ୍ସନ ଟଙ୍କା ଓ ସୁନାଗହଣାକୁ ଲୁଟି ନେଇଥିଲେ। ବେଣୁଧର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ହାଣି ରକ୍ତାକ୍ତ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବା ନିମନ୍ତେ ଗୋଡାଇବାରୁ ବେଣୁଧର କୌଶଳ କ୍ରମେ ସେଠାରୁ ଖସି ଆସି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଫଳରେ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚି ଅଚେତ୍ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପିଣ୍ଟୁଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ତ୍ରୀ ସୁମିତ୍ରା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ଘଟଣାକୁ ୧୦ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରୁନଥିବାରୁ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ପରିବାର ପକ୍ଷରୁ ଦୁଇଦିନ ପୂର୍ବେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଫଳରେ ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଆଜି ପୁଲିସ ଦୁଇ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଚଳାଇଛି।

## ୨୦୨୬-୨୭ ଜନଗଣନାରେ ଆଦିବାସୀଙ୍କୁ ସାମିଲ ଦାବି

ବାଲେଶ୍ୱର, ୨୩।୪(ସମିସ): ୨୦୨୬-୨୭ରେ ହେଉଥିବା ଜନଗଣନାରେ ଆଦିବାସୀମାନଙ୍କୁ ସାମିଲ କରାଯିବା ନେଇ ଆଜି ଜିଲ୍ଲାପାଳଙ୍କ ଠାରେ ମାଝି ପାରଗନା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଜନଗଣନା କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୬-୨୭ କରାଯାଉଛି। ଭାରତରେ ୯୨ପ୍ରତିଶତ ଧର୍ମାବଲମ୍ବୀ ଆଉ ୮ପ୍ରତିଶତ ହେଉଛନ୍ତି ଆଦିବାସୀ। ଅର୍ଥାତ ଭାରତର ସର୍ବୋତମ ଉଚ୍ଚନ୍ୟାୟଙ୍କ ଆଦେଶ କୈଳାସ ବନାମ ମହାରାଷ୍ଟ୍ର ୨୦୧୧ଅନୁସାରେ ୮ପ୍ରତିଶତ ଆଦିବାସୀ ଅଟନ୍ତି। ଆଦିବାସୀମାନେ କୌଣସି ଧର୍ମ ଦ୍ୱାରା ପରିଚିତ ହୁଅନ୍ତି ନାହିଁ। ଆଦିବାସୀମାନଙ୍କୁ ସମ୍ବିଧାନ ଅନୁସାରେ ଅନୁସୂଚିତ ଜନଜାତି ବର୍ଗରେ ନିର୍ଦ୍ଦିଷ୍ଟ କରାଯାଇଛି। ତେଣୁ ଜନଗଣନାରେ ଅନୁସୂଚିତ ଜନଜାତି ମାଧ୍ୟମରେ ଚିହ୍ନଟ କରାଯାଉଛି ବା ଜନଗଣନାରେ ସାମିଲ କରାଯାଉଛି। ଆଦିବାସୀ ସମ୍ପ୍ରଦାୟର ଅନେକ ଆଦିବାସୀମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି। ଆଦିବାସୀମାନେ ଧର୍ମ ଗ୍ରହଣ କଲେ ଅନୁସୂଚିତ ଜନଜାତିର ସଂରକ୍ଷଣରୁ ବଞ୍ଚିତ ହେବେ। ସମ୍ବିଧାନର ୩୪୨ଧାରା ଅନୁସାରେ ଅନୁସୂଚିତ ଜନଜାତି ତାଲିକା ବହିର୍ଭୁକ୍ତ ହୋଇପାରିବ। ଏଣୁ ଜନଗଣନାକାରୀମାନେ ଆଦିବାସୀଙ୍କୁ ଜନଗଣନା ସମୟରେ ଗ୍ରାମର ମାଝୀ ବାବାଙ୍କର ଅନୁମତି ଅନୁସାରେ ଜନଗଣନା କରାଯାଉ ବୋଲି ଜିଲ୍ଲା ପାରଗାନାର ବୁଧିରାମ ମାଝୀ, ଜିଲ୍ଲା ଜଗ ପାରଗାନାର ବିଜୟ କୁମାର ମୁର୍ମୁ, ସଦର ବ୍ଲକ ପାରଗାନା ରାଜକେଶ୍ୱର ଟୁଡୁ, ସଦର ବ୍ଲକ ଜଗ ପାରଗାନା ଦୁଃଖିରାମ ମାଝୀ, ଜଳେଶ୍ୱର ପାରଗାନା ବିକ୍ରମ ଟୁଡୁ ପ୍ରମୁଖଙ୍କ ସହ ମଣ୍ଟୁ ମାଝୀ, ସୁନିଲ ବାସ୍କେ, ଗୌତମ ମୁର୍ମୁ, ଗୋପଲ ମାଝୀ ପ୍ରମୁଖ ଦାବି କରିଛନ୍ତି।

## ନୂତନ ଗୋଷ୍ଠୀ କେନ୍ଦ୍ର କାମକୁ ନେଇ ଅସନ୍ତୋଷ

ନୀଳଗିରି, ୨୩।୪ (ସମିସ): ନୂତନ ଗୋଷ୍ଠୀ କେନ୍ଦ୍ର କାମକୁ ନେଇ ତେଜିଛି ଅସନ୍ତୋଷ। ମନମାନିରେ ଚାଲିଛି ଗୋଷ୍ଠୀ କେନ୍ଦ୍ର କାମ, ନା ଅଛନ୍ତି ଯନ୍ତ୍ରୀ ନା କୌଣସି କର୍ମଚାରୀ। ସବୁଠାରୁ ରୋଚକ ବିଷୟ ଏହି କାମ ଜଙ୍ଗଲ ଜମିରେ ହେଉଥିବାକୁ ନେଇ



କାମ ଚାଲିଥିବା ସମୟରେ କେହି ପ୍ରକଳ୍ପର ସୂଚନା ଫଳକକୁ ଭାଙ୍ଗି ଦେଇଛନ୍ତି। ନୀଳଗିରି ବ୍ଲକ ଗରଡିହି ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମ ପାଖ ଏକ ଜଙ୍ଗଲକୁ ଲାଗିଥିବା ପଡ଼ିଆ ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନାମଫଳକ ବନାଯାଇ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଉକ୍ତ କାମର ଗ୍ରେଡ୍ ବିମ୍ ପଡ଼ିଥିବା ବେଳେ ପିଲର ରେ ବାଲି ଫିଲିଂ ସ୍ଥାନରେ ମରମ ଫିଲିଂ, ସେହି ସ୍ଥାନଟି ଜଙ୍ଗଲ ଜମିରେ ହେଉଥିବା ସହ କାମ ପାଖରେ ନା ଅଛନ୍ତି ଯନ୍ତ୍ରୀ ନା କୌଣସି କର୍ମଚାରୀ ଆଦି ଏକାଧିକ ବିଷୟକୁ ନେଇ କିଛି ଲୋକଙ୍କ ମଧ୍ୟରେ ବଢ଼ିଛି ଅସନ୍ତୋଷ। ଏହାର ପ୍ରଭାବରେ କେହି ଅଜଣା ଲୋକେ ପ୍ରକଳ୍ପର ଫଳକକୁ ଭାଙ୍ଗି ଦେଇଛନ୍ତି। ତେବେ ଚନ୍ଦ୍ରପୁର ଗ୍ରାମ ପାଖରେ ଚାଲିଥିବା ଏହି କାମଟି ବିଷୟରେ ଆସିଥିବା ଘଟଣା ଉପରେ ବିଧିବଦ୍ଧ ତଦନ୍ତ କରାଗଲେ ଘଟଣାର ସତ୍ୟତା ଜଣା ପଡ଼ିବା ସହ ହୋଇଥିବା ଅନିୟମିତତାର ପର୍ଦ୍ଦାଫାସ ହୋଇ ପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶଶୁର ଘରେ ନିଆଁ ଲଗାଇଦେଲା ଜ୍ୱାଇଁ

ସୋର, ୨୩।୪ (ସମିସ): ସୋର ଥାନା ଆଟପୁର ପଞ୍ଚାୟତ ବେଲଦା ଆଦିବାସୀ ସାହିରେ ମଦ୍ୟପ ଜ୍ୱାଇଁ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ବସ୍ତା ଅଞ୍ଚଳର କାଳୀ ଚରଣ ମାଝୀ ବେଲଦା ଆଦିବାସୀ ସାହିର ବାସନ୍ତୀ ସୋରେନଙ୍କ ଝିଅକୁ ବିବାହ କରିଥିଲେ। କିଛି ମାସ ପୂର୍ବରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ଦେବା ଫଳରେ ସେ ଶଶୁର ଘରେ ରହୁଥିଲେ। କିନ୍ତୁ ଆଜି ଘରେ କେହି ନଥିବା ବେଳେ କାଳନ୍ଦୀ ଘରେ ନିଆଁ ଲଗାଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥଲେ। ମାତ୍ର ସେତେବେଳକୁ ଗୋଟିଏ ବଖରା ଘର ପୋଡି ନଷ୍ଟ ହୋଇଯାଇଥିଲା। ଏନେଇ ଶାଶୂ ବାସନ୍ତି ସୋରେନ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାଳନ୍ଦୀକୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।



## ରନ୍ଧନଗ୍ୟାସ ଯୋଗାଣ ସରଳୀକରଣ ଲାଗି ସମୀକ୍ଷା ବୈଠକ

ଜଳେଶ୍ୱର, ୨୩।୪(ସମିସ): ମଧ୍ୟପ୍ରାଚରେ ଯୁଦ୍ଧ ଲାଗି ରହିଥିବାରୁ ଏହାର ପ୍ରଭାବ ଭାରତରେ ପଡ଼ିଥିବା ବେଳେ ରନ୍ଧନ ଗ୍ୟାସ୍ ଯୋଗାଣରେ କଟକଣା ଜାରି ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଘରୋଇ ଉପଭୋକ୍ତାଙ୍କୁ ପ୍ରତି ୨୫ ଦିନରେ ଗୋଟିଏ ସିଲିଣ୍ଡର ମିଳିବାକୁ ଥିବା ବେଳେ ତାହା ମଧ୍ୟ ସହଜରେ ଉପଲବ୍ଧ ହେଉନାହିଁ। ସହରରେ କେତେକ ଉଠାଦୋକାନୀ କିମ୍ବା ହୋଟେଲ ଶିଳ୍ପରେ କମର୍ସିଆଲ ଗ୍ୟାସ ଠିକ୍‌ଭାବେ ମିଳୁନଥିବା କିମ୍ବା ଅଧିକ ଦରରେ ଗ୍ୟାସ କିଣୁଥିବାରୁ ସେମାନଙ୍କ ସାମଗ୍ରୀ ଚଢାଦରରେ ବିକ୍ରି କରୁଛନ୍ତି। ଫଳରେ ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି। ଏହାକୁ ସରଳୀକରଣ କରିବା କିମ୍ବା କଳାବଜାରକୁ ରୋକିବା ଲାଗି ପୌରପାଳ ପ୍ରଦିପ କୁମାର ପ୍ରଧାନଙ୍କ ପୌରହିତ୍ୱରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ସହର ମଧ୍ୟରେ ଥିବା ଭାରତଗ୍ୟାସ୍ ଭେଣ୍ଡର ପ୍ରତିନିଧି ମନୋରଞ୍ଜନ ମଣ୍ଡଳ ଓ ଇଣ୍ଡେନଗ୍ୟାସ ଗ୍ରାମାଞ୍ଚଳ ବିତରଣକାରୀ ର ପ୍ରତିନିଧି କମଳ ମଣ୍ଡଳ ପ୍ରମୁଖ ସମୀକ୍ଷାରେ ଭାଗ ନେଇଥିଲେ। ଉପଭୋକ୍ତା ମାନଙ୍କୁ ଠିକ୍ ସମୟରେ ଯୋଗାଇବା ସହିତ ସେମାନଙ୍କ ଠାରୁ ବିତରଣ ଲାଗି ଅଧିକ ଅର୍ଥ ଆଦାୟ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏପରିକି ସମସ୍ତ ପେଟ୍ରୋଲପମ୍ପ ମାନଙ୍କରେ ୫ କେଜିଆ ରନ୍ଧନ ଗ୍ୟାସ୍ ପର୍ଯ୍ୟାପ୍ତଭାବେ ଯୋଗାଇବାକୁ ଶ୍ରୀ ପ୍ରଧାନ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ପାରିଷଦ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ।

## ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ




ରେମୁଣା, ୨୩।୪ (ସମିସ): ରେମୁଣା ବ୍ଲକ ଅନ୍ତର୍ଗତ ଗୁଡୁନ୍ଦା ଗ୍ରାମ ପଞ୍ଚାୟତର ଟୁଟାପଡ଼ା ଗାଁରେ ତିନି ଦିନ ଧରି ଚାଲିଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧିବାସ ଦିନ ସନ୍ଧ୍ୟାରେ ଆୟୋଜିତ ସଭାରେ ଶିବତତ୍ତ୍ୱ ଉପରେ ଆଲୋଚନା ଚକ୍ରରେ ରାଧାଗୋବିନ୍ଦ ମାହାର୍ଣ୍ଣଙ୍କ ସଭାପତିତ୍ୱରେ ବାବାଜୀ ସନତ ସୁଜାତାନନ୍ଦ ଦାସ, ନିରଞ୍ଜନ ସାହୁ, ଶଶିକାନ୍ତ ବେହେରା, ଭାନୁମତି ଘୋଷ ପ୍ରମୁଖ ଆଲୋଚନା କରିଥିଲେ। ପ୍ରାରମ୍ଭରେ ରେମୁଣା ସାହିତ୍ୟ ସଂସଦ ସୌଜନ୍ୟରେ ଏକ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଡ଼. ସିନ୍ଧୁ ସେନ, ଡ଼ ରତ୍ନାକର ସିଂହ, ସତ୍ୟଭାମା ମୁଦୁଲି, ପ୍ରଦୀପ ମିଶ୍ର, ଯୋଗେଶ୍ଚନ୍ଦ୍ର ବେହେରା, ଜୟଶ୍ରୀ ମିଶ୍ର, ପ୍ରଭାକର ସାହୁ, ହରେକୃଷ୍ଣ ପଲେଇ ଆଦି କବି ମାନେ କବିତା ପାଠ କରିଥିଲେ। ପ୍ରତିଷ୍ଠାଦିନ ସନ୍ଧ୍ୟାରେ ଡ଼. ଭାଗବତ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଡ଼. ସୁଭାସ ଚନ୍ଦ୍ର ପାତ୍ର, ମନୋଜ କୁମାର ପାଢ଼ୀ, ଜଗବନ୍ଧୁ ବେହେରା ପ୍ରମୁଖ ଶିବତତ୍ତ୍ୱ ଉପରେ ଅତ୍ୟନ୍ତ ଆଧ୍ୟାତ୍ମିକ ପ୍ରସଙ୍ଗ ମାନ ଆଲୋଚନା କରିଥିଲେ। ତୃତୀୟ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ଦିର ପ୍ରତିଷ୍ଠା କମିଟି ଉପଦେଷ୍ଟା ପ୍ରଦୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କୁଳପତି ଫକୀର ମୋହନ ବିଶ୍ୱବିଦ୍ୟାଳୟ, ମନୋଜା ମଞ୍ଜରୀ ଦେବୀ ମହାରାଣୀ ନୀଳଗିରି, ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସଦସ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀ, ବାବାଜୀ ଦୟାନନ୍ଦ ଦାସ ମହାରାଜ ମଠାଧୀଶ ତ୍ରିବେଣୀଶ୍ୱର ଆଶ୍ରମ, ଆକାଂକ୍ଷା ବେହେରା ନିର୍ଦ୍ଦେଶକ ଓରିପୋଲ, ଡ଼. ଭାଗବତ ପ୍ରସାଦ ଦାସ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦଶ୍ୟ ପ୍ରମୁଖ ଯୋଗଦେଇ ଶିବକଥାମୃତ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ସଂଯୋଜକ ତଥା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଧନ୍ୟବାଦ ଦିଆଯିବା ସହ ମନ୍ଦିର ନିର୍ମାଣ କରିଥିବା ଶିଳ୍ପୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କଣ୍ଟେନର ଧକ୍କାରେ ୩ ଗୋରୁ ମୃତ, ଖଲାସି ଅଟକ

ସୋର, ୨୩।୪ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଏକ କଣ୍ଟେନର ଧକାରେ ତିନୋଟି ଗୋରୁ ମୃତ୍ୟୁବରଣ କରିଥିବା ବେଳେ ପୁଲିସ ଗାଡିଟିକୁ ଥାନାରେ ଅଟକ ରଖିଛି। ଆଜି ଅପରାହ୍ଣରେ ଟିଏନ ୩୪ ଏମଏ ୪୧୦୮ ନମ୍ବର ବିଶିଷ୍ଟ ଏକ କଣ୍ଟେନର କଲିକତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବାବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ତିନୋଟି ଗୋରୁଙ୍କୁ ଧକା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହା ଦେଖି ସ୍ଥାନୀୟ ଯୁବକ ମାନେ ଗାଡିକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିର ଚାଳକ ଫେରାର ଥିବାରୁ ଖଲାସୀକୁ ଅଟକ ରଖିବା ସହିତ ଗାଡିକୁ ଜବତ କରି ଥାନାରେ ରଖିଥିବା ଜଣାପଡ଼ିଛି।

**ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ**

## 'ମହିଳା ସଂରକ୍ଷଣ ପାଇଁ ବିଜେପି କୁମ୍ଭୀର କାନ୍ଦଣା ବନ୍ଦ କରୁ'

ବାଲେଶ୍ୱର, ୨୩।୪(ସମିସ)




ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ଏବେ ବିଜେପି ଲୋକମାନଙ୍କ ମଧ୍ୟରେ ଭ୍ରମାତ୍ମକ ବାର୍ତ୍ତା ସୃଷ୍ଟି କରୁଛି। ୨୦୨୩ମସିହାରୁ ଏହି ବିଲ୍ ପାସ ହୋଇଥିବା ଆଇନ ୨୦୨୪ ନିର୍ବାଚନରେ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ। ୫୪୩ ଆସନରୁ ପ୍ରଥମେ ଏକ ତୃତୀୟାଂଶ ଅର୍ଥାତ ୧୮୧ଜଣ ମହିଳାଙ୍କୁ ଲୋକସଭାରେ ଦେଖିବାରୁ କିଏ ବଞ୍ଚିତ କରିଛି ବୋଲି ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସିଧାସଳଖ ଭାବେ ବିଜେପିକୁ ପ୍ରଶ୍ନ କରିଛି। କଂଗ୍ରେସର ଅଭିଯୋଗ ଅନୁସାରେ, କଂଗ୍ରେସ ଠାରୁ କମ ଅନୁପାତରେ ଲୋକସଭାକୁ ବିଜେପି ୧୨.୯ପ୍ରତିଶତ ହାରରେ ମହିଳାଙ୍କୁ ପଠାଇଛି। ତେବେ ମହିଳା ବିରୋଧୀ କିଏ ବୋଲି ପ୍ରଶ୍ନ କରାଯାଇଛି। ଏହାଛଡା ବିଜେପି ଏପଟେ ମହିଳା ସଂରକ୍ଷଣ କଥା କହୁଛନ୍ତି ହେଲେ ନିଜ ମର୍ଜି ଅନୁସାରେ ଡିଲିମିଟେସନ କରାଇନେଇ ସବୁଦିନ କ୍ଷମତାରେ ରହିବାର ଅଭିସନ୍ଧି କରୁଛି ବୋଲି କୁହାଯାଇଛି। ଏହାଛଡା ସଂସଦରରେ ୨୦୨୩ମସିହାରେ ସର୍ବ ସମ୍ମତି କ୍ରମେ ପାରିତ ହେବାର ତିନିବର୍ଷ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କଣ ପାଇଁ ବିଜେପି କରିନାହିଁ। ତେବେ ୧୬ତାରିଖ ବିଳମ୍ବିତ ରାତିରେ ଗେଜେଟ ନୋଟିଫିକେସନ କରିବାର କାଣ କଣ ବୋଲି ପଚାରିଛନ୍ତି। ଅନ୍ୟପଟେ ମହିଳା ସଂରକ୍ଷଣ ବିଲକୁ ଡିଲିମିଟେସନ ସହ କ'ଣ ପାଇଁ ଯୋଡା ଯାଉଛି। ଏହାଛଡା ଜାତି ଜନଗଣନା ସମ୍ବନ୍ଧୀୟ କୌଣସି ସ୍ୱଷ୍ଟତା ସରକାର ଏହି ବିଲରେ କଣ ପାଇ ରଖିନାହାନ୍ତି ବୋଲି କୁହାଯାଇଛି। ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ଦୁଇଟି ରାଜ୍ୟରେ ଭୋଟିଂ ଆହୁରି ବାକି ଥିବା ବେଳେ ମହିଳାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିଜେପି ସରକାର ଏହି ଉଦ୍ୟମ କରିଛନ୍ତି ବୋଲି କହିଛନ୍ତି। ଏହାଛଡା ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ବିଧାନସଭାରେ କଂଗ୍ରେସ ଦଳର ଉପନେତା ଅଶୋକ ଦାସ, ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବସ୍ତା ବାଲିଆପାଳ ନେତା ବିଜନ ନାୟକ, ଅର୍ଚ୍ଚନା ନନ୍ଦୀ, ବାଲିଆପାଳ ବ୍ଲକ ଅଧକ୍ଷା ରଞ୍ଜିତା ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଉର୍ମିଳା ମାଝୀ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ବିଧାନ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ତୁଷାରକାନ୍ତି ତପସ୍ୱୀ, ଦେବୁଦତ ଦାସ, ନିଶିତ ବାରିକ, ପଶୁପତି ଉପାଧ୍ୟାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀକୁ ପରିଚାଳନା କରିଥିଲେ।

## ତେଲେଙ୍ଗାନାକୁ ଗୋରୁ ଚାଲାଣ

# ୨୭ ଗୋରୁ ଜବତ, ଡ୍ରାଇଭର ଗିରଫ





ଜୟପୁର, ୨୩।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ଗତକାଲି ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଜୟନଗର ପାଇକସାହି ନିକଟରେ ଏକ ଟ୍ରକ୍ ଅଟକାଇ ଯାଞ୍ଚ କରିଥିଲେ। ଟ୍ରକ୍ ପଛପଟେ ବଡ଼ ବଡ଼ ଟାରପୋଲିନ ଘୋଡାଇ ହୋଇଥିବା ଯୋଗୁଁ ପାଟ୍ରୋଲିଂ ପୁଲିସ ଦଳକୁ ସନ୍ଦେହ ହେବାରୁ ଡ୍ରାଇଭରକୁ ଟାରୋପଲିନ ବାହାର କରିବାକୁ କହିଥିଲେ। ଗାଡ଼ି ଭିତରେ ଗୋରୁଗାଇ ଚାଲାଣ ହେଉଥିବା ଜଣାପଡିଥିଲା। ଏଥିରେ ୨ଟି ବାଛୁରୀ, ୨୪ଟି ବଳଦ ଏବଂ ଗୋଟିଏ ଷଣ୍ଢକୁ ଟ୍ରକରୁ ଉଦ୍ଧାର କରିବା ସହିତ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରାଯାଇଛି। ଗିରଫ ଡ୍ରାଭଭର ତେଲେଙ୍ଗାନା ରାଜ୍ୟ ରାଙ୍ଗାରେଡ୍ଡି ଜିଲ୍ଲାର ଯାଚାମ ପୁଲିସ ଥାନାର ଠକାପାଲ୍ଲୀ ଗ୍ରାମର କାମ୍ବାପଲ୍ଲୀ ରମେଶ (୩୫) ଏବଂ ହେଲପର ବନ୍ତରାମ ଥାନା ନାଜିଦିକ ସିଙ୍ଗରାମ ଗ୍ରାମର ଭାନଭାଡା ମହିନ୍ଦ୍ର ରେଡ୍ଡି(୪୬)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଦୁଇ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ କୋରାପୁଟ ଜିଲ୍ଲା କୋଟପାଡ ଅଞ୍ଚଳରୁ ଏହି ଗାଇ ଗୁଡିକକୁ ଅଣାଯାଇଥିବା ବେଳେ ତେଲେଙ୍ଗାନା ରାଜ୍ୟକୁ ଚାଲାଣ ହେଉଥିବା ନେଇ ସ୍ୱୀକାର କରିଥିଲେ। ପୁଲିସ ଟ୍ରକରୁ ଉଦ୍ଧାର ଗୋରୁଗାଇକୁ ସ୍ଥାନୀୟ ପାଲିଗୁଡା ସ୍ଥିତ ଗୋଶାଳାରେ ରଖିଛି। ଜୟପୁର ଉପଖଣ୍ଡ ପଶୁଧନ ଚିକିତ୍ସାଳୟର ଡାକ୍ତର ସୌଭାଗ୍ୟ ମୁଦୁଲି ସମସ୍ତ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଚଢ଼ଉର ନେତୃତ୍ୱ ଟାଉନଥାନା ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀଙ୍କ ନେତୃତ୍ୱରେ ପୁଲିସ ଦଳ, ପାଟ୍ରୋଲିଂ କରୁଥିବା ବେଳେ ଏହାକୁ ଏହି ଗୋଚାଲାଣ ଗାଡିକୁ ଧରବାରେ ସଫଳ ହୋଇଥିଲେ ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ଛୁରା ମାରି ଚମ୍ପଟ ମାରିଲେ ଦୁର୍ବୃତ୍ତ



ବୈପାରିଗୁଡ଼ା,୨୩।୪(ସମିସ): ବୈପାରୀଗୁଡ଼ା ଥାନା ଅନ୍ତର୍ଗତ କୋଟା ଛକରେ ଯୁବକଙ୍କୁ ଛୁରାମାରି ଚମ୍ପଟ ହେଲେ ଦୁର୍ବୃତ୍ତ । ଗୁରୁତର ଯୁବକ ବୈପାରୀଗୁଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏନେଇ ବୈପାରିଗୁଡା ଥାନାରେ ଏତଲା ଦିଆଯାଇଛି । ସୂଚନା ଅନୁଯାଇ, କୋରାପୁଟ ସଦର ଥାନା ଅନ୍ତର୍ଗତ ବାଣେଇପଦର ଗ୍ରାମର ଭଗତରାମ ପାଙ୍ଗି (୨୧) ଏବଂ ଘାସିରାମ ଓ ତାଙ୍କ ଦୁଇ ସଂପର୍କୀୟ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ପଞ୍ଚାୟତର ଆମ୍ବଗଦଲି ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଉତ୍ସବରେ ଯୋଗ ଦେଇ ଅପରାହ୍ନ ୪ଟା ବେଳେ ଭଗତରାମ ଏବଂ ଘାସିରାମ କୋରାପୁଟ ଅଭିମୁଖେ ବାଇକ୍‌ରେ ଫେରୁଥିବା ବେଳେ କୋଟା ଛକ ନିକଟରେ ଥିବା ବିଶ୍ରାମାଗାର ଠାରେ ଅନ୍ୟ ଦୁଇ ସଂପର୍କୀୟଙ୍କୁ ଅପେକ୍ଷା କରି ଭଗତରାମ ଫୋନରେ କଥା ହେଉଥିଲେ। ଉକ୍ତ ସମୟରେ ତିନି ଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ଭଗତରାମଙ୍କ ଫୋନ୍ ଛଡାଇବା ସହ ପକେଟରୁ ଟଙ୍କା ଝାମ୍ପିବା ପାଇଁ ଉଦ୍ୟମ କରିଥିଲେ। ଭଗତରାମ ଚିତ୍କାର କରିବାରୁ ଘାସିରାମ ଆସି ଦୁର୍ବୃର୍ତ୍ତଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ତିନି ଦୁର୍ବୃତ୍ତ ଭଗତରାମଙ୍କ ଗୋଡ଼ରେ ଛୁରା ମାଡ଼ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ କେଦାର ଗୌରୀ ଦାସ ଏବଂ ସ୍ଥାନୀୟ କିଛି ଯୁବକ ଆହତ ଭଗତରାମଙ୍କୁ ବୈପାରିଗୁଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏନେଇ ବୈପାରିଗୁଡା ଥାନାରେ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତି କରି ବୈପାରିଗୁଡା ପୁଲିସ ତଦନ୍ତ ଆରମ୍ଭ କରିଛି।

# ଯୁବତୀଙ୍କୁ ହତ୍ୟା ଘଟଣାରେ ପ୍ରେମିକ ଗିରଫ



ବୈପାରିଗୁଡା, ୨୩।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତଲିଆଗୁଡାର ଯୁବତୀ ହତ୍ୟା ଘଟଣାରେ ପୁଲିସ ଜଣକୁ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ତଲିଆଗିଡାର ପବିତ୍ର ହରିଜନ(୨୬)। ଗିରଫ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ ଜୟପୁର କୋର୍ଟ ଚଲାଣ କରାଯାଇଛି । ସୂଚନା ଥାଉକି, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଡୁମୁରିଝୋଲି ନୀଳଗିରି ଜଙ୍ଗଲରେ ତଲିଆଗୁଡା ଗ୍ରାମର ସେନାପତି ହରିଜନଙ୍କ ଝିଅ ଜହ୍ନ ହରିଜନ(୨୧) ଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର ହୋଇଥିଲା। ଝିଅର ମୃତ ଦେହ ଦେଖିବା ଏବଂ ପାରିପାର୍ଶ୍ୱିକ ସ୍ଥିତି ଦେଖି ଝିଅକୁ ହତ୍ୟା କରାଯାଇଥିବା ନେଇ ବୈପାରିଗୁଡା ଥାନାରେ ଏତଲା ଦେଇଥିଲେ ପରିବାର ଲୋକେ। ଏତଲା ଅନୁଯାୟୀ ବୈପାରୀଗୁଡା ପୋଲିସ ତଦନ୍ତ କରି ଝିଅର ପ୍ରେମିକ ପବିତ୍ର ହରିଜନଙ୍କୁ ଗିରଫ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ରାୟଗଡ, ୨୩।୪(ସମିସ): ଆଜି କପିଳାସ ଛକ ଠାରେ ରାୟଗଡ ଯୁବମୋର୍ଚ୍ଚା ତଥା ଯୁବ ନେତା ପ୍ରିତମ କୁମାରଙ୍କ ନେତୃତ୍ୱରେ ନାରୀ ଶକ୍ତି ବନ୍ଧନ ଅଧିନିୟମକୁ ସମର୍ଥନ କରି କଂଗ୍ରେସ୍ ଓ ଅନ୍ୟ ସହଯୋଗୀ ଦଳ ବିରୋଧରେ ଯୁବକ ଓ ଯୁବତୀମାନଙ୍କ ଅଂଶଗ୍ରହଣରେ ବିକ୍ଷୋଭ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଯେଉଁଥିରେ ଯୁବ ସମାଜ ନାରୀ ସଶକ୍ତିକରଣ ପ୍ରତି ଦୃଢ଼ ସମର୍ଥନ ଜଣାଇବା ସହ ବିପକ୍ଷ ଦଳମାନଙ୍କର ନୀତି ଓ ଭୂମିକାକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦିକା ଶତାବ୍ଦୀ ପାଲଙ୍କ ସମେତ ଜିଲ୍ଲାର ଯୁବ କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ଡଙ୍ଗରି, ସାନ୍ତୁନ ସୁବୁଦ୍ଧି, ସିଦ୍ଧାନ୍ତ ବିଡ଼ିକା, ଚିଣ୍ଟୁ, ଗୋବିନ୍ଦ ଉଲ୍ଲାକା ଉପସ୍ଥିତ ଥିଲେ। ଏହି ବିକ୍ଷୋଭ ସମୟରେ ଯୁବକ ଯୁବତୀ କଂଗ୍ରେସ ଓ ଅନ୍ୟ ସହଯୋଗୀ ଦଳ ବିରୋଧରେ ଜୋରଦାର ନାରାବାଜି କରିବା ସହ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ସହ ଜିଲ୍ଲାର ତିନି ଜଣ ବିଧାୟକଙ୍କର କୁଶପୁତଳିକା ଦାହ କରି ତାଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ, ଯାହା ଆନ୍ଦୋଳନକୁ ଆହୁରି ଉତ୍ତେଜନାପୂର୍ଣ୍ଣ ପରିବେଶରେ ପରିଣତ କରିଥିଲା। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ରାୟଗଡ ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା, ଜିଲ୍ଲା ସମ୍ପାଦକ ଦେବାଶିଷ ପଣ୍ଡା, ତରୁଣ ଗରଡିଆ, ନାରୀ ନେତ୍ରୀ ମଞ୍ଜୁଳା ମିନିଆକା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅଶ୍ୱନୀ କାଞ୍ଚଡ଼ା, ଜିଲ୍ଲା ମହିଳା ମୋର୍ଚ୍ଚା ନାରୀ ନେତ୍ରୀ ଲକ୍ଷ୍ମୀ ବୁରୁଡ଼ି, ଜିଲ୍ଲା ସମ୍ପାଦିକା ରଞ୍ଜିତା କୋରଡ଼ା ପ୍ରମୁଖ ଯୋଗ ଦେଇ ନାରୀ ଶକ୍ତି ବନ୍ଧନ ଅଧିନିୟମ ଦେଶର ନାରୀମାନଙ୍କ ପାଇଁ ଏକ ଐତିହାସିକ ଓ ପରିବର୍ତ୍ତନଶୀଳ ପଦକ୍ଷେପ ହେବ। କିନ୍ତୁ କଂଗ୍ରେସ ଓ ଅନ୍ୟ ସହଯୋଗୀ ଦଳ ଏହାକୁ ନେଇ ରାଜନୈତିକ ଅବରୋଧ ସୃଷ୍ଟି କରୁଛନ୍ତି। ଯୁବ ସମାଜ ଏବେ ରାସ୍ତାରେ ତୀବ୍ର ପ୍ରତିବାଦ ଜଣାଉଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ଏପରି ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଯୁବନେତା ପ୍ରିତମ ପ୍ରକାଶ କରିଛନ୍ତି।



ଗୁଣୁପୁର ଶେଫାଳି ପାହାଡରେ ସ୍ଥାପିତ ରାମେଶ୍ୱର ଶୈବପୀଠ ପରିସରରେ ଶ୍ରୀ ଗଣେଶଙ୍କ ନୂତନ ମନ୍ଦିର

# ଆଦିତ୍ୟ ଆଲୁମିନିୟମ୍ ରିଫାଇନାରି ପକ୍ଷରୁ ଯୁବତୀଙ୍କୁ ପୋଷାକ ତାଲିମ

ଟିକିରି,୨୩।୪(ସମିସ):



ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନା ରିଫାଇନାରୀ ପ୍ରୋଜେକ୍ଟ ତାହାର ଅଗ୍ରଣୀ ପ୍ରୟାସ ପ୍ରୋଜେକ୍ଟ କୌଶଳ ଅଧୀନରେ ସ୍ଥାନୀୟ ଯୁବତୀଙ୍କ ପାଇଁ ପୋଷାକ ପ୍ରସ୍ତୁତି ତାଲିମକୁ ପ୍ରୋତ୍ସାହିତ କରି ଦକ୍ଷତା ବିକାଶ ଓ ମହିଳା ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରିଛି। ଏହି କାର୍ଯ୍ୟକ୍ରମକୁ ମଜହର ବେଗ, ୟୁନିଟ ହେଡ୍ ତଥା ପ୍ରେସିଡେଣ୍ଟ, ସ୍ଥାନୀୟନେତୃବୃନ୍ଦ, ହିତାଧିକାରୀଙ୍କ ପିତା ମାତା ପ୍ରାୟ୨୦୦ ଗ୍ରାମବାସୀ ଓ ରମେଶ ଚନ୍ଦ୍ର ଦୁଭାଡ଼ା, ହେଡ୍ କନ୍ ଷ୍ଟ୍ରକସନ୍ ପି.କେ. ପାଢ଼ୀ, ବାସୁଦେବ ରାଓ ଘାନ୍ତା, ଏଭିପି ପ୍ରୋସେସ ଆଣ୍ଡ ପ୍ରୋଜେକ୍ଟସ ଦୀପକ ମହାନ୍ତି, ହେଡ, ଏଚଆର, ଆଇଆର ଓ ସିଏସଆର ମଧୁମାଲ୍ୟ ଦ୍ୱିବେଦୀ, ସେଫ୍ଟି ଓ ଫାୟର ହେଡ୍ ଏବଂ ତନ୍ମୟ ମହାନ୍ତି, ପ୍ରୋଜେକ୍ଟ ମ୍ୟାନେଜର ସିଏସଆର୍ ଓ ଆରଏନ୍ ଆର୍ ଆଦି ବରିଷ୍ଠ କାର୍ଯ୍ୟକର୍ତ୍ତା ବୃନ୍ଦ ଓ ଅନ୍ୟ ବରିଷ୍ଠ ରିଫାଇନାରୀ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ପ୍ରୋଜେକ୍ଟ କୌଶଳର ଚତୁର୍ଥ ବ୍ୟାଚ ଅଧୀନରେ ମୁଖ୍ୟତଃ ଆଦିବାସୀ ସମୁଦାୟରୁ ୨୪ ଜଣ ସ୍ଥାନୀୟ ଯୁବତୀଙ୍କୁ ପୋଷାକ ପ୍ରସ୍ତୁତି ତାଲିମ ନିମନ୍ତେ ମନୋନୀତ କରାଯାଇଛି। ଏହି ବ୍ୟାଚ୍ ସହିତ ଏହି ପ୍ରୟାସ ଦ୍ୱାରା ମୋଟ ୯୦ ଜଣ ଯୁବତୀ ଉପକୃତ ହୋଇଛନ୍ତି। ମନୋନୀତ ପ୍ରାର୍ଥୀମାନେ ଏବିଏଲବିଏଲ, ଭୁବନେଶ୍ୱରରେ ପୂର୍ଣ୍ଣ ରହିବା ଓ ଖାଇବା ସହିତ ଦୁଇ ବର୍ଷ ପୂର୍ଣ୍ଣକାଳୀନ ପୋଷାକ ପ୍ରସ୍ତୁତି ତାଲିମ ନେବେ। ଏହି କାର୍ଯ୍ୟକ୍ରମ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଶିଳ୍ପ ଉପଯୋଗୀ ଦକ୍ଷତା ଏବଂ ବାସ୍ତବ ପ୍ରାକ୍ଟିକାଲ ତାଲିମ ପ୍ରଦାନ କରି ନିଯୁକ୍ତିବତ୍ତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସମାବେଶକୁ ସମ୍ବୋଧିତ କରି ଶ୍ରୀ ବେଗ କହିଥିଲେ ଯେ, ପ୍ରୋଜେକ୍ଟ କୌଶଳ ସ୍ଥାନୀୟ ଯୁବବର୍ଗ, ବିଶେଷକରି ଆଦିବାସୀ ସମୁଦାୟର ଯୁବତୀମାନଙ୍କୁ ବଜାର ସଂଯୁକ୍ତ ଦକ୍ଷତାରେ ସୁସଜ୍ଜିତ କରି ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁଯୋଗ ଯୋଗାଇ ଦେବା ଉପରେ ଦୃଷ୍ଟି ନିବଦ୍ଧ କରୁଛି। ସେ କହିଥିଲେ ଯେ, ମାତା ପିତା, ସ୍ଥାନୀୟ ନେତୃବୃନ୍ଦ ଏବଂ ଗ୍ରାମବାସୀଙ୍କର ମଜଭୁତ ଅଂଶଗ୍ରହଣ ଦକ୍ଷତା ଭିତ୍ତିକ ବିକାଶ ପ୍ରୟାସ ଗୁଡ଼ିକ ପ୍ରତି ଜନସାଧାରଣଙ୍କ ବର୍ଦ୍ଧିତ ଆସ୍ଥାକୁ ପ୍ରତିଫଳିତ କରୁଛି। ପ୍ରୋଜେକ୍ଟ କୌଶଳ ଜରିଆରେ ଆଦିତ୍ୟ ଆଲୁମିନା ରିଫାଇନାରି ପ୍ରୋଜେକ୍ଟ ଉକ୍ତ ଅଞ୍ଚଳରେ ଗୋଷ୍ଠୀ ବିକାଶ, ଦକ୍ଷତା ପରିବର୍ଦ୍ଧନ ଏବଂ ସମାବେଶୀ ସାମାଜିକ - ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ନିଜର ପ୍ରତିବଦ୍ଧତାକୁ ନିରନ୍ତର ସୁଦୃଢ଼ୀକରଣ କରୁଛି।

# 'ସବୁଜ ହୀରା' ସନ୍ଧାନରେ ଗୃହଲକ୍ଷ୍ମୀ





କୋଷାଗୁମୁଡ଼ା,୨୩।୪(ସମିସ): କେନ୍ଦୁପତ୍ର ଦେଉଛି ରୋଜଗାର । ୩ଟି ସେକ୍ସନର ହଜାର ହଜାର ଆଦିବାସୀ ମହିଳାଙ୍କ ପରିବାର ଚଳୁଛନ୍ତି ଏଥିରେ। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ୍‌ର କେନ୍ଦୁପତ୍ର ତିନୋଟି ସେକ୍ସନରେ ଭାଗ ହୋଇଛି। ଯାହାକି ନବରଙ୍ଗପୁର ରେଞ୍ଜରେ ୧୫ଟି ଫଡ଼ି ଓ ପାପଡାହାଣ୍ଡି ରେଞ୍ଜରେ ୮ଟି ଫଡ଼ି ରହିଛି। ଏହି ୨୩ଟି କେନ୍ଦୁପତ୍ର ଫଡ଼ିରେ କୋଷାଗୁମୁଡ଼ାର ପ୍ରାୟ ୯୦୦୦ ପରିବାରଙ୍କ ପେଟ ପୋଷୁଛନ୍ତି। ଏହି କେନ୍ଦୁପତ୍ର ଫଡ଼ି ଏପ୍ରିଲ ୨୨ ତାରିଖରେ ଆରମ୍ଭ ହୋଇଛି। ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଆଦିବାସୀ ମହିଳା ଜଙ୍ଗଲରୁ ନୂତନ କେନ୍ଦୁପତ୍ର ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। କୋଷାଗୁମୁଡ଼ା ବ୍ଲକ୍‌ର୨୬ ପଞ୍ଚାୟତର ପ୍ରାୟ ୯୦୦୦ ପରିବାର ଜୀବିକାନିର୍ବାହ କରିଥାନ୍ତି । କେନ୍ଦୁପତ୍ର ବନ ବିଭାଗ ପକ୍ଷରୁ ସରକାରଙ୍କ ଦ୍ୱାରା ପଞ୍ଜିକୃତ ଶ୍ରମିକଙ୍କ ଖାତାରେ ସବ୍‌ସିଡ୍ ବର୍ଷକୁ ଥରେ ପାଇଥାନ୍ତି। କେନ୍ଦୁପତ୍ର ସଂଗ୍ରହ କରିବା ସ୍ଥାନକୁ ଫଡ଼ି ବୋଲି ସରକାରୀ ନାମ ରହିଛି। ଏହି ଫଡ଼ି ଠାରେ ନୂତନ କେନ୍ଦୁପତ୍ର ତୋଳାଳୀ ଓ ପୁରୁଣା ତୋଳାଳୀଙ୍କ ପତ୍ର ଆକଳନ ,ନୂତନ ପଞ୍ଜୀକରଣ, ଟଙ୍କା ପ୍ରଦାନ ନିମନ୍ତେ ବ୍ୟାଙ୍କ ଆକାଉଣ୍ଟକୁ ସଂଯୋଗୀକରଣ କରିଥାନ୍ତି। ଯଦି କେନ୍ଦୁପତ୍ର ପଞ୍ଜିକୃତ ତୋଳାଳୀ କିଛି ଅଘଟଣରେ ମୃତ୍ୟୁ ବରଣ କରନ୍ତି ତେବେ ସରକାରଙ୍କ ପକ୍ଷରୁ ପ୍ରାୟ ୨ଲକ୍ଷ ଟଙ୍କାର ବିମା ରାଶି ପ୍ରଦାନ କରାଯିବାର ସୁବିଧା ଯୋଗାଇ

## ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି କେନ୍ଦୁପତ୍ର

ଦିଆଯିବ ବୋଲି ସମ୍ପୃକ୍ତ କେନ୍ଦୁପତ୍ର ଏରିଆ ଫରେଷ୍ଟର କହିଛନ୍ତି । ଏହି କେନ୍ଦୁପତ୍ର ଫଡ଼ି ବା ନୂତନ କେନ୍ଦୁପତ୍ର ସଂଗ୍ରହ କେନ୍ଦ୍ର ଅନୁସାରେ ବିକ୍ରମ ପୁର-୧ ଓ ୨ ଓ ପାପଡାହାଣ୍ଡି ଦ୍ୱାରା କୋଷାଗୁମୁଡା, ରାଜୋଡା, କୁସୁମପାଲି, କୋଡ଼ିଙ୍ଗା, ଫାର୍ସାଗୁଡା, ବିଜାଭଟା, କୋଷାଗୁମୁଡ଼ା, ଟେମରା, ସନ୍ତୋଷପୁର, ଘୋଡା ଧନୁଆ, କୋକଡ଼ାଗୁଡା, ବଣୁଆଗୁଡା, ହ୍ରଦଲୀ, ଉମରଗାଁ, ହଳଦୀ ଗୁଡା ,ଜୁନାପାଣି, ପରୋଜାଗୁଡା, ପଣ୍ଡୁଗୁଡା, ନେଗା ନାର, ଖୁଟିଗୁଡ଼ାପ୍ରଭୃତି ସହ ଅନେକ ଛୋଟ ବଡ଼ ଗାଁ ଗୁଡିକର ଆଦିବାସୀ ମହିଳା ମାନେ କେନ୍ଦୁପତ୍ର ଜଙ୍ଗଲରୁ ସଂଗ୍ରହ କରି କେନ୍ଦୁପତ୍ର ଫୋଡି ଠାରେ ଗୋଟିଏ ବିଡ଼ାକୁ ୩ଟଙ୍କା କୋଡିଏ ପଇସା ବା ୧୦୦ ପତ୍ରବିଡାକୁ ୩୨୦ ଟଙ୍କା ଅନୁସାରେ ପ୍ରାପ୍ୟ ମୂଲ୍ୟ ନିଜ ନିଜର ବ୍ୟାଙ୍କ ଆକାଉଣ୍ଟ ଖାତା ମାଧ୍ୟମରେ ପାଇଥାନ୍ତି। ଗୋଟିଏ ବିଡ଼ାରେ ୪୦ ଗୋଟି ପତ୍ର ରହିଥାଏ। ଏହି କେନ୍ଦୁପତ୍ର ପ୍ରତ୍ୟେକ ବର୍ଷ ଅପ୍ରେଲ ପହିଲାରୁ ଆରମ୍ଭ ହୋଇଯାଏ। ଏହି ଅପ୍ରେଲ ମାସରେ ସାଧାରଣତ ଯେତେକ ଆଦିବାସୀ ମହିଳା ମାନେ କେନ୍ଦୁପତ୍ର ଫୋଡି ଠାରେ ନୁତନ ଭାବେ ଓ ପୁରାତନ କେନ୍ଦୁପତ୍ର ସଂଗ୍ରହ ପାସ ବହିର ପଞ୍ଜୀକୃତ ପାଇଁ ଲମ୍ବା ଧାଡ଼ି ଲଗାଇଥାନ୍ତି। ଅପ୍ରେଲ ଓ ମେ' ମାସ କେନ୍ଦୁପତ୍ର ତୋଳୁଥିବା ମହିଳାଙ୍କ ପାଇଁ ଖୁସିର ସମୟ। କାରଣ ଏହି ସମୟରେ ସେମାନେ ଦି'ପଇସା ରୋଜଗାର କରିଥାନ୍ତି। ଏହି ଜୀବିକାକୁ ମାନ୍ୟତା ପ୍ରଦାନ କରିବା ସହ ସମସ୍ତ ତୋଳାଳୀଙ୍କ ପାଇଁ ଇନ୍ସୁରାନ୍ସ ବ୍ୟବସ୍ଥା କରି ଥିବାରୁ ସେମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିକ୍ରମପୁର ଡିଭିଜନର ଏ-ସେକ୍ସନ ଓ ବି-ସେକ୍ସନର ପ୍ରତ୍ୟେକ ଅଧିବାସୀଙ୍କ ଘରେ ଘରେ କେନ୍ଦୁପତ୍ର ବିଷୟରେ ବନପାଳ ବୁଝାଉଥିବା ସାଧାରଣରେ ଦେଖିବାକୁ ମିଳିଛି। ଏହି କେନ୍ଦୁପତ୍ରକୁ "ଗ୍ରୀନ ଡାଇମଣ୍ଡ" ବୋଲି କୁହାଯାଉଛି। କେନ୍ଦୁପତ୍ର ତୋଳାଳୀ, ସଂଗ୍ରହକାରୀ, ପରିବହନ, ଠିକାଦାର, ବିଡ଼ି ପ୍ରସ୍ତୁତ କରିବା ଶ୍ରମିକ, ବିଡ଼ି ଫେକ୍ଟ୍ରି ପର୍ଯ୍ୟନ୍ତର ଲୋକେ ଦୁଇ ପଇସା ରୋଜଗାର କରି ପରିବାର ଚଳାଉଥିବା ବେଳେ ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ସୁବିଧା ସୁଯୋଗ ମିଳୁଛି । ଏଥିପାଇଁ କେନ୍ଦୁପତ୍ର ସଂଗ୍ରହକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବିଷୟରେ ନବରଙ୍ଗପୁର ବନାଞ୍ଚଳାଧିକାରୀ ସନ୍ତୋଷ କୁମାର ସୁନାନୀ ଓ ବନପାଳ ଡି-ଉମେଶ୍ୱର ନାଇଡୁଙ୍କୁ ଫୋନ ଯୋଗେ ପଚାରି ବୁଝିବାରୁ ସେ ଏ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

# ଆମ୍ବେଦକରଙ୍କ ଜୟନ୍ତୀ ପାଳିତ




ନାରାୟଣପାଟଣା ୨୩।୪(ସମିସ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ମହକୁମା ହାଇସ୍କୁଲ ଓଡ଼ିଆ ଠାରେ ପ୍ରଥମ ଥର ପାଇଁ ବିଶ୍ୱରତ୍ନ ବାବା ସାହେବ୍ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଏକ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ, ସାଂସଦ ତଥା କୋରାପୁଟ ଜିଲ୍ଲା ସଭାପତି ବିଜେଡ଼ି ଝିନ ହିକକା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ନାରାୟଣପାଟଣା ପଞ୍ଚାୟତ ସମିତି ଅଧକ୍ଷ ଗୋଲାଡି ତ୍ରିନାଥ, ମୁଖ୍ୟବକ୍ତା ଭାବେ ଇଷ୍ଟ ଚନ୍ଦ୍ର ସଗରିଆ, ଭୂଷିତ କୁମାର ବିଡିକା, ନୃପେନ୍ଦ୍ର ନାରାୟଣ ବାଘ, ଉତ୍ତମ ନାୟକ, ଯୋଗେଶ ମହନନ୍ଦିଆ, ଅଶୋକ କାକ୍ସା , ସହଦେବ ବାଘ୍, ନିରଞ୍ଜନ ଖିଲ, ଜିଲ୍ଲା ସମିତି ସଭ୍ୟ ସଭାପତି ଜଗନ୍ନାଥ ହନ୍ତାଳ, ଦିଲ୍ଲୀପ ଖରା, ଏବଂ ଆଦିବାସୀ ନେତା ନାଚିକା ଲିଙ୍ଗା ଆଦି ପ୍ରମୁଖ ଯୋଗ ଦେଇଥିଲେ। ପୁରୁଣା ଥାନା ଠାରୁ ଆରମ୍ଭ କରି ହାଇସ୍କୁଲ ପଡ଼ିଆ ପର୍ଯ୍ୟନ୍ତ ବାଦ୍ୟ ନୃତ୍ୟ ପରିବେଷଣ କରି ପଦ ଯାତ୍ରା କରାଯାଇଥିଲା। ଯେହେତୁ ନାରାୟଣପାଟଣା ବ୍ଲକ ୬୦ ପ୍ରତିଶତ ଆଦିବାସୀ ଏବଂ ୨୦ ପ୍ରତିଶତ ଦଳିତ ଓ ଅନ୍ୟାନ୍ୟ ୨୦ ପ୍ରତିଶତ ଲୋକ ମାନେ ବସବାସ କରନ୍ତି । ଆଗାମୀ ଦିନରେ ନାରାୟଣପାଟଣା ଠାରେ ଏକ ସୁନ୍ଦର ଆମ୍ବେଦକର ପ୍ରତିମୂର୍ତ୍ତୀ ସ୍ଥାପନ କରିବା ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ରାଜେଶ କୁମାର ଲୁହା, ବିଶାଲ ଗାଣ୍ଡା, ଟୁକୁନା ହିଆଲ, ରମେଶ ଗରଡ଼ା, ରଞ୍ଜନ ହିଆଲ୍, ବାବୁଲା ଖୋସଲା, ସୁରେନ୍ଦ୍ର ହିଆଲ୍ ରହିଥିବା ବେଳେ ରଜତ କୁମାର ହିଆଲ ମଞ୍ଚ ପରିଚାଳନା କରିଥିଲେ। ରାଜେଶ କୁମାର ଲୁହା ଅଥିତି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ



କୁନ୍ଦୁରା,୨୩।୪(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ରାଣୀଗୁଡ଼ା ପଞ୍ଚାୟତ ସର୍ଗୀଗୁଡ଼ାର ଯହନେସ୍ ଧାନଫୁଲ (୪୮) ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ସୂଚନା ପ୍ରକାରେ କୁନ୍ଦୁରା ଠାରୁ ନିଜଗାଁ ସର୍ଗୀଗୁଡ଼ାକୁ ଆସୁଥିବା ବେଳେ କୁନ୍ଦୁରା କୁସୁମୀ ମୁଖ୍ୟରାସ୍ତା ଖଟଲାପଦର ଗାଁ ନିକଟରେ ଘଟିଛି ଦୁର୍ଘଟଣା । ଯହନେସ୍ ନିଜ ସାଇକେଲରେ ଆସୁଥିବା ବେଳେ ପଛପଟୁ ଆସୁଥିବା ଏକ ମୋଟରସାଇକଲ ସିଡି ଡିଲକ୍ସ ଓଡି ୧୦ଡବ୍ଲ୍ୟୁ ୧୯ ୯୧ ଧକ୍କା ଦେଇ ଚାଲିଯାଇଥିଲା । ଗୁରୁତରଙ୍କୁ ପ୍ରଥମେ କୁନ୍ଦୁରା ପରେ ତାଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଓ ସେଠାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଆଜି କୁନ୍ଦୁରା ଥାନାରେ ଅଭିଯୋଗ ପରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟା ୬ ଟାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି।

## କାଡ଼ା ନାଳ ନିର୍ମାଣରେ ବ୍ୟାପକ ଅନିୟମିତତା

# ପ୍ରକଳ୍ପ ଅନୁମୋଦନ ପୂର୍ବରୁ କାର୍ଯ୍ୟ ଆରମ୍ଭ




➤ ୪ ଜିଲ୍ଲା ଦାୟିତ୍ୱରେ ଜଣେ ନିର୍ବାହୀ ଯନ୍ତ୍ରୀ
➤ କାଡ଼ାନାଳ ଆକ୍ରାର ଲ୍ୟାଣ୍ଡ ମାପଚୁପ ପୂର୍ବରୁ ଆଗଉଛି କାମ

ହାଟଡ଼ିହୀ,୨୩।୪(ସମିସ): ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ଯୋଜନା ବାବଦରେ କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ମାତ୍ର ଏଥିପାଇଁ ରହିଥିବା ସିଏଡ଼ିଡ଼ବ୍ଲ୍ୟୁଏମ୍ (କମାଣ୍ଡ ଏରିଆ ଡେଭେଲପମେଣ୍ଟ ୱାଟର ମ୍ୟାନେଜମେଣ୍ଟ) ଯୋଜନା ଏବେ ବାଟବଣା ହୋଇଛି। ଏହି ଯୋଜନାରେ ପାଣିପଞ୍ଚାୟତଗୁଡ଼ିକ ଦ୍ୱାରା ଚାଷକ୍ଷେତକୁ ପାଣି ଯୋଗାଣ ନିମନ୍ତେ କାଡ଼ାନାଳ ନିର୍ମାଣ କାର୍ଯ୍ୟ ହେଉଛି। କିନ୍ତୁ ପ୍ରକଳ୍ପ ଅନୁମୋଦନ ଏବଂ ବ୍ୟୟବରାଦ ନେଇ ଏଗ୍ରିମେଣ୍ଟ ହେବା ପୂର୍ବରୁ ବିନା ନାମଫଳକରେ ନିର୍ମାଣ କାର୍ଯ୍ୟ ହେଉଥିବା ନେଇ ଲୋକପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଭିତ୍ତିକରି ସିଏଡ଼ି ଡ଼ିଭିଜନ ନଂ ୩ ଭଦ୍ରକର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଛୋଟରାୟ ଚିଠି (ନଂ. ୫୩୧/୩୦୩ -୨୦୨୬) ରେ ସମସ୍ତ ପାଣିପଞ୍ଚାୟତ ସେକ୍ରେଟାରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଯନ୍ତ୍ରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସିଏଡ଼ିଡ଼ବ୍ଲ୍ୟୁଏମ୍ ଯୋଜନା ଅଧୀନରେ ଫିଲ୍ଡ ଚ୍ୟାନେଲ୍ କାର୍ଯ୍ୟର ଅନଧିକୃତ ନିର୍ମାଣକୁ ତୁରନ୍ତ ବନ୍ଦ ଏବଂ ବୈଧାନିକ ଆବଶ୍ୟକତା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ପାଣିପଞ୍ଚାୟତ ଏବଂ ସିଏଡ଼ି ଡ଼ିଭିଜନ ନଂ-୩ ଭଦ୍ରକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (କୃଷି)ଙ୍କ ମଧ୍ୟରେ ଏକ ବୈଧ ଚୁକ୍ତିନାମା ସ୍ୱାକ୍ଷରିତ ହୋଇ ଔପଚାରିକ କାର୍ଯ୍ୟାଦେଶ ଦ୍ୱାରା ସମର୍ଥିତ ନହେଲେ କୌଣସି କାର୍ଯ୍ୟକୁ ଆଇନଗତ ଭାବେ ସ୍ୱୀକୃତି ଦିଆଯିବ ନାହିଁ। କାର୍ଯ୍ୟାଦେଶ ବିନା ସ୍ୱତଃପ୍ରବୃତ୍ତ ଭାବେ କରାଯାଇଥିବା କୌଣସି କାର୍ଯ୍ୟ ଏକ ଅନଧିକୃତ ଆର୍ଥିକ ଦାୟିତ୍ୱ ସୃଷ୍ଟି କରୁଥିବା ବେଳେ କେନ୍ଦୁଝର ଜିଲ୍ଲାର ପ୍ରାୟ ସମସ୍ତ କାର୍ଯ୍ୟ ଗୁଡ଼ିକ ପଡ଼ୋଶୀ ଜିଲ୍ଲାର ଠିକାଦାରଙ୍କ ନାମରେ ଚାଲୁଛି। ଅଳ୍ପ କେତେକ ସ୍ଥାନରେ ସରକାରୀ ନିୟମରେ କାମ ହେଉଥିବା ବେଳେ ଅନେକ ସ୍ଥାନରେ ପୁରୁଣା ରଡ୍, ସିମେଣ୍ଟ ସହ ଅନ୍ୟାନ୍ୟ ସାମଗ୍ରୀର ଭାଗମାପ ଉପରେ ଆଦୌ ଦୃଷ୍ଟି ଦିଆଯାଉ ନଥିବା ଦେଖାଯାଇଛି; ଯାହାକି, କାମଗୁଡ଼ିକର ସ୍ଥାୟିତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଇ-ବ୍ୟାଡ୍ ଇନଫ୍ରାରେ କାର୍ଯ୍ୟର ପର୍ଯ୍ୟାୟକ୍ରମେ ଅପଲୋଡ୍ ନକରି ଅନଧିକୃତ କାର୍ଯ୍ୟ ପାଇଁ କାର୍ଯ୍ୟାଳୟ ଦେୟ ପ୍ରଦାନ କରିବାକୁ ଦାୟୀ ନୁହେଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଛୋଟରାୟ ଏବଂ ହାଟଡ଼ିହୀ ବ୍ଲକ୍ ଅଞ୍ଚଳ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିଜୟ ମହାନ୍ତି କହନ୍ତି, କେନ୍ଦୁଝର ଜିଲ୍ଲା ଅଧୀନ ହାଟଡ଼ିହୀ ବ୍ଲକର କଳିଗାଁ, ଓରାଳି ଓ ସରଳା ଆଦି ଅନ୍ୟ କେତେକ ସ୍ଥାନରେ ବ୍ୟୟବରାଦ ଏବଂ ପ୍ରକଳ୍ପ ଅନୁମୋଦନ ପୂର୍ବରୁ କାର୍ଯ୍ୟ ହୋଇଥିବାରୁ ସେ ଦିଗରେ ପଦକ୍ଷେପ ନିଆଯାଉଛି। ହାଟଡ଼ିହୀ ବ୍ଲକ୍ ଅଞ୍ଚଳର ଏକାଧିକ ସ୍ଥାନରେ ବେନିୟମ ଭାବେ କାଡ଼ାନାଳ ନିର୍ମାଣ କାର୍ଯ୍ୟ ହେଉଥିବା ବାବଦରେ ଅଧିକାରୀଙ୍କୁ ଜଣାଇବା ସହ ଆଇନଗତ ଭାବେ ସେସବୁ କାର୍ଯ୍ୟଗୁଡ଼ିକୁ ସ୍ୱୀକୃତି ଦିଆଯିବ ନାହିଁ ବୋଲି ଯନ୍ତ୍ରୀ ବିଜୟ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ପ୍ରମୁଖ ୪ ଜିଲ୍ଲା ପାଇଁ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଥିବାବେଳେ ଭଦ୍ରକରେ ସିଏଡ଼ି (କମାଣ୍ଡ ଏରିଆ ଡେଭଲପମେଣ୍ଟ) ଡିଭିଜନ ନଂ ୩ କାର୍ଯ୍ୟାଳୟ ରହିଛି। ଆନନ୍ଦପୁର, କେନ୍ଦୁଝର ଏବଂ ଭଦ୍ରକ ଲାଗି ଜଣେ ଲେଖାଏଁ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ପାଇଁ ୨ ଜଣ ଏବଂ ଭଦ୍ରକ, ବାଲେଶ୍ୱର, ଯାଜପୁର ପାଇଁ ୨ ଜଣଙ୍କୁ ମିଶାଇ ମୋଟ ୪ଜିଲ୍ଲାକୁ ୪ଜଣ ଯନ୍ତ୍ରୀ ଅଛନ୍ତି। ଅଳ୍ପସଂଖ୍ୟକ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କିପରି ହେଉଥିବ ତାହା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଥିଲେ ସେ ଦିଗରେ ପ୍ରତିକାର ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

## ଚଢ଼ଉ ଧର୍ମକୁ ଆଖିଠାର; ଅମୁନି ବାଲି ଚୋରି



### ୩ ବୋଝେଇ ଟ୍ରାକ୍ଟର ଜବତ

ଆନନ୍ଦପୁର, ୨୩।୪ (ସମିସ): ଆନନ୍ଦପୁର ବୈତରଣୀ ନଦୀପଠାରୁ ଚୋରା ବାଲି ବୋଝେଇ ହୋଇଥିବା ୩ ଟ୍ରାକ୍ଟରକୁ ଜବତ କରିଛି ଖଣି ବିଭାଗର ତଦାରଖ ଟିମ। ସେଥିମଧ୍ୟରୁ ଗୋଟିଏ ଟ୍ରାକ୍ଟରକୁ ଜରିମାନା କରାଯାଇଥିବା ବେଳେ ଅନ୍ୟ ଦୁଇଟି ଜବତ ହୋଇ ରହିଥିବା ସୂଚନା ମିଳିଛି। ତେବେ, ଏହି ଚଢ଼ଉ ଲୋକଦେଖାଣିଆ ଓ ଧର୍ମକୁ ଆଖିଠାର ଭଳି ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବାଲି ସୈରାତ ଯଥା ବୈତରଣୀ ଓ କୁଶେଇ ନଦୀ ପଠାରୁ ଚୋରା ବାଲି ଉତ୍ତୋଳନ ଉପରେ ଲଗାମ ଲାଗୁନାହିଁ। ନିୟମିତ ଭାବେ ବାହାର ଜିଲ୍ଲାକୁ ଚୋରା ଚାଲାଣ ହେଉଥିବା ଘଟଣା ନୂଆ କଥା ନୁହେଁ। ଏହି ଚୋରା ବାଲି ବ୍ୟବସାୟରେ ସମ୍ପୃକ୍ତ ମାଫିଆ, ରାଜନେତା ଏବଂ କିଛି ପ୍ରଶାସନିକ ଅଧିକାରୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ରହୁଥିବାରୁ ଏହାର ସୁଯୋଗ ନେଇ ବାଲି ଚୋରା ଚାଲାଣ ପ୍ରକ୍ରିୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଇଆସୁଛି। ଏହାକୁ ରୋକ ଦେବାକୁ ଯାଇ ଖଣି ବିଭାଗ ପକ୍ଷରୁ ଏକ ସ୍କ୍ୱାଡ ଗଠନ କରାଯାଇଛି ହେଲେ ଚଢ଼ଉ ଧର୍ମକୁ ଆଖିଠାର ପରି ମନେ ହୋଇଛି। ଅପରପକ୍ଷରେ, ସ୍ଥାନୀୟ ଅଞ୍ଚଳରେ ବାଲିର ଘୋର ଅଭାବ ପରିଲକ୍ଷିତ ହେଉଛି। ଗୋଟିଏ ଟ୍ରାକ୍ଟର ବାଲିକୁ ୩ ହଜାର ଟଙ୍କାରେ ବିକ୍ରି ହେଉଥିବା ନଜରକୁ ଆସିଛି। ଏପରିକି ଗରିବ ହିତାଧିକାରୀଙ୍କୁ ଆବାସ ଗୃହ ନିର୍ମାଣ ପାଇଁ ବାଲି ମିଳିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି। ସରକାରୀ କଟକଣାରେ କୋହଳ କରାଯାଇ ବାଲି ସୈରାତଗୁଡିକୁ ପୂର୍ବପରି ଖୋଲାଯାଇପାରିଲେ ଚୋରା ବାଲି ଚାଲାଣ ବନ୍ଦ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଭଦ୍ରାସାହି ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ଯୋଡ଼ା, ୨୩।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଭଦ୍ରାସାହି ଝାଡ଼ଗାଁରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ନର୍ଭେରାମ କମ୍ପାନୀର ଉପସଭାପତି ସଦାନନ୍ଦ ରଣା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଉତ୍ତର ସଂଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀ, ପରିଚାଳନା କମିଟି ସଭାପତି ଯଦୁମଣି ବାରିକ, ଜେଏସପିଏଲ ସିଏସଆର ମୁଖ୍ୟ ମନୋଜ କୁମାର ମହାନ୍ତ ଯୋଗ ଦେଇଥିଲେ। ଦୀପ ପ୍ରଜ୍ୱଳନ ଓ ମାତୃସ୍ତୁତି ପରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦିକା ଅଙ୍କିତା ଉପାଧ୍ୟାୟଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଶିକ୍ଷା, କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ପରିଚାଳନା କମିଟିର ଉପସଭାପତି ପୁରୁଷୋତ୍ତମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏକ ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭତ୍ତା ନେଉଥିବା କଳାକାରଙ୍କ ଭିଜନ୍ ଟେଷ୍ଟ ଦାବି

ଆନନ୍ଦପୁର,୨୩।୪(ସମିସ): ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରୁ ପ୍ରକୃତ କଳାକାର ବାଦ୍ ପଡ଼ିଯାଇଥିବା ବେଳେ ଅନେକ ଅଣକଳାକାର ଭତ୍ତା ହାତେଇ ନେଇଥିବାରୁ ଆନନ୍ଦପୁର କଳାକାର ବିକାଶ ମଞ୍ଚ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଏହି ଦୃଷ୍ଟିରୁ ଭତ୍ତାଧାରୀଙ୍କ ଭିଜନ ଟେଷ୍ଟ କରାଯାଇ ଅଣକଳାକାରଙ୍କୁ ଚିହ୍ନଟ କରିବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି। ଏହି ଭତ୍ତା ହାତେଇନେବା ପାଇଁ ଅନେକ ଏଜେଣ୍ଟ ଗାଁ ଗହଳିରେ ଲୋକଙ୍କୁ ପ୍ରଲୋଭିତ କରି ଅର୍ଥ ଆଦାୟ କରି ଓ ବିଭିନ୍ନ ସାଂସ୍କୃତିକ ସଂଗଠନରୁ ପ୍ରମାଣପତ୍ର ଆଣି କେତେକ ବ୍ୟକ୍ତିବିଶେଷଙ୍କୁ ଏହି ଯୋଜନାରେ ସାମିଲ କରୁଥିବାରୁ ପ୍ରକୃତ କଳାକାର ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହି କଳାକାର ସହାୟତା ଯୋଜନା ପାଇଁ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ନୀତିନିୟମ ଜାରି କରିଥିଲେ ମଧ୍ୟ ବ୍ଲକସ୍ତରରେ ବିଭାଗୀୟ ଅଧିକାରୀମାନେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରୁ ନଥିବାରୁ ଅନେକ ଅଣକଳାକାର ଏହି ଭତ୍ତା ସହାୟତା ପାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର, ଘସିପୁରା, ହାଟଡିହି ବ୍ଲକ ଓ ପୌରାଞ୍ଚଳରେ କେତେକ ଦଲାଲ ଶ୍ରେଣୀର ବ୍ୟକ୍ତି ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକରୁ ପ୍ରମାଣପତ୍ର ସଂଗ୍ରହ କରି ନିଜ ପରିବାର ଲୋକଙ୍କୁ ସାମିଲ କରିଥିବା ନଜିର ରହିଛି। ସେହିପରି ଏହି ଭତ୍ତା ଯୋଜନାରେ ଚଳିତବର୍ଷ ୩୦ ହଜାର କଳାକାରଙ୍କୁ ସାମିଲ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ ଏହି ଦଲାଲମାନେ ଏବେ ପୁଣି ସକ୍ରିୟ ହୋଇଉଠିଛନ୍ତି। କେତେକ କଳା ଅନୁଷ୍ଠାନର ପ୍ରମାଣପତ୍ରକୁ

### କଳାକାର ଭତ୍ତାରେ ଜାଲିଆତି ଅଭିଯୋଗ

ଆଣି ବିଭିନ୍ନ ଅନଲାଇନ୍ ସେଣ୍ଟରରେ ଜାଲିଆତି କରି ବିଭିନ୍ନ ଲୋକଙ୍କ ନାମ ଦରଜ କରି କଳାକାର ଦର୍ଶାଇ ଭତ୍ତା ହାତେଇ ନେଇଥିବା ଆଲୋଚନାର ବିଷୟ ହୋଇଛି। ଏଣୁ ଏହି କଳାକାର ଭତ୍ତା ସହାୟତା ଯୋଜନାର ଆବେଦନପତ୍ରକୁ ଟିକ୍‌ନିକ୍ ଭାବେ ଯାଞ୍ଚ କରାଯିବା ସହିତ ଆବେଦନକାରୀଙ୍କ କଳା ନୈପୁଣ୍ୟର ପରୀକ୍ଷା କରିବା ଜରୁରୀ ହୋଇପଡିଛି। ଆବେଦନପତ୍ର ଯାଞ୍ଚ ଓ ଭିଜନ ଟେଷ୍ଟ ସମୟରେ ତାଲିମପ୍ରାପ୍ତ ସଂଗୀତ ଗୁରୁ ଓ ଅଭିଜ୍ଞ ସଂଗୀତଜ୍ଞଙ୍କ ଦ୍ୱାରା ମୂଲ୍ୟାୟନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

## ଦୁର୍ଘଟଣାରେ କେନ୍ଦୁଝର ପୌରାଧ୍ୟକ୍ଷାଙ୍କ ପୁଅ ମୃତ

କେନ୍ଦୁଝର, ୨୩।୪(ସମିସ): ବୁଧବାର ରାତି ୯.୧୫ଟା ସମୟରେ କେନ୍ଦୁଝର ପୌରାଧ୍ୟକ୍ଷା ତଥା ବିଜେପି ନେତ୍ରୀ ନିକୁ ସାହୁଙ୍କ ପୁଅଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଘଟଣାଟି ସାରା କେନ୍ଦୁଝରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବାବେଳେ ମେଡିକାଲ ଏକପ୍ରକାର ଲୋକାରଣ୍ୟ ହୋଇଉଠିଥିଲା। ସୂଚନା ଅନୁସାରେ, କେନ୍ଦୁଝର ସହର ସନ୍ନିକଟ ବାଂପାର ନିକଟରେ ସେଣ୍ଟ ଜାଭିଅର ସ୍କୁଲ ବସ୍ ଧକ୍କାରେ ବାଇକ ଆରୋହୀ ଦୀପକ ସାହୁଙ୍କ ମୃତ୍ୟୁ ହୋଇଛି। ସେ ଭୁବନେଶ୍ୱର ସାଇ ଇଣ୍ଟର୍‌ନ୍ୟାସନାଲ କଲେଜରେ ଯୁକ୍ତ ୨ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମୃତ ଦୀପକ ସାହୁ ଏକ ବୁଲେଟ୍‌ରେ ସହରକୁ ଆସୁଥିବାବେଳେ ଏହି ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ କେନ୍ଦୁଝର ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିକୁ ସାହୁ ଓ କେନ୍ଦୁଝରର ଜଣାଶୁଣା ବ୍ୟବସାୟୀ ଜିତୁ ସାହୁଙ୍କ ପୁତ୍ର। ଖବର ଲେଖାହେବା ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇ ନଥିବା ବେଳେ ଏହାକୁ ମର୍ଗ ହାଉସ୍‌ରେ ରଖାଯାଇଛି। ପୁଲିସ ଦୁର୍ଘଟଣାର ସବୁ ଦିଗରୁ ତଦନ୍ତକୁ ତ୍ୱରାନ୍ୱିତ କରିଛି।

## ୪ ନଂ ୱାର୍ଡରେ ଖୋଲିଲା ଜଳଛତ୍ର



ଆନନ୍ଦପୁର, ୨୩।୪ (ସମିସ): ପ୍ରଚଣ୍ଡ ଖରା ଓ ଗୁଲୁଗୁଲିକୁ ମୁକାବିଲା କରିବା ପାଇଁ ଆନନ୍ଦପୁର ପୌରପାଳିକା ତରଫରୁ ୧୭ଟି ଥଣ୍ଡା ଶୁଦ୍ଧ ପାନୀୟ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବା ବେଳେ ଜରଗହଳିପୂର୍ଣ୍ଣ ଆନନ୍ଦପୁର କୋର୍ଟ ସାମ୍ନା ୱାର୍ଡ ନଂ ୪ରେ ଜଳଛତ୍ରକୁ ବିଜେପି ନେତା ମହେଶ୍ୱର ସାହୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆନନ୍ଦପୁର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ବିଧାୟକ ପ୍ରତିନିଧି ରାକେଶ କୁମାର ରାମ, ବିଜେଡ଼ି ନଗର ସଭାପତି ରମାକାନ୍ତ ବେହେରା, ରାଜା ଦଲେଇ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସନତ କୁମାର କର, ସୁରେନ୍ଦ୍ର କୁମାର ଦାସ, ନିବେଦିତା ବେହେରା, ସୁପ୍ରିୟା ମିଶ୍ର, ଲିନାରାଣୀ ସାହୁ, ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ରଶ୍ମିତା ବାରି, ମନୋରଞ୍ଜନ ସିଂହ, ମମତାରାଣୀ ଜେନା, ବାଇଧର ସେଠୀ, ମଦନ ପାଣି, ରବିନାରାୟଣ ହୋତା ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଅତାରେ ଅଷ୍ଟପ୍ରହରୀ ନାମଯଜ୍ଞ

ଆନନ୍ଦପୁର,୨୩।୪(ସମିସ): ଘଷିପୁରା ବ୍ଲକ ବାତୋ ପଞ୍ଚାୟତ ଅତା ଗ୍ରାମରେ ବଜରଙ୍ଗ ବଳୀ ଅଷ୍ଟପ୍ରହରୀ କମିଟି ପକ୍ଷରୁ ପଞ୍ଚମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟପ୍ରହରୀ ନାମଯଜ୍ଞରେ ପ୍ରାୟ ୧୯ଟି ସଂକୀର୍ତ୍ତନ ମେଳ ଭାଗ ନେଇଥିଲେ। ଗତ ରବିବାର ସନ୍ଧ୍ୟାରେ ବ୍ରତଧାରୀମାନେ ବୈତରଣୀ ନଦୀରୁ କଳସରେ ଜଳ ସଂଗ୍ରହ କରି ନାମଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ପରେ କୁନା ଦାଶ (କୁନା ବାବା)ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାମ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ପ୍ରଭୁ ନିତାଇ ଗୌରଙ୍କୁ କଳ୍ପତରୁ ଜେନା, ରଘୁନାଥ ଜେନା, ଅରୁଣ ଜେନା ଗ୍ରାମ ପରିକ୍ରମା କରିଥିଲେ। ସଂଧ୍ୟାରେ ପୂର୍ଣ୍ଣାହୁତି ସହ ଦଧି ହାଣ୍ଡି ଭଙ୍ଗା ଯାଇଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅଷ୍ଟପ୍ରହରୀ କମିଟିର ସଦସ୍ୟ ଟୁନିଆ ଜେନା, କରୁଣାକର ଜେନା, ରୋହିତାଂଶୁ ଜେନା, ଗଣେଶ୍ୱର ଜେନା, କେଶବ ଜେନା, ଚନ୍ଦନ ନାଥ, ଆକାଶ ଜେନା, ତପନ ଜେନା, ରବିନ୍ଦ୍ର ଜେନା, ଅନନ୍ତ ଚରଣ ଜେନା, ବଳରାମ ଜେନା, ସରୋଜ ଜେନା, ଜଟାଧାରୀ ଜେନା, ନିରଞ୍ଜନ ଜେନା, ରତ୍ନାକର ଜେନା, ରମେଶ ଜେନା, ମକରା ଜେନା, ସନ୍ତୋଷ ଜେନା, ଉପେନ୍ଦ୍ର ଜେନା ଓ ଗ୍ରାମବାସୀ ସହଯୋଗ କରିଥିଲେ।



## ଅନ୍ଧାରୀଖମଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିବନ୍ଧ, ୨୩।୪ (ସମିସ): ଝୁମ୍ପୁରା ବ୍ଲକ ଅର୍ଶଳା ପଞ୍ଚାୟତ ଅନ୍ଧାରୀଖମଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବ୍ରତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ଶିରିଆବାହାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ବେହେରା, ମୁଖ୍ୟବକ୍ତା ଭାବେ ଏବିଏ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଖୁଣ୍ଟାପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଦୀପାଞ୍ଜଳି ମହାନ୍ତ, ସମାଜସେବୀ ପଞ୍ଚାନନ ମହାନ୍ତଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଘାସିରାମ ମହାନ୍ତ, ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଶୁଭ୍ରାଂଶୁ ଶେଖର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ସା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ କୀର୍ତ୍ତନ ବିହାରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅତିଥି ଓ ଗ୍ରାମବାସୀଙ୍କ ଗହଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ମହୁଲି ମଦ, ପୋଚ ଜବତ; ୨ ଗିରଫ

ହାଟଡ଼ିହୀ,୨୩।୪(ସମିସ): ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ, ପୁରୁଣାପାଣି, ଷଡ଼ଙ୍ଗ ଆଦି ଅଞ୍ଚଳରେ ଚଢ଼ଉ କରି ୨୭୪ ଲିଟର ମହୁଲି ମଦ ଓ ୩ ହଜାର ଲିଟର ମହୁଲ ପୋଚ ଜବତ କରିଛନ୍ତି। ଉକ୍ତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଅମାନ୍ତ, କୁନି ବେସରାଙ୍କ ନାମରେ ହାଟଡିହୀ ଅବକାରୀ ବିଭାଗ ପକ୍ଷରୁ ୩ଟି ଅବକାରୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଏବଂ ଅନ୍ୟ ଷ୍ଟାଫ୍‌ମାନେ ସାମିଲ ଥିଲେ।

## ଓଡ଼ିଶୀ ନୃତ୍ୟ ଉତ୍ସବରେ କୁନି ଶିଳ୍ପୀ ସମ୍ବର୍ଦ୍ଧିତ

ଆନନ୍ଦପୁର, ୨୩।୪ (ସମିସ): ଘସିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ରୀ ପ୍ରୀତି ପ୍ରିୟଦର୍ଶିନୀ ସାହୁ ରାଉରକେଲାଠାରେ ଅନୁଷ୍ଠିତ ବିଶ୍ୱ ଓଡ଼ିଶୀ ଉତ୍ସବ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକ୍ରମରେ ଭାଗନେଇ ପ୍ରଶଂସିତ ହୋଇଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ୟାମହରି ଚକ୍ର ତାଙ୍କୁ ମାନପତ୍ର, ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଅର୍ଗନାଇଜର ମଧୁମିତା ବିଶ୍ୱାସ, ସିଲିଗୁଡିର ଓଡ଼ିଶୀ ନୃତ୍ୟଗୁରୁ ଡ ପମ୍ପି ପାଉଲ ପ୍ରମୁଖ ଉତ୍ସାହିତ କରିଥିଲେ। ଆନନ୍ଦପୁର ମ୍ୟୁନିସିପାଲିଟି ୧୫ ନମ୍ବର ୱାର୍ଡର ପ୍ରକାଶ କୁମାର ସାହୁ, ମଞ୍ଜୁଲତା ସାହୁଙ୍କ ଝିଅ ପ୍ରୀତି ତୃତୀୟ ଶ୍ରେଣୀରେ ପଢୁଥିବାବେଳେ ଗୁରୁଶ୍ରୀ କଳ୍ପତରୁ ଆଚାର୍ଯ୍ୟଙ୍କଠାରୁ ପ୍ରଶିକ୍ଷଣ ପାଇ ପ୍ରଥମେ ଝାଡ଼ଖଣ୍ଡର ରାଞ୍ଚିଠାରେ ବିଶ୍ୱ ଓଡ଼ିଶୀ ଉତ୍ସବରେ ଭାଗନେଇ ସଫଳତା ପାଇଥିଲେ। ଏହାଛଡ଼ା ଆସନ୍ତା ଜୁଲାଇରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ହେବାକୁ ଥିବା ବିଶ୍ୱ ଓଡ଼ିଶୀ ଉତ୍ସବରେ ଭାଗନେବାକୁ ସେ ମନୋନୀତ ହୋଇଥିବା ନେଇ ଗୁରୁ କଳ୍ପତରୁ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।




## ରନ୍ଧନ ଗ୍ୟାସ୍ ଯୋଗାଣ ସମସ୍ୟା

# ଖରାତାତିରେ ଉପଭୋକ୍ତା ହନ୍ତସନ୍ତ

ଆନନ୍ଦପୁର,୨୩।୪(ସମିସ): ଜାଳେଣି ଗ୍ୟାସରେ ଦିନକୁ ଦିନ କଟକଣା ହଟି ପରିବର୍ତ୍ତେ, ବଢୁଥିବାରୁ ଉପଭୋକ୍ତା ହେଉଛନ୍ତି ଦହଗଞ୍ଜ। ପ୍ରବଳ ଖରା ତାତିରେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଥିବାରୁ ଅସନ୍ତୋଷ ଓ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷରେ, ଉଜ୍ଜ୍ୱଳା ଯୋଜନା ବର୍ଷକାଳ ଧରି ବନ୍ଦ ହୋଇଯାଇଥିବାବେଳେ ବର୍ତ୍ତମାନ ନୂଆ କନେକ୍ସନ ଡବଲ ସିଲିଣ୍ଡର ନୂଆ ମୋବାଇଲ ନମ୍ବର ଯୋଡିବା ବନ୍ଦ ହୋଇଯାଇଥିବାରୁ ଉପଭୋକ୍ତାଙ୍କ ସମସ୍ୟା ବଢିଯାଇଛି। ଆନନ୍ଦପୁର ଉପଖଣ୍ଡରେ ଜାଳେଣି ଗ୍ୟାସର ଉତ୍କଟ ଅଭାବ ଯୋଗୁଁ ଉପଭୋକ୍ତାମାନେ ହନ୍ତସନ୍ତ ହେଉଛନ୍ତି। ପୂର୍ବରୁ ଉପଭୋକ୍ତାଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ପହଞ୍ଚାଇ ଦିଆଯାଉଥିଲା। ଏବେ ଗ୍ୟାସ୍ ପାଇଁ ଡିଲରଙ୍କ ଡିପୋ ଆଗରେ ଖାଉଟିମାନଙ୍କ ଲମ୍ବା ଧାଡ଼ି ଲାଗୁଛି। ଆନନ୍ଦପୁରରେ ଡିଲର ରହିଥିବା ଦଲେଇ ଏଜେନ୍ସି ନିକଟରେ ଆନନ୍ଦପୁର ପୌରାଞ୍ଚଳ, ହାଟଡିହି, ଘସିପୁରା ଓ ଘଟଗାଁ ବ୍ଲକର ୭୦ ହଜାରରୁ ଅଧିକ ଗ୍ରାହକ ଅଛନ୍ତି। ଆଗୁଆ ବୁକିଂ ଅନୁସାରେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ଗ୍ୟାସ୍ ଯୋଗାଇ ଦିଆଯାଇଥାଏ। ଆନନ୍ଦପୁର ପୌରାଞ୍ଚଳରେ ବୁକିଂ କରାଯିବାର ଦୁଇତିନି ଦିନ ମଧ୍ୟରେ ଘରେ ଗ୍ୟାସ୍ ସିଲିଣ୍ଡର ପହଞ୍ଚାଇ ଦିଆଯାଏ। ଆଜିକୁ ଏକମାସ ହେଲା ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବୁକିଂ କଲେ ମଧ୍ୟ ଗ୍ୟାସ ମିଳିବା କଷ୍ଟ ହେଉଛି। ପୌରାଞ୍ଚଳରେ ବୁକିଂର ୧୦ ଦିନ ପରେ ମଧ୍ୟ ଗ୍ୟାସ୍ ମିଳୁନଥିବା ଅଭିଯୋଗ ହୋଇଛି। ଘସିପୁରା ବ୍ଲକ୍‌ର ସାଇଁକୁଳ ଓ ହାଟଡିହି ବ୍ଲକର ଛେନାପଦିଠାରେ ଉପଭୋକ୍ତାମାନଙ୍କୁ ବୁକିଂ ଅନୁସାରେ ଗ୍ୟାସ୍ ଯୋଗାଣ କରାଯାଇଥାଏ। ସୁଆଁପଦା ଗ୍ରାମର ହଳଧର ଧର ପଣ୍ଡା କହିଛନ୍ତି, ଗ୍ୟାସ୍ ବୁକିଂ କରାଯିବାର ୧୦ଦିନ ବିତି ଯାଇଥିଲେ ମଧ୍ୟ ମିଳୁନି। ଦଲେଇ ଗ୍ୟାସ୍ ଏଜେନ୍ସିର ପରିଚାଳକ ଚାଳକ ଶରତ ବାରିକ୍ କହିଛନ୍ତି, ପୂର୍ବରୁ ଜଟଣୀ ପ୍ଲାଣ୍ଟରୁ ପ୍ରତିଦିନ ଦୁଇ ଟ୍ରିପ୍ ସିଲିଣ୍ଡର ଆସୁଥିଲା। ଠିକ୍ ସମୟରେ ଲୋକମାନେ ଗ୍ୟାସ୍ ପାଉଥିଲେ। ଏବେ ଝାଡ଼ଖଣ୍ଡର ଟାଟାରୁ ସିଲିଣ୍ଡର ଆସିବାରେ ସମସ୍ୟା ହେଉଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। ଅନେକ ସମୟରେ ଆଦୌ ଗ୍ୟାସ୍ ଆସି ନଥିବାରୁ ଦିନତମାମ ଲୋକମାନେ ଡିପୋ ଆଗରେ ବସି ରହି ଫେରିଥିବା ଦେଖାଯାଇଛି। ଗ୍ୟାସ୍ ବିତରଣ ଦାୟିତ୍ୱ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଅଧୀନରେ ରହିଥିବାବେଳେ ଏହାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।



# ଆଜି ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ

**ବଲାଙ୍ଗିର,୨୩।୪(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁକ୍ରବାର ବଲାଙ୍ଗିର ଗସ୍ତରେ ଆସୁଛନ୍ତି। ବଲାଙ୍ଗିର ଜିଲ୍ଲାରୁ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସର ଶୁଭାରମ୍ଭ କରିବେ। ଜିଲ୍ଲାକୁ ସେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦେବେ ବୋଲି ଜିଲ୍ଲାବାସୀ ଆଶା ପ୍ରକଟ କରିଛନ୍ତି। ତେବେ ଏହା ତାଙ୍କର ତୃତୀୟ ବଲାଙ୍ଗିର ଗସ୍ତ। ଦେଓଗାଁ ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେବ ନା ନାହିଁ ସେନେଇ ମଧ୍ୟ ଲୋକେ ଆଶା ପ୍ରକଟ କରିଛନ୍ତି। ଶୁକ୍ରବାର ସମ୍ବଲପୁର କାର୍ଯ୍ୟକ୍ରମ ସରିବା ପରେ ବଲାଙ୍ଗିରରେ ସେ ପହଞ୍ଚିବେ। ଅପରାହ୍ନରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବେ। ତେବେ ପୂର୍ବ ଦୁଇ ଥର ଗସ୍ତ ସମୟରେ ଜିଲ୍ଲା ପାଇଁ ସେହିଭଳି କୌଣସି ବଡ ଧରଣର ଘୋଷଣା କରି ନ ଥିଲେ। ଏଣୁ ବିଶେଷ କରି ଦେଓଗାଁ ଚିନିକଳକୁ ନେଇ ଲୋକେ ଅଧିକ ଆଶାବାଦୀ ରହିଛନ୍ତି। ଦେଓଗାଁ ସାଗରପାଲିଠାରେ ଥିବା ଜିଲ୍ଲାର ଏକମାତ୍ର ଶିଳ୍ପ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହୋଇଥିଲା। ଏହା ବନ୍ଦ ହେତୁ ଶହ ଶହ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଜିଲ୍ଲାରେ ଚାଷୀମ ଆଖୁ ଚାଷ କରିବା ମଧ୍ୟ ଛାଡ଼ିଦେଇଛନ୍ତି। ବିଜେପି ସରକାର ଆସିବା ପରେ ଏହାକୁ ପୁଣି ଥରେ ଆରମ୍ଭ କରିବା ପାଇଁ ଆଶା ସଂଚାର ହୋଇଥିଲା; କିନ୍ତୁ ୨ ବର୍ଷ ପରେ ବି ଏହାକୁ ପୁଣି ଥରେ ଆରମ୍ଭ କରିବା ପାଇଁ କୌଣସି ନିଷ୍ପତ୍ତି ହୋଇନି। ଶୁକ୍ରବାର ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କଣ କହିବେ, କିଛି ବଡ଼ ଘୋଷଣା କରିବେ ନା ଏଥର ବି ଜିଲ୍ଲାବାସୀଙ୍କୁ ଭକୁଆ ହେବାକୁ ପଡ଼ିବ ସେନେଇ ଆଲୋଚନା ଜୋର୍ ଧରିଛି। ସେହିପରି ଜିଲ୍ଲାର ଅନେକ ଦାବି ରହିଛି। ସେଗୁଡିକ ଉପରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କ'ଣ ଘୋଷଣା କରିବେ ସେ ଉପରେ ମଧ୍ୟ ଲୋକଙ୍କ ନଜର ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗାନ୍ଧୀ ଷ୍ଟାଡିୟମରେ ଏଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଜିଲ୍ଲା ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡ଼ାକଡ଼ି କରାଯାଇଛି। ବ୍ୟାପକ ପୁଲିସ କର୍ମଚାରୀ ମୁତୟନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂକୁ ଗୋବର ମାଡ଼

**କଣ୍ଟାବାଞ୍ଜି,୨୩।୪(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସିବେ। ଏହା ପୂର୍ବରୁ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। କଣ୍ଟାବାଞ୍ଜି ସହରର ଓମ୍ ପ୍ରକାଶ ଛକଠାରେ ରାଜ୍ୟ ସରକାରଙ୍କ ବିଶୁଦ୍ଧ ପାନୀୟ ଜଳ ହୋର୍ଡିଂରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋରେ ଗୋବର ମାଡ ହୋଇଥିବା ଦେଖିବାକୁ ମିଳିଛି। ପୂର୍ବ ବିଜେଡି ସରକାର ଜାଗା ମିଶନ, ବିଶୁଦ୍ଧ ପାନୀୟ ଜଳ ଭଳି ଅନେକ ଜନ କଲ୍ୟାଣ ଯୋଜନା କରି ଲୋକଙ୍କୁ ସଚେତନ କରିବାକୁ ଏହି ହୋର୍ଡିଂ ଲଗାଇଥିଲେ। ବିଜେପି ସରକାର ସେଥିରେ ରଙ୍ଗ ଓ ଫଟୋ ପରିବର୍ତ୍ତନ କରି ପ୍ରଶଂସା ସାଉଁଟିବାକୁ ଉଦ୍ୟମ କରୁଛନ୍ତି।

# ବଡ଼ ଭାଇକୁ ହତ୍ୟା ଘଟଣାରେ ସାନକୁ ଆଜୀବନ ଜେଲ୍

**କଣ୍ଟାବାଞ୍ଜି,୨୩।୪(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଏଡିଜେ କୋର୍ଟ ଗୁରୁବାର ଏକ ହତ୍ୟା ମାଲାର ରାୟ ଶୁଣାଇଛନ୍ତି। ବଡ଼ ଭାଇକୁ ହତ୍ୟା ଘଟଣାରେ ସାନ ଭାଇକୁ ଆଜୀବନ କାରାଦଣ୍ଡ ରାୟ ପ୍ରକାଶ ପାଇଛି। ତୁରେକେଲା ଥାନା କାନ୍ଧେଇ ଗାଁରେ ୨୦୨୨ ମସିହା ନଭେମ୍ବର ୮ ତାରିଖରେ ନଦୀ କୂଳରେ ବଡ଼ ଭାଇ ଫୁଲ୍ ପ୍ରସାଦ ବାଗ ଓ ତାଙ୍କ ସାନ ଭାଇ ତିଲକ୍ ଚନ୍ଦ ବାଗ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସେହି ଘଟଣାକୁ ନେଇ ତିଲକ୍ ତାଙ୍କ ବଡ଼ ଭାଇ ଫୁଲ୍ ପ୍ରସାଦଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏନେଇ ତାଙ୍କ ବାପା ଚେରୁ ବାଗ ତୁରେକେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ପୁଲିସ ମାମଲା ରୁଜୁ କରି ତିଲକ୍‌କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ମାମଲା ବିଚାରାଧୀନ ରହିଥିଲା। ଗୁରୁବାର ବଲାଙ୍ଗିର ଜିଲ୍ଲା ଅତିରିକ୍ତ ଦୌରାଜଜ୍ ରାକେଶ ନେୟାର (କଣ୍ଟାବାଞ୍ଜି ଏଡିଜେ କୋର୍ଟ) ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ସାନ ଭାଇ ତିଲକ୍‌କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୨୫ ହଜାର ଟଙ୍କା ଜରିମାନା କରିଥିବା ସରକାରୀ ଓକିଲ ସେଲିନ କିଣ୍ଡୋ ସୂଚନା ଦେଇଛନ୍ତି।

## ଡବଲ ଇଞ୍ଜିନ ସରକାର ବିରୋଧରେ ବର୍ଷିଲା ବିଜେଡି

# ମୁଖ୍ୟମନ୍ତ୍ରୀ ଭାଷଣ ମାରି ଚାଲିଗଲେ ଚଳିବନି

**ଲୋଇସିଂହା,୨୩।୪(ସମିସ)**




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବଲାଙ୍ଗିର ଗସ୍ତରେ ଆସୁଛନ୍ତି। ଏହାକୁ ଲୋଇସିଂହା ବିଜେଡି ବିରୋଧ କରିଛି। ଲୋଇସିଂହା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସମସ୍ୟା ନେଇ ହେଇଥିବା ଅବହେଳା ପ୍ରତିବାଦରେ ଦଳ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହାସହ ପ୍ରଧାନମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିଛି। ନିର୍ବାଚନ ବେଳେ ମିଛ ପ୍ରତିଶ୍ରୁତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନ ଲୋଇସିଂହା, ଆଗଲପୁର ଓ ପୁଇନ୍ତଲା ବ୍ଲକକୁ ଅଣଦେଖା କରିବା ସହ ବୈମାତୃକ ମନୋଭାବ ପ୍ରଦର୍ଶନ, ଚାଷୀ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପିଇବା ପାଣି ସମସ୍ୟାକୁ ନେଇ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଲୋଇସିଂହା ବିଜେଡି ସଭାପତି ସରୋଜ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଦଳ କକ୍ଷରୁ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତ କରୁଛନ୍ତି। ତାହା ସ୍ୱାଗତ ଯୋଗ୍ୟ; କିନ୍ତୁ କେବଳ ଭାଷଣ ମାରି ଚାଲିଗଲେ ଚାଲିବ ନାହିଁ। ଜିଲ୍ଲାର ବିଭିନ୍ନ ସମସ୍ୟା ସମାଧାନ ଓ ଦାବି ପୂରଣ କରିବାକୁ ବିଜେଡି ଦାବି କରିଛି। ଏହା ସହ ରାଜ୍ୟର ଜଣେ ଟାଣୁଆ ମନ୍ତ୍ରୀ ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବାରୁ ଏହି ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱତନ୍ତ୍ର ଭାବେ ପ୍ୟାକେଜ ଘୋଷଣା କରିବାକୁ ବିଜେଡି ଦାବି କରିଛି। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, ଯୁବ ନେତା ଆକାଶ ମିଶ୍ର, ଲୋଇସିଂହା ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ବିଜେଡି ସଭାପତି ଯତୀନ୍ଦ୍ର ପଟେଲ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ବାବୁ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ଜିଲ୍ଲା ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ବବିତା ପଟେଲ, ପୁଇନ୍ତଲା ବ୍ଲକ୍ ଅଧ୍ୟକ୍ଷ ସରୋଜ ପଧାନ, ଜିଲ୍ଲା ବିଜେଡି ସମ୍ପାଦକ ଗୋବର୍ଦ୍ଧନ ସାହୁ, ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି କର୍ମକର୍ତ୍ତା ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡ଼ିଓଙ୍କୁ ଦଳ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ପ୍ରତିବାଦ ସଭା ଅବସରରେ ପ୍ରଧାନମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଶେଷ ରେ ପୁଇଁତଲା ବ୍ଲକ ଯୁବ ସଭାପତି ସୁଧୀର ଅମର ଧନ୍ୟବାଦ ଅର୍ପଣ କରିଥିଲେ।

- **ଲୋଇସିଂହା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା**
- **ପ୍ରଧାନମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ**



# କରୁଆଁଝରରେ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ

**ବଲାଙ୍ଗିର,୨୩।୪(ସମିସ):** ଦେଓଗାଁ ବ୍ଲକ୍ ବଡବନ୍ଧ ପଞ୍ଚାୟତର କରୁଆଁଝରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସେଠାକାର ଲୋକମାନଙ୍କୁ ଭେଟି ସ୍ଥାନୀୟ ସମସ୍ୟା ଉପରେ ଅଭିଯୋଗ ଶୁଣିଛନ୍ତି।



ବିଶେଷ କରି ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ .ଲିଥିବାରୁ ଗାଁ ଲୋକମାନେ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। ଭୂତଳ ଜଳ ଗ୍ରୀଷ୍ମର ପ୍ରବାହରେ ବହୁ ତଳକୁ .ଲିଯାଇଥିବାରୁ ପିଇବା ପାଣି ସମସ୍ୟା ଦେଖାଦେଇଛି। .ଷ ଜମିଗୁଡିକ ମଧ୍ୟ ପାଣି ଅଭାବରୁ ମାଟି ଫାଟି ଗଲାଣି। ସାଧାରଣ ଗାଇ ଗୋରୁ ଓ ଅନ୍ୟାନ୍ୟ ଗୃହ ପାଳିତ ପଶୁ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଲୋକ ଅଭିଯୋଗ କରିଛନ୍ତି। ଖରା ଦିନରେ ପ୍ରଶାସନ ତରଫରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗେଇ ଦିଆଯାଉ ବୋଲି ଲୋକେ ଶ୍ରୀ ମିଶ୍ରଙ୍କ ଆଗରେ ଦାବି ଜଣାଇଥିଲେ। ଶ୍ରୀ ମିଶ୍ର ଏ ସବୁ ସମାଧାନ ପାଇଁ ବ୍ଲକ୍ ପ୍ରଶାସନ ସହ କଥା ହୋଇ ସମସ୍ତ ଲୋକେ ଯେମିତି ପିଇବା ପାଣି ପାଇ ପାରିବେ ସେ ଦିଗରେ ଶିଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ। ଏହା ସହ କରୁଆଁଝର ସ୍କୁଲର ଅତିରିକ୍ତ କ୍ଲାସ ରୁମ୍ ପାଇଁ ଶ୍ରୀ ମିଶ୍ର ବିଧାୟକ ଥିବା ବେଳେ ଅନୁଦାନ ଯୋଗାଇ ଦେଇଥିବାରୁ ଗାଁ ବାସୀଙ୍କ ତରଫରୁ ଶ୍ରୀ ମିଶ୍ରଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜଣାଇଥିଲେ। ଆଲୋଚନା ବେଳେ ଅନ୍ୟାନ୍ୟ ସମସ୍ୟା ଯଥା ବିକଳାଙ୍ଗ ଭତ୍ତା, ପ୍ରଧାନ ମନ୍ତ୍ରୀ ଆବାସ ପ୍ରଦାନ କ୍ଷେତ୍ରରେ ଯେପରି ତଞ୍ଚକତା ନ ହୋଇ ଉପଯୁକ୍ତ ହିତାଧିକାରୀ ତାହାର ଲାଭ ଉଠାଇ ପାରିବେ ସେ ଦିଗରେ ଶ୍ରୀ ମିଶ୍ର ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜିର ଏହି ଆଲୋଚନା ବେଳେ ଶ୍ରୀ ମିଶ୍ରଙ୍କ ସହ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମେହେର, ପ୍ରଦୀପ ପ୍ରଧାନ, ଅନନ୍ତ ପ୍ରଧାନ, ସମିତି ସଭ୍ୟ କାନ୍ତେଶ୍ୱର ପ୍ରଧାନ, ମଦନ ପ୍ରଧାନ, ଟୁନୁ ପ୍ରଧାନ, କଂଗ୍ରେସ ନେତା ଅସୀତ ମିଶ୍ରଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହରିଶଙ୍କର ମହୋତ୍ସବ ପ୍ରଚାର ରଥର ଶୁଭାରମ୍ଭ



**ଖପ୍ରାଖୋଲ,୨୩।୪(ସମିସ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳ ହରିଶଙ୍କରରେ ହେବାକୁ ଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି। ଏହି ପ୍ରଚାର ଗାଡି ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତ ବୁଲିବ। ୨୭ ତାରିଖରୁ ମେ ମାସ ୧ ତାରିଖ ଯାଏଁ ହେବାକୁ ଥିବା ମେଳା ଓ ମହୋତ୍ସବ ସମ୍ପର୍କରେ ସୂଚନା ଦେବ। ସ୍ଥାନୀୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ମହାମିଳନ ହେଉଛି ଏହି ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ। ୫ ଦିନ ଧରି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ଦଣ୍ଡ ନାଚ ପରିବେଷଣ ସେହିପରି ହୋମଯଜ୍ଞ, ପ୍ରଜ୍ଞାପନ ମେଡ଼ ଆଦି ହେବ। ଦେବୋତ୍ତର ବିଭାଗ, ପ୍ରଶାସନ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି। ପ୍ରଚାର ରଥ ଆରମ୍ଭ ବେଳେ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ, ସେକ୍ସନ ଅଫିସର ଉମାକାନ୍ତ ପ୍ରଧାନ, ଜଗଦୀଶ ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମଜୀ ମନ୍ଦିର ଟ୍ରଷ୍ଟ ବିରୋଧରେ ଅଭିଯୋଗ

**କଣ୍ଟାବାଞ୍ଜି,୨୩।୪(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହରରେ ଥିବା ଶ୍ରୀ ଶ୍ୟାମଜୀ ମନ୍ଦିର ଟ୍ରଷ୍ଟ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ସ୍ଥାନୀୟ ବାସିନ୍ଦା ମୁରାରୀ ଲାଲ ଅଗ୍ରୱାଲ (୬୦) ଟ୍ରଷ୍ଟର ପ୍ରବନ୍ଧକମାନଙ୍କ ବିରୋଧରେ ଠକେଇ, ଧମକ ଅଭିଯୋଗ ନେଇ କଣ୍ଟାବାଞ୍ଜି ଥାନାରେ ଏତଲା ଦେଇଛନ୍ତି। ଟ୍ରଷ୍ଟି ଦୀପକ ଅଗ୍ରୱାଲ, ସଚିବ କୈଳାଶ ଚନ୍ଦ୍ର ଅଗ୍ରୱାଲ ଓ ଅନ୍ୟମାନେ ଷ୍ଟଲ୍ ପାଇଁ ଟଙ୍କା ଗ୍ରହଣ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ରେଜିଷ୍ଟର୍‌ଡ ସେଲ୍ ଡିଡ୍ କରିନାହାନ୍ତି। ୨୦୨୩ ଅଗଷ୍ଟ ୧୦ ତାରିଖରେ ଏକ ପ୍ରସ୍ତାବ ପାସ୍ କରି ଧାମନଡଙ୍ଗାରେ ଥିବା ଶ୍ରୀ ଶ୍ୟାମଜୀ ମନ୍ଦିର ପରିସର ନିକଟରେ ନିର୍ମିତ ୧୯ଟି ଷ୍ଟଲ୍ ବିକ୍ରି କରିବାକୁ ଟ୍ରଷ୍ଟ ନିଷ୍ପତ୍ତି ନେଇଥିଲା। ପାମ୍ଫ୍ଲେଟ୍ ଓ ବ୍ୟାନର୍ ମାଧ୍ୟମରେ ପ୍ରଚାର କରି ଗୋଟିଏ ଷ୍ଟଲ୍ ପିଛା ୧୨ ଲକ୍ଷ ୫୧ ହଜାରରେ ଆଗ୍ରହୀ ଦୋକାନୀଙ୍କୁ ଆମନ୍ତ୍ରଣ କରିଥିଲା। ଅଭିଯୋଗକାରୀ କହିଛନ୍ତି ଯେ ସେ ଏ-ବ୍ଲକ୍‌ର ଷ୍ଟଲ୍ ନମ୍ବର ୫ (ପ୍ରାୟ ୮୪୦ ବର୍ଗଫୁଟ୍) ପାଇଁ ସମ୍ପୂର୍ଣ୍ଣ ରାଶି କିସ୍ତିରେ ଦେଇଥିଲେ। ୨୦୧୮ ମସିହାରେ ତାଙ୍କୁ ଷ୍ଟଲ୍‌ର ଦଖଲ ଦିଆଯାଇଥିବା ସହ ଶୀଘ୍ର ରେଜିଷ୍ଟ୍ରି କରାଯିବ ବୋଲି ଆଶ୍ୱାସନ ମିଳିଥିଲା; କିନ୍ତୁ ଗତ କିଛି ବର୍ଷ ଧରି ଅନେକ ଅନୁରୋଧ କରିଥିଲେ ମଧ୍ୟ ଟ୍ରଷ୍ଟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି



କେବଳ ସେ ନୁହେଁ; ଅନ୍ ଦୋକାନୀ ମଧ୍ୟ ସମାନ ସମସ୍ୟାରେ ପଡ଼ିଛନ୍ତି। ରେଜିଷ୍ଟ୍ରି ଦାବି କରିବାକୁ ଯାଉଥିବା ଦୋକାନୀଙ୍କୁ ଟ୍ରଷ୍ଟ ପକ୍ଷରୁ ଧମକ ଦିଆଯାଉଛି। ଟ୍ରଷ୍ଟ ଲୋକଙ୍କୁ ଭ୍ରମିତ କରି ଟଙ୍କା ଗ୍ରହଣ କରିଛି। ଆଇନସମ୍ମତ ମାଲିକାନା ହସ୍ତାନ୍ତର କରୁନି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଘଟଣାର ସଂପୂର୍ଣ୍ଣ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଅନୁରୋଧ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ବାସିନ୍ଦା ଓ ଷ୍ଟଲ୍ ମାଲିକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ଦେଖା ଦେଇଛି।

# ପୁସ୍ତକର କୌଣସି ବିକଳ୍ପ ନାହିଁ



**କଣ୍ଟାବାଞ୍ଜି,୨୩।୪(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଆନୁକୂଲ୍ୟରେ ଆମପଡାସ୍ଥିତ ବିଭୁଦତ୍ତ ସାହୁଙ୍କ ବାସଭବନରେ ବିଶ୍ୱ ପୁସ୍ତକ ଦିବସ ପାଳିତ ହୋଇଯାଇଛି। ପୁସ୍ତକର କୌଣସି ବିକଳ୍ପ ନାହିଁ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ ମହାନ୍ତି ମୁଖ୍ୟ ଅତିଥି, କବି ବିପିନ ବିହାରୀ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭୁଦତ୍ତ ସାହୁ ସଭା ପରିଚାଳନା କରିଥିବାବେଳେ ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବି ବିପିନ ବିହାରୀ ସାହୁଙ୍କୁ ଅନ୍ନଦାନନ୍ଦ ମହାନ୍ତି ସ୍ମୃତି କବି ସମ୍ମାନ ପ୍ରଦାନ କରାଯାଇଥିଲା। ଅଞ୍ଜଳି ମାଝୀଙ୍କ ସଂଯୋଜନାରେ ଆୟୋଜିତ ବହୁଭାଷୀ କବିତା ପାଠରେ କବି ରମେଶ ବେହେରା, ଅନୀତା ତ୍ରିପାଠୀ, ଦୀପା ନାୟକ, ଅନନ୍ତ ଖମାରୀ, ଶ୍ୟାମସୁନ୍ଦର ଗୁରୁ, ନରେନ୍ଦ୍ରେ ସୁନା, ବିନୋଦ ପୁଟେଲ, ରତିନ୍ଦ୍ର ରାଏ, ସଞ୍ଜୀବ ପାଣିଗ୍ରାହୀ, ହେରମ୍ବ ବାଗ, ମୀନା କୁମାରୀ ସାହୁ, ଦୀପାଞ୍ଜଳି ସାହୁ କବିତା ପାଠ କରିଥିଲେ।

# ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ପାଇଁ ଅସୀମ ଏକାଡେମୀର ୪ ଜଣ ଚୟନ

**ବଲାଙ୍ଗିର,୨୩।୪(ସମିସ):** ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ଶୁକ୍ରବାରଠାରୁ ୨୬ ତାରିଖ ରାଜ୍ୟସ୍ତରୀୟ କ୍ୟାଡେଟ ଓ ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବଲାଙ୍ଗିରର ଷ୍ଟେସନ ଛକ ସ୍ଥିତ ଅସୀମ କରାଟେ ଏକାଡେମୀର ଜୟମ ସାହୁ, ଅନିତ ପଧାନ, ପ୍ରିନ୍ସ ପଧାନ ଓ ପ୍ରାଚୀ ବେହେରା ଭାଗ ନେବେ। ଏକାଡେମିର ପ୍ରତିଷ୍ଠାତା ଅସୀମ ଭୋଇ ଏହି ସୂଚନା ଦେଇଛନ୍ତି। ଶ୍ରୀ ଭୋଇଙ୍କ ନେତୃତ୍ୱରେ ଏମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି।




# ବଲାଙ୍ଗିରରେ ଭାରତ ବନ୍ଦ

**ବଲାଙ୍ଗିର,୨୩।୪(ସମିସ):** ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଏବଂ ଓଡ଼ିଶା ଓବିସି-ଏସ୍‌ଟି-ଏସ୍‌ସି ସମନ୍ୱୟ ସମିତି ତରଫରୁ ଡାକରା ଦିଆଯାଇଥିବା ୧୨ ଘଣ୍ଟିଆ ଭାରତ ବନ୍ଦ ପ୍ରଭାବ ବଲାଙ୍ଗିରରେ ଦେଖିବାକୁ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବନ୍ଦ ଡାକରାରେ ଜିଲ୍ଲାର ସାଧାରଣ ଜୀବନ ପ୍ରଭାବିତ ହୋଇଥିଲା। ରାଜ୍ୟ ଓବିସି ଏସ୍‌ଟି ଏସ୍‌ସି ସମନ୍ୱୟ ସମିତି ସଭାପତି ସରୋଜ ମେଶ୍ରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚଳିତ ଜନଗଣନା ୨୦୨୭ରେ ୩୩ଟି ପ୍ରଶ୍ନ ମଧ୍ୟରୁ ୧୨ନମ୍ବର ପ୍ରଶ୍ନରେ ପରିବାର ମୁଖ୍ୟଙ୍କ ଜାତି ଉଲ୍ଲେଖ କରାଯାଇନାହିଁ। ଏଥିରେ ଏସ୍‌ଟି, ଏସ୍‌ସି ଏବଂ ଅନ୍ୟାନ୍ୟ ବର୍ଗ ପାଇଁ ସ୍ଥାନ ରଖାଯାଇଛି; କିନ୍ତୁ ଓବିସି ଏବଂ ସାଧାରଣ ବର୍ଗଙ୍କ ପାଇଁ ଯଥାଯଥ ସ୍ଥାନ ଛଡ଼ା ଯାଇ ନ ଥିବା ଅଭିଯୋଗ ହୋଇଛି। କେନ୍ଦ୍ର ସରକାର ୧୯୩୧ ପରେ ପ୍ରଥମ ଥର ପାଇଁ ୨୦୨୫ ଏପ୍ରିଲ ୩୦ରେ ଜାତି ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଥିଲେ; କିନ୍ତୁ ତାହା ବର୍ତ୍ତମାନ ବାଟବଣା ହୋଇଯାଇଛି। ଓବିସି ସଂରକ୍ଷଣ ମଧ୍ୟ ବାଟବଣା ହୋଇଛି। ସମାନୁପାତିକ ପ୍ରତିନିଧିତ୍ୱ ଅନୁଯାୟୀ ବିଧାନସଭା, ଲୋକସଭା ଏବଂ ତ୍ରିସ୍ତରୀୟ ନିର୍ବାଚନରେ ଓବିସିଙ୍କ ଭାଗିଦାରୀ ନିଶ୍ଚିତ କରାଯାଉ ନାହିଁ। ଶିକ୍ଷା ଓ ଚାକିରିରେ ମୂଳନିବାସୀ ୯୦ ପ୍ରତିଶତ ଲୋକଙ୍କ ପାଖେ ମାତ୍ର ୩୦.୧୯ ପ୍ରତିଶତ ସୁଯୋଗ ରହିଛି। ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଏହି ସମସ୍ୟାକୁ ନେଇ ପୂର୍ବରୁ ସରକାରଙ୍କୁ ଜଣାଇଥିବା ସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ବଲାଙ୍ଗିର ଜିଲ୍ଲା ପ୍ରଶାସନ,



ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ବଣିକ ସଂଘ, ଉଠା ଦୋକାନୀ, ସାଧାରଣ ଦୋକାନ ବଜାର, ବ୍ୟାଙ୍କ, ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମେତ ସମସ୍ତ ସଂଗଠନ ଏହି ବନ୍ଦକୁ ସମର୍ଥନ କରିଥିଲେ। ଜରୁରୀ କାଳୀନ ସେବା, ପରୀକ୍ଷାର୍ଥୀଙ୍କୁ ଏହି ବନ୍ଦରୁ ବାଦ୍ ଦିଆଯାଇଥିଲା। ଏଥିରେ ରାଜ୍ୟ ଓବିସି ମଞ୍ଚ ତରଫରୁ ପରଦେଶୀ ବିଶ୍ୱାଳ, ଶଙ୍କର୍ଷଣ ପ୍ରଧାନ, ଆନନ୍ଦ ପଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଧୁସୂଦନ କ୍ଷେତି, ଶାନ୍ତନୁ ଭୋଇ, ମନୋରଞ୍ଜନ ସାହୁ, ନିକେଶ କୁମ୍ଭାର, ଦିନେଶ ନାଗ, ବିଜୟ ବାରିକ, କୁନା ବାଗ, ସୀତାରାମ କୁମ୍ଭାର, ଅର୍ଜୁନ ମୁଗ୍ରି, ବସୁଦେବ ମୁଗ୍ରି, ବିରେନ୍ଦ୍ର ରାୟ, ନଟରାଜ ନାଗ, ସୁବାସିନୀ ସାହୁ, ବିପିନ କୁଶୁଲିଆ, ସତ୍ୟ ବନଛୋର, ପ୍ରେମାନନ୍ଦ କୁମ୍ଭାର, ସନାତନ ଦୀପ, ସନ୍ତୋଷ ଛତ୍ରିଆ, ଲଳିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ବନ୍ଦକୁ ସଫଳ କରିବାରେ ସହଯୋଗ କରିଥିଲେ।

## ପାଟଣାଗଡ଼ ବ୍ଲକ୍‌ରେ ଆବାସ ଦୁର୍ନୀତି ଘଟଣା

# ତଦନ୍ତ ପାଇଁ ଚିଠି ଲେଖିଲେ ବ୍ଲକ୍ ଅଧ୍ୟକ୍ଷ

**ପାଟଣାଗଡ଼,୨୩।୪(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ଆବାସ ଦୁର୍ନୀତି ଘଟଣାକୁ ନେଇ 'ସକାଳ'ରେ ଲଗାତାର ଖବର ପ୍ରକାଶ ପରେ ସମସ୍ତେ ଭୟଭୀତ। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା କର୍ମଚାରୀଠାରୁ ଅଧିକାରୀ ମହଲରେ ଏବେ ଛନକା ପଶିଛି। ଏହି ଘଟଣାର ତଦନ୍ତ ଦାବି ନେଇ ବ୍ଲକ ଅଧ୍ୟକ୍ଷ ନିଲକାନ୍ତ ବାଗ ବୁଧବାର ତାଙ୍କ ଲେଟରପ୍ୟାଡ଼ ଚିଠି ନଂ ୯ରେ ପାଟଣାଗଡ଼ ଉପଜିଲ୍ଲାପାଳ, ବଲାଙ୍ଗିର ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ, ବଲାଙ୍ଗିର ଭିଜିଲାନ୍ସ ଡ଼ିଏସପି, ଜିଲ୍ଲାପାଳଙ୍କ ପିଏ ବଲାଙ୍ଗିରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ତାଙ୍କ ଅଭିଯୋଗନୁସାରେ ପାଟଣାଗଡ଼ ବ୍ଲକ ଲରମ୍ବା ପଞ୍ଚାୟତର ଜ୍ୟୋସ୍ନା ମାହାରଙ୍କୁ ସରକାରଙ୍କ ତରଫରୁ ୨୦୨୪/୨୫ରେ ୧୬।୬।୨୫ ଦିନ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଘର ତିଆରି ପାଇଁ ଆଦେଶ ନାମା ଦିଆଯାଇଥିଲା। ଘର ତିଆରି ନ ହୋଇ ଦ୍ୱିତୀୟ କିସ୍ତି ଟଙ୍କା ପଡ଼ିଥିବା ଅଭିଯୋଗ ପାଇବା ପରେ ଗତ ୧୮ ତାରିଖ ଦିନ ତଦନ୍ତ ପାଇଁ ଜ୍ୟୋସ୍ନାଙ୍କ ଘରକୁ ଯାଇଥିଲେ। ବିପିସି ରଶ୍ମିରେଖା ବରିହା, ଜିଓ ଟ୍ୟାଗର ଜିବର୍ଦ୍ଧନ ମେହେରଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ଘର ଆଦୌ ନିର୍ମାଣ ନ ହୋଇ ଦ୍ୱିତୀୟ କିସ୍ତି ଟଙ୍କା ୬୫ ହଜାର ଟଙ୍କା ପଡ଼ିଥିବା ସ୍ପଷ୍ଟ ହୋଇଥିଲା। ଏହି ଦୁଇ କର୍ମଚାରୀ ଭୁଲ୍ ହାଇଯାଇଥିବା କହିଥିଲେ। ସେମାନଙ୍କୁ କଡା ତାଗିଦ କରି ସେ ଫେରିଆସିଥିଲେ। ଏହି ଘଟଣାରେ ଜାଣିଶୁଣି ସରକାରୀ ଅର୍ଥ ଆତ୍ମସାତ ପାଇଁ ଯୋଜନା ହୋଇଥିଲା। ଏହି ଦୁର୍ନୀତିରେ ବିପିସି ଶ୍ରୀମତୀ ବରିହା, ଜିଓ ଟ୍ୟାଗର ମେହେର ଓ ତତ୍କାଳୀନ ପିଇଓ ଦେବେନ୍ଦ୍ର ସୁନା ସମ୍ପୂର୍ଣ୍ଣ ଭାବେ ଦାୟୀ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବିଧିବଦ୍ଧ ତଦନ୍ତ ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଅନ୍ୟପଟେ ଅନ୍ତ୍ୟୋଦୟ ଗୃହ ଯୋଜନା ଆପରେ ବୈଷୟିକ ତ୍ରୁଟି ଦର୍ଶାଇ କିଭଳି ମାମଲାକୁ ଚାପି ଦିଆଯିବ ସେଥିପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଜିଓ ଟ୍ୟାଗର ଜିବର୍ଦ୍ଧନ ମେହେର ଦୀର୍ଘ ୮ ମାସ ପରେ ଆପରେ ତ୍ରୁଟି ଥିବା କିଭଳି ଜାଣିଲେ ବୋଲି ପ୍ରଶ୍ନ ଉଠୁଛି। ଏହି ମାମଲାରେ କିଭଳି ଜିଓ ଟ୍ୟାଗର, ବିପିସି ଓ ତତ୍କାଳୀନ ପିଇଓଙ୍କୁ ଘଣ୍ଟ ଘୋଡାଯାଇ ପାରିବ ସେଥିପାଇଁ ଏହି ଯୋଜନା କରାଯାଇଥିବା ଅଭିଯୋଗ ଉଠିଛି। ଏଥିସହ ଜିଓ ଟ୍ୟାଗର ଶ୍ରୀ ମେହେର ମଙ୍ଗଳବାର ବିଡ଼ିଓ ସୁମନ ମିଞ୍ଜଙ୍କୁ ଅନ୍ତ୍ୟୋଦୟ ଆପରେ ତ୍ରୁଟି ଥିବା ଯୋଗୁଁ ଭୁଲରେ ଜିଓ ଟ୍ୟାଗ ହୋଇଯାଇଥିବା ଦର୍ଶାଇଥିଲେ; କିନ୍ତୁ ବିଡ଼ିଓ ଶ୍ରୀ ମିଞ୍ଜ ଆପ୍‌ରେ ପ୍ରକୃତରେ ତ୍ରୁଟି ରହିଛି କି ଏହାର ତଦନ୍ତ କଲେନି। କେବଳ ଲେଖାକୁ ବିଶ୍ୱାସ କରି ୮ ମାସ ପରେ ହିତାଧିକାରୀଙ୍କ ଆକାଉଣ୍ଟ ହୋଲ୍ଡ ପାଇଁ ପାଟଣାଗଡ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଚିଠି ଲେଖିଛନ୍ତି। ଏଣୁ ତାଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜିଛି। ଶୁଣିବାକୁ ମିଳିଛି ଯେ ଏହି ଦୁର୍ନୀତି ମାମଲାରେ ସରକାରୀ ଟଙ୍କା ଆତ୍ମସାତ ପାଇଁ ଡିଲ୍ ହୋଇଥିଲା। ଘର ନିର୍ମାଣ ନ ହୋଇ ପଡ଼ିଥିବା ଦ୍ୱିତୀୟ କିସ୍ତି ଟଙ୍କାକୁ ହିତାଧିକାରୀଙ୍କଠାରୁ ଆଣି ମିଳିମିଶି ଭାଗ ବଣ୍ଟା କରିଛନ୍ତି। ଏଥିସହ ଛାତ ପର୍ଯ୍ୟନ୍ତ ଘର କାମ ହୋଇ ନ ଥିଲେ ଜିଓ ଟ୍ୟାଗ ଆପରେ ଫଟୋ ଅପଲୋଡ଼ ନ ହେବା କଥା। ତେଣୁ ଅନ୍ୟ ଏକ ଘରକୁ ଦେଖାଇ ଏହି ଟଙ୍କା ହଡପ ଲାଗି ମସୁଧା ହୋଇଥିବା ଆଶଙ୍କା କରାଯାଉଛି। ଏହି ଘଟଣାରୁ ସନ୍ଦେହ ଉପୁଜିଛି ଯେ ଲରମ୍ବାରେ ୨୦୨୪/୨୫ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଆବାସ ଯୋଜନାରେ ମଧ୍ୟ ଦୁର୍ନୀତି ହୋଇଥାଇପାରେ। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ଅସଲ ଗୁମର ଫିଟିବ ବୋଲି ବ୍ଲକ୍ ଅଧ୍ୟକ୍ଷ ଦାବି କରିଛନ୍ତି।

# କଟକ ସିଟି



**ଆଠଗଡ଼ ବନୀକରଣ ଦୁର୍ନୀତିରେ ନୂଆ ମୋଡ଼**

# ପ୍ରମାଣ ନଷ୍ଟ ପାଇଁ ପୋଡ଼ାଯାଉଛି ଜଙ୍ଗଲ!

କଟକ/ତିଗିରିଆ,୨୩।୪(ସମିସ):

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଓରିଙ୍ଗା ଓ କୁଲାଇଲୋ ସଂରକ୍ଷିତ ଜଙ୍ଗଲରେ ବନୀକରଣ ନାମରେ ଚାଲିଥିବା ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ହରିଲୁଟ୍ ଘଟଣା ଏବେ ସୀମା ଟପିଛି। ପୂର୍ବରୁ ସକାଳ ଖବର କାଗଜରେ ପ୍ରକାଶିତ "କାଗଜ ପତ୍ରରେ ଗଛ, ପକେଟରେ ଲକ୍ଷ ଲକ୍ଷ ଟଙ୍କା" ଶୀର୍ଷକ ଖବରର ସତ୍ୟତା ଏବେ ତଦନ୍ତରୁ ସ୍ପଷ୍ଟ ହୋଇଛି। ମାତ୍ର ଚିନ୍ତାଜନକ ବିଷୟ ହେଉଛି, ଯେତେବେଳେ ତଦନ୍ତକାରୀ ଦଳ ଗଛ ଗଣତି ପାଇଁ ଜଙ୍ଗଲରେ ପହଞ୍ଚିଥିଲେ, ସେହି ସମୟରେ ଓରିଙ୍ଗା ରେଞ୍ଜରେ ରହସ୍ୟଜନକ ଭାବେ ନିଆଁ ଲାଗିବା ପ୍ରମାଣ ନଷ୍ଟ କରିବାର ଏକ ବଡ଼ ଷଡ଼ଯନ୍ତ୍ର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସହକାରୀ ବନ ସଂରକ୍ଷକ (ଏସିଏଫ) ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ କୁଲାଇଲୋ ବିଟ୍‌ର ଓରିଙ୍ଗା ଜଙ୍ଗଲରେ ତିନି ଦିନ ଧରି ଚାରାରୋପଣ କାର୍ଯ୍ୟର ତଦନ୍ତ କରିଥିଲେ। ମହିଳା ବନରକ୍ଷୀ କରିଥିବା ଲିଖିତ ଅଭିଯୋଗ ସତ୍ୟ ବୋଲି ଜଣାପଡ଼ିଛି। ସରକାରୀ ରିପୋର୍ଟରେ ୨୫ ହେକ୍ଟର ଜମିରେ ୧୨,୫୦୦ ଗଛ ଲଗାଯାଇଥିବା ଏବଂ ଏଥିପାଇଁ ୧୨ ଲକ୍ଷ ୭୬ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା। ମାତ୍ର ବାସ୍ତବରେ ମାତ୍ର ୬,୫୦୦ ଗଛ ଲଗାଯାଇଛି ଏବଂ ସେଥିରୁ କେବଳ ୫,୬୦୦ ଗଛ ବଞ୍ଚିଛି। ବାକି ପ୍ରାୟ ୭ ଲକ୍ଷରୁ ଅଧିକ ଟଙ୍କା ଅଧିକାରୀ ଓ କର୍ମଚାରୀଙ୍କ ପକେଟକୁ ଯାଇଥିବା ସନ୍ଦେହ କରାଯାଉଛି। ଅଭିଯୋଗ ହେଉଛି ଯେ, ଗଛ କମ୍ ଲାଗିଥିବା ଜଣାପଡ଼ିବା ପରେ ନିଜ ଦୋଷ ଲୁଚାଇବା ପାଇଁ ବନ ବିଭାଗ ଗତ ମାର୍ଚ୍ଚ ମାସର ପ୍ରଚଣ୍ଡ ଖରାରେ କୁଲାଇଲୋ ନର୍ସରୀରୁ ଶୁଖିଲା କଇଥ ଚାରା ଆଣି ଶାଳ ଗଛ ମୂଳେ ପୋତି ଦେଇଥିଲା। ଏହି ଚାରାଗୁଡ଼ିକ ଏବେ ସମ୍ପୂର୍ଣ୍ଣ ମରି ସାରିଲାଣି। ଏବେ ଗଛ ଗଣତି ପାଇଁ ନିର୍ଦ୍ଦେଶ ହେବା ପରେ ଜଙ୍ଗଲରେ ନିଆଁ ଲାଗିବା ଏକ ଯୋଜନାବଦ୍ଧ କାର୍ଯ୍ୟ ବୋଲି ଚର୍ଚ୍ଚା ହେଉଛି। ତଦନ୍ତକୁ ବାଟବଣା କରିବା ଏବଂ ଗଛ ପୋଡ଼ି ଯାଇଥିବା ଦର୍ଶାଇ ଘଟଣାକୁ ଚପାଇ ଦେବା ପାଇଁ କିଛି ଦୁର୍ନୀତିଖୋର କର୍ମଚାରୀ ଜାଣିଶୁଣି ନିଆଁ ଲଗାଇଥିବା ଅନୁମାନ କରାଯାଉଛି।

କେବଳ ଓରିଙ୍ଗା ନୁହେଁ, ସଦର ବିଟ୍ ଏବଂ ଖଲଖାଲା ସଂରକ୍ଷିତ ଜଙ୍ଗଲରେ ଖୋଳାଯାଇଥିବା ଟ୍ରେଞ୍ଚ୍‌ରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ସାମ୍ନାକୁ ଆସିଛି। ସବୁଠାରୁ ଦୁର୍ଭାଗ୍ୟର ବିଷୟ, ଯେଉଁ କର୍ମଚାରୀମାନେ ଏହି ଦୁର୍ନୀତି ବିରୋଧରେ ସ୍ୱର ଉଠାଉଛନ୍ତି, ସେମାନଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ବଦଳିର ଧମକ ଦିଆଯାଉଛି। ବନ ବିଭାଗ ସରକାରୀ କାଗଜପତ୍ରରେ ଚଞ୍ଚକତା କରି ସତ୍ୟକୁ ଲୁଚାଇବାକୁ ବସିଥିବା ବେଳେ ପିସିସିଏଫ୍ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ତଦନ୍ତ ରିପୋର୍ଟ ଉପରେ ଏବେ ସମସ୍ତଙ୍କ ନଜର। ଜଙ୍ଗଲ ନିଆଁ ପଛର ପ୍ରକୃତ କାରଣ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି।




**ତଦନ୍ତ ବେଳେ ଓରିଙ୍ଗା ଜଙ୍ଗଲରେ ଲାଗିଲା ନିଆଁ**

**ବନରକ୍ଷୀଙ୍କ ଅଭିଯୋଗ ସତ୍ୟ ପ୍ରମାଣିତ**

**୧୨,୫୦୦ ବଦଳରେ ମିଳିଲା ମାତ୍ର ୬,୫୦୦ ଗଛ**

**କାଗଜପତ୍ର ଜାଲିଆତି କରି ସତ ଲୁଚାଉଛି ବନବିଭାଗ**

**କଟକରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ**

# ଜିଲ୍ଲାର ସମସ୍ତ କଲେଜ, ବିଦ୍ୟାଳୟ ଓ ଅଙ୍ଗନବାଡ଼ି ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ

**କଟକ,୨୩।୪(ସମିସ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ କଲେଜ ଗୁଡିକୁ ପୁଣି ବନ୍ଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ଅପ୍ରେଲ ମାସ ୨୪, ୨୫ ଓ ୨୭ ତାରିଖକୁ ଛୁଟି ଘୋଷଣା କରାଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ପାଠ୍ୟକ୍ରମ ଶେଷ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଅନଲାଇନ କ୍ଲାସ କରିପାରିବେ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜ ଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ। ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ପ୍ରାତଃ ଘ ୬ଟା ୩୦ମି ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ଓ ପରେ ୨୦ ତାରିଖରୁ ଛୁଟି ଘୋଷଣା କରାଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ହାଇକୋର୍ଟରେ କଟକ ସହରର ସମସ୍ୟା**

# ଜୁନ୍ ୧୬ ସୁଦ୍ଧା ଡ୍ରେନେଜ ପ୍ରକଳ୍ପ ପାଇଁ ହେବ ଟେଣ୍ଡର

**କଟକ୨୩।୪(ସମିସ):** କଟକ ସହରର ବିଭିନ୍ନ ନାଳ ସଫେଇ, ସୌନ୍ଦର୍ଯ୍ୟକରଣ ଏବଂ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ବିଚାରପତି କେ.ଆର. ମହାପାତ୍ର ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସହରର ପ୍ରମୁଖ ସମସ୍ୟାଗୁଡ଼ିକ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସହରର ଡ୍ରେନେଜ ପ୍ରକଳ୍ପ ଟେଣ୍ଡର ପ୍ରକ୍ରିୟା ପାଇଁ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରକଳ୍ପର ଚୂଡ଼ାନ୍ତ ଡିଜାଇନକୁ ଅନୁମୋଦନ ମିଳିସାରିଛି। ଆସନ୍ତା ଜୁନ୍ ୧୬ ତାରିଖ ସୁଦ୍ଧା ଏଥିପାଇଁ ଟେଣ୍ଡର ଆହ୍ୱାନ କରିବାକୁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ଭବନରେ ଡ୍ରେନେଜ୍ ସମସ୍ୟା ଯୋଗୁଁ ଆଗାମୀ ମୌସୁମୀ ସମୟରେ ପରିସ୍ଥିତି ଭୟାବହ ହୋଇପାରେ ବୋଲି କୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଥିପାଇଁ ୱାଟକୋ ଏବଂ ପୂର୍ତ୍ତ ବିଭାଗକୁ ମିଳିତ ଭାବେ ସମାଧାନର ପନ୍ଥା ବାହାର କରି ମେ' ୧୪ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସେହିପରି ଶିଶୁ ଭବନରେ ଲାଗିଥିବା ସିଟି ସ୍କାନ୍ ମେସିନର ପଞ୍ଜିକରଣ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଶିଶୁ ଭବନରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ତାଗିଦ**

## ସତ୍ୟବ୍ରତ ଷ୍ଟାଡିୟମରେ ମୌଳିକ ସୁବିଧା

ସତ୍ୟବ୍ରତ ଷ୍ଟାଡିୟମରେ ପାନୀୟ ଜଳ ଏବଂ ଶୌଚାଳୟ ସୁବିଧା ପାଇଁ ୱାଟକୋ ଏବଂ ସିଏମସି ମିଳିତ ଭାବେ କାର୍ଯ୍ୟ କରିବେ। ଆସନ୍ତା ମେ' ୧୪ ତାରିଖରେ ଏହି ପ୍ରକଳ୍ପର ଏକ ଥ୍ରୀ ଡି ପ୍ରେଜେଣ୍ଟେସନ କୋର୍ଟରେ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ମିଳିଛି।

## ପେଟାନାଳ ସଫେଇ, କୃଷକ ବଜାର ସମସ୍ୟା

ପେଟାନାଳ ସଫେଇ କାମ ଆରମ୍ଭ ହୋଇଥିବା ବେଳେ ଏବେ ମେସିନ ମଧ୍ୟ ଲଗାଯିବ। ନାଳରେ ଯେପରି ସିଧାସଳଖ ଅଳିଆ ଆବର୍ଜନା ନ ପଡ଼ିବ, ସେଥିପାଇଁ ତାରଜାଲି ବାଡ଼ ଲଗାଇବାକୁ କୁହାଯାଇଛି। କୃଷକ ବଜାରର ଉନ୍ନତିକରଣ ନେଇ ମେ' ୭ ତାରିଖରେ ସିଏମସି କମିଶନର ଏବଂ ୱାଟକୋ ପରିଚାଳନା ନିର୍ଦ୍ଦେଶକ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଜିଲ୍ଲାରେ ଜନଗଣନା କାର୍ଯ୍ୟ ତ୍ୱରାନ୍ୱିତ

**ସାମିଲ ହେଲେଣି ୬.୩୮ ଲକ୍ଷ ପରିବାର, ୪.୫୩ ଲକ୍ଷ ଗୃହ**

**କଟକ,୨୩।୪(ସମିସ):** ୨୦୨୭ ଜନଗଣନାକୁ ସ୍ୱଚ୍ଛ, ସଠିକ୍ ଏବଂ ସୂଚାରୁରୂପେ ସମ୍ପାଦନ କରିବା ଲକ୍ଷ୍ୟରେ ଜିଲ୍ଲାରେ ଗୃହ ଗଣନା କାର୍ଯ୍ୟ ଜାରି ରହିଛି। ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ କମଲଜିତ୍ ଦାସଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖରେ ଏହି କାର୍ଯ୍ୟ ସଫଳତାର ସହ ତ୍ୱରାନ୍ୱିତ ହେଉଛି। ଜିଲ୍ଲାରେ ମୋଟ ୩୮୦୭ ଜଣ ଗଣନାକାରୀ ଓ ୬୨୫ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି। ଏପ୍ରିଲ ୨୨ ତାରିଖ ସଂଧ୍ୟା ସୁଦ୍ଧା ଜିଲ୍ଲାରେ ୪,୫୩,୯୯୫ଟି (ବିଲଡିଂ) ଗୃହ ଗଣନା କରାଯାଇଥିବା ବେଳେ ୬,୩୮,୦୦୯ଟି ସେନସସ୍ ହୋମ୍ (ପରିବାର) ଗଣନା ସଫଳତାର ସହ ସମ୍ପନ୍ନ ହୋଇଛି। ପ୍ରତି ଗଣନାକାରୀ ଅତି କମରେ ୧୭୦ଟି ଘରରୁ ୨୦୦ରୁ ଅଧିକ ଘର ପର୍ଯ୍ୟନ୍ତ ଗଣନା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ଗଣନାକାର୍ଯ୍ୟ ଚାଲିବ। ସାଧାରଣ ଲୋକ ଗଣନାକାରୀଙ୍କୁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ବଜ୍ରକବାଟିରେ ଥଣ୍ଡା ପାନୀୟଜଳ ବିତରଣ କେନ୍ଦ୍ର

**କଟକ,୨୩।୪(ସମିସ):** ସାଆନ୍ତସାହି ଓ ବଜ୍ରକାବାଟିଠାରେ କଟକ ମହାନଗର ନିଗମ ତରଫରୁ ଉକ୍ତ ୱାର୍ଡର କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ଏକ ଥଣ୍ଡା ପାନୀୟ ଜଳ ଓ ଦହି ପାଣି ବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଇଷ୍ଟ କୋଷ୍ଟ ରେଲୱେ ବୋର୍ଡର ଉପଦେଷ୍ଟା ଡ଼ଃ ରଞ୍ଜନ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାଆନ୍ତ ସାହି ଅଧିକାରୀ ସଦୟବୋଷ ଓ ସମ୍ପାଦକ ଦୟାନିଧି ରାଉତ, ସିଏମସି ଯନ୍ତ୍ରୀ ନୟନ ଖାନ, ଦିଲୀପ ସ୍ୱାଇଁଙ୍କ ସମେତ ଗ୍ରାମର ବହୁ ମୁରବୀ ଓ ଯୁବକ ଯୋଗଦାନ କରି ଏହି ଶିବିରକୁ ସଫଳ କରିଥିଲ। ଗ୍ରୀଷ୍ମଦିନ ଦେଢ଼ ମାସ ପ୍ରତିଦିନ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କର୍ପୋରେଟର ଦୀପ୍ତମୟୀ ମୂଳିଆ ସୂଚନା ଦେଇଛନ୍ତି।




# ବିଜେପି ଯୁବମୋର୍ଚ୍ଚାର 'ଜନ-ଆକ୍ରୋଶ' ଯୁବ ବିକ୍ଷୋଭ ସମାବେଶ

**କଟକ,୨୩।୪(ସମିସ):** କଟକ ନଗର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜନ-ଆକ୍ରୋଶ ଓ ଯୁବ ବିକ୍ଷୋଭ ସମାବେଶ ଆୟୋଜନ କରାଯାଇଥିଲା।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଗତ ଐତିହାସିକ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଏବଂ ଇଣ୍ଡିମେଣ୍ଟ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯିବାକୁ ନେଇ ସାରା ଭାରତ ବର୍ଷରେ ବିଜେପି ଯୁବମୋର୍ଚ୍ଚା ଦ୍ୱାରା ପ୍ରତିବାଦ ଓ ବିକ୍ଷୋଭ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଆଶୁତୋଷ ଦାସଙ୍କ ନେତୃତ୍ୱରେ କଟକ କନିକା ଛକଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ ହୋଇ ଶୈଳବାଳା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏହି ଅଭିନବ ପ୍ରତିବାଦ ଶୋଭାଯାତ୍ରାରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡଗେ, ମମତା ବାନାର୍ଜୀ ଏବଂ ଅଖିଳେଶ ଯାଦବଙ୍କର ଏକ ପ୍ରତୀକାତ୍ମକ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ୩୩ଟି ଖାଲି ଚେୟାର ମହିଳାଙ୍କ ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା। ଏହି ଜନଆକ୍ରୋଶ ଓ ଯୁବ ବିକ୍ଷୋଭ ପ୍ରତିବାଦ ସଭାରେ ଯୁବମୋର୍ଚ୍ଚା ରାଜ୍ୟ ସେଲ୍ ଇନଚାର୍ଜ ସୌମ୍ୟଜିତ ମହାପାତ୍ର ଏବଂ ଅନ୍ୟତମ ରାଜ୍ୟ ସଂଯୋଜକ ସୁବ୍ରତ କୁମାର ଶତପଥୀ ଉପସ୍ଥିତ ଥିଲେ। ନାରୀ ଅଧିକାର ପାଇଁ ଏକାଠି ହୋଇଥିବା ଯୁବମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଆଶିଷକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅସୀମ ଅମିତାଭ ମହାନ୍ତି, ମନୋଜିତ ଦାସ, ସଞ୍ଜୟ ସିଂହ, ଅବିନାଶ ନାୟକ, ରଶ୍ମିପ୍ରଭା ସାହୁ, ରୋଜାଲିନ ଦାସ, ପାୟଲ ପଟ୍ଟନାୟକ, ରିତିକା ବାରିକ, ଲିଜା ସାହୁ, କାବ୍ୟ ପ୍ରସାଦ, ସୁରଜ ଦାସ, ଅବିନାଶ ନାୟକ, ଦେବଦତ୍ତ ଦାସ, ସୁଶୀଲ ନାୟକ, ଚନ୍ଦନ ରାଉତ, ସୁଶାନ୍ତ ଦାସ, ଶେଖ ନସିମ, ଅଭିରାମ ଲେଙ୍କା, ବଦ୍ରିନାରାୟଣ ସାହୁ, ସ୍ମୃତି ରଞ୍ଜନ ମହାନ୍ତି, ପ୍ରେମବ୍ରତ ଦଳାଇ, ଜଗମୋହନ ଜେନା, ଦୀପକ ସାହୁ ଓ ସୌମ୍ୟରଞ୍ଜନ ସ୍ୱାଇଁ, ସଂଜୀବ ସାହୁ, ବାପୁଜି କର, ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ସଂଯୋଜନା କରିଥିଲେ।



# ଶ୍ରମିକଙ୍କ ଏଲ୍‌ପିଜି ସୁରକ୍ଷା ପ୍ରଶିକ୍ଷଣ ଶିବିର




**କଟକ,୨୩।୪(ସମିସ):** ଚୌଦ୍ୱାର କଳିଙ୍ଗଛକସ୍ଥିତ ମା' ଅମ୍ବିକା ଏଚପି ଗ୍ୟାସ୍ ଏଜେନ୍ସି ପକ୍ଷରୁ ସ୍ଥାନୀୟ ଏସସିବି ମେଡିକାଲ ପରିସରରେ କାର୍ଯ୍ୟରତ ଶ୍ରମିକମାନଙ୍କ ନିମନ୍ତେ ଏକ ସୁରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଶ୍ରମିକମାନଙ୍କୁ ୫କିଲୋଗ୍ରାମ ବିଶିଷ୍ଟ ଏଲପିଜି ଗ୍ୟାସ୍ ସିଲିଣ୍ଡରର ସୁରକ୍ଷିତ ଉପଯୋଗ ସମ୍ପର୍କରେ ସବିଶେଷ ସଚେତନ କରାଯାଇଥିଲା। ଏଥିରେ ସେଲ୍ସ ଏରିଆ ମ୍ୟାନେଜର ଶ୍ରୀରାଜ ମନୁ ଓ ଏଜେନ୍ସିର ପ୍ରୋପ୍ରାଇଟର ପ୍ରିୟମ୍ବଦା ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ୟାସ ଏଜେନ୍ସିର କର୍ମକର୍ତ୍ତା ପ୍ରଦିପ୍ତ ପଣ୍ଡା, କାର୍ତ୍ତିକ ଚୌଧୁରୀ, କୈଳାସ ମୁଦୁଲି ଓ କାଳିଆ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଲଆଣ୍ଡଟି ଏସସିବି ମେଡିକାଲ ପ୍ରୋଜେକ୍ଟ ପକ୍ଷରୁ ବି.ବି. ରାୟ, କମଲେଶ ମିଶ୍ର, ଅଭିମନ୍ୟୁ ପଣ୍ଡା ଓ ନୟନ ନନ୍ଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥିଲେ।

**ଚା' ଓ ଷ୍ଟେସନାରୀ ଦୋକାନରେ ଅଗ୍ନିକାଣ୍ଡ**

# ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣରେ ଥରିଲା ବାଲିସାହି

**କଟକ, ୨୩।୪ (ସମିସ):** ନୂଆପଡା ବାଲିସାହି ବସ୍ତି ନିକଟରେ ଅଗ୍ନିକାଣ୍ଡ ଘଟି ଏକ ଚା' ଓ ଷ୍ଟେସନାରୀ ଦୋକାନ ସମ୍ପୂର୍ଣ୍ଣ ପୋଡିଯାଇଛି। ପ୍ରଥମେ ଦୋକାନରେ ନିଆଁ ଲାଗିଯାଇଥିଲା। ଏହାପରେ ଚା' କରାଯିବା ପାଇଁ ଦୋକାନରେ ରଖାଯାଇଥିବା ୨ଟି ଏଲପିଜି ସିଲିଣ୍ଡର ହଠାତ୍ ଫାଟିଯାଇଥିଲା। ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳ ଥରି ଉଠିଥିଲା। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନାହାନ୍ତି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରୁ ବଡ ଧରଣର ଅଘଟଣ ଆଶଙ୍କା ଟଳି ଯାଇଥିଲା। ତେବେ ଜାଣିଶୁଣି କେହି ନିଆଁ ଲଗାଇଦେଇଥିବା ସନ୍ଦେହ କରି ଦୋକାନ ମାଲିକ ମଧୁପାଟଣା ଥାନାରେ ଏତଲା ଦେଇଛନ୍ତି। ପୁଲିସ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଫୁଟେଜ୍ ଆଣି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛି।

ନୂଆପଡା ବାଲିସାହି ବସ୍ତି ସମ୍ମୁଖରେ ସ୍ଥାନୀୟ ଅଞ୍ଚଳର ବଳରାମ ସେଠୀ ଏକ ଚା' ଦୋକାନ କରିଛନ୍ତି। ଦୋକାନରେ ଚା' ସହିତ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବିକ୍ରି କରିଥାଆନ୍ତି। ପୂର୍ବଭଳି ଗୁରୁବାର ଦିନ ପ୍ରାୟ ୧ଟା ୧୫ ସମୟରେ ବଳରାମ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପ୍ରାୟ ସାଢେ ୧ଟା ବେଳେ ତାଙ୍କ ଦୋକାନ ପାଖରେ ଥିବା ଅନ୍ୟ ଜଣେ ଦୋକାନୀ ବଳରାମଙ୍କ ଦୋକାନ ତଳେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ବଳରାମଙ୍କୁ ସୂଚନା ଦେବା ସହିତ ନିଜେ ବାଲଟିରେ ପାଣି ନେଇ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ମାଲିକ ବଳରାମ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡି ଆସି ପହଞ୍ଚିଲା ବେଳକୁ ଦୋକାନ ଭିତରେ ଚା' ପାଇଁ ରଖାଯାଇଥିବା ୨ଟି ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା। ବିସ୍ଫୋରଣରେ ଦୋକାନ ଭିତରୁ ନିଆଁ ହୁଳା ଉଡି ପାଖ ଦୋକାନ ଉପରେ ପଡିଥିଲା। ଅଗ୍ନିଶମ ଟିମ ପାଣି ପକାଇ ନିଆଁ ଲିଭାଇଲା ବେଳକୁ ଦୋକାନ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଦୋକାନ ଭିତରେ ଥିବା ସମସ୍ତ ଜିନିଷ, କୋଲ୍ଡ ଡ୍ରିଙ୍କସ ପାଇଁ ଦୁଇଟି ଫ୍ରିଜ ଓ ଆଇସକ୍ରିମ ପାଇଁ ଥିବା ଗୋଟିଏ ଫ୍ରିଜର ପୋଡିଯାଇଥିଲା। ଦୋକାନ ଭିତରେ ବଳରାମଙ୍କର ଆବଶ୍ୟକୀୟ କାଗଜପତ୍ର, ବୀମା କାଗଜପତ୍ର, ଦିନରେ ବିକ୍ରି ହୋଇ ରଖାଯାଇଥିବା ସମସ୍ତ ଟଙ୍କା ପୋଡିଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଏହା କୌଣସି ସଟସର୍କିଟ ଘଟଣା ନୁହେଁ ବରଂ କେହି ଷଡଯନ୍ତ୍ର କରି ଦୋକାନରେ ନିଆଁ ଲଗାଇ ଦେଇଥିବା ବଳରାମ ଅଭିଯୋଗ କରିଛନ୍ତି। 'ଦୋକାନ ବନ୍ଦ କରିଯିବାର ମାତ୍ର ୧୫ ମିନିଟ ପରେ ନିଆଁ ଲାଗିଥିବାରୁ ଏଭଳି ସନ୍ଦେହ କରାଯାଉଛି।

**୧୦ ଲକ୍ଷର ସମ୍ପତ୍ତି ନଷ୍ଟ; ଥାନାରେ ଏତଲା**

# ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ପାଇଲେ 'ଚେଲିତୋଳ ପୁରସ୍କାର'

**ଚେଲିତୋଳ କଲ୍‌ଚରାଲ ଏକାଡେମୀର ୩୫ ତମ ବାର୍ଷିକ ଉତ୍ସବ**

କଟକ,୨୩।୪(ସମିସ):

ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନ ଠାରେ ଚେଲିତୋଳ କଲ୍‌ଚରାଲ ଏକାଡେମୀର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖ୍ୟାତନାମା ଆଇନଜ୍ଞ ତଥା ଓଡିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ 'ଚେଲିତୋଳ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ରୌପ୍ୟ ନିର୍ମିତ ବୋଇତ, ଉପଢ଼ୌକନ, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସେହିଭଳି କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କୁ 'ନାରାୟଣ ବୀରବର ସାମନ୍ତ ସେବା ସମ୍ମାନ', ପ୍ରଫେସର ଡା. ନଟବର ପତିଙ୍କୁ 'ଚେଲିତୋଳ ସ୍ୱାସ୍ଥ୍ୟସେବା ସମ୍ମାନ', ଶ୍ରୀମତୀ ନନ୍ଦିତା ପଣ୍ଡାଙ୍କୁ 'ଚେଲିତୋଳ ସେବା ସମ୍ମାନ', ଡା. ଜୟଶ୍ରୀ ମହାନ୍ତିଙ୍କୁ 'ବିଷ୍ଣୁପ୍ରିୟା ସ୍ୱାସ୍ଥ୍ୟସେବା ସମ୍ମାନ', ତପନ କୁମାର ଦାସଙ୍କୁ 'ମାଧବାନନ୍ଦ ପରିଜା ସେବା ସମ୍ମାନ', ପ୍ରଦୀପ୍ତ କିଶୋର ଖୁଣ୍ଟିଆଙ୍କୁ 'ଚେଲିତୋଳ ସେବା ସମ୍ମାନ', ନିରଞ୍ଜନ ଛାଟୋଇଙ୍କୁ 'ଚେଲିତୋଳ କାବ୍ୟ କବିତା ସମ୍ମାନ', ପୀତାମ୍ବର ମହାପାତ୍ରଙ୍କୁ 'ସାରଳା ସାହିତ୍ୟ ସମ୍ମାନ', ପ୍ରିୟତମା ସାହୁଙ୍କୁ 'ଚେଲିତୋଳ ଶିକ୍ଷାବିତ୍ ସମ୍ମାନ', ବିମଳକାନ୍ତ ମହାପାତ୍ରଙ୍କୁ 'ନୀନା ନୀରଦ ଚେଲିତୋଳ ସେବା ସମ୍ମାନ', ତପନ କୁମାର ମହାନ୍ତିଙ୍କୁ 'ଚେଲିତୋଳ ନାଟ୍ୟ ସମ୍ମାନ', ବ୍ରହ୍ମାନନ୍ଦ ମହାନ୍ତିଙ୍କୁ 'ରାଜ କିଶୋର ସ୍ୱାଇଁ ଚେଲିତୋଳ ସେବା ସମ୍ମାନ', ଶୈବାଳିନୀ ସାହୁଙ୍କୁ 'ଜେନାମଣି ସାରସ୍ୱତ ସମ୍ମାନ', ଡଃ ରଘୁନାଥ ସାହୁଙ୍କୁ 'ରାମଚନ୍ଦ୍ର ଦଳାଇ ଚେଲିତୋଳ ସାରସ୍ୱତ ସମ୍ମାନ', ମାନସୀ ସ୍ୱାଇଁଙ୍କୁ 'ବସନ୍ତ ପୃଷ୍ଟି ଚେଲିତୋଳ ସାରସ୍ୱତ ସମ୍ମାନ', ସୌଭାଗିନୀ ରାୟଙ୍କୁ 'କୃଷ୍ଣଚନ୍ଦ୍ର ଶିକ୍ଷାବିତ୍ ସମ୍ମାନ', ଅଧ୍ୟାପିକା ମେଘମାଳା ସ୍ୱାଇଁଙ୍କୁ 'ଚେଲିତୋଳ ଶିକ୍ଷାବିତ୍ ସମ୍ମାନ' ଏବଂ ସୁଶ୍ରୀ ଜ୍ୟୋତିଶିଖା ଦାସଙ୍କୁ 'ବାଇକୋଳି ଶତପଥୀ ଶିକ୍ଷା ସମ୍ମାନ' ପ୍ରଦାନ କରାଯାଇଥିଲା।

ମୁଖ୍ୟ ଅତିଥି ଜଷ୍ଟିସ ମିଶ୍ର ଉତ୍କଳର ନୌବାଣିଜ୍ୟ ଉପରେ ଆଲୋଚନା କରିବା ସହିତ ଏକାଡେମୀ ଚଳିତ ବର୍ଷର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଥିବାରୁ ସେ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଜଷ୍ଟିସ ଶତପଥୀ ସମ୍ବର୍ଦ୍ଧନାର ଉତ୍ତରରେ ଅତୀତ ଉତ୍କଳର ଐତିହ୍ୟ ପରଂପରା ଜାଗ୍ରତ କରିବାରେ ଏକାଡେମୀର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏକାଡେମୀର ପ୍ରତିଷ୍ଠାତା ସଭାପତି ତଥା କାର୍ଯ୍ୟକ୍ରମ ମୁଖ୍ୟ ଡଃ ଙ୍ଗ ପ୍ରଭାକର ସ୍ୱାଇଁ ଚେଲିତୋଳ ବନ୍ଦର ସଂପର୍କରେ ଆଲୋକପାତ କରିଥିଲେ। ଏକାଡେମୀର ସଭାପତି ଡା. ନିମାଇଁ ଚରଣ ପରିଜା ପ୍ରାରମ୍ଭିକ ସୂଚନା ଓ ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡା. ନିରଂଜନ ତ୍ରିପାଠୀ ସ୍ୱାଗତ ଭାଷଣ ରଖିଥିଲେ। ପ୍ରାରମ୍ଭରେ ଏକାଡେମୀର ସଂପାଦକ କୈଳାଶ ଚନ୍ଦ୍ର ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟକାର ସଂଜିତ ପଟ୍ଟନାୟକ ମାନପତ୍ର ପାଠ କରିଥିବା ବେଳେ ସହ ସଂପାଦକ ବିଭୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଶାସକ ଉମେଶ ଚନ୍ଦ୍ର ଦଳାଇ, ବିଶ୍ୱରଂଜନ ମହାପାତ୍ର, ରମାକାନ୍ତ ପ୍ରଧାନ, କବୀ ଗୋପାଦାସ, ସରୋଜିନୀ ରାଉତରାୟ, କବୀ କାନ୍ତିବାଳା ନାୟକ, ବ୍ରଜକିଶୋର ବେଉରା ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ / ଜଳିଗଲା ୩ ବଖରା ଘର, ୨ ଆହତ

ପରଜଙ୍ଗ,୨୩।୪(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବାରିହାପୁର ଗାଁରେ ଗୁରୁବାର ଗ୍ୟାସ ସିଲିଣ୍ଡର ପାଇପ ଫାଟିଯିବାରୁ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳଘର ପୋଡ଼ିଯାଇଛି। ଏଥିସହ ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗାଁର ପ୍ରବୀଣ ସାହୁ ଓ ରମେଶ ସାହୁ। ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗାଁର କୁଳମଣି ସାହୁ, ତ୍ରିନାଥ ସାହୁ ଏବଂ ଉଚ୍ଛବ ସାହୁଙ୍କର ଗୋଟିଏ ଲେଖାଏଁ ବଖରା ପୋଡ଼ିଯାଇଛି। ଘରେ ଥିବା ଧାନ, ଚାଉଳ, ଆସବାବପତ୍ର, ଦରକାରୀ କାଗଜପତ୍ର, ବୈଦ୍ୟୁତିକ ସାମଗ୍ରୀ, ପୋଷାକ ପୋଡ଼ିଯାଇଛି। ତୁରନ୍ତ ବିପନ୍ନ ପରିବାରକୁ ସହାୟତା ଯୋଗେଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ତ୍ରିନାଥ ସାହୁଙ୍କ ଘରେ ଗ୍ୟାସ ସାହାଯ୍ୟରେ ରୋଷେଇ ହେଉଥିବା ବେଳେ ପାଖରେ ଏକ କାଠ ଚୁଲିରେ ମଧ ରୋଷେଇ ହେଉଥିଲା। ହଠାତ୍ କାଠ ଚୁଲିରୁ ନିଆଁ ଲାଗି ଗ୍ୟାସ ପାଇପ୍ ଜଳିଯିବା ସହ ଘରେ ନିଆଁ ଲାଗିଥିଲା। ଏହି ସମୟରେ ପଡ଼ୋଶୀ ରମେଶ ଗ୍ୟାସ ବନ୍ଦ କରିବାକୁ ଘର ଭିତରକୁ ପ୍ରବେଶ କରିଥିବା ବେଳେ ନିଆଁ ଝୁଲ ପଡ଼ି ସେ ଆହତ ହୋଇଛନ୍ତି। ଏହା ଦେଖି ପଡ଼ୋଶୀ ପ୍ରବୀଣ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ ସୁଦ୍ଧା ସେତେବେଳକୁ ସବୁ ପୋଡ଼ିଯାଇଥିଲା।



# ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍



ଗଁଦିଆ,୨୩।୪(ସମିସ): ଗଁଦିଆ ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତ ପୁରୁଣା ଅମାଙ୍ଗ ଗ୍ରାମରେ ଅବସ୍ଥାପିତ ମା' ସିଦ୍ଧ ରାମଚଣ୍ଡୀଙ୍କ ମନ୍ଦିରରୁ ବୁଧବାର ରାତ୍ରିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ମନ୍ଦିର ମୁଖ୍ୟ ଦ୍ୱାରା ଭାଙ୍ଗି ମା'ଙ୍କର ଦୁଇଟି ରୁପା ମୁକୁଟ, ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନା ଆଖି, ଟିକିଲି ସହ ଏକ ହାର ଲୁଟ ହୋଇଥିବା ଜଣାପଡ଼ିଛି। ସକାଳେ ଗ୍ରାମର ଶ୍ରଦ୍ଧାଳୁ ମନ୍ଦିରକୁ ଆସିବା ବେଳେ ମୁଖ୍ୟ ଦ୍ୱାରା ଖୋଲା ଥିବା ଦେଖି ସେଠାରେ ରହୁଥିବା ବାବାଙ୍କୁ ଜଣାଇଥିଲେ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିହଲପ୍ରସାଦ ଥାନାରେ ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କୁ ଧରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଛି।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ମାର୍ଚ୍ଚରେ ୫୭ ଦୁର୍ଘଟଣା, ୨୧ ମୃତ

ଢେଙ୍କାନାଳ,୨୩।୪(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ମାର୍ଚ୍ଚ ମାସରେ ଜିଲ୍ଲାରେ ୫୭ଟି ଦୁର୍ଘଟଣା ଘଟିଥିବା ବେଳେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସମସ୍ତ ରାସ୍ତା ଡିଭାଇଡର ସ୍ଥାନରେ ଆବଶ୍ୟକ ଚିହ୍ନ ଫଳକ ଲଗାଇବା, ସମସ୍ତ ହମ୍ପସକୁ ଧଳାରଙ୍ଗରେ ଚିହ୍ନିତ କରିବା, ସାଇନେଜ ଲଗାଇବା ଏବଂ ସ୍କୁଲ ଓ ଦୁର୍ଘଟଣା ପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଓ ବାରିକେଡିଂ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲାକସ୍ପଟଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। କଲେଜ ବାଇପାସଠାରୁ କୋରିଆଁ ଛକ ପର୍ଯ୍ୟନ୍ତ ଆଲୋକୀକରଣ କାର୍ଯ୍ୟ ଶୀଘ୍ର ସାରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।



## ଅନୁଗୋଳରୁ ଆଠଗଡ଼ ଦେଇ ଖୁଣ୍ଟୁଣୀ ରାସ୍ତାକୁ ୬୫୫ନଂ ରାଜ୍ୟ ରାଜପଥ ମାନ୍ୟତା

କଲେଜ ବାଇପାସସ୍ଥିତ ଡ୍ରେନ କାର୍ଯ୍ୟ ଓ ଫ୍ଲାଏଓଭର ତଳ ବାଇପାସ ରାସ୍ତାକୁ ତୁରନ୍ତ ଶେଷ କରିବାକୁ କହିଥିଲେ। ଦୁର୍ଘଟଣା ରୋକିବା ପାଇଁ ଜିରିଡ଼ାମାଳି, କାମାକ୍ଷାନଗର, ଭୁବନ କାଳୀବଜାର, କୁରୁମଟାଙ୍ଗର ଆଦି ଛକରେ କଙ୍କ୍ରିଟ ବ୍ଲକ୍ ରଖି ଗାଡ଼ି ଗତି ନିୟନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ବସଷ୍ଟାଣ୍ଡ ପରିସରରେ ବସ ଯାତାୟାତର ସମୟ ନିର୍ଘଣ୍ଟ ଥିବା ସ୍ଥାୟୀ ଫଳକ ଲଗାଇବାକୁ ଜିଲ୍ଲାପାଳ କହିଥିଲେ। ଅନୁଗୋଳରୁ ଆଠଗଡ଼ ଦେଇ ଖୁଣ୍ଟୁଣୀ ପର୍ଯ୍ୟନ୍ତ ପ୍ରାୟ ୧୦୦ କିମି ରାସ୍ତାକୁ ୬୫୫ନଂ ରାଜ୍ୟ ରାଜପଥ ମାନ୍ୟତା ପ୍ରଦାନ କରାଯାଇଥିବା ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ନାୟକ ସୂଚନା ଦେଇଛନ୍ତି। ମାର୍ଚ୍ଚରେ ୫୭ ଦୁର୍ଘଟଣା ଘଟି ମୋଟ ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୩ ଜଣ ଆହତ ହୋଇଛନ୍ତି। ଗତବର୍ଷ ମାର୍ଚ୍ଚ ସୁଦ୍ଧା ରାସ୍ତା ଦୁର୍ଘଟଣାରେ ୬୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ୫୧ ଜଣଙ୍କ ମୃତ୍ୟୁ ହୋଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି। ଯାଞ୍ଚ ସମୟରେ ୯୨ ଜଣ ମଦ୍ୟପ ଗାଡ଼ି ଚାଳକ, ୮୯ଟି ୨ ଚକିଆ ଗାଡ଼ିରେ ୩ ଜଣିଆ ଯାତ୍ରୀ, ୩୬୦ ଜଣ ମୋବାଇଲ ବ୍ୟବହାରକାରୀ, ୩୮୧ ବିନା ସିଟବେଲଟ ପିନ୍ଧା ଗାଡ଼ି ଚାଳକ ଏବଂ ୧୧୮୯ ଜଣ ବିନା ହେଲମେଟ ଗାଡ଼ି ଚାଳକଙ୍କୁ ଜରିମାନା କରାଯାଇଛି। ୧୫୪୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ କହିଛନ୍ତି। ବୈଠକରେ ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜନଆକ୍ରୋସ ଶୋଭାଯାତ୍ରା

ଭୁବନ,୨୩।୪(ସମିସ): ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ ଖାଇବା ପରେ ଏଥିପାଇଁ ବିରୋଧୀ ଦଳଗୁଡ଼ିକୁ ଦାୟୀ କରି ବିଜେପି ପକ୍ଷରୁ ସାରା ଦେଶରେ ଜନଆକ୍ରୋସ ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏହି କ୍ରମରେ ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସଞ୍ଜୀବ କୁମାର ପଣ୍ଡାଙ୍କ ନେତୃତ୍ୱ ତଥା ଭୁବନ ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁଙ୍କ ସଂଯୋଜନାରେ ଜନଆକ୍ରୋସ ଯୁବ ବିକ୍ଷୋଭ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ସମ୍ପାଦକ ସରୋଜ ଦେବତା, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ସଞ୍ଜୟ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଗତି କୁଅଁର, ଜିଲ୍ଲା ସମ୍ପାଦକ ଡମ୍ବରୁଧର ପାତ୍ର, ଭୁବନ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଟିଟୁ ଦାସ, ଗୁଲସନ ରାଉତ, ସନ୍ତୋଷ ରାଉଳ, ନିର୍ମଳ ପୋଥାଳ, ରାଜକିଶୋର ସାହୁ, ଜଗନ ବେଜ, ଚିନ୍ମୟ ପୃଷ୍ଟି, ଜଗନ୍ନାଥ ନାୟକ, ସତ୍ୟଜିତ ସାଥୁଆ ମହାପାତ୍ର, ସୁବାସ ନାୟକ, ଚିନ୍ମ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଭୁବନ,୨୩।୪(ସମିସ): ବାହାଘର ପାଇଁ ଚାଲିଛି ଘର ତିଆରି। ଗୁରୁବାର ଅପରାହ୍ନରେ ଆବଶ୍ୟକ ଟାଇଲ କିଣିବାକୁ ଦୁଇଭାଇ ବାଇକ୍‌ରେ ଯାଉଥିବା ବେଳେ ପଛପଟୁ ଧକ୍କାଦେଲା ଟ୍ରାକ୍ଟର। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଦୁଧୁଯୋରୀ ପଞ୍ଚାୟତ ଦାମୋଦରପୁର ଗ୍ରାମର ହାଡ଼ିବନ୍ଧୁ ବରାଳଙ୍କ ସାନପୁଅ ସୁଦର୍ଶନ ବରାଳ (୩୨)। ବଡ଼ଭାଇ ଶତ୍ରୁଘ୍ନଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଅନନ୍ତପୁର ଗ୍ରାମର ଅଭିନ୍ନ ସାହୁଙ୍କର ବୋଲି ଅଭିଯୋଗ ହୋଇଛି।

## ବଦଳିଲେ ଢେଙ୍କାନାଳ ଓ କାମାକ୍ଷାନଗର ଉପଜିଲ୍ଲାପାଳ

ଢେଙ୍କାନାଳ,୨୩।୪(ସମିସ): ଢେଙ୍କାନାଳ ସଦର ଉପଜିଲ୍ଲାପାଳ ଏବଂ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ ବଦଳି ହୋଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଜ୍ଞପ୍ତି ଅନୁସାରେ ସଦର ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଉପଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି କ୍ରୀଡ଼ା ଓ ଯୁବ ସେବା ବିଭାଗର ଉପଶାସନ ସଚିବ ଭାବେ କାର୍ଯ୍ୟରତ ପଦ୍ମଚରଣ ସାହୁଙ୍କୁ ଢେଙ୍କାନାଳ ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକଙ୍କୁ ପର୍ଯ୍ୟଟନ ବିଭାଗର ଉପଶାସନ ସଚିବ ଭାବେ ଏବଂ ବାଣପୁରରେ ବିଡିଓ ଥିବା ବିକାଶ ମହାନ୍ତିଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳ ଓ କାମାକ୍ଷାନଗର ଉପଖଣ୍ଡ ଦଣ୍ଡାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି।

## ସ୍ୱାଗତ ଓଡ଼ିଶା ମୋ ସଂସ୍କୃତି, ପରମ୍ପରା, ମୋ ଭାଷା ପ୍ରତିଯୋଗିତା

# ପ୍ରତିଭା ଅନୁପମ ସମ୍ମାନ ଓ ବର୍ଣ୍ଣାଢ୍ୟ ସାଂସ୍କୃତିକ ମହୋତ୍ସବ

ଢେଙ୍କାନାଳ,୨୩।୪(ସମିସ): ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସୁରଙ୍ଗନା କଳା ନିକେତନର ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଓଡ଼ିଶାର ପରମ୍ପରା, ସଂସ୍କୃତି ଓ କଳାକୁ ସମ୍ମାନ ଜଣାଇ ସ୍ୱାଗତ ଓଡ଼ିଶା, ମୋ ସଂସ୍କୃତି, ପରମ୍ପରା, ମୋ ଭାଷା ପ୍ରତିଯୋଗିତା, ପ୍ରତିଭା ଅନୁପମ ସମ୍ମାନ ଓ ବର୍ଣ୍ଣାଢ୍ୟ ସାଂସ୍କୃତିକ ମହୋତ୍ସବ ସ୍ଥାନୀୟ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠାନର ସଭାପତି ନିରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ସଭାପତି ପୁରୁଷୋତ୍ତମ ରାଉତ, ସୁରଙ୍ଗନା କଳା ନିକେତନର ସଭାପତି ନିରଞ୍ଜନ ଶତପଥୀ, ପ୍ରଜ୍ଞାପ୍ରିୟା ନନ୍ଦ, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ରାଜ୍ୟସ୍ତରୀୟ ଓଡ଼ିଆ କଳା, ପର୍ବ, କବିଙ୍କ ସମ୍ବନ୍ଧରେ ରଚନା ଲିଖନ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବିଚାରକ ଭାବେ ଓଡ଼ିଶୀ ଗୁରୁ ଶ୍ରୀକାନ୍ତ କୁମାର ସାହୁ, ଭୁବନେଶ୍ୱରରୁ ଆସିଥିବା ପ୍ରମିତା ଶତପଥୀ ଓ ଅତିଥି କଳାକାର ଜ୍ୟୋତିପ୍ରକାଶ ମହାପାତ୍ର ଏବଂ ଚିତ୍ରାଙ୍କନରେ ମନୋଜ ସାହୁ, ରଚନା ଲିଖନରେ ବିଷ୍ଣୁପ୍ରସାଦ ମହାରଣା ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଲର୍ଡସ୍ ସଙ୍ଗଠନର ନିର୍ଦ୍ଦେଶକ ଭରତ ଭୂଷଣ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜିଲ୍ଲା ଶାଖାର ମୁଖ୍ୟ ସଞ୍ଚାଳିକା ବିକେ ଉଷା, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର, ଅନୁଷ୍ଠାନର ନିର୍ଦ୍ଦେଶିକା ପ୍ରଜ୍ଞାପ୍ରିୟା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଅସହାୟଙ୍କୁ 'ଛୋଟ ଏକ ପ୍ରୟାସ'ର ସହାୟତା



ଖଜୁରିଆକଟା,୨୩।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳର ସାମାଜିକ ଅନୁଷ୍ଠାନ ଛୋଟ ଏକ ପ୍ରୟାସ ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ଜାରି ରହିଛି। ଗୁରୁବାର ଅନୁଷ୍ଠାନ ପକ୍ଷରୁ ହିନ୍ଦୋଳ ବ୍ଲକ ନବକିଶୋରପୁର ପଞ୍ଚାୟତ ଖଇରାବାହାଳୀ ଗ୍ରାମର ସ୍ୱର୍ଗତ ଖଇରା ନାଏକଙ୍କ ସ୍ତ୍ରୀ ଚନ୍ଦ୍ରି ନାଏକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଚନ୍ଦ୍ରି ନାଏକଙ୍କ ପୁଅବୋହୂ ଥିଲେ ମଧ ତାଙ୍କପ୍ରତି କୌଣସି କର୍ତ୍ତବ୍ୟ କରୁନାହାନ୍ତି। ଫଳରେ ସେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଚଳୁଛନ୍ତି। ଖବର ପାଇ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ନିକଟରେ ପହଞ୍ଚି ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ଏଥିସହ ଘର ପାଇଁ ପାଲ ଏବଂ ରାସନ ସାମଗ୍ରୀ ଖୁବଶୀଘ୍ର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନ ଏହି ଅସହାୟ ମହିଳାଙ୍କ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

# ଜାତୀୟସ୍ତରୀୟ ମଞ୍ଚରେ ଚମକିଲେ ସୌମ୍ୟ

## ଟିଏସ୍ଏଫ୍ ସହଯୋଗରେ ଭଲିବଲରେ ହାସଲ କଲେ ଉଲ୍ଲେଖନୀୟ ସଫଳତା

ଢେଙ୍କାନାଳ,୨୩।୪(ସମିସ): ଢେଙ୍କାନାଳ ଜିଲ୍ଲାର ଏକ ନିପଟ ମଫସଲ ଗାଁ ଚରଡଗାଡିଆ'। ଦୃଢ ପ୍ରଚେଷ୍ଟା, କଠିନ ପରିଶ୍ରମ ଓ ବାପାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ଲକ୍ଷ୍ୟରେ ସେହି ମଫସଲରୁ ବାହାରି ଜାତୀୟସ୍ତରର ମଞ୍ଚରେ ପହଞ୍ଚି ପାରିଛନ୍ତି ସୌମ୍ୟରଞ୍ଜନ ସାମଲ। ମାତ୍ର ୧୭ ବର୍ଷ ବୟସରେ ସେ ଯେଉଁ ସଫଳତା ହାସଲ କରିଛନ୍ତି ସେଥିପାଇଁ ଆଜି ପୂରା ରାଜ୍ୟ ଗର୍ବିତ। ଆଉ ତାଙ୍କର ଏ ସଫଳତାର ଯାତ୍ରାରେ ସବୁବେଳେ ସହଯୋଗ କରିଆସିଛି ଟାଟା ଷ୍ଟିଲ ଫାଉଣ୍ଡେସନ। ଭଲିବଲ ପ୍ରତି ସୌମ୍ୟଙ୍କର ପିଲାଟି ବେଳୁ ଆଗ୍ରହ ରହିଥିଲା। କୌଣସି ଅନୁଷ୍ଠାନ ନୁହେଁ, ବରଂ ନିଜ ଘରୁ ହିଁ ଆରମ୍ଭ ହୋଇଥିଲା ପ୍ରଶିକ୍ଷଣ। ସୌମ୍ୟଙ୍କ ବାପା ପ୍ରଶାନ୍ତ ସାମଲ ଜଣେ ପୂର୍ବତନ ଭଲିବଲ ରାଜ୍ୟସ୍ତରୀୟ ଖେଳାଳି। ପୁଅର ଇଚ୍ଛା କୁ ଜାଣିବା ପରେ ସୌମ୍ୟଙ୍କ ଅଭ୍ୟାସ ପାଇଁ ତାଙ୍କ ବାପା ଏକ ଛୋଟ ସ୍ଥାନ ପ୍ରସ୍ତୁତ କରିଥିଲେ। ୨୦୨୩ ମସିହାରେ ସୌମ୍ୟ ପାଇକପୁରଣକୋଟ ସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଯୁବ ବିକାଶ କେନ୍ଦ୍ରରେ ଅଭ୍ୟାସ କରିବା ପାଇଁ ପ୍ରତିଦିନ ପ୍ରାୟ ୪୦ କିଲୋମିଟର ସାଇକେଲ ଚଳାଇ ଯା'ଆସ କରୁଥିଲେ। ସେ ସୁବିଧା ଅପେକ୍ଷା କଠିନ ପରିଶ୍ରମକୁ ବାଛିଥିଲେ ଏବଂ ସ୍କୁଲ ପରୀକ୍ଷା ଏବଂ ସ୍ଥାନୀୟ ପ୍ରତିଯୋଗିତାର ଚାପ ସତ୍ତ୍ୱେ ତାଙ୍କର ଏହି ନିରନ୍ତର ସଂଘର୍ଷ ଜାରି ରହିଥିଲା। ବିଭିନ୍ନ ବିଦ୍ୟାଳୟ ଓ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ତାଙ୍କ ପ୍ରଦର୍ଶନ ଧୀରେ ଧୀରେ ଚର୍ଚ୍ଚାର ବିଷୟ ପାଲଥିଲା। ରାଜ୍ୟସ୍ତରୀୟ ଟ୍ରାଏଲ୍ ସମୟରେ ସୌମ୍ୟଙ୍କ ଉନ୍ନତ ପ୍ରଦର୍ଶନ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ନିୟୋଜିତ କୋଚ୍ ଆଶୁତୋଷ ପାତ୍ରଙ୍କ ମନ ମୋହିଥିଲା। ରାଜ୍ୟସ୍ତରୀୟ ଟିମ୍ ସହ ବାଲେଶ୍ୱର ଗସ୍ତ କରିଥିଲେ ବି ସେଠାରେ ଖେଳିବାର ସୁଯୋଗ ମିଳି ନଥିଲା। ହେଲେ ସେ ଏଥିରେ ନିରାଶ ନ ହୋଇ ମନୋବଳକୁ ଆହୁରି ଦୃଢ କରିଥିଲେ। ଏ ସମ୍ପର୍କରେ ସୌମ୍ୟଙ୍କ ବାପା ପ୍ରଶାନ୍ତ କହିଛନ୍ତି, ସୌମ୍ୟର ପ୍ରଶିକ୍ଷଣ ପାଇଁ ଆମ ପାଖରେ ସୁବିଧା କମ୍ ଥିଲା, କିନ୍ତୁ ତା'ର ନିଷ୍ଠା ଆଜି ତାକୁ ସଫଳତା ଦେଇଛି। ଦୂରତା ବା ବାଧାବିଘ୍ନ ତାକୁ କେବେ ଅଟକାଇ ପାରିନି। କୋଚ ଆଶୁତୋଷ ପାତ୍ରଙ୍କ ମାର୍ଗଦର୍ଶନରେ ସୌମ୍ୟଙ୍କ ଖେଳରେ ବ୍ୟାପକ ସୁଧାର ଆସିଲା। ଜିଲ୍ଲାସ୍ତରରୁ ଆରମ୍ଭ କରି ସେ ଖୁବ୍ କମ୍ ବୟସରେ ଜିଲ୍ଲା ବରିଷ୍ଠ ଦଳରେ ସ୍ଥାନ ପାଇଲେ।



## ହିନ୍ଦୋଳ ଏନ୍‌ଏସିରେ ପାନୀୟଜଳ ସଙ୍କଟ

ହିନ୍ଦୋଳ,୨୩।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ଅନ୍ତର୍ଗତ ୧ ଓ ୩ନଂ ୱାର୍ଡ ରାଧାନାଥପୁର ଚମ୍ପତିସାହିରେ ଗ୍ରୀଷ୍ମ ଆରମ୍ଭରୁ ପାନୀୟ ଜଳ ସଙ୍କଟ ଦେଖାଦେଇଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୱାର୍ଡ ନିକଟରେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଥିବା ବେଳେ ବିଭାଗୀୟ ଉଦାସୀନତା ଯୋଗୁଁ ଲୋକେ ପର୍ଯ୍ୟାପ୍ତ ପାଇପ୍ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୨ ୱାର୍ଡର ବିଭିନ୍ନ ସାହିରେ ଉପଭୋକ୍ତାମାନେ ଟଙ୍କା ଦାଖଲ କରି ନିଜ ଘରକୁ ପାଇପ ଯୋଗେ ଜଳ ନେଉଛନ୍ତି। ସାହିର କୌଣସି ଛକ ସ୍ଥାନ ବା ଅନ୍ୟ କୌଣସି ସରକାରୀ ଜାଗାରେ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ ଟ୍ୟାପ ପଏଣ୍ଟ ବ୍ୟବସ୍ଥା କରାଯାଇ ନାହିଁ। ୨ ୱାର୍ଡର ପ୍ରାୟ ୫୦ରୁ ୬୦ ପରିବାର ଚଳିତ ବର୍ଷ ଗ୍ରୀଷ୍ମ ଯୋଗୁଁ ପାନୀୟ ଜଳ ପାଇଁ ହଟହଟା ହେଉଛନ୍ତି। ସାହିର ଅନତି ଦୂରରେ ୨ଟି ବୋରିଂ ଖୋଳାଯାଇ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ହେଁ ତାହା ଠିକ ଭାବେ ନ ଚାଲିବା ଏବଂ ସେଥିରୁ ପର୍ଯ୍ୟାପ୍ତ ଜଳ ପାଇପ୍ ଯୋଗେ ଯୋଗାଣ ହୋଇ ନ ପାରିବା ଏଥିରେ ପ୍ରତିବନ୍ଧକ ସାଜିଛି। ସେହିପରି ୱାର୍ଡ ନଂ ୧୦ ଓ ୧୧କୁ ଯାଉଥିବା ସପ୍ଲାଇ ପାଣିକୁ ଗୁଣ୍ଡିଚାମଣ୍ଡପ ନିକଟରେ ବନ୍ଦ କରାଯାଇଥିବାରୁ ଏହି ଦୁଇ ୱାର୍ଡକୁ ବର୍ତ୍ତମାନ ବହୁତ କମ ପାଣି ଆସୁଛି। ଏଥିପାଇଁ ଅସନ୍ତୋଷ ବୃଦ୍ଧି ପାଇଛି। ଶୀଘ୍ର ବୋରିଂ ପଏଣ୍ଟରେ ଲାଗି ରହିଥିବା ସମସ୍ୟାକୁ ତର୍ଜମା କରି ନିୟମିତ ଓ ଲୋକଙ୍କ ଆବଶ୍ୟକତା ମୁତାବକ ଜଳ ଯୋଗାଣ କରିବା ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଦୁଇ ସାହିବାସିନ୍ଦା ଦାବି କରିଛନ୍ତି। ନଚେତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ପୀଠକୁ ୭୮୦ ବର୍ଷ

- ପ୍ରତିଷ୍ଠା ଦିବସ ସମାରୋହ ପାଇଁ ପ୍ରସ୍ତୁତି ବୈଠକ



ଢେଙ୍କାନାଳ,୨୩।୪(ସମିସ): ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଚନ୍ଦ୍ରଶେଖର କପିଳାସ ପୀଠକୁ ୭୮୦ ବର୍ଷ ପୂରିବାକୁ ଯାଉଛି। ଏହି ଅବସରରେ ପୀଠର ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦଧିବାମନ ଜୀୟୁ ମଠପରିସରରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ତରଫରୁ ଜିଲ୍ଲାର ଐତିହ୍ୟ ବହନ କରୁଥିବା କପିଳାସ ମନ୍ଦିରର ପ୍ରତିଷ୍ଠା ଦିବସ ପାଳନ ପାଇଁ ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆବାହକ ଅବନୀ ମିଶ୍ରଙ୍କ ଉପସ୍ଥିତିରେ ବୈଶାଖ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଏପ୍ରିଲ ୨୯ ତାରିଖ ଦିନ ପାଳନ ହେବ। କପିଳାସ ମନ୍ଦିର ୧୨୪୬ ଖ୍ରୀଷ୍ଟାବ୍ଦ ବୈଶାଖ ମାସଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିରେ ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ପ୍ରତିଷ୍ଠା ହେବାର ଇତିହାସ ରହିଛି। ଏହି ଦିନ ପ୍ରତିଷ୍ଠା ଦିବସ ପାଳନକରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ସେହିଦିନ ସକାଳ ୬ଟା ସମୟର ବଧିବାମନ ଜୀୟୁ ମନ୍ଦିର ଠାରୁ କପିଳାସ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯାତ୍ରା କରାଯିବା ସହିତ ସେଠାରେ ବେଢା ପରିକ୍ରମା, ବଡଦାଣ୍ଡ ପହଁରା, ମାଜଣା, ସାମୂହିକ ମଙ୍ଗଳ ପ୍ରାର୍ଥନା, ଆଧ୍ୟାତ୍ମିକ ଆଲୋଚନା କରାଯିବାରଯୋଜନା କରାଯାଇଛି। ସେହିପରି ଅପରାହ୍ନରେ ଜିଲ୍ଲାପରିଷଦ ହଲରେ ଭଜନ ସମାରୋହ ଅନୁଷ୍ଠିତ ହେବ। ଏହି ବୈଠକରେ ବରିଷ୍ଠ ଆଇନଜିବୀ ଦୀପ୍ତିଶପ୍ରସାଦ ପଟ୍ଟନାୟକ, ପରେଶ କୁମାର ପଟ୍ଟନାୟକ, ଶରତ କୁମାର ବେହେରା ଯୋଗଦେଇଥିଲେ। ଆମ ଐତିହ୍ୟ ଆମ ଗୌରବ ବଢ଼ାଇବା ଆମେ ତା'ର ସୌରଭ ଏହି କ୍ରମରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ତରଫରୁ ମାଆ ମାଟି ପାଇଁ କାର୍ଯ୍ୟକରି ମାଆମାଟିର ଟେକ ରଖିବାକୁ ନିଷ୍ପତ୍ତି ନେଇଥିଲେ।

## ଜୁଆଙ୍ଗ ଉନ୍ନୟନ ସଂସ୍ଥା ଦ୍ୱାରା ସ୍ୱାସ୍ଥ୍ୟ ଶିବିର

କାମାକ୍ଷାନଗର,୨୩।୪(ସମିସ): କାମାକ୍ଷାନଗର ବ୍ଲକ ଗୁଣ୍ଡିଚାନାଳୀ ଗ୍ରାମରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଢେଙ୍କାନାଳ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। ଏଥିରେ ଅଁଳାବେରେଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନ କରାଯାଇଥିଲା। କାମାକ୍ଷାନଗର ବିଡିଓ ପ୍ରଭୁକଲ୍ୟାଣ ଦାସ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଅନନ୍ୟା ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ଦୀପକ ମିଶ୍ର, ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ସ୍ମିତାଶ୍ରୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଶିବିରରେ ମୋଟ ୧୫୪ ଜଣ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱତନ୍ତ୍ର ଅଧିକାରୀ ଇପ୍ସିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମଦ୍ ଭଗବତ ପରିଷଦ ଆନୁକୂଲ୍ୟରେ ଗୀତା ଜ୍ଞାନଯଜ୍ଞ

ଢେଙ୍କାନାଳ,୨୩।୪(ସମିସ): ସ୍ଥାନୀୟ କୈବଲ୍ୟ ବଜାର ରଥଗଡ଼ାସ୍ଥିତ ଦଧିବାମନଜୀଉ ମନ୍ଦିର ପରିସରରେ ଶ୍ରୀମଦ ଭଗବତ ପରିଷଦ ଆନୁକୂଲ୍ୟରେ ବୁଧବାରଠାରୁ ଗୀତା ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଗୀତାର ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ବିଷୟରେ ପ୍ରବଚନ ଅନୁଷ୍ଠିତ ହେବ। ବକ୍ତା ଭାବେ ଭୁବନେଶ୍ୱର ଗୀତା ଆଶ୍ରମର ଆଚାର୍ଯ୍ୟ ସ୍ୱାମୀ ଜଗଦୀଶାନନ୍ଦ ସରସ୍ୱତୀ ଜୀ ଅଧିଷ୍ଠିତ ହେବେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗୀତାପ୍ରେମୀ ଯୋଗଦେବା ପାଇଁ ପରିଷଦ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୨୬ ତାରିଖ ପ୍ରବଚନ ଶେଷ ହେବା ସହ ଭକ୍ତଙ୍କ ପାଇଁ ପ୍ରସାଦସେବନ ଅନୁଷ୍ଠିତ ହେବ।

## ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଭଗବାନପୁରକୁ ହରାଇ କାବେରା ଚାମ୍ପିଅନ

ଗଁଦିଆ,୨୩।୪(ସମିସ)

ଗଁଦିଆ ବ୍ଲକ କାବେରା ଗାଁରେ ବ୍ରଜନାଥ ବଡ଼ଜେନା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ବିବିସିସି କାବେରା ଓ ମା' ସନ୍ତୋଷୀ କ୍ରିକେଟ କ୍ଲବ ଭଗବାନପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। କାବେରା ବିଜୟୀ ହୋଇ ଚାମ୍ପିଅନ ହୋଇଛି। କାବେରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ହରାଇ ୧୭୬ ରନ କରିଥିଲା। ଜବାବରେ ଭଗବାନପୁର ୮ ୱିକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଭଗବାନପୁର ଦଳର ଦିପୁ ମ୍ୟାନ ଅଫ ଦି ମ୍ୟାଚ ଓ କାବେରା ଦଳର ଶୁଭମ ନାୟକ ମ୍ୟାନ୍ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ସ୍ମୃତିରଞ୍ଜନ ଦାସ ଓ ମନୋଜ ମହାନ୍ତି ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମାଜସେବୀ ସନ୍ତୋଷ ବିଶ୍ୱାଳ ମୁଖ୍ୟଅତିଥି, ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକ, ସୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ସମାଜସେବୀ ମଙ୍ଗରାଜ ମହାନ୍ତି, ଯୁବକ ସଂଘ ସଭାପତି ମନୋଜ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଗ୍ରାମ ପରିଚାଳନା କମିଟି ସମ୍ପାଦକ ଚନ୍ଦନ କୁମାର ରାଉଳ, ସଭ୍ୟ ବସୁଦେବ ମହାନ୍ତି, ଦିଲୀପ ମହାନ୍ତି, ଉଚ୍ଛବ ଦାସ, ଅଭୟ ମହାନ୍ତି, ବିମଳଚନ୍ଦ୍ର ନାୟକ, ବିରଞ୍ଚି ନାୟକ, ନିରଦ ମହାରଣ, ରାଧାନାଥ ସାହୁ, ସନ୍ତୋଷ ରାଉତ, ପ୍ରତାପ ନାୟକ ଓ ବ୍ରଜନାଥ ବଡ଼ଜେନା ଯୁବକ ସଂଘ ସଦସ୍ୟ ବିଶ୍ୱଜିତ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଶୁଭାଶିଷ ନାୟକ, ଜ୍ଞାନରଞ୍ଜନ ରାଉତ, ଅଂଶୁମାନ ନାୟକ, ତ୍ରିଲୋଚନ ନାୟକ, ସୁମିତ ରାଉତ, ଦେବୀପ୍ରସାଦ ମହାନ୍ତି, ସତ୍ୟବ୍ରତ ନାୟକ, ରଶ୍ମିରଞ୍ଜନ ନାୟକ, ରୋହନ ନାୟକ, ଯୁଗଦର୍ଶନ ନାୟକ, ସନ୍ତୋଷ ନାୟକ ଓ ଆଶିଷ ଦାସ ସହଯୋଗ କରିଥିଲେ।





# ୪୨°ରେ ଜଳୁଛି ରାଜଧାନୀ

## ୨୪ ଘଣ୍ଟାରେ ବଢୁଛି ପ୍ରାୟ ଏକଡିଗ୍ରୀ ତାପମାତ୍ରା







ଭୁବନେଶ୍ୱର, ୨୩।୪(ସମିସ): ଦିନ ଯେତେ ଗଡୁଛି ରାଜଧାନୀର ତାପମାତ୍ରା ସେତେ ବଢ଼ିବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ରାଜଧାନୀରେ ଗୁରୁବାର ରାଜଧାନୀ ସହରର ତାପମାତ୍ରା ଚଳିତବର୍ଷ ସର୍ବାଧିକ ରେକର୍ଡ କରାଯାଇଥିଲା। ବୁଧବାର ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଗୁରୁବାର ଦିନର ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଯାହା ଗତକାଲିଠାରୁ ପ୍ରାୟ ୧ ଡିଗ୍ରୀ ଅଧିକ ରହିଛି। ଆଗକୁ ଏହା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଫଳରେ ରାଜଧାନୀର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସକାଳ ସାଢ଼େ ୮ଟାରୁ ଗରମ ଅନୁଭୂତ ହେଉଥିବା ବେଳେ ୧୦ଟା ପରେ ସହରର ତାପମାତ୍ରା ଅସହ୍ୟ ହୋଇପଡୁଛି।

ଏମିତି କି ଦିନ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବା ମଧ୍ୟ କଷ୍ଟଦାୟକ ହୋଇପଡୁଛି। ଦିନସାରା ରାଜଧାନୀର ମୁଖ୍ୟ ରାସ୍ତା ସମେତ ଜାତୀୟ ରାଜପଥ ମଧ୍ୟ ଖାଁ ଖାଁ ହୋଇପଡୁଛି। ଦିନ ବେଳା କାଁ ଭାଁ ଗାଡ଼ି ମୋଟର ବ୍ୟତୀତ କାହାରି ଦେଖା ମିଳୁନାହିଁ। ଏମିତି କି ଦୋକାନବଜାର ବନ୍ଦ ରହୁଛି। କାଁ ଭାଁ କେଉଁଠି ପଇଡ, ଆଖୁରସ ଆଦି ଥଣ୍ଡାପାନୀୟ ଦୋକାନ ସମେତ ତଳଭୂଜ ଦୋକାନ ଖୋଲା ରହିଥିବା ବେଳେ ଅନ୍ୟ ସବୁ ଦୋକାନ ପ୍ରାୟ ବନ୍ଦ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜଧାନୀର ପ୍ରମୁଖ ଟ୍ରାଫିକ୍ ଛକଗୁଡ଼ିକରେ ଶେଡ୍ ବ୍ୟବସ୍ଥା ନ ଥିବାରୁ ଲୋକେ ଖରାରେ ଠିଆ ହୋଇ ଆଉଟୁପାଉଟୁ ହେଉଛନ୍ତି। ସେହିଭଳି ପ୍ରମୁଖ ଛକଗୁଡ଼ିକରେ ଜଳଛତ୍ର ଖୋଲି ନ ଥିବାରୁ ପଥଚାରୀମାନେ ପାଣି ପାଇଁ ତହକବିକଳ ହେଉଛନ୍ତି। ଅନେକ ଛକରେ ଏବଂ ରାସ୍ତାକଡ଼ରୁ ଗଛ କାଟି ଦିଆଯାଇ ଥିବାରୁ ଲୋକେ ଛାଇ ଟିକେ ପାଇବା ମଧ୍ୟ କାଠିକର ପାଠ ହୋଇପଡୁଛି। ଅପରପକ୍ଷେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ମାଗଣା ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଉଛି। ଅପରାହ୍ଣରେ ରାଜଧାନୀ ରାସ୍ତାଘାଟରେ ଭିଡ଼ ପରିଲକ୍ଷିତ ହେଉଛି। ଲୋକେ ହାଟ ବଜାରକୁ ବାହାରୁଥିବା ବେଳେ ଯାନବାହାନ ଚଳାଚଳ କରୁଛି। ଯାହା ସନ୍ଧ୍ୟାର ଭିଡ଼କୁ ଯଥେଷ୍ଟ ବଢ଼ାଇ ଦେଇଛି।

■ ଆଜାଦ୍ ନଗର ବିସ୍ଫୋରଣ ଘଟଣା

# ମୁଫି ଲିଙ୍କ୍‌ରେ ୨ ଜଣଙ୍କୁ ଏନ୍‌ଆଇଏର ଜେରା

ଭୁବନେଶ୍ୱର, ୨୩।୪(ସମିସ): ସୁନ୍ଦରପଦା ଆଜାଦନଗରରେ ଜାନୁୟାରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ମୁଫି ଓରଫ ଶେହେନ୍‌ୱାଜ ମଲ୍ଲିକର ଲିଙ୍କ୍ ଏବେ ଧୀରେ ଧୀରେ ଫିଟିବାରେ ଲାଗିଛି। ଏନ୍‌ଆଇଏ ଗୁରୁବାର ମୁଫି ଲିଙ୍କ୍‌ରେ ୨ଜଣଙ୍କୁ ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବ ନେତା ଥିବା ବେଳେ ଆଉ ଜଣେ ଅମୀୟର ସାଙ୍ଗ ଅଭିଷେକ ବୋଲି ଏନ୍‌ଆଇଏ ସୂତ୍ରରୁ ଜଣାପଡ଼ିଛି। ଦୁଇ ଜଣଙ୍କ ଏନ୍‌ଆଇଏ ୨ଘଣ୍ଟା ଧରି ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କର ଭୂମିକା କ'ଣ ସେନେଇ ଖୋଳତାଡ଼ କରୁଛି ଏନ୍‌ଆଇଏ। ପୂର୍ବରୁ ଏନ୍‌ଆଇଏ ୫ ଜଣଙ୍କୁ ପଚରାଉଚରା କରିଥିଲା। ଆହୁରି ମଧ୍ୟ ୧୦ଜଣଙ୍କୁ ପଚରାଉଚରା କରିବା ପାଇଁ ଏନ୍‌ଆଇଏ ସମନ କରିଥିବା ଜଣାପଡ଼ିଛି। ସେମାନେ ଖୁବ୍ ଶୀଘ୍ର ଏନ୍‌ଆଇଏ ଅଫିସରେ ହାଜର ହେବେ। ମୁଫି କେଉଁ ଉଦ୍ଦେଶ୍ୟ ରଖି ବୋମା ଭିଡୁଥିଲା ଏବଂ ଆଉ କେଉଁ ସ୍ଥାନରେ ବିସ୍ଫୋରଣର ଯୋଜନା ରହିଥିଲା ସେନେଇ ଏନ୍‌ଆଇଏ ଖୋଳତାଡ଼ କରୁଛି। ବିସ୍ଫୋରଣସ୍ଥଳରୁ ପୁଲିସ ଏକ ସ୍କୁଟି ଜବତ କରିଥିଲା। ଏହି ସ୍କୁଟିଟିକୁ ମୁଫିର ସହଯୋଗୀ ଅମୀୟ ରଞ୍ଜନ ମଲ୍ଲିକ ଘଟଣା ଦିନ ତା'ର ଜଣେ ବନ୍ଧୁ ଅଭିଷେକ ଠାରୁ ମାଗି ମୁଫି ଘରକୁ ଆସିଥିଲା। ତେଣୁ ଏହି ଲିଙ୍କ୍‌ରେ ଏନ୍‌ଆଇଏ ତାକୁ ଡାକି ପଚରାଉଚରା କରୁଛି।

ଏନେଇ ଅଭିଷେକ ଗଣମାଧ୍ୟମକୁ କହିଛନ୍ତି ଯେ, ମୁଫି ଲିଙ୍କ୍‌ରେ ତାଙ୍କୁ ଏନ୍‌ଆଇଏ ଅଧିକାରୀ ପଚରାଉଚରା କରିଥିଲା। ମୁଫିଙ୍କୁ ସେ ଚିହ୍ନି ନ ଥିବା ବେଳେ ମୁଫିର ସହଯୋଗୀ ଅମୀୟ ରଞ୍ଜନ ମଲ୍ଲିକ ତାଙ୍କର ବନ୍ଧୁ। ଘଟଣା ଦିନ ଅମୀୟ ଅଭିଷେକ ଠାରୁ ସ୍କୁଟି ନେଇ ଯାଇଥିଲା। ବିସ୍ଫୋରଣ ପରେ ଘର ଆଗରୁ ସ୍କୁଟି ଜବତ ପରେ ସେହି ଲିଙ୍କ୍‌ରେ ତାଙ୍କୁ ପଚରାଉଚରା ପାଇଁ ଏନ୍‌ଆଇଏ ଡାକିଥିବା ସେ କହିଛନ୍ତି। ତାଙ୍କର ବିସ୍ଫୋରଣ ସମ୍ପର୍କରେ କିଛି ଖବର ଜାଣି ନାହାନ୍ତି। ବଡ଼ କଥା ହେଲା ଜଣେ ଯୁବ ନେତାଙ୍କୁ ଏନ୍‌ଆଇଏ ପଚରାଉଚରା କରିଛି। ଉକ୍ତ ଯୁବକ ନେତାର ମୁଫି ସହ ଭଲ ଲିଙ୍କ୍ ରହିଥିଲା। ବିସ୍ଫୋରଣ ଘଟିବା ପୂର୍ବରୁ ମୁଫିଙ୍କୁ ଉକ୍ତ ଯୁବକ ନେତା ଟଙ୍କା ପଠାଇଥିଲା। ସେ ଟଙ୍କା କେଉଁ କାରଣ ପାଇଁ ପଠାଇଥିଲେ। ବିସ୍ଫୋରଣ ପାଇଁ ମୁଫିଙ୍କୁ ସେ ସୁପାରି ଦେଇଥିବା ଏନ୍‌ଆଇଏ ସନ୍ଦେହ କରୁଛି। ବିସ୍ଫୋରଣ ଦିନ ମୁଫି ଏବଂ ଅମୀୟ ରଞ୍ଜନଙ୍କ ଫୋନକୁ ଯେଉଁମାନେ କଲ୍ କରିଛନ୍ତି ଏବଂ ଆକାଉଣ୍ଟକୁ ଯେଉଁମାନେ ଟଙ୍କା ପଠାଇଥିଲେ ସେମାନଙ୍କୁ ଏନ୍‌ଆଇଏ ପଚରାଉଚରା ପାଇଁ ସମନ କରିଛି।

## ୬ ବର୍ଷରେ ଆସିଲା ରାୟ

# ନାବାଳିକା ଅସଦାଚରଣକାରୀକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, ୨୩।୪ (ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ) ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାର କରି ଆସାମୀ ଦୀନବନ୍ଧୁ କାଣ୍ଡିକୁ ସଜା ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ୨୦୨୦ ମସିହା ମାର୍ଚ୍ଚ ୧ ତାରିଖ ମଧ୍ୟାହ୍ନରେ ଜଣେ ୯ ବର୍ଷୀୟା ନାବାଳିକା ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡରେ ଖେଳୁ ଥିବା ସମୟରେ ଦୀନବନ୍ଧୁ କାଣ୍ଡି ତାଙ୍କୁ ଏକ ଶୌଚାଳୟକୁ ଉଠାଇ ନେଇ ଅସଦାଚରଣ କରିବା ସହ ମାଡ ମାରିଥିଲା। ଏଥିସହିତ ତା'ର ଡାହାଣ ହାତକୁ କାମୁଡି ଦେଇଥିଲେ। ନାବାଳିକାର ପାଟିଶୁଣି ସାଙ୍ଗମାନେ ଯାଇ ତାଙ୍କ ମାଆକୁ ଖବର ଦେଇଥିଲେ। ମାଆ ଘଟଣାସ୍ଥଳକୁ ଦୌଡି ଆସି ନାବାଳିକା ଝିଅକୁ ଦୀନବନ୍ଧୁ କବଳରୁ ଉଦ୍ଧାର କରିଥିଲେ। ନାବାଳିକାର ମାଆ ଲିଖିତ ଅଭିଯୋଗ କରିବା ପରେ ବାଲିପାଟଣା ଥାନା ପୁଲିସ କେସ୍ ନଂ-୭୦/୨୦ରେ ଧାରା ୩୪୧/୩୫୪/୩୫୪-ଏ/୩୫୪-ବି/୩୨୩ ଆଇପିସି ଓ ପୋକସୋ ଆଇନର ଧାରା-୮ ଲଗାଇ ମାମଲା ରୁଜୁ କରିଥିଲା। ପ୍ରଥମେ ସବ୍ ଇନ୍ସପେକ୍ଟର ନୟନା ବେହେରା ଓ ପରେ ସବ୍ ଇନ୍ସପେକ୍ଟର ପୁଷ୍ପଲତା ରାଉତରାୟ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଦୀନବନ୍ଧୁକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ୮ ଜଣ ସାକ୍ଷୀ ଓ ୬ ଗୋଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ଦୀନବନ୍ଧୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନର ଧାରା-୮ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସେହିପରି ଆଇପିସିର ଧାରା-୩୫୪ ଆଧାରରେ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଜାରି କରିଛନ୍ତି। ଏହା ବ୍ୟତୀତ ମାନ୍ୟବର ଅଦାଲତ ଅଭିଯୁକ୍ତଙ୍କୁ ଆଇପିସିର ଧାରା-୩୪୧ ଅନୁଯାୟୀ ୧ ମାସର ସରଳ କାରାଦଣ୍ଡ ମଧ୍ୟ ଶୁଣାଇଛନ୍ତି। ସମସ୍ତ ଦଣ୍ଡାଦେଶ ଏକସଙ୍ଗେ ତଥା ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଜଟିଳ ହେଉଛି ରାଜଧାନୀର ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର, ୨୩।୪(ସମିସ): ରାଜଧାନୀରେ ଟ୍ରାଫିକ୍ ଜାମ୍ ଏକ ନିୟମିତ ସମସ୍ୟା ଭାବେ ଉଭା ହେଲାଣି। ହଂସପାଳ, ପଳାଶୁଣି, ରସୁଲଗଡ଼, ସତସଙ୍ଗ ବିହାର, କଳ୍ପନା, ଜୟଦେବ ବିହାର ହେଉ କି ବାଣୀ ବିହାର ରାଜଧାନୀର ପ୍ରମୁଖ ବ୍ୟସ୍ତବହୁଳ ଅଞ୍ଚଳରେ ପ୍ରତିଦିନ ହଜାର ହଜାର ଗାଡି ଯାତାୟତ କରେ। ରାଜଧାନୀବାସୀ ଅନେକ ସମୟରେ ଟ୍ରାଫିକ ଜାମ୍‌ର ଶିକାର ହୁଅନ୍ତି। ଟ୍ରାଫିକ ଜାମଠୁ ବଳିପଡ଼େ ଅମାନିଆ ଗାଡି ଚାଳକଙ୍କ କାର୍ଯ୍ୟକଳାପ। ଯାତ୍ରୀଙ୍କୁ ଉଠାଇବା ପାଇଁ ବିଏମ୍‌ସି ପକ୍ଷରୁ ଅନେକ ସ୍ଥାନରେ ରହଣି ସ୍ଥାନ ରହିଥିବା ବେଳେ କିଛି ଅମାନିଆ ଚାଳକ ଯେଉଁଠି ପାରନ୍ତି ବସ୍ ଛିଡା କରି ଯାତ୍ରୀ ଉଠାନ୍ତି। ଫଳରେ ପ୍ରତିଦିନ ଅନ୍ୟ ଚାଳକ ଓ ପଥଚାରୀ ନାନା ଅସୁବିଧାର ସମ୍ମୁଖିନ ହୁଅନ୍ତି। ଲୋକଙ୍କ ଦାବି ଅମାନିଆ ଚାଳକଙ୍କଠୁ ମୋଟା ଆକାର ଜରିମାନା ଆଦାୟ ହେଉ, ଲାଇସେନ୍ସ ବାତିଲ୍ ହେଉ।

ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ଅନେକ ପଦକ୍ଷେପ ନିଆଯାଉଛି। କମିସନରେଟ୍ ପୁଲିସର ଟ୍ରାଫିକ୍ ୱିଙ୍ଗ୍ ପକ୍ଷରୁ ସହରର ଅନେକ ସ୍ଥାନରେ ବେଆଇନ ପାର୍କିଂ ହେଉଥିବା ଗାଡ଼ିକୁ ଉଠାଇ ନିଆଯାଉଛି। ଜରିମାନା ଆଦାୟ ହେଉଛି। ଏପରିକି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ମଧ୍ୟ ରାସ୍ତା ଉପରେ ଜବରଦଖଲ ହଟାଯାଉଛି। ତେବେ ଏସବୁ ସତ୍ତ୍ୱେ ଟ୍ରାଫିକ୍ ସ୍ଥିତିରେ ସୁଧାର ଆସିପାରୁନାହିଁ। ବଡ଼ କଥା ହେଉଛି, ବିଭିନ୍ନ ସ୍ଥାନରେ ବସ୍ ଓ ଅନ୍ୟାନ୍ୟ ଗାଡି ରାସ୍ତା ଉପରେ ଯାତ୍ରୀ ଉଠାଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ରାସ୍ତା ସଙ୍କୁଚିତ ହୋଇଯିବା ଫଳରେ ଅନ୍ୟ ଗାଡିଚାଳକ ଓ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି ହେଉଛି।

ଭୁବନେଶ୍ୱରର ହଂସପାଳ, ପଳାଶୁଣି, ରସୁଲଗଡ଼, ସତସଙ୍ଗ ବିହାର, କଳ୍ପନା, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଖଣ୍ଡଗିରି ଆଦିରେ ଏଭଳି ସମସ୍ୟା ଲାଗି ରହୁଛି। ବିଶେଷକରି ପଳାଶୁଣିରେ ଏହି କାରଣ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଫୁଟ ଓଭରବ୍ରିଜ ନିକଟରେ ଏକାଧିକ ବସ୍ ଜାତୀୟ ରାଜପଥ ଉପରେ ପାର୍କିଂ କରି ଯାତ୍ରୀ ଉଠାଉଛନ୍ତି। ଯାହା ପାଇଁ ଅନେକ ସମୟରେ ରାସ୍ତା ଜାମ୍ ହେଉଛି। ସେହିପରି ରସୁଲଗଡ଼ ଛକ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନର ବିଭିନ୍ନ ପାର୍ଶ୍ୱରେ ବେଆଇନ ଭାବେ ଯାତ୍ରୀ ଉଠାଯାଉଛି।



ଭୁବନେଶ୍ୱର ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ କହିଛନ୍ତି ଯେ, ଏହି ଦିଗରେ ଅନେକ ପଦକ୍ଷେପ ନେଉଛୁ। ରାସ୍ତା ଉପରେ ଗାଡି ଥୋଇ ଯାତ୍ରୀ ନ ଉଠାଇବାକୁ ତାଗିଦ୍ କରୁଛୁ। କମ୍ ଓସାର ଥିବା ରାସ୍ତାରେ ଏହି ସମସ୍ୟା ହେଉଛି। କିଛି ଗାଡି ଚାଳକ ଏଭଳି କରୁଛନ୍ତି। ଏହି ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଏପରିକି ଜରିମାନା ଆଦାୟ କରାଯିବ ବୋଲି ଏସିପି କହିଛନ୍ତି।

# ନିଶା ସେବନ ଯୋଗୁଁ ଧରାପଡ଼ିଗଲା ଚୋର



ଭୁବନେଶ୍ୱର, ୨୩।୪(ସମିସ): ବାଲୁଗାଁରୁ ଆସି ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଯାତ୍ରୀଙ୍କ ଠାରୁ ନିୟମିତ ଭାବେ ଲୁଟ୍ କରୁଥିଲେ। ଧରା ପଡୁ ନ ଥିଲେ। ହେଲେ ଚୋର ଘର ସବୁବେଳେ ଅନ୍ଧାର ନଥିଲା ଭଳି ଗୋଟିଏ ଦିନ ଅତ୍ୟଧିକ ନିଶା ସେବନ କରି ପୁଲିସ ହାତରେ ଧରାପଡ଼ିଗଲା।

ମିଳିଥିଲା ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ଜଗନ୍ନାଥପୁର ବାଣପୁର ଗ୍ରାମର ଶିବ ପ୍ରସାଦ ପଣ୍ଡା। ରେଳ ଯାତ୍ରୀଙ୍କ ଠାରୁ ସେ ମୋବାଇଲ, ଟଙ୍କା ଏବଂ ଏଟିଏମ୍‌କାର୍ଡ ଲୁଟ୍ କରୁଥିଲା। ଗୁରୁବାର ମଧ୍ୟ ଜଣେ ଯାତ୍ରୀଙ୍କ ପକେଟମାର କରି କିଛି ଟଙ୍କା ରଖିଥିଲା। ଏହି ଟଙ୍କାରେ ଅତ୍ୟଧିକ ମଦ୍ୟପାନ କରିଥିଲା। ପରେ ନିଶାଶକ୍ତ ଅବସ୍ଥାରେ ସେ ରେଳ ଷ୍ଟେସନ ପ୍ଲାଟ୍‌ଫର୍ମରେ ଶୋଇ ପଡ଼ିଥିଲା। ସନ୍ଦେହ ଜନକ ଅବସ୍ଥାରେ ଜିଆର୍‌ପି ଥାନା ପୁଲିସ ଆସି ତାକୁ ଯାଞ୍ଚ କରିଥିଲା। ତାଠାରୁ ୭ରୁ ଉର୍ଦ୍ଧ୍ୱ ଏଟିଏମ୍ କାର୍ଡ ମିଳିଥିଲା। ଏହାପରେ ପକେଟ୍‌ରୁ ୩ଟି ମୋବାଇଲ ମିଳିଥିଲା। ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେ ପୁଲିସ ଆଗରେ ସ୍ୱୀକାର କରିଥିଲା ଯେ ଏହି ମୋବାଇଲଗୁଡ଼ିକ ଚୋରା ମୋବାଇଲ୍। ସେ ଯାତ୍ରୀଙ୍କ ଠାରୁ ଚୋରି କରିଛି। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# 'ଏପିକେ' ଆତଙ୍କ; ଫାଇଲ୍ ଖୋଲିଲେ ଫସିବେ

ଭୁବନେଶ୍ୱର, ୨୩।୪ (ସମିସ): ସାଇବର ଅପରାଧୀମାନେ ରାଜ୍ୟରେ ଆତଙ୍କ ଖେଳାଇଥିବା ବେଳେ ତରିକା ବଦଳାଇ ଲୋକଙ୍କୁ ଚୂନ ଲଗାଉଛନ୍ତି। ଅଜଣା ନମ୍ବରରୁ ଲୋକଙ୍କ ପାଖକୁ ଏପିକେ ଫାଇଲ୍ ପଠାଉଛନ୍ତି। ଆର୍‌ଟିଓ ଚାଲାଣ, ନିମନ୍ତ୍ରଣ କାର୍ଡ, ଟ୍ରାଫିକ ଚାଲାଣ, ଏସବିଆଇ, କେୱାଇସି ଅପଡେଟ, ସରକାରୀ ସବସିଡି, ଏସବିଆଇ ଯୋନୋ ଭଳି ଏପିକେ ଫାଇଲ୍ ପଠାଉଥିବାରୁ ଲୋକମାନେ ସହଜରେ ବିଶ୍ୱାସକୁ ନେଇ ଯାଉଛନ୍ତି। ଆଉ ଫାଇଲ୍ ଖୋଲିବା ମାତ୍ରେ ମୋବାଇଲ୍ ଫୋନ୍ ହ୍ୟାକ୍ କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଅନେକ ସାଧାରଣ ଲୋକ ସାଇବର ଠକଙ୍କ 'ଏପିକେ' ଜାଲରେ ପଡୁଛନ୍ତି। କିଏ ପେନସନ ଟଙ୍କା ହରାଉଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ପୁଞ୍ଜି। ଏମିତିକି ଏପିକେ ଫାଇଲ୍ ମାଧ୍ୟମରେ ଫିକ୍ସ ଡିପୋଜିଟ୍ ଭାଙ୍ଗି ଆକାଉଣ୍ଟ ଖାଲି କରି ଦେଉଛନ୍ତି ସାଇବର ଠକ।

■ ହ୍ୟାକରଙ୍କ ନିୟନ୍ତ୍ରଣକୁ ଚାଲିଯିବ ଆପଣଙ୍କ ମୋବାଇଲ
■ ଆରଟିଓ ଓ ଟ୍ରାଫିକ ଚାଲାଣ ଆଳରେ ଠକେଇ
■ ଆଖି ପିଛୁଳାକେ ଖାଲି ହୋଇଯାଉଛି ଆକାଉଣ୍ଟ

ପାଣ୍ଡରାର ଯଶୋବନ୍ତ ଜେନାଙ୍କ ହ୍ୱାଟ୍ସଆପକୁ ଆରଟିଓ ଚାଲାଣ ନାମରେ ଏକ ଏପିକେ ଫାଇଲ୍ ଆସିଥିଲା। ଚାଲାଣ ଆସିଥିବା ଭାବି ଯଶୋବନ୍ତ ଉକ୍ତ ଏପିକେ ଫାଇଲକୁ ଖୋଲିଥିଲେ। ଫାଇଲ୍ ଖୋଲିବା ମାତ୍ରକେ ତାଙ୍କ ମୋବାଇଲ ଫୋନରୁ ନିୟନ୍ତ୍ରଣ ହରାଇ ବସିଥିଲେ। ନିଜ କଣ୍ଟ୍ରୋଲକୁ ନେବାପରେ ସାଇବର ଠକ ଯଶୋବନ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଦୁଇଟି ହିତାଧିକାରୀଙ୍କ ଆକାଉଣ୍ଟ ଯୋଡ଼ିଥିଲେ। ଆଉ ଆଖି ପିଛୁଳାକେ ୭ ଲକ୍ଷ ଟଙ୍କା ଉଡ଼ାଇ ନେଇଥିଲେ। ସେହିପରି ନୀଳାଦ୍ରି ବିହାରର ବିଦ୍ୟୁତ ଭୁଷଣ ପରିଡ଼ାଙ୍କ ହ୍ୱାଟ୍ସଆପକୁ କ୍ରେଡିଟ୍ କାର୍ଡ ଆବେଦନ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ହ୍ୱାଟ୍ସଆପକୁ ବ୍ୟାଙ୍କ ଅଫ୍ ବରୋଦାର କ୍ରେଡିଟ୍ କାର୍ଡ ଭେରିଫିକେସନ ପାଇଁ ଏକ ଏପିକେ ଫାଇଲ୍ ଆସିଥିଲା। ସାଇବର ଠକ ନିଜକୁ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଭିଡିଓ କଲ୍ ମାଧ୍ୟମରେ ବିଭିନ୍ନ ତଥ୍ୟ ପୂରଣ କରିବାକୁ କହିଥିଲା। ଆଉ ଏହାପରେ ସାଇବର ଠକମାନେ ବିଦ୍ୟୁତଙ୍କର ଦୁଇଟି ଫିକ୍ସ ଡିପୋଜିଟକୁ ଭାଙ୍ଗି ବ୍ୟାଙ୍କ ଆକାଉଣ୍ଟରୁ ୬ ଲକ୍ଷ ୨୫ ହଜାର ଟଙ୍କା ଉଡ଼ାଇ ନେଇଥିଲେ।





### ଏପିକେ ଇନଷ୍ଟଲ୍ କଲେ କ'ଣ ହୁଏ

ଏପିକେ ଫାଇଲ୍ ଇନଷ୍ଟଲ୍ କରିବା ଦ୍ୱାରା ସ୍ପାଇୱେୟାର ନାମକ କ୍ଷତିକାରକ ସଫ୍ଟୱେର ମୋବାଇଲରେ ପ୍ରବେଶ କରେ। ବ୍ୟବହାରକାରୀଙ୍କ ବିଭିନ୍ନ ଗୋପନୀୟ ତଥ୍ୟ, ଓଟିପି, ବ୍ୟାଙ୍କ ପାସୱାର୍ଡ, ଫଟୋ, ଭିଡିଓ ଓ କଲ୍ ରେକର୍ଡିଂ ଆଦି ସଂଗ୍ରହ କରେ। ଏଥିସହିତ ବ୍ୟବହାରୀଙ୍କ ବିନା ଅନୁମତିରେ ହ୍ୟାକର ବା ସାଇବର ଠକଙ୍କୁ ପଠାଇଦିଏ। ମୋବାଇଲର କ୍ୟାମେରା, ମାଇକ୍, ଜିପିଏସ୍ ଆପେ ଆପେ ଅନ୍ କରିବା ସହ ଗତିବିଧିକୁ ଟ୍ରାକ୍ କରେ। ଏମିତିକି ଆପ୍ ନିଜେ ନିଜେ ଟଙ୍କା ଟ୍ରାନ୍ସଫର କରିଦିଏ।

### କ'ଣ ଏହି ଏପିକେ ଫାଇଲ୍

ଏପିକେର ପୁରା ନାମ ହେଉଛି ଆଣ୍ଡ୍ରଏଡ ପ୍ୟାକେଜ କିଟ୍। ଏହି ଫାଇଲକୁ ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ୍ ବୁଝିପାରେ ଓ ଇନଷ୍ଟଲ୍ କରିପାରେ। ଯେମିତି କମ୍ପ୍ୟୁଟରରେ କୌଣସି ସଫ୍ଟୱେର ଇନଷ୍ଟଲ୍ କରିବାକୁ ଇଏକ୍ସଇ ଫାଇଲ୍ ଦରକାର ହୁଏ, ସେମିତି ଆଣ୍ଡ୍ରଏଡ ଫୋନରେ କୌଣସି ଆପ୍ ଇନଷ୍ଟଲ୍ କରିବାକୁ ଏପିକେ ଫାଇଲର ଆବଶ୍ୟକ ପଡ଼େ। ଗୁଗଲ ପ୍ଲେ ଷ୍ଟୋରରେ ଉପଲବ୍ଧ ନ ଥିବା ଆପକୁ ଏପିକେ ଫାଇଲ୍ ଡାଉନଲୋଡ କରି ଇନଷ୍ଟଲ୍ କରାଯାଏ। ଏମିତିକି ଯଦି କୌଣସି ନୂଆ ଅପଡେଟ୍ ଫୋନରେ ଚାଲୁ ନାହିଁ ବା ଆପଣଙ୍କୁ ପୁରୁଣା ଭର୍ସନ୍ ଭଲ ଲାଗୁଛି, ତେବେ ଏପିକେ ଫାଇଲରୁ ସେହି ପୁରୁଣା ଭର୍ସନ ଇନଷ୍ଟଲ୍ କରି ବ୍ୟବହାର କରିପାରିବେ।

ସାଇବର ଠକ ବା ହ୍ୟାକର ମାନେ ଇଣ୍ଟରନେଟ ଓ ସାମାଜିକ ଗଣମାଧ୍ୟମରୁ କାହାର ବାହାଘର ହେଉଛି, କାହାର ବ୍ୟାଙ୍କ ଆପ୍ଲିକେସନ କାମ କରୁନାହିଁ, କିଏ କ୍ରେଡିଟ୍ କାର୍ଡ ଆବେଦନ କରିବାକୁ ଚାହୁଁଛି ଓ କିଏ ସବସିଡି ପାଇବାକୁ ଚାହୁଁଛି, ସେସବୁ ତଥ୍ୟ ସଂଗ୍ରହ କରି ନେଉଛନ୍ତି। ତଥ୍ୟ ଆଧାରରେ ଲୋକଙ୍କ ଆବଶ୍ୟକତା ଅନୁସାରେ 'ଏପିକେ' ତିଆରି କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଠାଉଛନ୍ତି। ଲୋକମାନେ ମଧ୍ୟ ସେହି ଆବଶ୍ୟକତା ସନ୍ଧାନରେ ଥିବାରୁ ଖୁବଶୀଘ୍ର ହ୍ୟାକର ପଠାଇଥିବା ଏପିକେ ଫାଇଲ୍ ଡାଉନଲୋଡ କରିଦେଉଛନ୍ତି। ଆଉ ଏପିକେ ଫାଇଲ୍ ଇନଷ୍ଟଲ୍ ପରେ ମାଲୱେୟାର ପୁରା ଫୋନକୁ ସାଇବର ଠକଙ୍କ ନିୟନ୍ତ୍ରଣକୁ ଠେଲି ଦେଉଛି।

ଇଏ କେବଳ ଦୁଇଟି ଘଟଣା ନୁହଁ, ଅନେକ ଲୋକ ସାଇବର ଠକଙ୍କ 'ଏପିକେ' ଜାଲରେ ପଡୁଛନ୍ତି। ଏପିକେ ଫାଇଲ୍ ଇନଷ୍ଟଲ୍ କରିବା ମାତ୍ରେ ମୋବାଇଲର ଆକ୍‌ସେସ୍? ସହ ବ୍ୟକ୍ତିଗତ ତଥ୍ୟ ସାଇବର ଠକଙ୍କ ପାଖକୁ ପଳାଉଛି। ଆଉ ତା' ପରେ ମୋବାଇଲର ନିୟନ୍ତ୍ରଣ ଠାରୁ ଆରମ୍ଭ କରି ବ୍ୟାଙ୍କ ଆକାଉଣ୍ଟର ଟଙ୍କା, ସବୁକିଛି ନେଇ ଯାଉଛନ୍ତି ସାଇବର ଠକ।

## ବଜାର ଓ ରାଏତୁଣ୍ଡି ଗ୍ରାମରେ ପାଣି ପାଇଁ ଲୋକେ ହନ୍ତସନ୍ତ

# ବସୁଧା ପାଣି ମାନ ଭଲ ନ ଥିବାରୁ ନଳକୂପ ପାଖରେ ଭିଡ଼





ପଞ୍ଚୁପାଣ୍ଡବ,୨୩।୪(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମ ଓ ଆଦର୍ଶ ଗାଁ ରାଏତୁଣ୍ଡି ଗ୍ରାମରେ ପାଣି ପାଇଁ ଲୋକେ ଦୀର୍ଘ ବର୍ଷ ଧରି ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପ୍ରକଳ୍ପ ପାଣିର ମାନ ଠିକ୍ ନ ଥିବାରୁ ଲୋକେ ନଳକୂପ ନିକଟରେ ଭିଡ଼ ଜମାଉଛନ୍ତି। ଏ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

ସଦାନନ୍ଦପୁର ଗ୍ରାମ ଗୋବରୀ ନଦୀ ବ୍ରିଜ ନିକଟରେ ଅବସ୍ଥିତ ଥିବାବେଳେ ବସୁଧା ପାନୀୟ ଜଳଯୋଗାଣ ପ୍ରକଳ୍ପ ୨୦୧୭ରେ ୪୨ ଲକ୍ଷ ଟଙ୍କା ବ୍ୟୟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଯେବେଠୁ ଏହି ପ୍ରକଳ୍ପ ହେଲାଣି ପାଣିର ମାନ ଠିକ୍ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ଏହି ବସୁଧା ପାନୀୟଜଳରୁ ଆଇରନ ମିଶା ପାଣି ବାହାରୁଥିବା ଅଭିଯୋଗ ହେବା ପରେ ଆଉଏକ ବୋରୱେଲ ଖୋଲାଯାଇଥିଲା। ଏହି ପ୍ରକଳ୍ପଟି ବାରମ୍ବାର ଅଚଳ ହେବାରୁ ସଦାନନ୍ଦପୁର, ରାଏତୁଣ୍ଡି ଓ ବଜାର ଗ୍ରାମର ଦୁଇ ହଜାରରୁ ଅଧିକ ଲୋକେ ବିଶୁଦ୍ଧ ପାନୀୟଜଳ ପାଇଁ କଲବଲ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସଦନାନନ୍ଦପୁର ହାଟ ପଡ଼ିଆରେ ନୂତନ ଭାବେ ହୋଇଥିବା ଓଭରହେଡ୍ ପାଣି ଟାଙ୍କି କାମ ଦୀର୍ଘଦିନ ହେଲା ଶେଷ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଠିକ୍ ଭବେ ପାଣି ପାଇପାରୁ ନ ଥିବା ଅଭିଯୋଗ ହେଉଛି। ସବୁ ଘରକୁ ଘର ପାଣି ପହଞ୍ଚିବ ବୋଲି ସରକାର କହୁଥିବାବେଳେ ଏଠି ପ୍ରଶାସନ ଓ ଠିକାଦାରଙ୍କ ଅବହେଳା ଯୋଗୁ ଲୋକଙ୍କୁ ପାଣି ସମସ୍ୟା ଭୋଗିବାକୁ ପଡୁଛି। ଏହି ପଞ୍ଚାୟତରେ ଲାଗିଥିବା କେତେକ ଜାଗାରେ ପୁରୁଣା ପାଇପରେ ପାଣି ଦିଆଯାଇଥିବା ଅଭିଯୋଗ ହେଉଛି। ପାଣିର ମାନ ଠିକ୍ ନ ଥିବାରୁ ଲୋକେ ସରକାରୀ ନଳକୂପ ନିକଟରେ ସକାଳୁ ଉଠି ଧାଡ଼ି ଲଗାଉଥିବା ଦେଖିବାକୁ ମିଳୁଛି। ଏ ପର୍ଯ୍ୟନ୍ତ ଶତାଧିକ ଲୋକଙ୍କ ଘରେ ପାଣି ପାଇପ୍ ସଂଯୋଗ ହୋଇ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ପଦକ୍ଷେପ ଗ୍ରହଣ କରାଯାଉନି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ମୋହନ ଚରଣ ସାହୁ ଓ ସମିତି ସଭ୍ୟା କବିତା ସେଠୀ ଡେରାବିଶ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଶୀଘ୍ର ଏହାର ତଦନ୍ତ କରାଯାଇ ନୂଆ ଟାଙ୍କିରେ ଫିଲଟର ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ନିର୍ମାଣ କାମ ଆରମ୍ଭ କରି ଦୀର୍ଘଦିନ ହେଲା ବନ୍ଦ

# ୨୨ ପରିବାର ଯାତାୟାତରେ ଅସୁବିଧା

ଡେରାବିଶ,୨୩।୪(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତର ଚାନ୍ଦୋଳ ବଜାର ନିକଟରେ କଟକ-ଚାନ୍ଦବାଲି ରାଜରାସ୍ତାକୁ ୨୦ ନଂ ପାଟନାଳୀ ଅତିକ୍ରମ କରିଛି।



ଏହି ସ୍ଥାନରେ ପାଟନାଳୀର ଉପର ମୁଣ୍ଡରେ ପାଟନାଳୀର ବାମପାଶ୍ୱର୍ ଢଳେଇ ପ୍ରାଚୀର କରିବାକୁ ଜନୈକ ଠିକାଦାର ମାସାଧିକ କାଳହେବ ବନ୍ଧକୁ ତାଡ଼ି ଦେଇଛନ୍ତି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୨୨ଟି ପରିବାର ଯାତାୟାତରେ ଅସୁବିଧା ହେଉଛି। ଗ୍ରାମବାସୀମାନେ ତୁରନ୍ତ ପାଟନାଳୀର ପ୍ରାଚୀର ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ନଚେତ୍ ବର୍ଷାଦିନେ ଚାଷଜମିର ଉଦବୃତ ଜଳ ଏହି ପାଟନାଳୀ ଦେଇ ନିଷ୍କାସିତ ହେଲେ ବନ୍ଧ ପାଣିର ସ୍ରୋତରେ ଧୋଇଯାଇ ଅଞ୍ଚଳବାସୀଙ୍କ ଯାତାୟତରେ ଆହୁରି ସମସ୍ୟା ସୃଷ୍ଟି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମା' ତାରିଣୀଙ୍କ ବାର୍ଷିକ ଉତ୍ସବ



ଡେରାବିଶ,୨୩।୪(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ କୂଳସାହି ସ୍ଥିତ ମା' ତାରିଣୀଙ୍କ ମନ୍ଦିର ପରିସରରେ ୨୪ ତମ ବାର୍ଷିକ ଉତ୍ସବ ଓ ଏକଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଲୁଣାନଦୀ ଘାଟରୁ ପୂଜାର୍ଚ୍ଚନା ପୂର୍ବକ ଶତାଧିକ ମଳିଳା ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ମନ୍ଦିର ବେଢ଼ାକୁ ଆଣିଥିଲେ। ବୁଧବାର ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଚରୁଅନ୍ନ ବଂଟନ କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ମାଣିଖଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୨୩।୪(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥ ମାଣିଖଣ୍ଡୀଙ୍କ ପୀଠରେ ବିଶଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଯଜ୍ଞ ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇଥିଲା। ୧୯ ତାରିଖରେ ଅଙ୍କୁରାରୋପଣ ହୋଇଥିବାବେଳେ ୨୦ ତାରିଖ ଦିନ ନିକଟସ୍ଥ ଜଳାଶୟରୁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ୨୬ ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ହେବ। ଏହି ଯଜ୍ଞରେ ବୀରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି କର୍ତ୍ତା ଥିବାବେଳେ ବନମାଳୀ ଦୁବେ, ଅନିରୁଦ୍ଧ ବେହେରା, ବ୍ରଜସୁନ୍ଦର ମହାନ୍ତି, ଅକ୍ଷୟ ମହାନ୍ତି, ବିଭୁପ୍ରସାଦ ବେହେରା, ପରମାନନ୍ଦ ବେହେରା, ପ୍ରମୋଦ ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଚିତରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାରାଜ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ସ୍ଥାନ ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ମଧ୍ୟସ୍ଥଳୀରେ ଅବସ୍ଥିତ ହୋଇଥିବାରୁ ଯଜ୍ଞ କାର୍ଯ୍ୟରେ ଏହି ତିନି ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ଜନସାଧାରଣଙ୍କ ସମାଗମ ହେଉଛି।



# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଡେରାବିଶ, ୨୩।୪(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରାଚକଡ଼ା ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଦେବପ୍ରସାଦ ମହାନ୍ତିଙ୍କ ତିନିବଖରା ଘର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଶ୍ରୀ ମହାନ୍ତିଙ୍କ ଘର ଗତକାଲି ଛପର ହୋଇଥିବାବେଳେ ଆଜି ହଠାତ୍ ଜଳି ଉଠିଥିଲା। କୌଣସି ସାମଗ୍ରୀ ଉଦ୍ଧାର ହୋଇପାରି ନ ଥିଲା। ଖବର ପାଇ ଡେରାବିଶ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

# ହନୁମାନଜୀଉଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ

ଡେରାବିଶ, ୨୩।୪(ସମିସ): ପଳେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ଗ୍ରାମର ଇଷ୍ଟଦେବ ଶ୍ରୀକୁଞ୍ଜବିହାରୀଙ୍କ କଦଳୀପଟୁକା ମଠ ପରିସରରେ ହନୁମାନଜୀଉଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ତିଥିରେ ଅଙ୍କୁରାରୋପଣ ଓ ଯଜ୍ଞର ଶୁଭାଧିବାସ ହୋଇଥିବାବେଳେ ମଙ୍ଗଳବାର କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ଗୁରୁପୂଜା, ସୂର୍ଯ୍ୟପୂଜା ଓ ଗୋପୂଜା କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ମଠର ମହନ୍ତ ମହମୋହନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞରେ କର୍ତ୍ତା ବୈଷ୍ଣବ ସାମଲ ଓ ସୀତା ସାମଲ ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ହରିହର ତ୍ରିପାଠୀଙ୍କ ସହିତ ଅନ୍ୟ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ କର୍ମ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ଅଶୋକ ସାମଲ, ତ୍ରିଲୋଚନ ସାମଲ, ଦୁର୍ଯ୍ୟୋଧନ ସାମଲ ଓ ଚନ୍ଦ୍ରମଣି ମଲ୍ଲଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ୧୩ନଂ କେନାଲର ଶାଖା ନାଳବନ୍ଧ ପିଚୁ କରାଯିବା ଦାବି

ଡେରାବିଶ, ୨୩।୪(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁରଠାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଶାଖା ୧୩ନଂ କେନାଲରୁ ବାହାରିଥିବା ଶାଖା ନାଳଟି ଦାନପୁରଠାରୁ ରଜାଙ୍ଗ ପର୍ଯ୍ୟନ୍ତ ଯାଇଛି। ଏହି ନାଳ ବନ୍ଧର ବାମପାଶ୍ୱର୍ ବନ୍ଧଟି କେଶରପୁରଠାରୁ ରଜାଙ୍ଗ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ବନ୍ଧ ଦେଇ ରଜାଙ୍ଗ ଗ୍ରାମର ଜନସାଧାରଣଙ୍କ ସମେତ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ଯିବା ପାଇଁ ଲୋକେ ନିର୍ଭର କରନ୍ତି। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ, ଗାଡ଼ି ଯିବା ତ ଦୂରର କଥା ପଥଚାରୀଙ୍କ ପାଇଁ ମଧ୍ୟ ଅନୁପଯୋଗୀ ହୋଇପଡ଼ିଛି। ଏହି ରାସ୍ତାକୁ ପିଚୁ ରାସ୍ତା କରିବା ପାଇଁ ରଜାଙ୍ଗର ୱାର୍ଡ ସଭ୍ୟ ପ୍ରକାଶ କୁମାର ଘଡ଼େଇ ଦାବି କରିଛନ୍ତି।



# ଚିଙ୍ଗୁଡ଼ି ଘେରିରୁ ହରିଣ ଉଦ୍ଧାର

ରାଜନଗର,୨୩।୪(ସମିସ): ଆଜି ରାଜନଗର ବ୍ଲକ ବାଘମରି ଗ୍ରାମର ଏକ ଚିଙ୍ଗୁଡ଼ି ଘେରିରୁ ହରିଣ ଉଦ୍ଧାର କରାଯାଇଛି। ସକାଳେ ବାଘମାରି ଗାଁର ନନ୍ଦ ଗୁଡିଆଙ୍କ ଚିଙ୍ଗୁଡ଼ି ଘେରି ମଧ୍ୟରେ ଏକ ହରିଣକୁ ଦେଖିବାକୁ ମିଳିଥିଲା। ହରିଣଟି ଘେରି ମଧ୍ୟକୁ ପାଣି ପିଇବାକୁ ପଶିଯାଇ ଜାଲ ଘେରା ହୋଇଥିବାରୁ ବାହାରକୁ ଆସିପାରି ନ ଥିଲା। ତାଲଚୁଆ ଫରେଷ୍ଟର ପ୍ରକାଶ ଦାସଙ୍କ ନେତୃତ୍ୱରେ ଟିମ ଚିଙ୍ଗୁଡ଼ି ଘେରିରେ ପହଞ୍ଚି ହରିଣକୁ ଧରିବାକୁ ଚେଷ୍ଟା କରିଥିଲେ। ହରିଣଟି ଘେରି ମଧ୍ୟରେ ଥିବା ପୋଖରୀ ମଧ୍ୟକୁ ପଳାଇଥିଲା। ବନ କର୍ମଚାରୀ ପୋଖରୀ ମଧ୍ୟରେ ପଶି ହରିଣକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନରେ ଛାଡ଼ିଛନ୍ତି। ବାଘମରିଠାରୁ ଗୋଟିଏ କିଲୋମିଟର ଦୂରରେ ଥିବା ଜଙ୍ଗଲରୁ ହରିଣଟି ପାଣି ଅନ୍ୱେଷଣରେ ଚାଲି ଆସିଥିବା କୁହାଯାଉଛି।



# ରାତିରେ କାଠ ମାଫିଆ ସକ୍ରିୟ, ଟାର୍ଗେଟରେ କାଜୁ ଜଙ୍ଗଲ

ମହାକାଳପଡ଼ା,୨୩।୪(ସମିସ): ମହାକାଳପଡ଼ାରେ ବେଆଇନ୍ ବାଲି, ମାଟି, ଇଟା ମାଫିଆଙ୍କ ସମେତ ଏବେ କାଠ ମାଫିଆଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ରାତି ହେଲେ କାଠ ମାଫିଆ ରାମନଗର ଅଞ୍ଚଳର କାଜୁ ଜଙ୍ଗଲରୁ ଗଛ କାଟି ଚୋରାଚାଲାଣ କରୁଛନ୍ତି। ଗତକାଲି ଏକ ଟ୍ରାକ୍ଟର ସାହାଯ୍ୟରେ କାଜୁ ଗଛ ଚାଲାଣ ହେଉଥିବା ଦେଖିବାକୁ ମିଳିଥିଲା। ଆଜି ସନ୍ଧ୍ୟାରେ ମଧ୍ୟ କାଜୁ କାଠ ଲୋଡ୍ ହୋଇଥିବା ଏକ ପିକଅପ୍‌କୁ ବରଜ ଗ୍ରାମର ଲୋକେ ଅଟକ ରଖି ପୁଲିସକୁ ସୂଚନା ଦେଇଥିବା କହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଯେ ଏତେ ସଂଖ୍ୟକ କାଜୁ ଗଛ ମାଫିଆ କାଟି ନେଉଛନ୍ତି, ବନ ବିଭାଗ କେମିତି ଜାଣିପାରୁନାହିଁ? ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଗଣଧାରଣା

ରାଜନଗର,୨୩।୪(ସମିସ): ରାଜନଗର ବ୍ଲକର ୧୪ଟି ସେବା ସମବାୟ ସମିତି ଲିଃ କର୍ମଚାରୀ ଆଜି ୪ ଦଫା ଦାବିନେଇ ରାଜନଗରସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶାଖା ସମ୍ମୁଖରେ ଗଣଧାରଣା ବସିଥିଲେ। ବ୍ୟାଙ୍କର ସୁପରଭାଇଜର ବିକାଶ ପ୍ରସାଦ ସିଂଙ୍କୁ ପୁନଃ ଅବସ୍ଥାପିତ କରିବା, ୨୦୨୧ ଫସଲବୀମା ତୁରନ୍ତ ପ୍ରଦାନ କରିବା, ରାଜନଗରସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶାଖାରେ ଟଙ୍କା ରହୁ ନ ଥିବାରୁ ଋଣୀ ହଇରାଣ ହରକତ ହେଉଥିବାରୁ ବ୍ୟାଙ୍କରେ ଟଙ୍କା ମହଜୁଦ ରଖିବା, ଏନଇଏଫଟି ଦିନକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର କରିବା ଆଦି ଦାବି ନେଇ ସମବାୟ ସମିତିର ସମ୍ପାଦକ, ସହସମ୍ପାଦକ ଓ କର୍ମଚାରୀ ଧାରଣାରେ ବସିଥିଲେ। ସେବା ସମବାୟ ସମିତି କର୍ମଚାରୀ ସଂଘର ସଭାପତି ନୀଳମଣି ପ୍ରଧାନ, ସମ୍ପାଦକ ଗୋବିନ୍ଦ ଜେନା, ସମ୍ପାଦକ ଜ୍ଞାନରଞ୍ଜନ ନାୟକ, ଅଲେଖ ବେହେରା, ପ୍ରକାଶ ଜେନା, ଅମର ବଳ, ସତ୍ୟନାରାୟଣ ନାୟକ, ଯୋଗେନ୍ଦ୍ର ବାରିକ, ସୁକାନ୍ତ ବେହେରା, ଗିରିଶ ଜେନା, ଭୀଷ୍ମ ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ସକାଳ ୮ଟାଠାରୁ ଖରା ଓ ଗରମରେ ଧାରଣାରେ ବସି ରହିଥିଲେ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଭାତ କାନୁନଗୋ ଫୋନ ଯୋଗେ ସେବା ସମବାୟ ସମିତି କର୍ମଚାରୀ ସଂଘ ସହ ଆଲୋଚନା କରିଥିଲେ। ସୋମବାର ସୁଦ୍ଧା ୪ଟି ଦାବି ପୂରଣ କରିବାକୁ ପତିଶ୍ରୁତି ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଛି। ଯଦି ସୋମବାର ସୁଦ୍ଧା ଦାବି ପୂରଣ ନ ହୁଏ, ତେବେ ଚଳିତ ମାସ ୨୯ ତାରିଖ ବୁଧୁବାର ପୁଣି ଧାରଣାରେ ବସିବୁ ବୋଲି ସମ୍ପାଦକ ଶ୍ରୀ ଜେନା ସୂଚନା ଦେଇଛନ୍ତି।



## ■ ବାଲି, ମାଟି ମାଫିଆଙ୍କୁ ଜିଲ୍ଲାପାଳଙ୍କ କଡ଼ା ଚେତାବନୀ

# ପୁଲିସ-ତହସିଲ ଉପରେ ରହିବ କଡ଼ା ନଜର

କେନ୍ଦ୍ରାପଡ଼ା,୨୩।୪(ସମିସ): ଜିଲ୍ଲାରେ ବ୍ୟାପକ ଭାବେ ବଢୁଥିବା ବାଲି ଓ ମାଟି ଚୋରାଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନ କଡ଼ା ମନୋଭାବ ଗ୍ରହଣ କରିଛି। ଜିଲ୍ଲାପାଳ ରଘୁରାମ ଆର ଆୟର ବାଲି ଓ ମାଟି ମାଫିଆଙ୍କୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଏପରି ଅବୈଧ କାର୍ଯ୍ୟକଳାପ ଆଉ ସହ୍ୟ କରାଯିବ ନାହିଁ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏଣିକି ଜିଲ୍ଲାର ସମସ୍ତ ଥାନା ଓ ତହସିଲ କାର୍ଯ୍ୟାଳୟ ଉପରେ କଡ଼ା ନଜର ରଖାଯିବ। ଯେଉଁଠି ବାଲି କିମ୍ବା ମାଟି ଚୋରି ହେଉଥିବା ପ୍ରମାଣ ମିଳିବ, ସେଠାର ସମ୍ପୃକ୍ତ ପୁଲିସ ଓ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ପ୍ରଶାସନ ଏହି ଅଭିଯାନରେ ସାଧାରଣ ଲୋକଙ୍କୁ ମଧ୍ୟ ସାମିଲ କରିବାକୁ ଆହ୍ୱାନ କରିଛି। ନିଜ ଅଞ୍ଚଳରେ ଯଦି କୌଣସି ବାଲି କିମ୍ବା ମାଟି ଚୋରି ହେଉଛି, ତାହାର ଫଟୋ ଓ ଭିଡିଓ କରି ପ୍ରଶାସନକୁ ପଠାଇବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି। ଏହା ଆଧାରରେ ତତ୍କାଳ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମ୍ପ୍ରତି କୁଦାନଗରୀ ଓ ଗରଦପୁର ଅଞ୍ଚଳରୁ ବାଲି ଚୋରି ସମ୍ବନ୍ଧୀୟ ଗୁରୁତର ଅଭିଯୋଗ ଆସିଥିବା ବେଳେ, ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେଇଛି। ଅଭିଯୋଗ ଅନୁଯାୟୀ, ଜଣେ ପ୍ରଶାସନିକ ଅଧିକାରୀ କୁଦାନଗରୀରୁ ମାସିକ ୪୦ ହଜାର ଏବଂ ଗରଦପୁରରୁ ୨୦ ହଜାର ଟଙ୍କା ଗ୍ରହଣ କରୁଥିବା କଥା ଆସିଛି। ଏହା ସହିତ ସ୍ଥାନୀୟ ପୋଲିସ ଓ ଖଣି ବିଭାଗକୁ ମଧ୍ୟ ମାସିକ ଭିତ୍ତିରେ ପିସି ଯାଉଥିବା ଅଭିଯୋଗ ଉଠିଛି।

# ସିନ୍ଧୁକା ଫାଉଣ୍ଡେସନ ପକ୍ଷରୁ ଭିତରକନିକା ଦିବସ

ରାଜନଗର,୨୩।୪(ସମିସ): ରାଜନଗର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସିନ୍ଧୁକା ଫାଉଣ୍ଡେସନ ତରଫରୁ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଦିବସ ପାଳନ କରାଯାଇଛି। ୧୯୭୫ ମସିହା ଏପ୍ରିଲ ୨୨ରେ ଭିତରକନିକାକୁ ଓଡ଼ିଶାର ପ୍ରଥମ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ହାତ ତିଆରି ପୋଷ୍ଟର ଧରି ଫାଉଣ୍ଡେସନର କର୍ମକର୍ତ୍ତାମାନେ ଜାତୀୟ ଉଦ୍ୟାନ ମୁଖ୍ୟ ଫାଟକ ସମ୍ମୁଖରେ ଏହି ଦିବସ ପାଳନ କରିଥିଲେ। ଏଥିରେ ସିନ୍ଧୁକା ଫାଉଣ୍ଡେସନର ସଭାପତି ବିକ୍ରମ କେଶରୀ ବିଶ୍ୱାଳ, ସଂପାଦକ ସୋନାଶିଷ ପ୍ରିୟଦର୍ଶନୀ ଜେନା, କୋଷାଧକ୍ଷ ରଶ୍ମିରଞ୍ଜନ ସେଠୀ, ସୁକୁମାର ମାନା, ବନମାଳୀ ରାଉତ, ଚନ୍ଦ୍ର ଶେଖର ମାନା ପ୍ରମୁଖ ଉପସ୍ଥିତ ଥିଲେ। 'ସିନ୍ଧୁକା' ଫାଉଣ୍ଡେସନର ଏଭଳି ସଚେତନତା କାର୍ଯ୍ୟକ୍ରମକୁ ଡିଏଫ୍‌ଓ ଭରତ ରାଜ ଗାଁଓଙ୍କର ପ୍ରଶଂସା କରିଥିଲେ।



# ଦ୍ରୌପଦୀ ପଲାଇଙ୍କ ପରିବାରକୁ ସହାୟତା

ପଟ୍ଟାମୁଣ୍ଡାଇ,୨୩।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର କୁଶୀନାଥ ପଲାଇଙ୍କ ପତ୍ନୀ ଦ୍ରୌପଦୀ ପଲାଇ ନିକଟରେ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ପରିବାର ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ସହାୟତା ଅନୁରୋଧ କରି ଅନୁରୋଧପତ୍ର ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର. ରଘୁରାମ ଆୟାର, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ପରିବାରର ଦୁଃସ୍ଥିତିକୁ ବିଚାରକୁ ନେଇ ଦ୍ରୌପଦୀ ମୁର୍ମୁଙ୍କ ଶୁଦ୍ଧକ୍ରିୟା ପାଇଁ ୧୦,୦୦୦ ଟଙ୍କା ରେଡକ୍ରସ୍ ସହାୟତା ଅନୁମୋଦନ କରିଥିଲେ। ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ନିର୍ଦ୍ଦେଶରେ ଡାମରପୁର ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ ବଳଭଦ୍ରପୁରର ପ୍ରିୟବ୍ରତ ଓଝା ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିଥିଲେ।



# ମରାମତି ହେଲା ନଳକୂପ

ମହାକାଳପଡ଼ା,୨୩।୪ (ସମିସ): ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ଯେଉଁ ନଳକୂପ ଥିଲା, ତାହା ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିଲା। ନଳକୂପ ସାରା କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ଓ ଏଥିପାଇଁ ବିଭାଗ ଦୃଷ୍ଟି ନ ଦେବାରୁ ପିଲାମାନେ ସେହି ନଳକୂପରୁ କଳଙ୍କି ମିଶା ଆଇରନ ପାଣି ପିଉଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିପର୍ଯ୍ୟସ୍ତ ନଳକୂପକୁ ବଦଳାଇ ନୂତନ ଭାବେ ମରାମତି କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ବିପର୍ଯ୍ୟସ୍ତ ନଳକୂପର ଅଂଶକୁ ବାହାର କରାଯାଇ ନୂତନ ସରଞ୍ଜାମ ଲଗାଇ ମରାମତି କରାଯାଇଛି। ପ୍ରଶାସନର ତ୍ୱରିତ ପଦକ୍ଷେପ ପାଇଁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି।

ସକାଳ ପ୍ରଭାବ



# ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦ୍ରାପଡ଼ା/ଡେରାବିଶ,୨୩।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅଂଶୁଘାତ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଗୁଆଳସିଂ ପଞ୍ଚାୟତ ଭାଟବାଗ ଗ୍ରାମର ଶିବପ୍ରସାଦ ଦାସ ବୋଲି ଜଣାପଡ଼ିଛି। ଶିବପ୍ରସାଦ ଦାସ ବିଲକୁ କାମ କରିବାକୁ ଯାଇଥିବାବେଳେ ହଠାତ୍ ପଡିଯାଇଥିଲେ। ସେଠାରେ ଥିବା ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସଦର ଥାନା ପକ୍ଷରୁ ମାମଲା ରୁଜୁ ହୋଇଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।

## ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

# 'ଦେଶ ବିଦେଶରେ ବହୁ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠା ଦେଇ କଲେଜ ମାଟିକୁ ଧନ୍ୟ କରିଛି'



ପଟ୍ଟାମୁଣ୍ଡାଇ,୨୩।୪(ସମିସ): ଦେଶ ବିଦେଶରେ ବହୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରି ପଟ୍ଟାମୁଣ୍ଡାଇ କଲେଜ ଏ ମାଟିକୁ ଧନ୍ୟ କରିଛି। କଲେଜର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିଲେ ଏହା ରାଜ୍ୟର ଏକ ଅଗ୍ରଣୀ ଶ୍ରେଷ୍ଠ କଲେଜରେ ପରିଣତ ହେବ। ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀ ଉତ୍ତମ ମୂଲ୍ୟବୋଧଭିତ୍ତିକ ସଂସ୍କାରିତ ଶିକ୍ଷା ଗ୍ରହଣ କରିବା, ନିୟମିତ ପୁସ୍ତକ ଅଧ୍ୟୟନ ସହ ମୋବାଇଲ ବ୍ୟବହାରକୁ ସୀମିତ କରି ଜ୍ଞାନ ଆହରଣ ବ୍ୟତୀତ ଅପସଂସ୍କାରଠାରୁ ଦୁରେଇ ରହିଲେ; ଜୀବନର ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି।

ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ପ୍ରଧାନ ଉଦଯାପନୀ ଉତ୍ସବରେ ପୌରୋହିତ୍ୟ କରି ସମସ୍ତ ବାଧା ଓ ପ୍ରତିବନ୍ଧକକୁ ଏଡାଇ ୩ ଦିନ ବ୍ୟାପି ଆୟୋଜିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସମସ୍ତଙ୍କ ସହଯୋଗ ଓ ଉପସ୍ଥିତି ପାଇଁ ସାଧୁବାଦ ଜଣାଇବା ସହିତ କଲେଜ ବିକାଶକୁ କଣ୍ଠରୋଧ କରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଭଣ୍ଡୁର ପାଇଁ ହୀନ ଉଦ୍ୟମ କରିଥିବା ଚକ୍ରାନ୍ତକାରୀ ଗୋଷ୍ଠୀକୁ ଭଗବାନ ସଦବୁଦ୍ଧି ଦିଅନ୍ତୁ ବୋଲି ପ୍ରକାଶ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇବାସୀଙ୍କ ହୃଦସ୍ପନ୍ଦନ ପଟ୍ଟାମୁଣ୍ଡାଇ କଲେଜ ସୁବର୍ଣ୍ଣ ଜୟନ୍ତୀ ସମସ୍ତ ବାଧା ପ୍ରତିବନ୍ଧକ ଓ ଅପପ୍ରଚାରକୁ ଏଡାଇ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଥିବାରୁ ଏ ମାଟିର ଗୌରବ ଓ ସ୍ୱାଭିମାନ ଅକ୍ଷୁର୍ଣ୍ଣ ରହିଥିବାରୁ ପଟ୍ଟାମୁଣ୍ଡାଇବାସୀ ଓ ପୁରାତନ ଛାତ୍ର ସଂସଦ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ପୁରାତନ ଛାତ୍ର ଗାଳ୍ପିକ ପ୍ରାଧ୍ୟାପକ ଡ ନୀଳମଣି ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ କଲେଜ ମାଆ ପରି ସ୍ନେହ ମମତା ଦେଇ ସମାଜରେ ପ୍ରତିଷ୍ଠିତ ହେବାର ସୁଯୋଗ ଦେଇଥିବାରୁ ସମସ୍ତ ମତଭେଦ ଭୁଲି ସମସ୍ତ ପୁରାତନ ଛାତ୍ରଛାତ୍ରୀ ମା' କୋଳକୁ ଫେରି ଆସିବାକୁ କବିତା ମାଧ୍ୟମରେ ଅପିଲ କରିଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ନିଶିକାନ୍ତ ପ୍ରଧାନ, ଯୁଗ୍ମସମ୍ପାଦକ ରାଜେନ୍ଦ୍ର ଦାଶ, ପ୍ରମୋଦ ସାହୁ, ଅମରେଶ ପାତ୍ର ଓ ରବୀନ୍ଦ୍ର ବିଶ୍ୱାଳ କଲେଜ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ପୁରାତନ ଛାତ୍ର ରମେଶ ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ଆଇଆଇସି ଶ୍ରୀମତୀ ପାତ୍ର, କଲେଜ ଅଧ୍ୟକ୍ଷ ଶ୍ରୀ ପାତ୍ର, ପୁରାତନ ଛାତ୍ର ପୂର୍ବତନ ବିଧାୟକ କିଶୋର ତରାଇ, ପୁରାତନ ଛାତ୍ର ସଂସଦ ସଭାପତି ଶ୍ରୀ ପ୍ରଧାନ, ସମ୍ପାଦକ ଶ୍ରୀ ପ୍ରଧାନ, ଯୁଗ୍ମସମ୍ପାଦକ ଶ୍ରୀ ଦାଶ, କୋଷାଧକ୍ଷ ଶୁଭଦୀପ ଗୁପ୍ତା, ପୁରାତନ ଛାତ୍ର ଗାଳ୍ପିକ ପ୍ରଦୀପ ନାୟକ, କିଶୋର ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ନାୟକ, ରମେଶ ଦେ, ସୁଶାନ୍ତ ଦାଶ, ପ୍ରମୋଦ ସାହୁ, ନଟବର ସେଠୀ, ମିଟୁ ମନୋଜ ନାୟକ, ଶିଶିର ମଳିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ରମେଶ ଦେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।







# ବିଦ୍ୟୁତ୍ ତାର ଓ ଆଲୋକମାଳାରେ ଅସ୍ତବ୍ୟସ୍ତ ବୃକ୍ଷରାଜି

ଭୁବନେଶ୍ୱର, ୨୩।୪(ରଞ୍ଜନା ନାୟକ)

ଗୋଟିଏ ବୃକ୍ଷରେ ଅଗରୁ ନେଇ ଡାଳ ପର୍ଯ୍ୟନ୍ତ ଏବେ ନାନା ପ୍ରକାରର ରଙ୍ଗବେରଙ୍ଗର ଆଲୋକରେ ସାଜସଜ୍ଜା କରାଯାଉଛି। ଆଉ କେଉଁଠି ବଡ଼ ବଡ଼ ବୃକ୍ଷରେ ବିଦ୍ୟୁତ୍ ତାର ଗୁଡ଼େଇ ରଖି ଯାଉଛି। ଯଦ୍ୱାରା ବୃକ୍ଷର ବାହ୍ୟ ତାପମାତ୍ରା ବୃଦ୍ଧି ପାଉଛି। ଫଳରେ ଗଛର ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ବା ଫଟୋସିନ୍ଥେସିସ୍ ପ୍ରକ୍ରିୟାର ବାଧା ସୃଷ୍ଟି କରୁଛି। ଫଳରେ ଗଛ ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ଅନେକ କ୍ଷେତ୍ରରେ ଗଛଗୁଡ଼ିକ ଶୁଖି ମରି ଯାଉଛି।

- ହୋଇପାରୁନି ଫଟୋସିନ୍ଥେସିସ୍ ପ୍ରକ୍ରିୟା
- ଖାଦ୍ୟାଭାବରୁ ଦୁର୍ବଳ ହେଉଛି ଉଦ୍ଭିଦ





ରାଜଧାନୀରେ ବିଭିନ୍ନ ପର୍ବ ପର୍ବାଣୀ ହେଉ ଅବା କିଛି ମେଳା ମହୋତ୍ସବରେ ଘର ଠାରୁ ନେଇ ବାହାର ପର୍ଯ୍ୟନ୍ତ ସବୁଠି ବୃକ୍ଷମାନଙ୍କରେ ରଙ୍ଗୀନ ଅଲୋକ ଝଟକୁଛି। ଏଥିସହିତ ପାର୍କ ଓ ହୋଟେଲରେ ମଧ୍ୟ ଏହି ବୃକ୍ଷ ଆଲୋକମାଳା ଦେଖିବାକୁ ମିଳୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବର୍ତ୍ତମାନ ବାଣୀବିହାର ଛକରୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଆଡ଼କୁ ଯିବା ରାସ୍ତାର ପାର୍ଶ୍ୱରେ ଅନେକ ବୃକ୍ଷରେ ବିଦ୍ୟୁତ ତାରଗୁଡ଼ା ହୋଇଥିବାର ଦେଖିବାକୁ ମିଳିବ। ଏଥିସହିତ ବିଭିନ୍ନ ମେଳା ମହୋତ୍ସବରେ ରାତିରେ ବୃକ୍ଷମାନ ଆଲୋକମାଳାରେ ଝଟକୁଛି। ହେଲେ ଏହି ଆଲୋକ ଓ ତାର ଗୋଟିଏ ବୃକ୍ଷ ପାଇଁ ବିପଦ ଡ଼ାକିଆଣୁଛି। ପରିବେଶବିତ୍‌ଙ୍କ କହିବାନୁଯାୟୀ ଗୋଟିଏ ଗଛ ପାଇଁ ୧୭ ଡ଼ିଗ୍ରୀରୁ ସର୍ବାଧିକ ୩୫ ଡ଼ିଗ୍ରୀ ସେଲ୍‌ସିୟସ ତାପମାତ୍ରା ଆବଶ୍ୟକ ଏହା ହେଲେ ଗଛଟି ନିଜର ଖାଦ୍ୟ ପ୍ରସ୍ତୁତ କରିବାକୁ ପର୍ଯ୍ୟାପ୍ତ ସମୟ ପାଇପାରିବ। ହେଲେ ଏହାଠାରୁ ଅଧିକ ତାପମାତ୍ରା ପାଇଲେ ବୃକ୍ଷ ପାଇଁ ଏହା ଅଧିକ କ୍ଷତିକାରକ ହୋଇପଡ଼େ। ବିଶେଷକରି ଗଛର ଫଟୋସିନ୍ଥେସିସ୍‌କୁ ପ୍ରଭାବିତ କରିଥାଏ।

ଗଛରେ ବିଦ୍ୟୁତ୍ ସଂଯୋଗ ହେଲେ କିମ୍ବା ବିଦ୍ୟୁତ ତାର ଗଲେ ସେହି ସ୍ଥାନରେ ତାପମାତ୍ରା ବୃଦ୍ଧି ହେବା ସହିତ ଚୁମ୍ବକୀୟ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଯାହା ଗଛର ମେଟାପୋଲିଜିମ୍ ନଷ୍ଟ କରିବା ସହିତ ଗଛର ସବୁଜକରଣକୁ କମାଇ ଗଛକୁ ଅକ୍ଷମତା କରିଦେଇଥାଏ। ଏଥିସହିତ ଯଦି ବର୍ଷା କି ପବନ ଜୋରରେ ପବନ ହେଲେ ଘଡ଼ଘଡ଼ି କିମ୍ବା ଚଡ଼ଚଡ଼ି ମାରିଲେ ଗଛ ପାଇଁ ଏହା ଅଧିକ ବିପଦ ଡ଼ାକିଆଣିଥାଏ। ଏଥିସହିତ ଆଖପାଖ ଲୋକ ଓ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି ହୋଇଥାଏ ବୋଲି ଓୟୁଏଟି ଆସୋସିଏଟ୍ ପ୍ରଫେସର ଦେବାଶିଷ୍ ଦାସ କହିଛନ୍ତି।

ଏହିପରି ଆମ ଚାରି ପାଖରେ ସର୍ଟ୍‌ଡ଼େ, ଲଙ୍ଗ ଡ଼େ, ଡ଼େ ନ୍ୟୁଟ୍ରାଲ ଗଛ ରହିଛି। ଆଲୋକ ଡ଼େ ନ୍ୟୁଟ୍ରାଲ ଗଛ ଉପରେ କିଛି ପ୍ରଭାବ ପକାଉ ନ ଥିବା ବେଳେ ସର୍ଟଡ଼େ ଗଛକୁ ଅଧିକ ଅନ୍ଧାର ଦରକାର ହୋଇଥାଏ। ସେହିପରି ଲଙ୍ଗ୍ ଡ଼େ ଗଛକୁ ଅଧିକ ଆଲୋକ ଦରକାର ହୋଇଥାଏ। ହେଲେ ଏଥିରେ ଚାଇନା ଆଲୋକ ଓ ରଙ୍ଗୀନ ଜରି ଯୁକ୍ତ ଆଲୋକ ଗଛର ପତ୍ରକୁ ପୋଡ଼ିବା ସହିତ ଗଛର ଅଙ୍ଗାରକାମ୍ଳ ଛାଡ଼ିବା ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ତତ୍ ସହିତ ଗଛଗୁଡ଼ିକର ପରାଗ ସଙ୍ଗମ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ପରାଗ ସଙ୍ଗମର ବାହାକମାନଙ୍କୁ କ୍ଷତି ପହଞ୍ଚାଉଛି। ଏବଂ ଅନେକ ଗଛର ମଧ ମଞ୍ଜି ଓ ଫଳ ଏହି ପ୍ରଭାବିତ ହବା ସହ ରାତ୍ରିଚର ପଶୁପକ୍ଷୀମାନେ ରାତିରେ ଗଛରେ ବସବାସ କରିବା ପାଇଁ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହଉଛନ୍ତି। ଯଦି ଏବେଠାରୁ ସଚେତନ ନହେବା ତେବେ ଆଗକୁ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଆଗାମୀ ଦିନରେ ବିପର୍ଯ୍ୟୟକୁ ଡ଼ାକି ଆଣିବ ବୋଲି ଶ୍ରୀ ଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପକ ଡ଼. ଅରୁଣ କୁମାର ରଥ କହିଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର, ୨୩।୪(ସମିସ): କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡର ୭୫ତମ ସମାବର୍ତ୍ତନ ଉତ୍ସବ ଅବସରରେ କର୍ଣ୍ଣାଟକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍‌ସି ସୁଧାକର, ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ପଦ୍ମଶ୍ରୀ ଏସ୍‌ଏସ୍ କିରଣ କୁମାର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ଖାନ୍, ଭିର୍ମସି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟ୍ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ।

## ସୋଆ ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ମଧ୍ୟରେ ବୁଝାମଣା



ଭୁବନେଶ୍ୱର, ୨୩।୪(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍) ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହର୍ଟିକଲଚରାଲ ରିସର୍ଚ୍ଚ) ବେଙ୍ଗାଲୁରୁ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଭୟ ଅନୁଷ୍ଠାନ ମଧ୍ୟରେ ଜଳ ପରିଚାଳନା ନେଇ ଉଚ୍ଚତର ଗବେଷଣା ଓ ଶୈକ୍ଷିକ ଆଦାନ ପ୍ରଦାନ ନିମନ୍ତେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ଅନ୍ତର୍ଗତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। କୃଷି ମହାବିଦ୍ୟାଳୟର ଗବେଷଣା ଓ ପ୍ରସାର ପରିଷଦର ବୈଠକ ସମୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

## ୨୮ରେ କୁଳଗୌରବ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୩।୪(ସମିସ): ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହଠାରେ ଆସନ୍ତା ୨୮ ତାରିଖରେ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଏହି ମର୍ଯ୍ୟାଦାଜନକ ସମ୍ମାନ ଆଧୁନିକ ଓଡ଼ିଶାର ଉଦ୍ୟୋଗପତି, ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ଆଦର୍ଶକୁ ପାଥେୟ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଚସ୍ପତି ସୁରମା ପାଢ଼ୀ, ଶିଳ୍ପ ଓ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ଉଦ୍ୟୋଗପତି ଅଜୟ ଅଗ୍ରୱାଲ, ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି।

## ସୋମବାର ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର, ୨୩।୪(ସମିସ): 'ସମ୍ଭାବନା' ପକ୍ଷରୁ ହଜିଯାଉଥିବା ଭାଷା, ସଂସ୍କୃତି, ଐତିହ୍ୟ ପରମ୍ପରା, ଚଳଣୀ ଓ ପରିପାଟୀର ପ୍ରଦର୍ଶନ ଓ ସୁରକ୍ଷା ପାଇଁ ଆୟୋଜିତ 'ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ' ଆସନ୍ତା ୨୭ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ସମ୍ବର୍ଦ୍ଧନା ସହିତ ସହ ଶ୍ରେଷ୍ଠ ଓଡ଼ିଆଣୀ ଓ କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେହିପରି ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଭାରତୀୟ ବିଦ୍ୟା ଭବନ ପ୍ରେକ୍ଷାଳୟରେ 'ଓଡ଼ିଆ ସ୍ୱାଭିମାନ ଦିବସ'ର ସନ୍ଧ୍ୟାକୁ ମଧୁ ମହିମାରେ ମହକାଇବେ ମଧୁ ବିଶାରଦ ଦାଶ ବେନ୍‌ହୁର। ଜୟଦେବ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା, ତ୍ରୁଷ୍ଟି ସ୍ମୃତି ମହାନ୍ତି, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋତ୍ସ୍ନାମୟୀ ସେନାପତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ରାଜଶ୍ରୀ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

## ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ପ୍ରତିଷ୍ଠାତାଙ୍କ ପରଲୋକ



ଭୁବନେଶ୍ୱର, ୨୩।୪(ସମିସ): ଶିକ୍ଷାବିତ୍ ତଥା ସମାଜସେବୀ ଶରତ ଚନ୍ଦ୍ର ରାଉତରାୟଙ୍କର ଆଜି ପରଲୋକ ହୋଇଯାଇଛି। ପାତ୍ରପଡ଼ାର ଶ୍ରୀ ରାଉତରାୟ ଦୀର୍ଘଦିନ ହେଲା କର୍କଟ ରୋଗାକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ୬୧ ବର୍ଷ ବୟସ୍କ ଶିକ୍ଷାବିତ୍ ଶ୍ରୀ ରାଉତରାୟ ରାଜ୍ୟର ଅନ୍ୟତମ ପୁରୁଣା ଦି ଟେକ୍ନୋ ସ୍କୁଲ, ଡୁନ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଛତାବରସ୍ଥିତ ଗୁରୁକୁଳ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭଳି ବହୁ ଖ୍ୟାତନାମା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ଏହି ଶିକ୍ଷାନୁଷ୍ଠାନ ସମୂହରୁ ଲକ୍ଷାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଦେଶର ବିଭିନ୍ନ ଗୌରବମୟ ପ୍ରତିଷ୍ଠାନରେ ସୁପ୍ରତିଷ୍ଠିତ। ସେ ଏକାମ୍ର ପୂଜା କମିଟି, ସ୍ଥାନୀୟ ଲକ୍ଷ୍ମୀମନ୍ଦିର ଏବଂ ବିଭିନ୍ନ ଆଧାମ୍ତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ରଞ୍ଜିତା ରାଉତରାୟ, ସାନଭାଇ ହେମନ୍ତ ରାଉତରାୟ, ପୁତ୍ର ବିଶ୍ୱଜିତ ରାଉତରାୟ, କନ୍ୟା ଅନନ୍ୟା ରାଉତରାୟ, ଜାମାତା ସନ୍ଦୀପ ସତ୍ୟନାରାୟଣ ଭୂୟାଁ, ଶାଳକ ଜୀବନ କୁମାର ଜେନା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାର ଠାରେ ତାଙ୍କ ପୁତ୍ର ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

## ୨୫ରୁ ମଦନମୋହନ ଦେବଙ୍କ ପୀଠରେ ରାମଚରିତ ମାନସ ନବାହ୍ନପାରାୟଣ



ଧଉଳି, ୨୩।୪(ସମିସ): ଆସନ୍ତା ୨୫ ତାରିଖରେ ବାଳକାଟି ଅଞ୍ଚଳର ଆରାଧ୍ୟ ଶ୍ରୀ ମଦନମୋହନ ଦେବଙ୍କ ମନ୍ଦିରରେ ଆରମ୍ଭ ହେବ ୩୧(ଏକତ୍ରିଂଶତମ) ତମ ରାମ ଚରିତ ମାନସ ନବାହ୍ନପାରାୟଣ ଓ ପ୍ରବଚନ ମହାଯଜ୍ଞ। ଏହା ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୪ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହେବା ସହ ୯ ଦିନ ଧରି ସକାଳେ ଦାମୋଦର ଦାସ ମହାରାଜାଙ୍କ ଦ୍ୱାରା ରାମାୟଣ ପାଠ କରାଯିବ। ନବଦିନାତ୍ମକ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରବକ୍ତାମାନେ ଯୋଗଦେଇ ମହାନଗ୍ରନ୍ଥ 'ରାମାୟଣ'ରୁ ଉଦ୍ଧୃତ ଶିବ ବିବାହ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଜନ୍ମ, ସୀତା ବିବାହ, ରାମ ହନୁମାନ ଭେଟ, ସୀତା ହରଣ, ରାମସେତୁ, ରାବଣ ମରଣ ଆଦି କଥାବସ୍ତୁ ଉପରେ ପ୍ରତ୍ୟେହ ସନ୍ଧ୍ୟା ସାଢେ ୭ ଟାରେ ପ୍ରବଚନ ଦେବେ। ପ୍ରବଚନ ପରେ ଶ୍ରୀ ରାମଚରିତ ମାନସ ପାରାୟଣ ପରିଷଦ ପକ୍ଷରୁ ଶ୍ରୋତା ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ଇଂରାଜୀ ବନାନର ସଂଶୋଧନ ପଦକ୍ଷେପକୁ ସ୍ୱାଗତ

ଭୁବନେଶ୍ୱର, ୨୩।୪(ସମିସ): ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନର ନାମ ଓଡିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀରେ ଲେଖାହେବା ନିମନ୍ତେ ଯେଉଁ ସୁପାରିଶ ପ୍ରଦାନ କରିଛନ୍ତି, ଏହା ଓଡ଼ିଶାବାସୀଙ୍କ ଦୀର୍ଘ ଦିନର ଦାବି ଥିଲା। ବର୍ତ୍ତମାନର ସରକାର ଏଥି ନିମନ୍ତେ ଉଚିତ ପଦକ୍ଷେପ ଗ୍ରହଣ କରାଯିବାରୁ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରଗତିଶୀଳ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଏହାକୁ ପ୍ରଶଂସା କରିଛନ୍ତି। ଏଥିସହିତ ଏକ ପ୍ରେସ୍ ବିବୃତି ମାଧ୍ୟମରେ ରାଜ୍ୟବାସୀଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଶ୍ରୀ ଶର୍ମା ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସହଯୋଗ କ୍ରମେ ଓଡ଼ିଶାରେ ଅବସ୍ଥାପିତ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନ ଏବଂ ସମ୍ମାନନୀୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଇଂରାଜୀ ବନାନ ମଧ୍ୟ ଓରିଶା ପରିବର୍ତ୍ତେ ଓଡ଼ିଶା ଲେଖାଯାଉ। ଏହା ସଂସଦର ହସ୍ତକ୍ଷେପ ମାଧ୍ୟମରେ ହିଁ ସମ୍ଭବ। ଏଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଶେଷ ଅନୁରୋଧ କରିଛନ୍ତି।

## ଏନ୍‌ଡିଏମ୍ ଓ ଓସ୍‌ଡମା ତରଫରୁ ଯୁବା ଆପଦ ମିତ୍ର ତାଲିମ



ଭୁବନେଶ୍ୱର, ୨୩।୪(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ରାଜ୍ୟ ମୁଖ୍ୟ କମିସନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲାର ରୋଭର ଓ ରେଞ୍ଜରମାନଙ୍କୁ ନେଇ ଏକ ଯୁବା ଆପଦ ମିତ୍ର ତାଲିମ ଶିବିର ଗତ ୧୯ ତାରିଖରୁ ୨୫ ପର୍ଯ୍ୟନ୍ତ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଜଣ ରୋଭର ଓ ରେଞ୍ଜର ଏହି ତାଲିମ ଶିବିରରେ ଯୋଗଦେଇଛନ୍ତି। ଏହି ଶିବିରକୁ ଓସଡମାର ଜେନେରାଲ ମ୍ୟାନେଜର ସୁନିଲ୍ କୁମାର ସାହୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ବାଇଧର ପ୍ରଧାନ ଓ ଗଣେଶ ବାରିକଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ଉପଦେଷ୍ଟାମାନେ ଆସି ଶିକ୍ଷାଦାନ କରୁଛନ୍ତି।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା



ଭୁବନେଶ୍ୱର, ୨୩।୪(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି 'କାଞ୍ଚନ ଫାଉଣ୍ଡେସନ୍‌ଜ' ଓ 'ଗ୍ରୀନ ଜୟଦେବ ଫାଉଣ୍ଡେସନ୍'। ଉଭୟ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳର ସୁଦର୍ଶନ ଦାରୁପୀଠ, ପ୍ରତାପ ଶାସନ, ପୁରୋହିତପୁର, ଜଗୁଆପୁର ଆଦି ଅଞ୍ଚଳର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ୨୦ଟି ପାଣିକୁଣ୍ଡର ବ୍ୟବସ୍ଥା କରାଯାଇଛି। ଏହି ସଂଗଠନରେ ବିଭିନ୍ନ ବର୍ଗର ସ୍ୱେଚ୍ଛାସେବୀମାନେ ବିଭିନ୍ନ ସ୍ଥାନରେ ମାଟି କୁଣ୍ଡରଖିବା ସହ ଗଛଡ଼ାଳରେ ମାଟି ପାତ୍ରରେ ପାଣି ଭର୍ତ୍ତି କରି ଝୁଲାଉଛନ୍ତି। ଏହି କାର୍ଯ୍ୟରେ ରଞ୍ଜନ ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ଯୁବ ସମାଜସେବୀ ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସେନାପତି, ବଟକୃଷ୍ଣ ମହାପାତ୍ର, ଭଗବାନ ନାୟକ, ଉମାକାନ୍ତ ବେହେରା, ଶ୍ରୀକୁମାର ଅଭିଷେକ ଭୋଇ, କାଳନ୍ଦୀ ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି।

## ଉପକଣ୍ଠ ଦୋଳ ପର୍ବ
# ଦୁଇ ମାସର ଉତ୍ସବରେ ଯବନିକା

- ଶ୍ୟାମପୁର ଆରମ୍ଭ ହୋଇଥିଲା; କାଶିପୁରରେ ସରିଲା
- ବାଜା ବାଣରେ କମ୍ପିଲା ମେଳନ ପଡ଼ିଆ

ଭୁବନେଶ୍ୱର, ୨୩।୪ (ସମିସ): ରାଜଧାନୀ ଉପକଣ୍ଠର ଦୁଇ ମାସ ଧରି ଚାଲିଥିବା ମେଳନ ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଫଗୁ ଦଶମୀରେ ଶ୍ୟାମପୁର ଠାରେ ଆରମ୍ଭ ହୋଇଥିବା ଏହି ଉତ୍ସବ ଅକ୍ଷୟ ତୃତୀୟାରେ କାଶୀପୁର ଠାରେ ଶେଷ ହୋଇଛି। ରାଜଧାନୀ ଉପକଣ୍ଠସ୍ଥ ପ୍ରାୟ ୪୦ ଖଣ୍ଡ ଗାଁରେ ୩ ପ୍ରକାରର ମେଳଣ ଅନୁଷ୍ଠିତ ହୋଇଥାଏ। ଶ୍ୟାମପୁର, ଜାଗମରା, ଜାଗସରା ପାଟଣା, ତମାଣ୍ଡୋ, ପାତ୍ରପଡ଼ା, ଆଇଗିଣିଆ, ସରକନ୍ତରା, ଛତାବର, ନଁପୁଟ, ମଦନପୁର, ମୁଣ୍ଡମୁହାଁଣ, ଚନ୍ଦକା, ଶିମିଳିପାଟଣା, ମେଣ୍ଢାଶାଳ, ଦାରୁଠେଙ୍ଗ, ଘାଟିକିଆ, କାଟେଣୀ, ଭଗବାନପୁର, ମଳିପଡ଼ା, ଘଙ୍ଗାପାଟଣା, ସୁଆଙ୍ଗ, ବାହାଦଲପୁର, କଣ୍ଟାବାଡ, କାଇମାଟିଆ, ପଳାସପୁର, ଗଙ୍ଗପଡ଼ା, ଅନ୍ଧାରୁଆ, ମହୁରା, ପାଇକରାପୁର, ପାଇକରାପୁର (ମହାଜନ ସାହି), ପାଣିଓରା, ଜାଗସରା, କାଶିପୁର ଆଦି ଗ୍ରାମଗୁଡ଼ିକରେ ଦୋଳ ଯାତ୍ରା ବେଶ ଧୁମଧାମରେ ପାଳନ କରାଯାଏ। କେତେକ ଗ୍ରାମରେ ପଞ୍ଚୁ ଦୋଳ ପାଳନ ହେଉଥିବା ବେଳେ ଆଉ କିଛି ଗ୍ରାମରେ ଦଶ ଦୋଳ ଓ ଭାଗବତ ମେଳଣ ଅନୁଷ୍ଠିତ ହୁଏ। କାଶିପୁର ଗ୍ରାମରେ ୪ ଦିନ ଧରି ଚାଲିଥିବା ଭାଗବତ ମେଳନ ଉତ୍ସବ ଗୁରୁବାର ଶେଷ ହୋଇଛି। ସୋମବାର ଗ୍ରାମର ବାଲୁଙ୍କ?ଶ୍ୱର ଦେବଙ୍କ ପୀଠରୁ ଥାନପତି ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ମେଳଣ ପଡ଼ିଆକୁ ବିଜେ କରିବା ପରେ ମଙ୍ଗଳବାର ଭୋରରୁ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜମାଣ ଦେଖିବା ପାଇଁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପରେ ପରେ ଉତ୍ସବକୁ ଆମନ୍ତ୍ରିତ ହୋଇଥିବା ଭାଇ ଗ୍ରାମ ଠାକୁରମାନେ ଗାଁ ମୁଣ୍ଡରେ ପହଞ୍ଚିଥିଲେ। ପରମ୍ପରା ଅନୁସାରେ, ଗ୍ରାମର ପୂଜକ ଭାଇ ଗ୍ରାମ ଠାକୁରମାନଙ୍କୁ ମେଳଣ ପଡ଼ିଆକୁ ପାଛୋଟି ନେଇଥିଲେ। ଗୁରୁବାର କୋଠ ଭୋଗ ଲାଗି ହେବାପରେ ଧୁମଧାମରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୨ରୁ ଅଧିକ ଗାଁର ଠାକୁର ମେଳନ ଉତ୍ସବରେ ସାମିଲ ହୋଇଥିଲେ। ଘଣ୍ଟୁଆଙ୍କ ଘଣ୍ଟ ଶବ୍ଦ ସାଙ୍ଗକୁ ବାଜା ବାଣରେ ମେଳଣ ପଡ଼ିଆ କମ୍ପି ଉଠିଥିଲା। ମେଳନରେ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ହୋଇଥିଲା। ମେଳନ ଦେଖିବା ପାଇଁ ଆଖପାଖ ଗ୍ରାମର ଲୋକମାନଙ୍କ ଭିଡ଼ ଜମି ଥିଲା। ଏହି ଅବସରରେ ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ଗ୍ରାମ କମିଟି ପ୍ରାୟୋଜିତ 'ଯାତ୍ରା ଓଁକାର' ଟିକଟ ଫ୍ରି ଅପେରା ପରିବେଷଣ କରିଥିଲା।



ବଲାଙ୍ଗୀ ମହୋତ୍ସବ ଉଦଯାପିତ

# 'କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ'



ବାରିପଦା, ୨୩।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଉପଲକ୍ଷେ ବାରିପଦାରେ ୧୬ ତାରିଖରେ ଆରମ୍ଭ ହୋଇଥିବା ମୟୂରଭଞ୍ଜର ମହାନ ଗଣପର୍ବ ମୟୂରଭଞ୍ଜ ବାଲିମେଳା ବଳାଙ୍ଗୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ବରିଷ୍ଠ ବିଜେପି ନେତା ତଥା ସୁପ୍ରିମକୋର୍ଟର ଆଇନଜୀବୀ ଜୀବନ କୁମାର ସାହୁ, ପୂର୍ବତନ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି, ମହୋତ୍ସବ କମିଟି ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦାଠାରେ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ଏକ ସାଂସ୍କୃତିକ ଆନ୍ଦୋଳନ ପ୍ରତିଷ୍ଠା କରିପାରିଛି ବୋଲି କହିଥିଲେ।

ସହସମ୍ପାଦକ ଡ. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଏ ଅବସରରେ ରକ୍ତଦାତା ଭାବେ ରାଇରଙ୍ଗପୁର ଅଞ୍ଚଳର ଗତିକୃଷ୍ଣ ମହାନ୍ତ, ମିଡ଼ିଆ କ୍ରିଏସନର ବଳରାମ ବେହେରା, ପୂଜାକର୍ତ୍ତା ଭାବେ ରାଜୀବ ରଞ୍ଜନ ସେନାପତି ଓ ସାଗରୀକା ସେନାପତି, ପୂଜକ ଭାବେ ପଣ୍ଡିତ ସୁଦର୍ଶନ ଦ୍ୱିବେଦୀ, ମୂର୍ତ୍ତି କାରିଗର ଭାବେ ଶୋଭାକର ବେହେରା, ଟେଣ୍ଟ ଲାଇଟ ସାଉଣ୍ଡରେ ସହଯୋଗ କରିଥିବା ସିଂହ ଟେଣ୍ଟ ହାଉସର ପ୍ରୋପାଇଟର ସୁମନ୍ତ ସିଂହ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ମହୋତ୍ସବ କମିଟି ସମ୍ପାଦକ ଦୀପକ କୁମାର ନାୟକ ସମ୍ବର୍ଦ୍ଧନା ପର୍ବ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଓଡ଼ିଶୀ, ସମ୍ବଲପୁରୀ, ଝୁମର ନୃତ୍ୟ ସହ ଗଞ୍ଜାମର ପ୍ରସିଦ୍ଧ କଣ୍ଢେଇ ନାଚ ପ୍ରଦର୍ଶିତ ହୋଇଥିଲା। କମିଟିର ବରିଷ୍ଠ ସଦସ୍ୟ ନରେନ୍ଦ୍ର ମୋହନ ସେନାପତି, ଅଶୋକ ପଲେଇ, ଇଂ ମନୋଜ କୁମାର କୁଅଁର, ଦୋଳଗୋବିନ୍ଦ ମହାନ୍ତ, ପଣ୍ଡିତ ଭାଗବତ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା, ମନୋରଞ୍ଜନ ବାରିକ, ରାଜକିଶୋର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଓ ମେଳା ପରିଚାଳନାରେ ସହଯୋଗ କରିଥିଲେ।

# ଆଦିବାସୀ ମହିଳାଙ୍କୁ ମିଳୁନି ରାସନ ସାମଗ୍ରୀ



ମହୁଲଡିହା, ୨୩।୪(ସମିସ): ଲୋକଙ୍କ ସରକାରରେ ବିଧବା ଆଦିବାସୀ ମହିଳା ସରକାରୀ ସହାୟତାରୁ ବଞ୍ଚିତ। ଏମିତି ଦେଖିବାକୁ ମିଳିଛି ଠାକୁରମୁଣ୍ଡା ବ୍ଲକ ତାଳପଦା ପଞ୍ଚାୟତ ଅନ୍ତର୍ଗତ ଗହଣ୍ଡିଆ ଗ୍ରାମରେ। ଗହଣ୍ଡିଆ ଗ୍ରାମର ଲୁଦୁଗୀ ମାଝୀ (୨୧) ୪ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚାଉଳ ପାଇବାରୁ ଅଦ୍ୟାବଧି ବଞ୍ଚିତ ଅଛନ୍ତି। ଇତିମଧ୍ୟରେ ସ୍ୱାମୀ ଦୁଇମାସ ପୂର୍ବରୁ ରୋଗଶଯ୍ୟାରେ ପଡ଼ି କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁବରଣ କରିଛନ୍ତି। ଲୁଦୁଗୀ ବିଧବା ହୋଇଗଲେ ହେଲେ ମିଳିପାରିଲା ନାହିଁ ରାସନ ସାମଗ୍ରୀ। ଏବେ ତାଙ୍କର ୩ ବର୍ଷର ଏକ ଶିଶୁପୁତ୍ରକୁ ନେଇ ସଂସାର। ଦୁର୍ଦ୍ଦିନରେ ଥାଇ ଲୁଦୁଗୀ ପୂର୍ବରୁ ପଞ୍ଚାୟତ ସ୍ତରରେ ଅଭିଯୋଗ କରି ନିରାଶ ହୋଇ ବିଡିଓଙ୍କୁ ଦେଖା କରିବାକୁ ଚିନ୍ତା କରି ୨୩ ତାରିଖ ପୂର୍ବାହ୍ନରେ ବ୍ଲକ ଅଫିସକୁ ଅଭିଯୋଗ କରିବାକୁ ଆସିଥିଲେ। ବିଡିଓ କୌଣସି ଜରୁରୀ କାମରେ ବାହାରକୁ ଯାଇଥିବାରୁ ଦେଖା ହୋଇପାରିନାହିଁ। ସରକାର କହୁଛନ୍ତି କୌଣସି ବ୍ୟକ୍ତି ଉପବାସରେ ରହିବ ନାହିଁ। ଏଣୁ ସରକାରୀ ସ୍ତରରେ ତୁରନ୍ତ ଲୁଦୁଗୀଙ୍କୁ ବିଧବା ଭତ୍ତା ଓ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦାବି ଜଣାଇଛନ୍ତି।

# ବିଭିନ୍ନ ଦାବି ନେଇ ସିଭିଲ ସୋସାଇଟିର ଧାରଣା



ବେତନଟୀ, ୨୩।୪(ସମିସ): ବୈଶାଖ ମାସର ପ୍ରବଳ ଖରାକୁ ଭ୍ରୁକ୍ଷେପ ନ କରି ବେତନଟୀର ଚଣ୍ଡୀ ଛକରେ ଧାରଣା ଆରମ୍ଭ କରିଛି ସିଭିଲ ସୋସାଇଟି। ମୁଣ୍ଡ ଉପରେ ୪୧ ଡିଗ୍ରୀର ତାତି ଓ ଝାଞ୍ଜି ପବନ ସତ୍ତ୍ୱେ ଷାଠିଏ ବର୍ଷରୁ ଅଧିକ ବୟସ୍କମାନଙ୍କୁ ନେଇ ଗଠିତ ସିଭିଲ ସୋସାଇଟି ଜନସ୍ୱାର୍ଥ ରକ୍ଷା ନିମନ୍ତେ ଚଣ୍ଡୀ ଛକରେ ଦୁଇଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦେବ। ମଣ୍ଡପରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ରଖି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଚଣ୍ଡୀ ଛକରେ ପ୍ରଶାସନ ସିସିଟିଭି ଲଗାଇବା ଓ ଦୀର୍ଘବର୍ଷ ଧରି ଅଚଳ ବିଦ୍ୟୁତ ଆଲୋକ ସଜାଡିବାର ଦାବି କରିଛି।

ସେହିପରି ଚଣ୍ଡୀ ଛକ ଚତୁପାର୍ଶ୍ୱରେ ହମ୍ପସ ନିର୍ମାଣ ଓ ନିୟନ୍ତ୍ରକ ସାଇନବୋର୍ଡ ଲଗାଇବାର ଦାବିକୁ ନେଇ ବାରମ୍ବାର ସରପଞ୍ଚ, ବିଡିଓ, ବିଧାୟକ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ମୌଖିକ ପରେ ଲିଖିତ ଭାବେ ଜଣାଇଥିଲେ ମଧ ପ୍ରତିକାର ନ ହେବାରୁ ବାଧ ହୋଇ ୨୩ ଓ ୨୪ ଧାରଣା ନିମନ୍ତେ ନୋଟିସ ଦିଆଯାଇଥିଲା। ଏ ସବୁର ସମାଧାନ ପାଇଁ ଜିଲ୍ଲାପାଳ, ପୁଲିସ ଅଧୀକ୍ଷକ, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଗତ ୧୩ ତାରିଖରେ ଚିଠି ଦିଆଯାଇଥିବା ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରଥମ ଦିନ ଧାରଣା ସ୍ଥଳରେ ବେତନଟୀ ପୂର୍ତ୍ତ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତି ଓ ଯନ୍ତ୍ରୀ ରବୀନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ତାଙ୍କ ବିଭାଗୀୟ କାର୍ଯ୍ୟ କରାଯିବାକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କିନ୍ତୁ ସିସିଟିଭି ଓ ଅଚଳ ଆଲୋକ ସଜାଡିବା ନେଇ ପୁଲିସ ଓ ପଞ୍ଚାୟତିରାଜ, ବିଜ୍ଞାପିତ ଅଞ୍ଚଳ ପରିଷଦ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ଉତ୍ତର ମିଳି ନ ଥିବାରୁ କାର୍ଯ୍ୟକାରୀ ସଭାପତି ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଅବସରରେ ଆୟୋଜିତ ସଭାରେ ସମ୍ପାଦକ ରବୀନ୍ଦ୍ର ନାଥ ମିଶ୍ର, ଉପଦେଷ୍ଟା ବାସୁଦେବ ନାପିତ, ସମାଜସେବୀ ପ୍ରକାଶ ବେହେରା ଓ ସିଦ୍ଧାର୍ଥ ଅଗ୍ରୱାଲା ଯୋଗ ଦେଇଥିଲେ। ଧାରଣା ସ୍ଥଳରେ ସ୍ଥାନୀୟ ଚଣ୍ଡୀ ଛକର ସମସ୍ତ ଦୋକାନୀ ସହଯୋଗ କରିଥିଲେ। ହରେନ୍ଦ୍ର ନାଥ ବାରିକ, ରବିନାରାୟଣ ପୃଷ୍ଟି, ଅନୀଲ ସିଂ ମହାନ୍ତ ଆଦି ବିଶେଷ ସହଯୋଗ କରିଥିଲେ। ରତିକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁ ମଶାଣିର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ଯୁବକ

ମାଣତ୍ରୀ, ୨୩।୪(ସମିସ): ମୟୂରଭଞ୍ଜ ଜିଲ୍ଲା ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁର ଓ ଆଖପାଖ ଗାଁର ଲୋକଙ୍କ ବ୍ୟବହୃତ ନିମବୁଦ୍ଧିଠାରେ ଥିବା ମଶାଣି ଅତିଦୟନୀୟ ରହିଛି। ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ମୁଖ୍ୟ ଡା କିଶୋର ଚନ୍ଦ୍ର ମହାପାତ୍ର ଓ ସର୍ବେଶ୍ୱର ଜେନାଙ୍କ ତତ୍ତ୍ୱାବଧାନରେ ମଶାଣିକୁ ବିକଶିତ କରିବା ପାଇଁ 'ଆମ ଗାଁ ମଶାଣି ଆମ ସ୍ୱର୍ଗଦ୍ୱାର' ଯୋଜନା ପ୍ରସ୍ତୁତ କରିଛନ୍ତି। କିଛି ସ୍ଥାନୀୟ ଯୁବଗୋଷ୍ଠୀ ଓ କ୍ଲବ୍ ସଦସ୍ୟ ନେଇ ମଶାଣିର ପାରିପାର୍ଶ୍ୱିକ ଅବସ୍ଥାର ବିକାଶ ପାଇଁ ଅଣ୍ଟା ଭିଡିଛନ୍ତି। ଯୁବ ଗୋଷ୍ଠୀ ପରସ୍ପର ଚାନ୍ଦା ଆଦାୟ କରି ଆଲୋକ, ପାଣି, ସଫାସୁତୁରା, ତାରବାଡ, ଫୁଲ ଗଛ ଲଗାଇ ଏହାର ବିକାଶ ପାଇଁ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଯାହାକି ସେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅସ୍ୱାସ୍ଥ୍ୟକର ପରିବେଶରେ ନିଜର ଜ୍ଞାତି କୁଟୁମ୍ବ ପରିଜନ ଓ ଗ୍ରାମବାସୀଙ୍କ ଶେଷକୃତ୍ୟ ସ୍ଥାନକୁ ଦେଖି ଗଭୀର ମର୍ମାହତ ହୋଇ ଏଭଳି ଉଦ୍ୟମ କରିଛନ୍ତି ବୋଲି ନୀଳକଣ୍ଠ ନାୟକ ଆମର ପ୍ରତିନିଧିଙ୍କୁ ଜଣାଇବା ସହିତ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ଏଭଳି ମହତ୍ କାର୍ଯ୍ୟ ପାଇଁ ଏହି ଅଞ୍ଚଳରେ ଏଭଳି ପଦକ୍ଷେପ ସମସ୍ତଙ୍କ ପାଇଁ ପ୍ରେରଣା ଓ ଶିକ୍ଷଣୀୟ ହେବ ବୋଲି ଆଶା କରାଯାଉଛି।

# ବ୍ଲକ୍‌ସ୍ତରୀୟ ମନରେଗା, ସମଗ୍ର ଶିକ୍ଷା ଓ ପିଏମ୍ ପୋଷଣ ଜନଶୁଣାଣି

ବଡ଼ସାହି, ୨୩।୪(ସମିସ): ବଡ଼ସାହି ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ନିଶ୍ଚିତ ଜାତୀୟ କର୍ମନିଯୁକ୍ତି ଯୋଜନା ସମଗ୍ର ଶିକ୍ଷା ଓ ପିଏମ ପୋଷଣ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅଧ୍ୟକ୍ଷା ମିନତୀ ସିଂ ଅଧ୍ୟକ୍ଷ୍ୟତା କରିଥିଲେ। ସିଡିଓ ଧର୍ମାନନ୍ଦ ବେହେରା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବଡ଼ସାହି ଏବିଡିଓ ସୂର୍ଯ୍ୟକାନ୍ତ ରାଉତ ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ଦେବା ସହିତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ଗ୍ରହଣ କରାଯାଇଥିବା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, ଡିଏସଏ ପ୍ରଦୀପ ଚକ୍ରବର୍ତ୍ତୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦଶରଥ ମହାନ୍ତ ଓ ଭୀମଚରଣ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଦେବଦତ୍ତ ମାଝୀ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ଅଧୀନ ୧୮ଟି କ୍ଲଷ୍ଟରରେ ସମଗ୍ର ଶିକ୍ଷା ଅଭିଯାନରେ ସାମିଲ ହୋଇଥିବା ବିଦ୍ୟାଳୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ତୁରନ୍ତ ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।




ସେହିପରି ବିଦ୍ୟାଳୟରେ ଭିଆରପିଙ୍କ ଦ୍ୱାରା ସମୀକ୍ଷା ସମୟରେ ଦୃଷ୍ଟି ଆକର୍ଷଣ ହୋଇଥିବା ବିଭିନ୍ନ ଅନିୟମିତତାର ତୁରନ୍ତ ସମାଧାନ ପାଇଁ ଅଧିକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ। ବିଶେଷକରି ବିଦ୍ୟାଳୟକୁ ଖବରକାଗଜ ନ ମଗାଇବା, ଶୌଚାଳୟର ସମସ୍ୟା, ଡାଇନିଂ ହଲ, ପାଣି, କ୍ଲାସରୁମ, ଖେଳ ପଡ଼ିଆ, ଇକୋ କ୍ଲବ୍ ଓ ଆତ୍ମ ସୁରକ୍ଷା ତାଲିମ ଉପରେ ଆଲୋଚନା ହୋଇଥିଲା। ପିଏମ ପୋଷଣ ଯୋଜନାରେ ନିଆଯାଇଥିବା ବିଦ୍ୟାଳୟରେ ରୋଷେଇ ଗୃହର ଅଭାବ, ଏମଡିଏମ ସାମ୍ପୁଲ ନ ରଖିବା, ହାଇଜେନିକ୍ ଟୋପି ପାଚିକା ସହାୟିକା ନ ପିନ୍ଧିବା, ପିଇବା ପାଣିର ସୁବିଧା, ଫେଟି ରାଇସକୁ ଧୋଇ ରାନ୍ଧିବା, ଷ୍ଟକ୍ ରେଜିଷ୍ଟାର, ଭାଉଚର, ଫାଇଲ ଓ କେସବୁକ୍ ଠିକ୍ ନ ହେବା ଓ ଚାଉଳ ଠିକ୍ ଭାବେ ଯୋଗାଣ ନ ହେବାରୁ କେତେକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ରହିବା ଭଳି ଅଭିଯୋଗ ଉଠିଥିଲା। ସେହିପରି ଗତ ମନରେଗା ବୈଠକରେ ଯାହା ଅଭିଯୋଗ ଉଠିଥିଲା, ସେଥିରୁ ୧୭ଟି ସମାଧାନ ହୋଇଥିବାବେଳେ ଏଥିରୁ ୪୨, ୫୮ ୫ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। କାମ କରି ୨ ମାସରୁ ୩ ମାସ ସମୟ ବିତିଲେ ମଧ ବହୁ ଶ୍ରମିକ ତାଙ୍କ ପାରିଶ୍ରମିକ ପାଇ ନ ଥିବା। ଅଭିଯୋଗ ଉଠିଛି। ମେଟେରିଆଲସ୍ ଟଙ୍କା ବହୁ ବିଳମ୍ବରେ ଆସୁଥିବା, ତାହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ତାହାକୁ ନେଇ ଅସନ୍ତୋଷ ଦେଖା ଦେବା ସହିତ ମନରେଗା କାମ ବ୍ଲକରେ ଧିମେଇ ଯାଇଥିବା ଜଣାଯାଇଛି। ଏହି ଶିବିରରେ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡ ସଭ୍ୟ, ଜବ୍‌କାର୍ଡଧାରୀ ଯୋଗ ଦେଇଥିଲେ। ଶିବିର ଆରମ୍ଭ ହେବାର ୨ ଘଣ୍ଟା ବିଳମ୍ବ ପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ବାଇକ୍ ଦୁର୍ଘଟଣାଗ୍ରସ୍ତ, ଯୁବକ ମୃତ



ମହୁଲଡିହା/ଠାକୁରମୁଣ୍ଡା, ୨୩।୪ (ସମିସ): ଠାକୁରମୁଣ୍ଡା ଥାନା ପଡ଼ିଆବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖସାକୁଦର ଗ୍ରାମ୍ୟରାସ୍ତା ପାର୍ଶ୍ୱ ନିଶାପୋଷି ଗ୍ରାମର ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ସୀମାନ୍ତପାଟଣା ଥାନା କମାରମରା ଗ୍ରାମର ରମାକାନ୍ତ ପାତ୍ରଙ୍କ ପୁଅ ଘଣ୍ଟେଶ୍ୱର (୨୧) ବୋଲି ଜଣାପଡ଼ିଛି। ଘଣ୍ଟେଶ୍ୱର ବୁଧବାର ରାତିରେ ବାଇକ୍ ଯୋଗେ ଠାକୁରମୁଣ୍ଡା ମେଳାରୁ ଘରକୁ ଫେରିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେ ନିଶାପୋଷି ସ୍କୁଲ ପାଖ ଖସାକୁଦର ଗ୍ରାମ୍ୟରାସ୍ତା ବାଙ୍କରେ ଏକ ଶାଳ ଗଛକୁ ଧକ୍କା ଦେଇଥିଲେ। ଏହି ରାସ୍ତାରେ ଏକ ଦମ୍ପତି ମେଳା ବୁଲି ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଦେଖି ୧୧୨ ନମ୍ବରକୁ ଫୋନ୍ କରିବା ସହିତ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଗୁରୁତର ଆହତ ଘଣ୍ଟେଶ୍ୱରଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଘଣ୍ଟେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ମାଆ ଦ୍ରୌପଦୀ ପାତ୍ରଙ୍କ ଅଭିଯୋଗ କ୍ରମେ ଠାକୁରମୁଣ୍ଡା ଥାନା ଏଏସଆଇ ଅମରେଶ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

# ବାମନଘାଟିରେ ନୂତନ ଉପଜିଲ୍ଲାପାଳ ନିଯୁକ୍ତ



ରାଇରଙ୍ଗପୁର, ୨୩।୪ (ସମିସ): ବାମନଘାଟି ଉପଖଣ୍ଡରେ ନୂତନ ଉପଜିଲ୍ଲାପାଳ ଭାବେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସବ୍ୟସାଚୀ ପଣ୍ଡାଙ୍କୁ ନିଯୁକ୍ତ କରାଯାଇଛି। ସେ ଝାରସୁଗୁଡାର ଉପଜିଲ୍ଲାପାଳ ଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ନୂତନ ଭାବେ ଦାୟିତ୍ୱ ପ୍ରଦାନ କରାଯାଇ ନିଯୁକ୍ତ କରାଯାଇଛି। ଏ ନେଇ ରାଜ୍ୟପାଳଙ୍କ ଆଦେଶକ୍ରମେ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଶାସନ ସଚିବ ଘାସିରାମ ମୁର୍ମୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୂର୍ବରୁ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଅନ୍ୟତ୍ର ବଦଳି ପରେ ପ୍ରାୟ ମାସେ ହେବ ଉକ୍ତ ସ୍ଥାନ ଖାଲି ପଡ଼ିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ନୂତନ ଉପଜିଲ୍ଲାପାଳ ଭାବେ ଧର୍ମଗଡ଼ ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କୀଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ ବଦଳି ହୋଇଥିବା ସତ୍ତ୍ୱେ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଯୋଗଦାନ କରିଥିଲେ। ଯାହାକୁ ନେଇ ପୁନଶ୍ଚ ନୂତନ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ବସ୍‌ଷ୍ଟାଣ୍ଡ ଓ ଯାତ୍ରୀନିବାସ ନିର୍ମାଣ ଦାବି

ଗୋରୁମହିଷାଣୀ, ୨୩।୪(ସମିସ): କେବେ ନିର୍ମାଣ ହେବ ଗୋରୁମହିଷାଣୀରେ ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ନିବାସ। ବାରମ୍ବାର ଖବର ପ୍ରସାରଣ ହେବା ସହିତ ପ୍ରଶାସନ ପାଖରେ ଦାବି କରାଯାଉଥିଲେ ମଧ ଗୋରୁମହିଷାଣୀଠାରେ ଏକ ବସ୍‌ଷ୍ଟାଣ୍ଡ



ଓ ଯାତ୍ରୀ ନିବାସ ନିର୍ମାଣ ହୋଇପାରିନାହିଁ। ଗୋରୁମହିଷାଣୀ ଲୌହ ଖଣିର ଏସିଆ ମହାଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ଗୋରୁମହିଷାଣୀରେ ଥାନା, ଡାକ୍ତରଖାନା, ପୋଷ୍ଟ ଅଫିସ, ରେଳଷ୍ଟେସନ, ରାଜସ୍ୱ ବିଭାଗ, ସ୍କୁଲ, କଲେଜ, ଆଇଟିଆଇ, ବ୍ୟାଙ୍କ ଅଫ ଇଣ୍ଡିଆ, ବୈତରଣୀ ଗ୍ରାମ୍ୟବ୍ୟାଙ୍କ ସହିତ ସମବାୟ ବ୍ୟାଙ୍କ ରହିଛି। ପ୍ରତ୍ୟେକ ଦିନ ସାତ/ଆଠ ପଞ୍ଚାୟତ ଲୋକ ଗୋରୁମହିଷାଣୀକୁ ବିଭିନ୍ନ ପ୍ରକାର କାମରେ ଆସିଥା'ନ୍ତି। ଗୋରୁମହିଷାଣୀରୁ ରାଜଧାନୀକୁ ତିନିରୁ ଚାରୋଟି ବସ୍ ଦୈନିକ ଯାତାୟାତ କରୁଛି। ତତ୍‌ସହିତ ଗୋରୁମହିଷାଣୀରୁ ରାଇରଙ୍ଗପୁର, ଗୁହାଳଡା, ଚଡ଼େଇପାହାଡି, ମୃଷାବଣୀକୁ ଦୈନିକ ଛୋଟବଡ ଯାତ୍ରୀବାହି ଯାନ ଚଳାଚଳ କରୁଛି। ଦୁଃଖର ବିଷୟ ଗାଡ଼ି ରହଣି ପାଇଁ ସତନ୍ତ୍ର ବସ୍‌ଷ୍ଟାଣ୍ଡ ନାହିଁ କି ଯାତ୍ରୀ ନିବାସ ନାହିଁ। ଫଳରେ କିଛି ଗାଡ଼ି ଯାତ୍ରା ପଡ଼ିଆ, କିଛି ଛେଳି ହାଟ, ଆର୍‌ଆଇ ଅଫିସ ପାଖ, ଫରେଷ୍ଟ ଅଫିସ ପାଖରେ ପାର୍କ କରୁଛନ୍ତି। ତେଣୁ ଗୋରୁମହିଷାଣୀରେ ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ନିବାସ ନିର୍ମାଣ ପାଇଁ ଦାବି ହେଉଛି।

ଗୋରୁମହିଷାଣୀ ଲୌହ ଖଣିରୁ ରାଜ୍ୟ ଓ କେନ୍ଦ୍ର ବର୍ଷକୁ ଶହ ଶହ କୋଟି ଟଙ୍କାର ରାଜ୍ୟସ ପାଉଛନ୍ତି। ତେବେ ଅଞ୍ଚଳର ଭିତ୍ତିଭୂମି ବିକାଶରେ ନେତା, ମନ୍ତ୍ରୀ, ପ୍ରଶାସନ କିମ୍ବା କୋଟି କୋଟି ଟଙ୍କା ଲାଭ କରୁଥିବା ଖଣି ମାଲିକଙ୍କ କାହାରି ଆନ୍ତରିକତା ନାହିଁ। ଜିଲ୍ଲାରେ ଜମା ହେଉଥିବା ଜିଲ୍ଲା ଖଣିଜ ପାଣ୍ଠି ଅନ୍ୟତ୍ର ବିନିଯୋଗ ହେଉଥିବାବେଳେ ଖଣି ପ୍ରଭାବିତ ଅଞ୍ଚଳରେ ବିକାଶଷ ହେଉ ନ ଥିବା ଅଭିଯୋଗ ହେଉଛି। ଏହାର ପ୍ରଭାବ ଅଞ୍ଚଳବାସୀ ଉପରେ ପଡୁଛି। ଯଦି ସରକାର ବସ୍‌ଷ୍ଟାଣ୍ଡ ସହିତ ଅନ୍ୟାନ୍ୟ ଭିତ୍ତିଭୂମ ର ବିକାଶ ନ କରନ୍ତି, ତେବେ ଜନସାଧାରଣ ଅର୍ଥନୈତିକ ଅବରୋଧ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରାମ୍ୟ ଶିବିର ଉଦ୍‌ଘାଟିତ

ଶରତ, ୨୩।୪(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁରରେ ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ଏକ ଗ୍ରାମୀଣ ଶିବିର ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ରଘୁନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭଗବାନ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଆଦିମ ଜନଜାତିଙ୍କ ଜୀବନ ଜୀବିକା, ଶିମିଳିପାଳର ଜୈବମଣ୍ଡଳ ସହିତ ସମ୍ପର୍କ ଓ ଛାତ୍ରଛାତ୍ରୀଙ୍କ ଆଗାମୀ ଭବିଷ୍ୟତ ପାଇଁ ମାର୍ଗଦର୍ଶନ ଓ ସମାଜର କାର୍ଯ୍ୟ ମହତ କାର୍ଯ୍ୟ ବୋଲି ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ତୁରାମ ସିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଉଥିବା ଗବେଷଣା ପାରମ୍ପାରିକ ଜ୍ଞାନକୌଶଳ, ସଂସ୍କୃତି, ପରମ୍ପରା, ଜୀବନଜୀବିକା, ଜଙ୍ଗଲ ସହିତ ଆଦିବାସୀଙ୍କ ସମ୍ପର୍କ, ଅନ୍ଧବିଶ୍ୱାସ ଓ ଗୁଣି ଗାରେଡ଼ି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ତ୍ୟୋଦୟ ଚେତନା ମଣ୍ଡଳୀର କପ୍ତିପଦା ବ୍ଲକ ଶାଖା ସଂଯୋଜକ ପୀତାମ୍ବର ସାହୁ ଗୋଷ୍ଠୀଭିତ୍ତିକ ସହଯୋଗରେ ଗୋଷ୍ଠୀର ଉନ୍ନତି ଓ ଆଞ୍ଚଳିକ ସମସ୍ୟା ତଥା ବାଲ୍ୟବିବାହ, ଜନ୍ତୁ ଶିକାର ଓ ଜଙ୍ଗଲରେ ନିଆଁ ରୋକିବା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କର୍ମଚାରୀ ନ ହୋଇ କର୍ମୀ ହେବାକୁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ଲେବା ସିଂ ଜନଜାତି, ପରମ୍ପରା ଓ ସଂସ୍କୃତି ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏମ୍‌ଏସ୍‌ଡବ୍ଲ୍ୟୁ ବିଭାଗର ସହକାରୀ ଅଧ୍ୟାପକ ଡଃ କୁମାର ଶତପଥୀ ଶିବିରର ମହତ୍ତ୍ୱ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଗ୍ରାମୀଣ ଶିବିର ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଛାତ୍ରଛାତ୍ରୀ ଶରତ ଓ କପ୍ତିପଦା ଅଞ୍ଚଳର ବିଭିନ୍ନ ଆଦିବାସୀ ଗ୍ରାମକୁ ଯାଇ ଗବେଷଣା କରିବା ସହିତ ଜୈବ ବିବିଧତା, ଜଙ୍ଗଲରେ ନିଆଁ ରୋକିବା, ଜଳବାୟୁ ପରିବର୍ତ୍ତନ ଓ ଅନ୍ଧବିଶ୍ୱାସ ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରିବେ ବୋଲି ପ୍ରକାଶ କରିଛନ୍ତି। ମନୋଜ ପଣ୍ଡା ଅତିଥି ପରିଚୟ, ପ୍ରଜ୍ଞାଦାସ ମହାପାତ୍ର ଓ ମାନସ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟପ୍ରକାଶ ମହାନ୍ତ ମଞ୍ଚ ସଂଯୋଜନା କରିଥିଲେ।



# ବିନା ସୂଚନାରେ ଡାକଘର ବନ୍ଦ; ଫେରିଗଲେ ହିତାଧିକାରୀ

**ବଣାଇଁ, ୨୩।୪(ସମିସ):** ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ ଦୁନିଆରେ ସମୟ ସହିତ ତାଳଦେଇ ନିଜକୁ ବଦଳାଉଛି ଭାରତୀୟ ଡାକ। ଦୂର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପାଖକୁ ପହଞ୍ଚିବା ସହ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛି। ଯାହା




ଫଳରେ ଲୋକମାନେ ସେମାନଙ୍କର ଟଙ୍କା ନିରାପଦରେ ରଖିପାରିବେ ଏବଂ ଏହାର ସୁବିଧା ମଧ୍ୟ ପାଇପାରିବେ। କିନ୍ତୁ କେତେକସ୍ଥଳରେ କିଛି ଡ଼ାକ କର୍ମଚାରୀଙ୍କ ମନମାନୀର ଶିକାର ହେଉଛନ୍ତି ଡାକ ହିତାଧିକାରୀ। ଆଜି ଏମିତି ଏକ ଅଭିଯୋଗ ଆସିଛି ବଣାଇଁ ବ୍ଲକ ଅଧୀନ କଷଡା ଡାକ ଘରେ। ଉକ୍ତ ଡାକଘରେ ଅବସ୍ଥାପିତ ହୋଇଥିବା ପୋଷ୍ଟମାଷ୍ଟର ବିନା ସୂଚନାରେ ଡାକଘର ଆସି ନଥ ଠିଲେ। ହିତାଧିକାରୀ ମାନେ ନିଜନିଜର ଆବଶ୍ୟକ ଟଙ୍କା ଦେଣନେଣ କରିବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ନେବାକୁ ଆସି ଦୀର୍ଘ ସମୟ ଅପେକ୍ଷା କରିଥିଲେ। ଦିନ ୧୧ଟା ପର୍ଯ୍ୟନ୍ତ ଡାକଘର ଖୋଲା ନହେବାରୁ ପ୍ରବଳ ଖରା ଯୋଗୁଁ ଘରକୁ ଫେରିବାକୁ ବାଧ୍ୟ ହୋଇଥିଲେ। ଏହି ଖାମଖିଆଲି କାର୍ଯ୍ୟ ପାଇଁ ବିଭାଗର ସୁପରଭାଇଜର ଙ୍କୁ ଫୋନ୍ ମାଧ୍ୟମରେ ଜଣାଇବା ପରେ ସୁପରଭାଇଜର ମିତ୍ରଭାନୁ ସାହୁ ଏବଂ ରାଜୁ କୁଅଁର ଦୁଇଜଣ ଡାକଘରକୁ ଆସି ସତ୍ୟାତା ଉପରେ ତଦନ୍ତ କରିଥିଲେ। ସୁପରଭାଇଜର ପୋଷ୍ଟମାଷ୍ଟର ଅନୁପସ୍ଥିତି ଦେଖି ଫୋନ୍ ମାଧ୍ୟମରେ ଡାକିବାରୁ ବାଧ୍ୟ ହୋଇ ୧୨ ରେ ଆସି ଅଫିସ ଖୋଲିଥିଲେ। ପୋଷ୍ଟମାଷ୍ଟର ରୂପାଲି ସେଠୀ ନାମରେ ଆଗରୁ ବହୁବାର ଅଭିଯୋଗ ହେବା ସତ୍ତ୍ୱେ ଉପରିସ୍ଥ ଅଧିକାରୀ ତାଙ୍କ ପ୍ରତି କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନନେବା ହିତାଧିକାରୀମାନଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଏକାଧିକ ଅଭିଯୋଗକାରୀଙ୍କ କହିବା ଅନୁସାରେ ରୂପାଲି ସେଠୀ ନେଟୱର୍କ ଅସୁବିଧା ଦେଖାଇ ଗ୍ରାହକମାନଙ୍କୁ ଫେରାଇ ଦେଉଥିବା ବେଳେ ନୂତନ ଖାତା ଖୋଲିବାକୁ ନାରାଜ ହୁଅନ୍ତି। କେତେକ ନୂତନ ଖାତା ଦୁଇ ମାସ ବିତିଯିବା ପରେ ମଧ୍ୟ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଟଙ୍କା ଉଠାଣରେ ମଧ୍ୟ ଆବଶ୍ୟକ ଟଙ୍କା ହିତାଧିକାରୀ ପାଇଁ ପାରୁନାହାନ୍ତି। ଅଫିସ ବନ୍ଦ ସମୟ ପୂର୍ବରୁ ଘରକୁ ଚାଲିଯାଉଥିବା ଅଭିଯୋଗ ମଧ୍ୟ କରିଛନ୍ତି ହିତାଧିକାରୀ।

## ଚୈତ୍ର ମେଳା ଦେଖିବାକୁ ଆସିବାବେଳେ ଦୁର୍ଘଟଣା

# ବୋଲେରୋ -ଅଟୋ ଧକ୍କା; ୧୦ରୁ ଊର୍ଦ୍ଧ୍ୱ ଆହତ

**ବଣାଇଁ, ୨୩।୪(ସମିସ)**

ବଣାଇଁ ଥାନା ଅଧୀନ ବଣାଇଁ-ବାରକୋଟ ୧୪୩ ନମ୍ବର ଜାତୀୟ ରାଜପଥର ଦରେଇକଳା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଘଟିଥିବା ଏକ ଦୁର୍ଘଟଣାରେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଦରେଇକେଳା ଛକ ନିକଟରେ ଏକ ଅଟୋରିକ୍ସା ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବାବେଳେ ପଛପଟୁ ଆସୁଥିବା ଏକ ବୋଲେରୋ ଧକ୍କା ଦେଇଥିଲା। ଧକ୍କାର ପ୍ରଭାବ ଏତେ ଜୋରଦାର ଥିଲା ଯେ ଅଟୋରେ ଥିବା ସମସ୍ତ ଯାତ୍ରୀ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ୩ ଜଣ ଗୁରୁତର ହୋଇଥିବା ବେଳେ ୭ ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ସୂଚନା ଅନୁଯାୟୀ, ଦରେଇକଳା ଗ୍ରାମରୁ ବାହାଘର ଭୋଜିଖାଇ ସେମାନେ ବଣାଇ ଚୈତ୍ର ମେଳାକୁ ଅଟୋରେ ଯାଉଥିବା ସମୟରେ ପଛପଟୁ ଏକ ବୋଲେରୋ ଦ୍ରୁତ ଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଅହଲ୍ୟା ରୋହିଦାସ (୩୫), ମୈତ୍ରୀ ରୋହିତାସ (୩୨) ଓ ନାବାଳକ ରିତେଶ ରୋହିତାସ (୫)ଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ପଠାଯାଇଛି। ଅନ୍ୟ ଆହତମାନେ ସ୍ୱର୍ଣ୍ଣ ମେହେର, ଭକ୍ତ ରୋହିତାସ, ଅଟୋ ଚାଳକ ଲୋକନାଥ ରୋହିତାସ, ପ୍ରଶାନ୍ତ ରୋହିତାସ ଓ ରାଜା ରୋହିତାସ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ବଣାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛି।





# ଆଇଜିଏଚ୍ ବର୍ଣ୍ଣସେଣ୍ଟରର ସୁବର୍ଣ୍ଣ ଜୟନ୍ତୀ

**ରାଉରକେଲା, ୨୩।୪(ସମିସ):** ରାଉରକେଲା ଇସ୍ପାତ କାରଖାନା ଅଧୀନ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ବର୍ନ ସେଣ୍ଟରରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଆର୍‌ଏସ୍‌ପିର ଭରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସିଏମଓ ଇନ୍‌ଚାର୍ଜ (ଏମଆଣ୍ଡଏଚଏସ)



ଡା. ଜୟନ୍ତ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଯୋଗ ଦେଇଥିବାବେଳେ ସିଏମଓ (ଏମ୍‌ଆଣ୍ଡଏଚ୍‌ଏସ୍) ଡା. ପ୍ରତିଭା ଷଡ଼ଙ୍ଗୀଙ୍କ ସମେତ ଅନେକ ବରିଷ୍ଠ ଡାକ୍ତର ଏବଂ ବହୁ ସଂଖ୍ୟକ ହସ୍ପିଟାଲ୍ କର୍ମଚାରୀ ଉପସ୍ଥିତ ଥିଲେ। ବର୍ଣ୍ଣ ୟୁନିଟରେ ରକ୍ଷଣାବେକ୍ଷଣ ପାଇଁ ସ୍ୱଚ୍ଛତା ପ୍ରତି ଅଗ୍ରାଧିକାର ଦେଇ ଡିଆଇସି କହିଥିଲେ ଯେ ଅନେକ ବଡ଼ ହସ୍ପିଟାଲ ଉଚ୍ଚ ମୃତ୍ୟୁହାର ଯୋଗୁଁ ବର୍ଣ୍ଣ ୟୁନିଟ୍ ରକ୍ଷଣାବେକ୍ଷଣକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଏକ ଥର୍ମୋ-ସେନ୍ସିଟିଭ୍ ପ୍ଲାଣ୍ଟ ଭାବରେ, ଆମକୁ କେବଳ ଏହି ୟୁନିଟ୍ ରକ୍ଷଣାବେକ୍ଷଣ କରିବା ଉଚିତ ନୁହେଁ ବରଂ ଭାରତର ସର୍ବୋତ୍ତମ ବର୍ଣ୍ଣ ୟୁନିଟ୍ ମଧ୍ୟରୁ ଗୋଟିଏ ହେବାକୁ ଚେଷ୍ଟା କରିବାକୁ ପଡ଼ିବ। ଡା. ଜୟନ୍ତ କୁମାର ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପାଞ୍ଚ ଦଶନ୍ଧିର ସେବା କରୁଣା ଏବଂ ସେବାର ଐତିହ୍ୟକୁ ଦର୍ଶାଏ। ଆଇଜିଏଚ୍ ପାଇଁ ଏକ ଆବଶ୍ୟକତା ଭାବରେ ଆରମ୍ଭ ହୋଇଥିବା ୟୁନିଟ୍ ଏବେ ଓଡ଼ିଶା ଲୋକଙ୍କ ଆଶା ପାଲଟିଛି। ଡା. ରୁବି ସିଂହ, ପରାମର୍ଶଦାତା (ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ) ୧୯୭୬ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ବର୍ଣ୍ଣ ସେଣ୍ଟରର ଯାତ୍ରାର ଏକ ଉପସ୍ଥାପନା ପ୍ରଦାନ କରିଥିଲେ, ଯେଉଁଥିରେ ଦାହ, ପ୍ଲାଷ୍ଟିକ୍ ସର୍ଜରୀ ଏବଂ ପୁନଃନିର୍ମାଣ ଅସ୍ତ୍ରୋପଚାରର ବିଭିନ୍ନ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ରୋଗୀସେବା ଏବଂ ଅନୁଷ୍ଠାନର ଅଭିବୃଦ୍ଧିରେ ଅମୂଲ୍ୟ ଅବଦାନ ପାଇଁ ଏ ଅବସରରେ ଡିଆଇସି ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ନିୟମିତ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଏକ ରୋଗୀ ଶିକ୍ଷା ମାନୁଆଲ ଉନ୍ମୋଚିତ ହୋଇଥିଲା। ଡା. ପି ଶ୍ରବଣ ଏସ୍ କୁମାର ସ୍ୱାଗତ କରିଥିବା ବେଳେ ଡା. ସୀମା ଲାକ୍ରା ସଞ୍ଚାଳନ କରିଥିଲେ। ଡା. ଜିଏସ୍ ସାହୁ ଧନ୍ୟବାଦ ଦେଇଥିଲେ।

## ଗୁରୁକୁଳ ଆଶ୍ରମରେ ଜୟନ୍ତୀ ସଭା

# 'ସ୍ୱାମୀ ବ୍ରହ୍ମାନନ୍ଦ ଥିଲେ ଦେଶପ୍ରେମୀ ସନ୍ନ୍ୟାସୀ'

**ରାଉରକେଲା, ୨୩।୪(ସମିସ):** କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଦେଶପ୍ରେମୀ ସନ୍ନ୍ୟାସୀ ଥିଲେ ବୋଲି ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଆୟୋଜିତ ୧୦୯ତମ ଜୟନ୍ତୀ ପାଳନ ସଭାରେ ବକ୍ତାମାନେ ମତପ୍ରକାଶ



କରିଛନ୍ତି। ଆଶ୍ରମର ଉପସଭାପତି ଅକ୍ଷେଶ୍ୱର ଧରୁଆ ଅଧ୍ୟକ୍ଷତା କରିଥିଲେ। ଗୁରୁକୁଳୀୟ ପରମ୍ପରା ଓ ଆଦର୍ଶକୁ ଉଜ୍ଜୀବିତ କରିବା ନିମନ୍ତେ ସ୍ୱାମୀ ବ୍ରହ୍ମାନନ୍ଦ ବହୁ ଘାତ ପ୍ରତିଘାତ ସହିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ହରିହର ରାଉତରାୟ ସ୍ୱାମୀ ବ୍ରହ୍ମାନନ୍ଦ ବୈଦିକ ସଂସ୍କୃତିର ବିକାଶ ସହ ଦରିଦ୍ର ଜନଜାତିର ସେବା ପାଇଁ ଜୀବନ ଉତ୍ସର୍ଗ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବୈଦିକ ବିଦ୍ୱାନ ହରପାଲ ଶାସ୍ତ୍ରୀ ସେବା ତ୍ୟାଗ ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ସେ ଓଡ଼ିଶାର ଫୁଲବାଣୀ, ସମ୍ବଲପୁର, ବେଦବ୍ୟାସ, ବଲାଙ୍ଗୀର, ରାୟଗଡ଼ା ଆଦି ସ୍ଥାନରେ ଗୁରୁକୁଳ ଆଶ୍ରମ ପ୍ରତିଷ୍ଠା କରି ସଂସ୍କାର ଆଣିଥିଲେ ବୋଲି କହିଥିଲେ। ସମ୍ମାନିତ ବକ୍ତା ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ ସ୍ୱାମୀଜୀଙ୍କ ନୀତି ଆଦର୍ଶ ଓ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ସ୍ୱାମୀ ଅଗ୍ନି ବାବା, ସନ୍ତୋଷ କୁମାର ପଣ୍ଡା, ଶ୍ୟାମ ସୁନ୍ଦର ସେଠ୍, ଶରତ କୁମାର ଦେହୁରୀ, ନକୁଳ ଦେବ ଆର୍ଯ୍ୟ, ବାସୁଦେବ ହୋତା, ସୂର୍ଯ୍ୟମଣି ଦାଶ ପ୍ରମୁଖ ହିନ୍ଦୁଧର୍ମର ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷାବିତ୍ ଓ ଶିଶୁସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଟ୍ରଷ୍ଟି ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ ସହଯୋଗ କରିଥିଲେ।

# ୧୧ ବାଇକ୍ ଜବତ; ୨୫ ହଜାର ଟଙ୍କା ଆଦାୟ



**ରାଉରକେଲା, ୨୩।୪(ସମିସ):** ରାଜଗାଙ୍ଗପୁର ସହରରେ ଅନେକ ବାଇକ୍‌ରେ ଉଚ୍ଚସ୍ୱରର ତଥା ବିକୃତ ଶୃତିକଟୁ ସାଇଲେନ୍ସ ଲଗାଇ ଦ୍ରୁତ ଗତିରେ ବାଇକ୍ ଚାଳନା ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଇବା ସହ ଶବ୍ଦ ପ୍ରଦୂଷଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶରେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ଏହି ପ୍ରକାର ସାଇଲେନ୍ସର ଲାଗିଥିବା ୧୧ ଟି ବାଇକ୍ ଜବତ କରାଯିବା ସହ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ସାଇନିଂ ରକର୍ସ ଏକାଡେମୀର ବାର୍ଷିକ ଉତ୍ସବ

# ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ୍-୧୦




**ରାଉରକେଲା, ୨୩।୪(ସମିସ):** ରାଉରକେଲା କ୍ଲବ୍‌ରେ ସାଇନିଂ ରକର୍ସ ଏକାଡେମୀର ବାର୍ଷିକ ଉତ୍ସବ 'ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦' ଆୟୋଜିତ ହୋଇଯାଇଛି। ସାଇନିଂ ରକର୍ସ ଏକାଡେମୀର ପ୍ରତିଷ୍ଠାତା ଲିନା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବାର୍ଷିକ ଉତ୍ସବ ପୂର୍ବରୁ ୧୮ ତାରିଖ ଦିନ ବିଭିନ୍ନ ବର୍ଗରେ ଟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରାଉରକେଲାର୨ ଜଣ ବିଚାରକ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ୧୯ ତାରିଖରେ ଏହି ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହୋଇଥିଲା। ଗ୍ରାଣ୍ଡ ଫିନାଲେ ରାଉଣ୍ଡରେ ମୁମ୍ବାଇର ତନିସା ଅଗ୍ରୱାଲ ଏବଂ ଅନୀତା ମଣ୍ଡଳଦାସ ବିଚାରକ ତଥା ଅଫିସିଆଲ୍ ଜୁରୀ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଜୁନିୟର ଗ୍ରୁପରେ ଆଇଜି ଅଂଶୁମାଳା ବିଜୟୀ ହୋଇଥିଲାବେଳେ ସବ୍‌ଜୁନିଅର ଗ୍ରୁପର ପୁରୁଷ ବିଭାଗରେ ସାଥଭିକ୍ ପ୍ରଧାନ ପ୍ରଥମ ରନର୍ସ ଅପ୍ ହୋଇଥିଲେ। ସେହିପରି ମହିଳା ଗ୍ରୁପରେ ଏମ୍ ପ୍ରେୟସି 'ମିସ୍' ଓ ପୁରୁଷ ବିଭାଗରେ ବିବେକାନନ୍ଦ ସାହୁ 'ମିଷ୍ଟର' ଆଖ୍ୟା ଅର୍ଜନ କରିଥିଲେ। ସବ୍ ଜୁନିଅର ବାଳିକା ଗ୍ରୁପରେ ଅଙ୍କିତା ସାହୁ, ସବ୍ ଜୁନିଅର ବାଳକ ଗ୍ରୁପରେ ସାଇ ମିଶ୍ର ଏବଂ ଶ୍ରୀମତୀ ଗ୍ରୁପରେ ଚିନ୍ମୟୀ ପତି ମନୋନୀତ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ସାଇନିଂ ଆଇକନ୍ସ ସିଜିନ ୧୦' ଉତ୍ସବରେ ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ ସୁନ୍ୟାନି, ମିନତୀ ସୁନ୍ୟାନି, କମଲ ଅଗ୍ରୱାଲ, ଅନୀତା ଅଗ୍ରୱାଲ, ସୁନୀଲ କାୟଲ, ଜୀତେନ୍ଦ୍ର ପ୍ରସାଦ, ସୁଷମା ପ୍ରସାଦ, ମହେନ୍ଦ୍ର କୁମାର ଦାସ, ସଂଗ୍ରାମ ପତି ପ୍ରମୁଖ ଅତିଥି ଭାବେ ପୁରସ୍କୃତ କରିଥିଲେ। ଉକ୍ତ ସନ୍ଧ୍ୟାର ରନୱେ ଡିଜାଇନର ଭାବରେ ବେଶ୍ ପ୍ରଶଂସିତ 'ଚିତ୍ରା ହ୍ୟାଣ୍ଡକ୍ରାଫ୍ଟ ହ୍ୟାଣ୍ଡଲୁମ୍' ଯୋଗ ଦେବାସହ ଅଫିସିଆଲ୍ ଆଙ୍କର୍ ଭାବେ ଶୁଭଜିତ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବବିତା ମହାରଣା, ନିତ୍ୟାଞ୍ଜଳି ପରିଡ଼ା, କଲ୍ୟାଣୀ ଦାସ, ଚିନୁ ରାଉତ, ବର୍ଣ୍ଣାଳୀ ରାଉତ, ସୋନୁ ମୁଖାର୍ଜୀ, ସୁନୀଲ କୁମାର ସୋନି, ମୁରଲୀ ମୋହନ ପଟ୍ଟନାୟକ, ଦୀପ ହାଜରା, ପପାୟା ମୁଖାର୍ଜୀ, ପ୍ରବୀଣ ଚାୱାଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ହୋମିଓପ୍ୟାଥିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ଅଭେଦ୍ୟମ'

**ରାଉରକେଲା, ୨୩।୪(ସମିସ):** ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ୫୦ତମ ବାର୍ଷିକ ଉତ୍ସବ - ୨୦୨୬ 'ଅଭେଦ୍ୟମ' ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସାମ୍ପ୍ରତିକ ପରିବର୍ତ୍ତିତ ସମୟରେ ହୋମିଓପାଥି ମେଡିସିନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦାପ୍ରସାଦ ନାୟକ ଯୋଗଦେଇ ତୁଳନାତ୍ମକ ଭାବେ ସମ୍ପ୍ରତି ହୋମିଓପାଥି ମେଡିସିନର ଚାହିଦା ବୃଦ୍ଧି ପାଇବା ସହ ବିଶେଷ ଭାବେ ଆଦୃତ ହୋଇପାରିଛି ବୋଲି ବକ୍ତବ୍ୟରେ କହିଥିଲେ। ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଧ୍ୟକ୍ଷ ଡା. ସୁଭାଶିଷ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ହୋମିଓପାଥି ଚିକିତ୍ସକ ଡା. ଏଲ୍‌କେ ନନ୍ଦ ଏବଂ ଜଗନ୍ନାଥ ବେହେରା ଉପସ୍ଥିତ ରହି ହୋମିଓପ୍ୟାଥିକ ମେଡିସିନ ବ୍ୟବହାରରେ ପାର୍ଶ୍ୱ ପ୍ରତିକ୍ରିୟା କମ୍ ଥାଇ ରୋଗ ଆରୋଗ୍ୟ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡା. ସନାତନ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ର ମଙ୍ଗଳ ସମିତିର ନିର୍ଦ୍ଦେଶକ ଡା. ଶୋଭନ ସେଠୀ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ନାଟକ ଓ ସଙ୍ଗୀତ ପରିବେଷଣ ବେଶ୍ ଉପଭୋଗ୍ୟ ହୋଇଥିଲା।

# ଯୁବକଙ୍କ ଆକସ୍ମିକ ମୃତ୍ୟୁ

**କୋଇଡ଼ା, ୨୩।୪ (ସମିସ):** କୋଇଡ଼ା ମୁଖ୍ୟ ବଜାରରେ କିଛିବର୍ଷ ଧରି ଜଣେ ୩୦ ରୁ ୩୫ ବର୍ଷିୟ ମାନସିକ ବିକୃତ ଯୁବକ ଅଳିଆ ଉଠାଇବା ସହ ବୁଲି ବୁଲି ମାଗି ଖାଇ ରହିଆସୁଥିଲା। ବୁଧବାର ତାଙ୍କର ମୃତ୍ୟୁ ଘଟିଛି। କୋଇଡ଼ା ମୁଖ୍ୟ ଛକଠାରେ ବହୁ ସମୟରୁ ପଡ଼ି ରହିଥିବାଦେଖି ଜନସାଧାରଣ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ୍ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

# ପୋଷଣ ପକ୍ଷ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨୩।୪(ସମିସ):** ସାରା ଦେଶରେ ଚାଲିଥିବା ପୋଷଣ ପକ୍ଷ ପାଳନର ଶେଷଦିନ ଅବସରରେ ଗୁରୁବାର ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ଯୋଜନା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ସାମଲ ଅଧ୍ୟକ୍ଷତା କରିଥିଲେ। ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଶୁଭଜ୍ୟୋତି ମହାପାତ୍ର ସ୍ୱାଗତଭାଷଣ ଦେଇଥିଲେ। ଡ.ସାମଲ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବକ୍ତାଭାବରେ ଶିକ୍ଷା ବିଭାଗର ମୁଖ୍ୟ ଲଳିତା ମୁକ୍ତା ବାର୍ଲା ଯୋଗଦେଇ ପୋଷଣ ଯୋଜନାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସନ୍ଦର୍ଭ ପାଠ କରିଥିଲେ। ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଲିପିକା ଖମାରୀ ଶିଶୁ ଏବଂ ମା'ମାନଙ୍କର ପୋଷଣ ସମ୍ପର୍କରେ ବିଭିନ୍ନ ଉପାଦେୟ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକାରୀ ଅଧିକାରୀ ଡ. ସୋନିଆ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଯୁବ ରେଡ୍‌କ୍ରସ୍ ସଂଯୋଜିକା ଡ.ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

## ■ ସ୍ୱସ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

# ଚତୁର୍ଥ ସନ୍ଧ୍ୟାରେ 'କଳାମଲ୍ଲୀ' ମଞ୍ଚସ୍ଥ

**ରାଉରକେଲା, ୨୩।୪(ସମିସ):** ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଜି ଦାମନଯୋଡିର ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ଦ୍ୱାରା ପ୍ରସ୍ତୁତ ନାଟକ 'କଳାମଲ୍ଲୀ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ସୁଶାନ୍ତ କୁମାର ଦାସ ନାଟକ ରଚନା କରିଥିବାବେଳେ ଶେଷଦେବ ଶତପଥୀ ନିର୍ଦ୍ଦେଶନା ଦେଇଥିଲେ। ମଞ୍ଚ ସଜ୍ଜା କେ.ନାରାୟଣ ପାତ୍ର କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି ପ୍ରସାଦ ମିଶ୍ର। ବିଭିନ୍ନ ଭୂମିକାରେ ଶ୍ରୀକାନ୍ତ ସାହୁ, ମୁରଲୀ ଧର ଦାସ, ଚିତ୍ତରଞ୍ଜନ ଦାଶ, ଉତ୍ତମ ପଟ୍ଟନାୟକ, ନିର୍ମଳ କୁମାର ରାଉତ, ଏନ୍. ରବି କୁମାର, ସୁନୀଲ କୁମାର ଦାଶ, ଅଲେଖ ଚନ୍ଦ୍ର ମହାକୁଡ଼, ପଞ୍ଚାନନ ସେଠୁଆ, ସାଇ ସୁମନ ଦାଶ, ସସ୍ମିତା ଦାଶ, ବିଦ୍ୟାମିଶ୍ର, ସ୍ୱାତି ଲଗ୍ନା ସାହୁ, ଶକୁନ୍ତଳା ପଣ୍ଡା, ସସ୍ମିତା ସେଠୁଆ,



କଳ୍ପନା ପଟ୍ଟନାୟକ, ଶୀତେଶ ପଟ୍ଟନାୟକ, ମମତା ବେହେରା, ଏନ. ରେଣୁକା, ସୋମ୍ୟା ପ୍ରିୟଦର୍ଶିନୀ ସାହୁ, ସୁଶ୍ରୀ ସଙ୍ଗୀତା ଦାଶ, ବବିତା ସାହୁ, ଦେବାଂଶୁ ଦାଶ, ଶିବାଙ୍ଗୀ ପଟ୍ଟନାୟକ, ଆର୍ଯ୍ୟନ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଇଂ ଜନ୍ମେଜୟ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଦର୍ଶକ ଭାବେ ଇଂ.ନବଘନ ସାହୁ ଯୋଗ ଦେଇଥିଲେ। ଆଜି ନାଟକର ନିର୍ଦ୍ଦେଶକ ଶେଷଦେବ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଡ. ସୁଶାନ୍ତ କୁମାର ପାଣି ସଂଯୋଜନା କରିଥିବା ବେଳେ ପାରେଶ୍ୱର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଇଂ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ପ୍ରଦୀପ ନାୟକ, ବିଜୟ ପାତ୍ର, ପ୍ରଳୟ ଶତପଥୀ, କଲ୍ୟାଣୀ ଦାସ, ରୁନୁ ବେକ, ଡ. ଅଜୟ ମିଶ୍ର, ପ୍ରବୀର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି, ସରୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ଡେଡ୍‌ଲିଫ୍ଟ ଚାମ୍ପିଅନସିପ୍‌ରେ ଆର୍‌ଏସ୍‌ପି ରନର୍ସଅପ୍



**ରାଉରକେଲା, ୨୩।୪ (ସମିସ):** ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ଡେଡଲିଫ୍ଟ ଚାମ୍ପିଅନ୍‌ସିପରେ ଟିମ୍ ଆର୍‌ଏସ୍‌ପି ଦଳ ରନର୍ସଅପ୍ ବିବେଚିତହୋଇ ଓଡ଼ିଶାର ଶକ୍ତି କ୍ରୀଡ଼ା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଛି। ଉକ୍ତ ଚାମ୍ପିଅନ୍‌ସିପରେ ଆର୍‌ଏସ୍‌ପି ଦଳ ୯ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୧ଟି କାଂସ୍ୟ ପଦକ ସହିତ ମୋଟ ୧୩ ପଦକ ହାସଲ କରିଛି। ମହିଳା ବିଭାଗରେ ସ୍ୱାତୀ ଗୋଣ୍ଡ, ଗୁରଲୀନ କୌର, ବିଷ୍ଣୁପ୍ରିୟା ସ୍ୱାଇନ, ସୃଷ୍ଟି ସିଂହ ଏବଂ ଆଲିଶା ମହାରଣା ଚାମ୍ପିଅନ ହୋଇଥିଲେ। ଅନୁରୂପ ଭାବେ ପୁରୁଷ ବିଭାଗରେ ରତନ ସିଂହ, ବସନ୍ତ କୁମାର ମଲ୍ଲିକ, ଏସ୍‌କେ ବାସିଦ ଏବଂ ବିଜୟ କୁମାର ରାଉଲ ସିନିୟର ଏବଂ ମାଷ୍ଟର୍ସ ବର୍ଗରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସୂଚନାଯୋଗ୍ୟ ଯେ ଦଳ ସହିତ ଅଧିକାରୀ ଭାବରେ ଆସିଥିବା ଏସ୍.କେ ଭୂୟାଁ ମଧ୍ୟ ଚାମ୍ପିଅନସିପରେ ରୌପ୍ୟପଦକ ଜିତି ମଞ୍ଚରେ ନିଜର ଉପସ୍ଥିତି ଜାହିର କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ବିକ୍ରମ ସ୍ୱାଇଁଙ୍କ ମାର୍ଗଦର୍ଶନରେ ତାଲିମ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଟାଉନ୍ ସର୍ଭିସେସ୍ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ସିଜିଏମ୍ ଟିଜି କାନେକର ବିଜେତାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରିଥିଲେ। ଡେପୁଟି ମ୍ୟାନେଜର ଆରଏନ୍ ପାଢ଼ୀ ସଂଯୋଜନା କରିଥିଲେ।

# ସିଏମ୍ ଟ୍ରଫି ବାଳକ କବାଡ଼ି ଚାମ୍ପିଅନ୍‌ସିପ୍; ସମଲେଶ୍ୱରୀ ବିଜେତା

**ରାଉରକେଲା, ୨୩।୪(ସମିସ)**

ସ୍ଥାନୀୟ ଛେଣ୍ଡସ୍ଥିତ ହୃଷିକେଶ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ବାଳକ କବାଡ଼ି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲ୍ଲାର ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ସମଲେଶ୍ୱରୀ ଦଳ ୨୯:୧୭ ପଏଣ୍ଟ ହାସଲ କରି ବିଜେତା ହୋଇଥିବାବେଳେ ଲହୁଣୀପଡ଼ାର ଏକଲବ୍ୟ ମଡେଲ ରେସିଡେଣ୍ଟସିଆଲ ସ୍କୁଲ ଦଳ ଉପ-ବିଜେତା ହୋଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣଗଡ଼ ଉତ୍ସବରେ ରଘୁନାଥପଲ୍ଲୀ ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ, କ୍ରୀଡ଼ା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ସୁଯୋଗ ଦେବା ଓ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହୋଇ ଆସୁଛି। ସମ୍ମାନିତ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ପ୍ରକାଶ ପାଶୱାନ ଯୋଗ ଦେଇ ପ୍ରତିଯୋଗୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ପ୍ରମୁଖ କର୍ମକର୍ତ୍ତା ରାଧାମୋହନ ନାୟକ, ବିଭୂଦତ୍ତ ବେହେରା, ପ୍ରସାଦ କୁମାର ପଟେଲ, ଅରବିନ୍ଦ ପାତ୍ର, ଗୋପିନାଥ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ବିଜେତା ଚୟନ ଦଳରେ ବେଣୁଧର କୁମ୍ଭାର, ବଜରଙ୍ଗ ବାଗ୍, ପାର୍ବତୀ ସାହୁ ଓ ସଙ୍ଗୀତା ମିଞ୍ଜ ରହିଥିବା ବେଳେ ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ବିଦ୍ୟାଧର ସେଠୀ, ନରହରି ପଣ୍ଡା, ରାମଚନ୍ଦ୍ର ବିଶ୍ୱାଳ, ରାକେଶ ବାରିକ, ଅଶୋକ କୁମାର ରାଉତ, ସତ୍ୟରଞ୍ଜନ ପଣ୍ଡା, ଭରତ କୁମାର ସାହୁ, ଆଶିଷ କୁମାର ପ୍ରଧାନ, ସଞ୍ଜୀବ ସିଂ ପ୍ରମୁଖ ସହଯୋଗ କରିଥିଲେ।



## ଜଳଛତ୍ର ଶ୍ରମିକଙ୍କୁ କମ୍ ପ୍ରାପ୍ୟ ଅଭିଯୋଗର ତଦନ୍ତ

# ମହାନଗର ଦେଉଛି ୪୬୨, ଠିକାଦାର ଦେଉଛି ୧୬୬

**ସମ୍ବଲପୁର, ୨୩।୪ (ସମିସ)**

ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଆଜି ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ରହିଥିଲା। ଗତ ତିନିଦିନ ହେଲା ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଛି ତାପମାତ୍ରା। ୨୧ ତାରିଖ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ ରହିଥିବାବେଳେ ୨୨ ତାରିଖ ୪୩.୩ ଡିଗ୍ରୀ ରହିଥିଲା। ପାଣି ଟୋପାଏ ପାଇଁ ଲୋକେ ବହଳ ବିକଳ ହେଉଛନ୍ତି। ସମ୍ବଲପୁରର ବିଭିନ୍ନ ମୁଖ୍ୟ ରାସ୍ତା ସଂପ୍ରସାରଣ ସମୟରେ ରହିଥିବା 'ଅମୃତଧାରା' ଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ବାହାରୁ ଆସୁଥିବା ଯାତ୍ରୀ ତଥା ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି। ମହାନଗର ନିଗମ ପକ୍ଷରୁ ଟେଣ୍ଡର କରି ଏକ ଠିକା ସଂସ୍ଥାକୁ ଚଳିତବର୍ଷ ପାଇଁ ୫୩ଟି ଜଳଛତ୍ର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ, ଠିକାଦାର ସେଠାରେ କାମ କରୁଥିବା ଶ୍ରମିକଙ୍କୁ କମ୍ ପ୍ରାପ୍ୟ ଦେଉଥିବା ନେଇ ଅଭିଯୋଗ ହୋଇଛି। ଏହାପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜି ଏକ ପାଞ୍ଚଜଣିଆ ଟିମ୍ ମହାନଗର ନିଗମ ଅଞ୍ଚଳରେ ବୁଲି ତଦନ୍ତ ଆରମ୍ଭ କରିଛନ୍ତି।



ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଟେଣ୍ଡର ନୋଟିସ ସଂଖ୍ୟା ୩୪୦୩ ତା ୧୬.୩.୨୦୨୬ରେ ଜଳଛତ୍ର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିନୁଯାୟୀ, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୩ଟି ସ୍ଥାନରେ ଅପ୍ରେଲ ୧ ତାରିଖରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାୟ ୯୧ ଦିନ ପାଇଁ ଜଳଛତ୍ର ଖୋଲିବ। ଏହା ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରତି ଜଳଛତ୍ରରେ ୬ଟି ମାଟିଆ ଏବଂ ତନ୍ମଧ୍ୟରୁ ୨ଟି ମାଟିଆ ଟ୍ୟାପ୍ ଯୁକ୍ତ ହେବ। କଳଶୀ ୪ଟି ମାଟିଆରେ ତଳେ ବାଲି ଦେଇ ରଖାଯିବ। ସମସ୍ତ ମାଟିଆରେ ବିଶୁଦ୍ଧ ଜଳ ଭର୍ତ୍ତି କରାଯିବ। ପାଣି ପିଇବା ପାଇଁ ଷ୍ଟିଲ ଗ୍ଲାସ ରହିବ ଏବଂ ଜଳବଣ୍ଟନ ପାଇଁ ଜଣେ ଶ୍ରମିକ ରହିବେ।

ଟେଣ୍ଡର ପ୍ରକ୍ରିୟା ପରେ ଜଣେ ଠିକାଦାରଙ୍କୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୩ଟି ଜଳଛତ୍ର ପାଇଁ ଆରମ୍ଭ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ତେବେ, ଜଳଛତ୍ରର ଶ୍ରମିକମାନଙ୍କୁ ଠିକାଦାର ଦୈନିକ ମାତ୍ର ୧୬୬.୬୭ ଟଙ୍କା ଦେଉଥିବା ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ମହଲରୁ ଅଭିଯୋଗ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଏକ ପାଞ୍ଚଜଣିଆ ଟିମ୍ ସମ୍ବଲପୁର ମହାନଗର ଅଞ୍ଚଳରେ ବୁଲି ସତ୍ୟାସତ୍ୟ ଯାଞ୍ଚ କରିଛନ୍ତି। ସେମାନଙ୍କ ରିପୋର୍ଟ ପାଇବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ କହିଛନ୍ତି। ମହାନଗର ନିଗମ ଉପାୟୁକ୍ତ ଶଙ୍କର ପ୍ରସାଦ ସାହୁଙ୍କ ଅନୁଯାୟୀ ଜଳଛତ୍ର ପାଇଁ ୩୬ ଲକ୍ଷ ଟଙ୍କାରେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ ଶ୍ରମିକଙ୍କ ଦୈନିକ ପାଉଣା ୪୬୨ ଟଙ୍କା ରହିଛି। ତିନି ମାସ ପରେ ଠିକାଦାର ବିଲ୍ ଜମା କରିବା ପରେ ଶ୍ରମିକଙ୍କୁ ଠିକ୍‌ଭାବେ ଟଙ୍କା ଦିଆଯାଇଛି କି ନାହିଁ, ଯାଞ୍ଚ ପରେ ବିଲ୍ ଦେୟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜାତିଗତ ଜନଗଣନାକୁ ନେଇ ଓବିସି ମଞ୍ଚର ବିକ୍ଷୋଭ



**ସମ୍ବଲପୁର, ୨୩।୪ (ସମିସ) :** ଚଳିତ ଜାତିଗତ ଜନଗଣନାର କେନ୍ଦ୍ର ସରକାରଙ୍କ ୧୨ ନମ୍ବର କଲମ୍ ଏବଂ ରାଜ୍ୟ ସରକାରଙ୍କ ୧୩ ନମ୍ବର କଲମ୍‌ରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୁ ଯୋଡ଼ା ଯିବା ଦାବିରେ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ଭୁବନେଶ୍ୱରରେ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଥିଲା। ଏହି ଧାରଣାରେ ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଓବିସି କର୍ମୀ, କର୍ମକର୍ତ୍ତା ଓ ନେତୃବର୍ଗ ସାମିଲହୋଇ କେନ୍ଦ୍ର ସରକାରଙ୍କ କାଳକ୍ଷେପଣ ନୀତିକୁ ସମାଲୋଚନା କରିଥିଲେ। ମଞ୍ଚର ରାଜ୍ୟ ସଭାପତି ଶଙ୍କର କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସଭାରେ ସରକାରଙ୍କ ପକ୍ଷରୁ ଜନଗଣନା ପାଇଁ ଉଦ୍ଦିଷ୍ଟ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଫର୍ମରେ ଓବିସି ବର୍ଗଙ୍କୁ ଜାତିଭିତ୍ତିକ ଗଣନାରେ ରଖି ନ ଥିବାରୁ ଦୃଢ଼ ନିନ୍ଦା କରାଯିବା ସହିତ ଏହାର ସଂଶୋଧନ ଦାବି କରାଯାଇଥିଲା। ବିକ୍ଷୋଭ ସଭାରେ ଶୁଭେନ୍ଦୁ ସାହୁ, ନାରେନ ସାହୁ, ପ୍ରତାପ ବାରିକ, କୁଳମଣି ବାରିକ, ନିର୍ମଳ ଯତି, ଅନାଦି ସାହୁ, ରଞ୍ଜିତା ରାଣୀ ପ୍ରଧାନ, ସୁପ୍ରଶ୍ରୀ ଶେଖର ମହାରଣା, କୃପାସିନ୍ଧୁ ଖମାରି, ଶରତ ପ୍ରଧାନ, ମଧୁସୂଦନ ଯାଦବ, ଜନବାଦୀ ଗୌଡ଼, ଅଭୟ ବାରିକ, କୃତିବାସ ପ୍ରଧାନ, ସୁଧାଂଶୁ ପାତ୍ର, ପଦଲୋଚନ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସରୋଜ ସାହୁଙ୍କ ସଂଯୋଜନାରେ ଏକ ରେଲି ମାଷ୍ଟର କେଣ୍ଟିନ ଛକରୁ ବାହାରି ବିକ୍ଷୋଭ ସ୍ଥଳୀରେ ସାମିଲ ହୋଇଥିଲା। ମଞ୍ଚର ରାଜ୍ୟ ପ୍ରବକ୍ତା ବିରଞ୍ଚି ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶେଷରେ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରାଜ୍ୟ ଓବିସି ମଞ୍ଚର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ରକୁ ରାଜଭବନରେ ପ୍ରଦାନ କରିଥିଲେ।

# ଉଡ଼ାନ୍‌ର ଦୁଇ ଛାତ୍ରୀଙ୍କ କୃତିତ୍ୱ

**ସମ୍ବଲପୁର, ୨୩।୪ (ସମିସ) :** 'ଉଡ଼ାନ୍' ଅନୁଷ୍ଠାନର ଦୁଇଜଣ ଛାତ୍ରୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଉଡ଼ାନ୍‌ର ଛାତ୍ରୀ ଅମୃତୋୟା ସାହୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସି.ସି. ଆର.ଟି. ତରଫରୁ ସମ୍ବଲପୁରୀ ଲୋକନୃତ୍ୟରେ ଶିଶୁ କଳାକାର ବୃତ୍ତି ୨୦୨୫-୨୬ ପାଇବା ପାଇଁ ମନୋନୀତ ହେଇଛନ୍ତି। ଏହାପରେ ସେ ସମ୍ବଲପୁରୀ ଲୋକନୃତ୍ୟର ବିଭିନ୍ନ ବର୍ଗରେ ଆସନ୍ତା ୭ ବର୍ଷ ପର୍ଯ୍ୟନ୍ତ ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ କରିବେ। ସେ ବର୍ତ୍ତମାନ ଉଡ଼ାନ୍ ଅନୁଷ୍ଠାନରେ ଗୁରୁ ଭାରତ ଗୌରବ ଦାଶଙ୍କଠାରୁ ସମ୍ବଲପୁରୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ସେହିପରି ପ୍ରତିଭାଶାଳୀ ଛାତ୍ରୀ ସମୃଦ୍ଧି ସାହୁ ଗୋଟିଏ ଘରୋଇ ଟିଭି ଚ୍ୟାନେଲରେ ଏକ ମେଗା ଡାନ୍ସ ରିଆଲିଟି ଶୋ'ରେ ପ୍ରଥମ ରନର୍ସ-ଅପ୍ ସ୍ଥାନ ଅଧିକାର କରିଛନ୍ତି। ଉଡ଼ାନ୍ ଅନୁଷ୍ଠାନ ଶାସ୍ତ୍ରୀୟ ନୃତ୍ୟ ଏବଂ ସମ୍ବଲପୁରୀ ଲୋକନୃତ୍ୟ କ୍ଷେତ୍ରରେ ଗତ ୭ ବର୍ଷ ହେଲା ନୂତନ କଳାକାର ସୃଷ୍ଟି କରିଆସୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ହେମନ୍ତ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ। ଉଡ଼ାନ୍‌ର ସଂସ୍ଥାପକ ରମେଶ ଶାହ ଏବଂ ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଉପସ୍ଥିତ ଥିଲେ।



# ଜେଇଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ବ୍ଲକ୍ ଅଧ୍ୟକ୍ଷଙ୍କ ଫେରାଦ

**ରେଙ୍ଗାଲି, ୨୩।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲା ରେଙ୍ଗାଲି ପଞ୍ଚାୟତ ଜେଇଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ ଦେଇଛନ୍ତି। ବ୍ଲକ ଅଧୀନରେ ସମସ୍ତ ଉନ୍ନୟନ କାର୍ଯ୍ୟ ବିଭାଗୀୟସ୍ତରରେ କରାଯାଏ। କାର୍ଯ୍ୟାଦେଶ ଜୁନିଅର ଇଞ୍ଜିନିୟର(ଜେଇ)ଙ୍କ ନାମରେ ଜାରି କରାଯାଏ। ଯିଏ ପରବର୍ତ୍ତୀ ସମୟରେ ସ୍ଥାନୀୟ ଠିକାଦାର କାର୍ଯ୍ୟ ନ୍ୟସ୍ତ କରନ୍ତି। କାର୍ଯ୍ୟ ସମାପ୍ତ ହେବା ପରେ, ତାଙ୍କ ଜେଇଙ୍କ ଆକାଉଣ୍ଟରେ ଜମା କରାଯାଏ। ପରବର୍ତ୍ତୀ ସମୟରେ ଜେଇ ସମ୍ପୃକ୍ତ ଠିକାଦାରଙ୍କୁ ଟଙ୍କା ଦେଇଥାନ୍ତି। ରେଙ୍ଗାଲି ବ୍ଲକରେ ଜଣେ କନିଷ୍ଠ ଇଞ୍ଜିନିୟର, ଟିକନାଥ ଭୈନସାଲ, ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଟଙ୍କା ନିଜ ଆକାଉଣ୍ଟରେ ନେଉଛନ୍ତି କିନ୍ତୁ କାମ କରିଥିବା ଠିକାଦାରଙ୍କୁ ଟଙ୍କା ଦେଇନାହାନ୍ତି। ଏ ନେଇ ରେଙ୍ଗାଲି ବ୍ଲକର ଠିକାଦାରମାନେ ବ୍ଲକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ଘଟଣା ବିଷୟରେ କଥା ହେବା ପାଇଁ ଅଧ୍ୟକ୍ଷ ଠିକାଦାର ମନଙ୍କୁ ଓ ଉକ୍ତ ଜେଇଙ୍କୁ ବୁଧବାର ଦିନ ବ୍ଲକ କର୍ଯ୍ୟାଳୟକୁ ଡାକିଥିଲେ। କାର୍ଯ୍ୟାଳୟକୁ ଜେଇ ଆସି ଠିକାଦାରମାନଙ୍କୁ ଦେଖିବା ପରେ ବ୍ଲକ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣା ବିଷୟରେ ରେଙ୍ଗାଲି ବିଡ଼ିଓ ଉତ୍ତମ ତନ୍ତୀ ଙ୍କୁ ପଚାରିବାରୁ ଏ ବିଷୟରେ ମୋ ପାଖରେ ଅଭିଯୋଗ ହୋଇଛି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ୨୭ରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ



**ସମ୍ବଲପୁର, ୨୩।୪ (ସମିସ) :** ଆସନ୍ତା ୨୭ ତାରିଖରେ ସାରା ଦେଶରେ ଗୋ ସମ୍ମାନ ଅଭିଯାନ ଆରମ୍ଭ ହେବ। ଏହି ଅବସରରେ ସକାଳ ୯ ଟାରେ ସମ୍ବଲପୁର ମ୍ୟୁନିସିପାଲିଟି ଛକରୁ ଏକ ରାଲି ବାହାରିବ ଏବଂ ସମ୍ବଲପୁର ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବଡ଼ବଜାର ଅଗ୍ରସେନ ଭବନଠାରେ ଆୟୋଜିତ ସମ୍ମିଳନୀରେ ସୂଚନା ଅନୁଯାୟୀ, ୨୭ରେ ସମ୍ବଲପୁରଠାରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ କରାଯିବ। ଏଥିରେ ମୁଖ୍ୟ ପ୍ରସଙ୍ଗ ଭାବେ ଗୋ ହତ୍ୟା ଉପରେ ସମ୍ପୂର୍ଣ୍ଣ ନିଷେଧ, ଗୋମାତା ଉପରେ ସମ୍ପୂର୍ଣ୍ଣ ଗବେଷଣା ଏବଂ ଅନୁଦାନ, ଗୋମାତାକୁ ରାଷ୍ଟ୍ର ମାତା ଏବଂ ରାଷ୍ଟ୍ରର ମୂଳଦୁଆ ଭାବରେ ଘୋଷଣା ଆଦି ରହିଛି। ଗୋ ସମ୍ମାନ କାର୍ଯ୍ୟକ୍ରମର ସଂଯୋଜକ ମଣ୍ଟୁ ସାହୁ, ଶ୍ରୀକୃଷ୍ଣ ଗୋଶାଳାର ସଭାପତି ଚନ୍ଦ୍ର କୁମାର ସରାଫ, ହରିଓମ୍ ଗୋଶାଳାର ସଭାପତି ମାଧବ ଡାଲମିଆ, ମଙ୍ଗତୁରାମ ଅଗ୍ରୱାଲ, ଦିନେଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ।

# ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାରେ ଯୁବକ ଗିରଫ

**ରେଢ଼ାଖୋଲ, ୨୩।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀ ୩ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ଏ ନେଇ ଯୁବତୀଙ୍କ ଭାଇ ଗତ ୧୨ ତାରିଖରେ ରେଢ଼ାଖୋଲ ଥାନା ଓ ଶୁକ୍ରବାର ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ।ଏଥିରେ ଉଲ୍ଲେଖ କରିଥିଲେ ଯେ ଦିବ୍ୟାଙ୍ଗ ଯୁବତୀ ଜଣକ କିଛି କହି କି ଶୁଣି ପାରନ୍ତି ନାହିଁ। ଗତ ୧୧ ତାରିଖ ଦିନ ହଠାତ୍ ଯୁବତୀଙ୍କ ବାନ୍ତି ହେବାରୁ ପରିବାରବର୍ଗ ତାଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।ସେଠାରେ ଡାକ୍ତରୀ ମାଇନା ପରେ ୩ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ୩ ମାସ ପୂର୍ବେ ଯୁବତୀ ଜଣକ ତାଙ୍କ ସମ୍ପର୍କୀୟ ମାମୁଁ କୁକୁଡାବାହାଲୀ ପଞ୍ଚାୟତ ସାନନୂଆପଡ଼ା ଗ୍ରାମକୁ ବୁଲିବାକୁ ଯାଇଥିଲେ। ସେଠାରେ ବୌଦ୍ଧ ଥାନା ଅଧୀନ କିରାସିରା ଗ୍ରାମର ଯୁବକ ଶୁକଦେବ ବାଘ(୨୬) ଭିନ୍ନକ୍ଷମ ଯୁବତୀଙ୍କ ସହିତ ସମ୍ପର୍କରେ ଆସି ପରିଚିତ ହୋଇଥିଲେ। ଯୁବତୀ ଅସହାୟତାର ସୁଯୋଗ ନେଇ ଶୁକଦେବ ରାତ୍ରିରେ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ଏଥିଯୋଗୁଁ ସେ ବର୍ତ୍ତମାନ ୩ ମାସର ଗର୍ଭବତୀ ହୋଇଛନ୍ତି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କେସ ନଂ ୬୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଯୁବତୀଙ୍କ ଭିଡ଼ିଓ ଭାଇରାଲ, ୫ ଗିରଫ

**ସମ୍ବଲପୁର, ୨୩।୪ (ସମିସ):** ଜଣେ ଯୁବତୀଙ୍କ ଭିଡ଼ିଓ ଭାଇରାଲ ହୋଇଥିବା ଅଭିଯୋଗରେ ସମ୍ବଲପୁର ସାଇବର ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶାସନ ଥାନା ତବଲାର ରାଜା ବଡେଇ, ଧମା ଥାନା ବରଗାଁର ରବୀନ୍ଦ୍ରୀୟ ସେଠ, ଜମନକିରା ଥାନା ଫଳସାବାହଲର ଶୁଶାନ୍ତ ବାଗ, ରେଢାଖୋଲ ଥାନା କୁକୁଡ଼ାବାହାଲିର ଶମ୍ଭୁ ପ୍ରସାଦ ପ୍ରଧାନ ଓ ସୋନପୁର ଉଲୁଣ୍ଡା ଥାନା ବଡ଼ମାଲର ଦୀପକ ମହାର। ସୂଚନା ଅନୁସାରେ ଜଣେ ଯୁବତୀଙ୍କ ଏକ ଅଶ୍ଳୀଳ ଭିଡ଼ିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇ ଏହା କୃତ୍ରିମ ବୁଦ୍ଧିମତାକୁ (ଏଆଇ) ବ୍ୟବହାର କରି ଭିଡ଼ିଓ କରାଯାଇଥିବା ଅଭିଯୋଗ କରିଥିଲେ। ପରେ ପୁଲିସ ଏହି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ପାଖରୁ ୫ଟି ମୋବାଇଲ ଜବତ କରିଛି। ଆଗକୁ ଏହି ଗିରଫଦାରୀ ବଢ଼ିବା ନେଇ ପୁଲିସ କହିଛି। ଯେଉଁମାନେ ଏହି ଭିଡ଼ିଓ ଅନ୍ୟମାନଙ୍କୁ ପଠାଇଥିବେ, ସେ ନେଇ ତଦନ୍ତ ହୋଇ ଗିରଫ କରାଯିବ ବୋଲି ପୁଲିସ କହିଛି।

# ଆଇନ ମହାବିଦ୍ୟାଳୟରେ ହୀରକ ଜୟନ୍ତୀ ସ୍ମାରକୀ ରକ୍ତଦାନ ଶିବିର

**ସମ୍ବଲପୁର, ୨୩।୪ (ସମିସ) :** ଲଜପତ ରାୟ ଆଇନ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ଅବସରରେ ଆଲୁମ୍ନି ସଂଘ ଓ ରକ୍ତଦାତା ସଂସ୍ଥା 'ତ୍ୟାଗ' ମିଳିତ ଉଦ୍ୟମରେ ଏକ ସ୍ମାରକୀ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରଚାର ପୁସ୍ତିକାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଉନ୍ମୋଚନ କରିଥିଲେ। ବୁର୍ଲା ଭିମସାର ନିର୍ଦ୍ଦେଶକ ଡାକ୍ତର ଲାଲମୋହନ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ ପ୍ରଦୀପ ନାୟକ ଓ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟାନନ୍ଦ ବେହେରା, ଆସୋସିଏଟ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ ଓ ସହକାରୀ ପ୍ରଫେସର ଡ. ଅଙ୍କିତ ବେହେରା ତଥା ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସଭାପତି ଚନ୍ଦ୍ର ପୁରୋହିତ, ଉପସଭାପତି ରବି ପୂଜାରୀ, ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା, ସହ ସମ୍ପାଦକ ସୁରଞ୍ଜିନି ବାରିକ ଓ ବରିଷ୍ଠ ଆଇନଜିବି ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଆଲୁମ୍ନି ସଂଘ ସମ୍ପାଦକ ଓ 'ତ୍ୟାଗ' ରକ୍ତଦାନ ସଂସ୍ଥା ସଭାପତି ଦୁର୍ଗା ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଉପସଭାନେତ୍ରୀ ସିପ୍ରା ମହାନ୍ତି, ସୁତପା ମିତ୍ର, ସୁଭଦର୍ଶନି ମହାନ୍ତି ବରପୁତ୍ର ଲଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିଥିଲେ। ବୁର୍ଲା ରକ୍ତଭଣ୍ଡାରର ଡାକ୍ତର ଓ ଟେକ୍‌ନିସିଆନ୍‌ମାନେ ଶିବିର ପରିଚାଳନା କରିଥିବାବେଳେ ମୋଟ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ସଞ୍ଚାର କଳାକାରଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୩।୪ (ସମିସ) :** ପ୍ରଥିତଯଶା ସଞ୍ଚାର କଳାକାର ଦୁଃଖନାଶନ ବେହେରାଙ୍କ ବିୟୋଗରେ କଳା ପରିଷଦ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ କଳା ପରିଷଦର ଉପସଭାପତି ଡଃ ଶ୍ୟାମସୁନ୍ଦର ଧର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦୁଇ ମିନିଟ ନୀରବ ପ୍ରାର୍ଥନା ପରେ ଉପସ୍ଥିତ ସଦସ୍ୟ, ସଦସ୍ୟାମାନେ ତାଙ୍କ ସ୍ମୃତିଚାରଣ ପୂର୍ବକ ପରିବାର ପ୍ରତି ସମବେଦନା ପ୍ରକାଶ କରିଥିଲେ। ସ୍ୱର୍ଗତ ଦୁଃଖନାଶନଙ୍କ ଜାପାନ ଯାତ୍ରାରୁ ନେଇ ଅନେକ କ୍ଷେତ୍ରରେ କଳା ପରିଷଦର ସହଯୋଗ ସମ୍ବନ୍ଧରେ ସଦସ୍ୟମାନେ ସବିସ୍ତୃତ ଆଲୋଚନା କରିଥିଲେ। ଗୁରୁଶ୍ରୀ ରଣଜିତ ନାଗ, ରମଣୀ ରଞ୍ଜନ ପଣ୍ଡା, ସୁବାସ ତ୍ରିପାଠୀ, ବିଭୂତି ପଟ୍ଟନାୟକ, ମୋତିଲାଲ ଦୋରା, ପ୍ରଫୁଲ୍ଲ ମିତ୍ର, ସତ୍ୟରଞ୍ଜନ ବେହେରା, ଅପର୍ଣ୍ଣା ପାଢ଼ୀ, ରଞ୍ଜନ ସାହୁ, କପିଳେନ୍ଦ୍ର ସାହୁ, ତ୍ରିଲୋଚନ ତ୍ରିପାଠୀ, ଅନଙ୍ଗ ସାଏଦେଓ, ସୁଶୀଳ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶାସ୍ତରୀୟ କବାଡ଼ି ମହାସମର

# ଆରମ୍ଭ ହେଲେ ଏସ୍‌କେପିଏଲ୍ ସିଜନ-୩

**ସମ୍ବଲପୁର, ୨୩।୪(ସମିସ):** ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ଗୁରୁବାର ଠାରୁ ପଶ୍ଚିମଓଡ଼ିଶାସ୍ତରୀୟ କବାଡ଼ି ମହାସମର ଆରମ୍ଭ ହୋଇଛି। ସମ୍ବଲପୁର କବାଡି କ୍ଲବ୍ ଏବଂ ସମ୍ବଲପୁର ବୟଜ୍ ଆନୁକୂଲ୍ୟରେ 'ସମ୍ବଲପୁର କବାଡି ପ୍ରିମିୟର ଲିଗ୍' (ଏସକେପିଏଲ)ର ତୃତୀୟ ସଂସ୍କରଣ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ସାଂସଦ

### ଯୋଗ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।ଏହା ସହ ଏସ୍‌କେପିଏଲ୍ ସଭାପତି ସିଦ୍ଧାର୍ଥ ଶାହା, ସମ୍ପାଦକ ସୁଦିର ବହିଦାର୍, ଯୁଗ୍ମସମ୍ପାଦକ ରାଜା ବାରାଲ, ଉପଦେଷ୍ଟା ଉମାପତି ତ୍ରିପାଠୀ ଏବଂ ସମ୍ବଲପୁର କବାଡ଼ି କ୍ଲବ୍‌ର ସଭ୍ୟମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ମା' ଘିକୁଣ୍ଡି ଓ ବାଟମଙ୍ଗଳା ମଧ୍ୟରେ ଖେଳାଯାଇଥିଲା। ମା' ଘିକୁଣ୍ଡି ୨୫ ପଏଣ୍ଟ ଏବଂ ବାଟମଙ୍ଗଳା ୩୬ ପଏଣ୍ଟ ହାସଲ କରିଥିଲା। ବାଟମଙ୍ଗଳା ୧୧ ପଏଣ୍ଟରେ ବିଜୟ ହୋଇଥିଲା। ସେହିପରି ଆଜି ମୋଟ ୧୦ ଗୋଟି ମ୍ୟାଚ୍



ଖେଳାଯାଇଥିଲା। ରେଫରି ଦିଲୀପ କୁମାର ସାହୁ, କାର୍ତ୍ତିକ ବାରିକ, ଗୀତା କଂସାରୀ, ସ୍କୋରର ଆନନ୍ଦ ଚନ୍ଦ୍ର ପତି, ସ୍କୋରର ସନ୍ତୋଷିନୀ ଭିୟା, ମାଳତୀ ସେଠ, ରମେଶ ବରିହା, ମଦନଲାଲ ତନସନା, ଲିଳାବତୀ ମୁଣ୍ଡ, ଭରତ ପ୍ରଧାନ ଓ ମ୍ୟାଚ୍ କମିସନର ଜଗବନ୍ଧୁ ବେହେରା ଖେଳ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ମ୍ୟାନ୍ ଅଫ ଦ ମ୍ୟାଚ୍ ମା ବାଟମଙ୍ଗଳା ଦଳର ସିଦ୍ଧାନ୍ତ ନନ୍ଦଙ୍କୁ ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦଳରେ ସମ୍ବଲପୁରର ୪ ଜଣ ସ୍ଥାନୀୟ ଖେଳାଳି ଏବଂ ବାହାର ଅଞ୍ଚଳର ୩ ଜଣ ଖେଳାଳିଙ୍କୁ ସାମିଲ କରାଯିବାର ନିୟମ ରହିଛି। ଲିଗ୍‌ରେ ପ୍ରାୟ ୨୦୦ରୁ ଅଧିକ ଖେଳାଳି ନିଜ କୌଶଳ ଓ ଦକ୍ଷତା ପ୍ରଦର୍ଶନ କରିବେ। ଆସନ୍ତା ୨୭ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ସିଆଇଏସ୍‌ଏଫ୍ ଯବାନଙ୍କ ଆକସ୍ମିକ ମୃତ୍ୟୁ

**କୁଚିଣ୍ଡା, ୨୩।୪(ସମିସ):** ମହୁଲପାଲି ଥାନା କୁନ୍ଦୁରା ଗ୍ରାମର ସିବନ ପ୍ରଧାନଙ୍କ ପୁଅ ସଚିନ ପ୍ରଧାନ (୩୭) ସି ଆଇଏସ୍‌ଏଫ ଯବାନ ଭାବେ ବାହାରେ ରହି କାର୍ଯ୍ୟ କରୁଥିଲେ। ସେ ଗତ କିଛିଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଗୁରୁବାର ସକାଳୁ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ କୁଚିଣ୍ଡା ଡାକ୍ତରଖାନା କୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା ପକ୍ଷରୁ ସନ୍ଦେହ କରି, ମହୁଲପାଲି ଥାନାକୁ ଖବର ଦେଇଥିଲେ।ପୁଲିସ ପହଞ୍ଚି କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ମହୁଲପାଲି ଥାନାରେ ମାମଲା ରୁଜୁ କରାଯାଇଛି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ, ଉଦ୍ଧାର କଲେ ଯୁବକ

**ସମ୍ବଲପୁର, ୨୩।୪ (ସମିସ):** ଆତ୍ମହତ୍ୟା କରିବା ପାଇଁ ବ୍ରିଜ ଉପରକୁ ଚଢିଥିଲେ। ଏପରିକି ଡେଇଁବା ପାଇଁ ମଧ୍ୟ ନିଷ୍ପତ୍ତି ମଧ୍ୟ ନେଇ ସାରିଥିଲେ। ହେଲେ ଜଣେ ଯୁବକଙ୍କ ପ୍ରଚେଷ୍ଟାରେ ମହିଳା ଜଣଙ୍କୁ ସେ ମୃତ୍ୟୁ ମୁଖରୁ ଉଦ୍ଧାର କରିଛନ୍ତି।ଏପରି ଘଟଣା ବୁର୍ଲା ସହରରେ ଘଟିଯାଇଛି। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଜଣେ ମହିଳା ବୁର୍ଲା ସ୍ଥିତ ସୁନ୍ଦରରାଜ ପୋଲରୁ ଡେଇଁବା ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କୁ ବଞ୍ଚାଇବାର ଚେଷ୍ଟା କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳ ଲୋକ ମହିଳାକୁ ବୁଝାସୁଝା କରିଥିଲେ।

# କାର୍-ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ରେଢ଼ାଖୋଲ, ୨୩।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳିଗଡ଼ ପଞ୍ଚାୟତ ଅଧୀନ ବିଶିପାଲି ଛକ ନିକଟରେ କାର୍ ସହିତ ବାଇକ୍ ମୁହାଁମୁହି ଧକ୍କାରେ ୨ ଜଣ ଗୁରୁତର ହେବା ସହ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ସୁଦମୁଣ୍ଡା ଗାଁର ବାସିନ୍ଦା ସୁଶାନ୍ତ ବାଘ, ନାରାୟଣ ଅଦାବର ଗୁରୁତର ହୋଇଥିବା ବେଳେ ପପୁନ ଅଦାବର ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ଏକ ବାଇକ୍‌ରେ ଉକ୍ତ ୩ ଜଣ ଯୁବକ କଦଳୀଗଡ଼ରୁ ନିଜ ଘରକୁ ଫେରୁଥିବା ବେଳେ ବିଶିପାଲି ଛକରେ ବୀରମହାରାଜପୁର ଅଞ୍ଚଳରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଯୁବକଙ୍କ ମଧ୍ୟରୁ ଦୁଇ ଜଣ ଗୁରୁତର ହୋଇଥିବା ବେଳେ ଜଣେ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଡାକ୍ତରଖାନାକୁ ପଠାଇ ଦେଇଥିଲେ।

# କମ୍ପାନୀମାନଙ୍କ ସ୍ୱାର୍ଥ ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କ ଜୀବନ ସହ ଖେଳୁଛି ସରକାର: ରୋହିତ

**ସମ୍ବଲପୁର, ୨୩।୪ (ସମିସ)**

ସମ୍ବଲପୁର ଜିଲ୍ଲାରେ ଗଢ଼ି ତୋଳିଥିବା କଳକାରଖାନା ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଜଗିବା ସରକାରଙ୍କ ଏକମାତ୍ର ଲକ୍ଷ୍ୟ ଭାବେ ପରିଲକ୍ଷିତ ହେଉଛି। କମ୍ପାନୀମାନଙ୍କ ସ୍ୱାର୍ଥ ପାଇଁ ବର୍ତ୍ତମାନର ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାବାସୀଙ୍କ ଜୀବନ ସହ ଖେଳୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ବିଗତ କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଜିଲ୍ଲାର ଆଦିତ୍ୟ ଆଲୁମିନା ହିଣ୍ଡାଲ୍‌କୋକୁ ଆସିଥିଲେ, ଏବେ ଆସୁଛନ୍ତି ଜେଏସ୍‌ଡବ୍ଲୁ କାରଖାନାକୁ। ସମ୍ବଲପୁର ଜିଲ୍ଲାବାସୀ ତଥା ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲ୍ଲାବାସୀ କେଉଁ ପ୍ରକାରରେ ଏହି କଳକାରଖାନା ଗୁଡ଼ିକ ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଭୂତଳ ଜଳ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ପ୍ରଦୂଷଣର ଶିକାର ହେଉଛନ୍ତି ତାହା ମୁଖ୍ୟମନ୍ତ୍ରୀ ଜାଣିବା ଆବଶ୍ୟକ। କେବଳ କଳକାରଖାନାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ସରକାର ତଥା ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ଏକ ସ୍ଲୋ-ଡେଥ୍ ଆଡ଼କୁ ଠେଲି ଦେଉଛନ୍ତି।

ବିଜେପି ଶାସିତ ନୂଆ ସରକାରକୁ ଦୁଇବର୍ଷ ହେବାକୁ ଯାଉଛି, ଯଦି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଶ୍ୟାମ ମେଟାଲିକ୍ସରେ ଚାଲିଥିବା ତ୍ରୁଟି ଗୁଡ଼ିକ-ବିଶେଷ କରି ଅନିୟନ୍ତ୍ରିତ ବାୟୁ ପ୍ରଦୂଷଣ, ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟ ଜଳ ପରିଚାଳନା, ବିଭିନ୍ନ ୟୁନିଟ୍ ଗୁଡିକରେ ଧୂଆଁ ନିଷ୍କାସନର ପ୍ରକୃତ ଉପକରଣ ନ



ରହିବା, ପ୍ରଦୂଷଣ ନିୟନ୍ତ୍ରଣ ଉପକରଣମାନ ନ ରହିବା ଆଦି ଅବ୍ୟବସ୍ଥା - ଆଧାର କରି ବନ୍ଦ କରିବା ପାଇଁ ନୋଟିସ ଦେବାସହ ବନ୍ଦ ମଧ୍ୟ କରି ଦେଇପାରିଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ'ଣ ଏ ବିଷୟରେ ଅବଗତ ନ ଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସବୁ ଜାଣି ମଧ୍ୟ ଚୁପ୍ ରହିଛି। ଆଜି ଯାହା ସବୁ ପ୍ରଦୂଷଣ ହେଉଛି କାରଖାନା ମାନଙ୍କ ଯୋଗୁଁ, ତାକୁ ଯଦି ନିୟନ୍ତ୍ରଣ କରା ନ ଯାଏ ତେବେ ଏହା ଆମମାନଙ୍କ ପାଇଁ ବିଷ ସଦୃଶ ହେବ। ଗତ ୩ ତାରିଖରେ ବନ୍ଦ କରିଥିବା ଶ୍ୟାମ ମେଟାଲିକ୍ସକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କେଉଁ ଆଧାରରେ ଅନୁମତି ଦେଲେ, ଯଦି ଅନୁମତି ଦେଲେ କ'ଣ ଯାହାସବୁ ପ୍ରଦୂଷଣ ଜନିତ ଅବ୍ୟବସ୍ଥା ରହିଥିଲା ସବୁ ଠିକ୍ ହେଲା ନା' ନାହିଁ ସରକାର ସ୍ପଷ୍ଟୀକରଣ ରଖିପାରିବେ କି?। ଏହି ପ୍ରଦୂଷଣ ଜନିତ ଅବ୍ୟବସ୍ଥା କେବଳ ଏହି ଗୋଟିଏ ଶ୍ୟାମ ମେଟାଲିକ୍ସ କାରଖାନାର ନାହିଁ ପଶ୍ଚିମ ଓଡ଼ିଶାରେ ଯେତେ ସବୁ ଆଇରନ, ଷ୍ଟିଲ କାରଖାନା, ପାୱାର ପ୍ଲାଣ୍ଟ ଗୁଡ଼ିକ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏଠାକାର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସରକାର ଉଭୟେ ଆଖି ବୁଜି ଦେଇଛନ୍ତି। ପୁଣି ନିଯୁକ୍ତିରେ ମଧ୍ୟ ଅନ୍ୟାୟ କରାଯାଉଛି, ବାହାର ଠିକାଦାରଙ୍କୁ କାମ ଦିଆଯାଉଛି, ବାହାର ଅଞ୍ଚଳର ଲୋକଙ୍କୁ ଏଠାରେ ନିଯୁକ୍ତି ଦିଆଯାଉଛି, ଯାହାଦ୍ୱାରା ଆମ ଅଞ୍ଚଳର ଯୁବକ ଯୁବତୀ ବଞ୍ଚିତ ରହୁଛନ୍ତି ଚାକିରିରୁ। କାରଖାନାମାନେ ଜଙ୍ଗଲ ଜମି, ଜଳସମ୍ପଦ ବିଭାଗର ଜମି ଜବରଦଖଲ କରି ମାଡ଼ି ବସିଛନ୍ତି। ଚାଷୀମାନେ ସରକାରଙ୍କ ନିକଟରେ ଜମି ପାଇଁ ସଂଘର୍ଷ କରୁଥିବାବେଳେ ସରକାର ଜଳସମ୍ପଦ ବିଭାଗର ହୀରାକୁଦ ଜଳଭଣ୍ଡାରର ମୂଲ୍ୟବାନ ଜମିକୁ କିସମ ପରିବର୍ତ୍ତନ କରି ଶ୍ୟାମ ମେଟାଲିକ୍ସକୁ ଟେକି ଦେବାର ବ୍ୟବସ୍ଥା କରୁଛନ୍ତି। ଏହି ସବୁ ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ ଓଡ଼ିଶା ସରକାର ସମ୍ବଲପୁର ଜିଲ୍ଲା ଏବଂ ପଶ୍ଚିମ ଓଡ଼ିଶାକୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏଠାକାର ଜନସାଧାରଣଙ୍କ ଜୀବନକୁ ବାଜିଲଗାଇ କମ୍ପାନୀ ସ୍ୱାର୍ଥକୁ ପ୍ରାଥମିକତା ଦିଆଯାଉଛି। ସରକାର କଳକାରଖାନା ବିରୋଧରେ ଉଚିତ୍ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ୍ ବିଜୁ ଜନତା ଦଳ ଜନସାଧାରଣଙ୍କ ସହ ମିଶି ପର୍ଯ୍ୟାୟକ୍ରମେ କାରଖାନା ଗୁଡ଼ିକ ଘେରାଉ କରିବା ଆରମ୍ଭ କରିବ ବୋଲି ଶ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରେଙ୍ଗାଲି ଜିଲ୍ଲା ପରିଷଦ ସଦସ୍ୟ ଦେ'ନାରାୟଣ ତିୱାରୀ, ବରିଷ୍ଠ ନେତା ଏମ୍‌ଡି ସନାଉଲା, ବେଣୁଧର ଦାସ, ଏମ୍‌ବି ସତ୍ୟେନ୍, ସତ୍ୟେନ୍ଦ୍ର ଦାସ, ପ୍ରହ୍ଲାଦ ଗୁରୁ, ଛାତ୍ର ନେତା ଅନମୋଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ହଜାର ହଜାର ଚାରା ଶୁଖି ନଷ୍ଟ

# ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ମାଟିରେ ମିଶିଲା



**ବରଗଡ଼, ୨୩।୪(ସମିସ):** 'ପରିବେଶ ସୁରକ୍ଷା ହିଁ ଜୀବନ ରକ୍ଷା' ଓ 'ମା ପାଇଁ ଗଛ ଟିଏ' ପରି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଚାରାରୋପଣକୁ ପ୍ରୋତ୍ସାହନ ଦେଉଥିବାବେଳେ, ମୂଳସ୍ତରରେ ତାହାର ପ୍ରୟୋଗ ନେଇ ଗଭୀର ପ୍ରଶ୍ନ ଉଠିଛି। ଚାରାରୋପଣ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ସତ୍ତ୍ୱେ ଚାରାର ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସ୍ଥାନରେ ତାହା ନଷ୍ଟ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଝାରବନ୍ଧ ବ୍ଲକ ଅଧୀନ ଚଣ୍ଡୀଭଟା ପଞ୍ଚାୟତର ଜଟେସିରା ଗ୍ରାମରେ ବିଗତ ବର୍ଷ ସ୍ଥାପିତ ହୋଇଥିବା ଏକ ଚାରା ନର୍ସରୀ ଏହାର ଉଦାହରଣ। ଚଳିତବର୍ଷ ଏଠାରେ ନୂତନ ନର୍ସରୀ ସ୍ଥାପନ ହୋଇ ନ ଥିଲେ ମଧ୍ୟ, ପୂର୍ବବର୍ଷର ହଜାର ହଜାର ଚାରା ଯତ୍ନ ଓ ପାଣିର ଅଭାବରୁ ଶୁଖି ନଷ୍ଟ ହୋଇପଡ଼ିଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନର୍ସରୀରେ କେତେ ଚାରା ଉତ୍ପାଦନ ହେଲା ଓ କେତେ ବଣ୍ଟନ ହେଲା, ତାହାର କୌଣସି ସଠିକ୍ ହିସାବ ନାହିଁ। କିଛି ଲୋକଙ୍କୁ ହାତବାରିସୀ କରି ଟଙ୍କା ଉଠାଣ ହେଉଥିବା ଅଭିଯୋଗ ମଧ୍ୟ ଉଠିଛି। ଏହାସହିତ ନର୍ସରୀରେ ଅବଶିଷ୍ଟ ଚାରାଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରି ରକ୍ଷା କରିବାର କୌଣସି ପଦକ୍ଷେପ ନିଆଯାଇ ନ ଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ଏ ଦିଗରେ ଦୃଷ୍ଟି ଦେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ପର୍ଯ୍ୟଟନ ମାନଚିତ୍ରରେ ଜିଲ୍ଲାର ଦୁଇ ଶୈବ ପୀଠ ସ୍ଥାନିତ

# ବିଶ୍ୱେଶ୍ୱର ଅଷ୍ଟଶମ୍ଭୁ, ବୈଦ୍ୟନାଥ ମନ୍ଦିରକୁ ପର୍ଯ୍ୟଟନସ୍ଥଳର ମାନ୍ୟତା





**ବରଗଡ଼, ୨୩।୪(ସମିସ)**

ଦୀର୍ଘ ବର୍ଷର ଦାବି ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ସରଣ୍ଡା ସ୍ଥିତ ବିଶ୍ୱେଶ୍ୱର ବାବା ଶୈବ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିଠି ନମ୍ବର ୬୬୨୦/୧୮/୦୪/୨୦୨୬ ଅନୁସାରେ ରାଜ୍ୟର ୩ଟି ଧାର୍ମିକ ପୀଠ ଓ ପୁରୀ ଜିଲ୍ଲା ସ୍ଥିତ ଉତ୍କଳମଣୀ ଗୋପବନ୍ଧୁ ଦାଶଙ୍କ ଜନ୍ମ ପୀଠକୁ ସରକାର ପର୍ଯ୍ୟଟନ ସ୍ଥଳର ମାନ୍ୟତା ପ୍ରଦାନ କରିଛନ୍ତି। ଫଳରେ ରାଜ୍ୟ ମାନଚିତ୍ରରେ ଥିବା ୩୭୮ରୁ ୩୮୨କୁ ବଢ଼ିଛି ପର୍ଯ୍ୟଟନସ୍ଥଳୀର ମାନ୍ୟତା।ପଶ୍ଚିମଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ଅନ୍ୟତମ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର ଏବଂ ବରଗଡ଼ ବ୍ଲକ ଦେଓଗାଁର ବୈଦ୍ୟନାଥ ମନ୍ଦିର ନୂତନ ଭାବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ବିଗତ ବିଜେଡ ସରକାର ବେଳେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ପ୍ରଚେଷ୍ଟାକ୍ରମେ ସରଣ୍ଡା ବିଶ୍ୱେଶ୍ୱର ପୀଠର ଉନ୍ନତିକରଣ ପାଇଁ ୨କୋଟି ୭୦ ଲକ୍ଷ ଟଙ୍କାର ଅନୁଦାନ ପ୍ରାପ୍ତ ହୋଇଥିଲା। ହେଲେ ବାରମ୍ବାର ଦାବୀ ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ନ ଥିଲା। ଏହି ପ୍ରସିଦ୍ଧ ଶୈବ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଅନେକ ଦିନରୁ ଦାବି ହୋଇ ଆସୁଥିଲା।ଗୁରୁବାର ତାହା ସଫଳ ହୋଇଛି। ବିଶ୍ୱେଶ୍ୱର ପୀଠକୁ ମିଳିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା। ସୂଚନା ଯୋଗ୍ୟ ଯେ ଗତବର୍ଷ ଶିବରାତ୍ରି ଦିନ 'ସକାଳ'ରେ ସ୍ୱତନ୍ତ୍ର ପୃଷ୍ଠାରେ ସ୍ୱତନ୍ତ୍ର ଖବର ପ୍ରକାଶ କରାଯାଇ ସରଣ୍ଡାର ଏହି ଅଷ୍ଟଶମ୍ଭୁ ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି କରାଯାଇ ଥିଲା। ଶେଷରେ ସରକାରଙ୍କ ଦୃଷ୍ଟି ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ସରଣ୍ଡା ମନ୍ଦିର ପରିଚାଳନା କମିଟିର ସଭାପତି ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି ଯେ, ଦୀର୍ଘ ବର୍ଷରୁ ଆମର ଦାବି ରହିଥିଲା, ଅଷ୍ଟଶମ୍ଭୁ ଶୈବ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ମନ୍ଦିରର ଆହୁରି ଅନେକ ଅଧୁରା ରହିଯାଇଥିବା ଉନ୍ନୟନ କାର୍ଯ୍ୟ ହୋଇ ପାରିବ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ହୋଇ ପାରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଆଜି ଗୋଲ ସଟ୍‌ବଲ୍ ଖେଳାଳିଙ୍କ କଲମ୍ବୋ ଯାତ୍ରା

**ବରପାଲି, ୨୩।୪ (ସମିସ):** ଅନ୍ତର୍ଜାତୀୟସ୍ତରରେ ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ଦଶମ ଏସିଆ ଗୋଲସଟ୍ ବଲ୍ ଚାମ୍ପିଅନସିପ୍ ଯୋଗଦେବା ପାଇଁ ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ଛାତ୍ର ରାଜ ମେହେର, ଛାତ୍ରୀ ପରୀ ମେହେର ଯାତ୍ରା ଆରମ୍ଭ କରିଛନ୍ତି। ଏହି ତାରକାଦ୍ୱୟଙ୍କ ସମେତ ଓଡ଼ିଶାରୁ ଚାରିଜଣ ଜାତୀୟ ଖେଳାଳି ଭାବେ ଯୋଗ ଦେବେ। ୨୪ ତାରିଖରେ ବିମାନ ଯୋଗେ ଚେନ୍ନାଇରୁ କଲମ୍ବୋ ଅଭିମୁଖେ ଯାତ୍ରା କରିବେ। ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପ୍ ଖେଳ ୨୪ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ଯାଏ ଚାଲିବ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ, ସଭାପତି ଡା. ସୁବ୍ରତ ମୁଣ୍ଡ, ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ମିଶ୍ର, କ୍ରିଏଟିଭ ଡାଇରେକ୍ଟର ମିନତି ପ୍ରଧାନଙ୍କ ସମେତ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଞ୍ଚଳର ବହୁ ଶୁଭେଚ୍ଛୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





# ବରଗଡ଼ର କୁନି ଝିଅ ଅଙ୍କିତା ରାଉରକେଲାରେ ପୁରସ୍କୃତ

**ବରଗଡ଼, ୨୩।୪(ସମିସ):** ଓଡ଼ିଶା ସାଇନିଂ ଆଇକନ୍ ଏକାଡେମୀ ଆନୁକୂଲ୍ୟରେ ରାଉରକେଲା କ୍ଲବ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ମଡେଲିଂ ପ୍ରତିଯୋଗିତାରେ ବରଗଡ଼ ବାନ୍ଧୁଟିକ୍ରା ନିବାସୀ ମୀନକେତନ ସାହୁ ମାତା ରଞ୍ଜୁଲତା ସାହୁଙ୍କ ଝିଅ ଅଙ୍କିତା ସାହୁ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ତେବେ ବରଗଡ଼ର ଏହି କୁନି ନୃତ୍ୟ ଶିଳ୍ପୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବା ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଭିନ୍ନ ମହଲର ଶୁଭେଚ୍ଛା ଜ୍ଞାପନ କରାଯାଇଛି।




# ଓଡ଼ିଶା ରାଜ୍ୟ କୃଷକ ସଂଗଠନର ନୂତନ କର୍ମକର୍ତ୍ତା



**ଅତାବିରା, ୨୩।୪(ସମିସ):** ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରାର ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ବୀରେନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅତାବିରା ବଜାର ପ୍ରାଙ୍ଗଣରେ ହୋଇଥିବା କମିଟିରେ ଭୁବନ ପ୍ରଧାନ ସଭାପତି, ସମ୍ପାଦକ ନରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବୃନ୍ଦଦେବ ନନ୍ଦ ମନୋନିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ତ୍ରିଲୋଚନ ନାଏକ, ସୁବାଷ ବିଶ୍ୱାଲ, ସୁଜିତ ପ୍ରଧାନ, ବି ପାପା ରାଓ, ସତ ବାବୁ, ସୁରେଶ କର୍ଣ୍ଣ, ସୁବାଷ ବିଶ୍ୱାଳ, କେ ରାମବାବୁ, ଭି ସଂକ୍ରାନ୍ତୀ, କୁବେର ପ୍ରଧାନ, ମିଡ଼ିଆ ପ୍ରଭାରୀ ନରେନ୍ଦ୍ର ଦାଶ ରହିଛନ୍ତି। ବୈଠକରେ ରାଜେଶ ପ୍ରଧାନ, ଭି କ୍ରିଷ୍ଣା ରେଡ୍ଡି, ଜୟ ବାବୁ, ହରେରାମ ସ୍ୱାଇଁ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ନାଏକ, ଅମୂଲ୍ୟ ସ୍ୱାଇଁ, ଭରତ ମଲ୍ଲିକ, ସୁବାଷ ପ୍ରଧାନ, ଗୁରୁଦେବ ଭୋଇ, ସଂସାର ଭୋଇ, ଦଶରଥ ଭୋଇ, କିର୍ତ୍ତନ ବିଶ୍ୱାଲ, ସୁରେନ୍ଦ୍ର କଠାର ପ୍ରମୁଖ ଉପସ୍ଥିତ ଥିଲେ।

# ଭେଷଜ ସମିତି ତରଫରୁ ଧରିତ୍ରୀ ଦିବସ




**ପଦ୍ମପୁର, ୨୩। ୪(ସମିସ):** ଭେଷଜ ସମିତି ନରସିଂହନାଥ, ପଦ୍ମପୁର ତରଫରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ଡା.ମାନଭଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟର ଅଧକ୍ଷ ଖଗେଶ୍ୱର ଦାଶ, ପଦ୍ମପୁର ବନାଞ୍ଚଳ ଅଧିକାରୀ ରମେଶ ସାହୁ, ନାଟ୍ୟକାର କେଶରଞ୍ଜନ ପଧାନ, ମୁଖ୍ୟବକ୍ତା ଭାବରେ ଉଦ୍ଭିଦବିଜ୍ଞାନ ଅଧାପିକା ମୋନାଲିସା ସ୍ୱାଇଁ ଯୋଗଦେଇ ଥିଲେ। ଏହି ଅବସରରେ ଅତିଥିମାନେ ନିଜ ବକ୍ତବ୍ୟରେ ପରିବର୍ତ୍ତିତ ଜଳବାୟୁ, ତାପମାତ୍ରା ବୃଦ୍ଧି, ଜଳସଙ୍କଟ ପରି ବିଷୟ ଉପସ୍ଥାପନ କରିଥିଲେ। ବରଗଡ଼ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରକୃତିବନ୍ଧୁ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କୁ ପ୍ରକୃତି ରକ୍ଷକ ସମ୍ମାନ, ସେହିପରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଦ୍ୟାଳୟର ଅଧକ୍ଷ, ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଏବଂ ଭଦ୍ରବ୍ୟକ୍ତି ମାନଙ୍କୁ ପ୍ରକୃତି ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂର୍ବରୁ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଏବଂ ପ୍ରଦାନ କରାଯାଇଥିବା ଅଶୋକ ଚାରାକୁ ସୁରକ୍ଷିତ କରି ରଖିଥିବା ପାଞ୍ଚ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱେଶ୍ୱର ସାହୁ, ରବୀନ୍ଦ୍ର ବରିହା, ଶିକ୍ଷକ ସୁରେନ୍ଦ୍ର ସାହୁ, ସନାତନ ବାରିକ, ଆଶିଷ ଜ୍ୟୋତିଷ, କୁଞ୍ଜବିହାରୀ ସରାଫ ସହଯୋଗ କରିଥିଲେ।

# ଗଛକୁ ପିଟିଲା ଟ୍ରେଲର

**ଅମ୍ବାଭୋନା, ୨୩। ୪(ସମିସ):** ବରଗଡ଼ ଜିଲ୍ଲାର ଅମ୍ବାଭୋନା ଥାନା ରୁଚିଦା ରାସ୍ତାର ବଡଦର୍ଲୀପାଲି ହନୁମାନ ମନ୍ଦିର ନିକଟରେ ଟ୍ରେଲର ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି।ସୂଚନା ଅନୁଯାୟୀ, ସିଜି୧୦ବିଆର-୨୮୪୨ନମ୍ବର ବିଶିଷ୍ଟ ଟ୍ରେଲର ବରଗଡ଼ରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ବେଳେ ବାଟୋଇଙ୍କୁ ସାଇଡ ଦେବାକୁ ଚେଷ୍ଟା କରିଥିଲା। ଏହି ସମୟରେ ରାସ୍ତା କଡ଼ରେ ପଡ଼ିଥିବା ମୋରମ ଉପରକୁ ଗାଡ଼ି ଚଢ଼ିଯାଇଥିବାରୁ ଚାଳକ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛକୁ ଧକ୍କା ଦେଇ ବିଲକୁ ଖସି ପଡ଼ିଥିଲା।ଦୁର୍ଘଟଣାରେ ଗାଡ଼ିର ସାମ୍ନା ଭାଗ ଗୁରୁତର କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ଭାଗ୍ୟବଶତଃ ଚାଳକ ଗୁରୁତର ଆହତ ହେବାରୁ ବଞ୍ଚିଯାଇଥିବା ଖବର ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ପରିସ୍ଥିତିକୁ ସମ୍ଭାଳିଥିଲେ।



# ମହିଳାଙ୍କଠାରୁ ଝାମ୍ପିନେଲେ ଗହଣା

**ବିଜେପୁର, ୨୩।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁରରୁ ଏମ୍‌ଶ୍ରିଗିଡା ଆସୁଥିବା ଦମ୍ପତିଙ୍କୁ କିଛି ମୁଖାପିନ୍ଧା ଯୁବକ ଭାଲୁପାଳି ଛକରେ ଅଟକାଇ ସୁନା ଗହଣା ଲୁଟି ନେଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାଯାଇଛି ଯେ ଏମ୍‌ଶ୍ରିଗିଡା ଗ୍ରାମର ଦୁର୍ଯ୍ୟୋଧନ ମେହେର ଓ ଦୀପାଞ୍ଜଳୀ ମେହେର ସପତ୍ନୀକ ବିଜେପୁରରେ ଏକ ବାହାଘର କାର୍ଯ୍ୟରେ ଯୋଗଦେଇ ନିଜ ଗ୍ରାମ ଏମ୍‌ଶ୍ରିଗିଡାକୁ ବାଇକ୍ ଯୋଗେ ଫେରୁଥିଲେ।ଭାଲୁପାଳି ଛକରେ ତିନିଜଣ ମୁଖାପିନ୍ଧା ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଦୀପାଞ୍ଜଳୀଙ୍କ ଠାରୁ କାନର ରିଙ୍ଗ ଓ ବେକର ଚେନ୍ ଲୁଟି ନେଇଥିଲେ। ଦୁର୍ଯ୍ୟୋଧନଙ୍କ ଠାରୁ ମୋବାଇଲ ମଧ୍ୟ ଛଡାଇ ନେଇ କିଛି ଦୂରରେ ମୋବାଇଲ ଫିଙ୍ଗି ଦେଇଥିବା ଜଣାଯାଇଛି। ସୂଚନା ଯୋଗ୍ୟ ଯେ ଉକ୍ତ ଛକରେ ପୂର୍ବରୁ ମଧ୍ୟ ଡକାୟିତି ହୋଇଥିବା ଅଭିଯୋଗ ହୋଇଥିଲା। ନିଶାର ଆଡ୍ଡା କରି ବିଳମ୍ବିତ ରାତି ପର୍ଯ୍ୟନ୍ତ କିଛି ଅସାମଜିକ ଯୁବକମାନେ ଉକ୍ତ ଛକରେ ରହୁଥିବାର ପୂର୍ବରୁ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଗତ ଧନୁଯାତ୍ରା ସମୟରେ ଏମ୍‌ଶ୍ରିଗିଡା ଗ୍ରାମର ସୌଭାଗ୍ୟ ମେହେରଙ୍କ ଘରେ ବଡ ଧରଣର ଚୋରି ହୋଇଥିଲା। ବ୍ଲକର ବୁଡାପାଳି ରାସ୍ତା, ଲାଉମୁଣ୍ଡା ରାସ୍ତା, ଆମ୍ବଛକ ପ୍ରଭୃତି ରସ୍ତାରେ ଅନେକ ସମୟରେ ଚୋରି, ଡକାୟିତି ସମେତ ଅସାମାଜିକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି। ପୁଲିସର ପାଟ୍ରୋଲିଂ ଅଭାବକୁ ସ୍ଥାନୀୟ ଲୋକେ ଦାୟି କରିଛନ୍ତି।

### ■ ୧୫ ଦିନ ହେବ ବିଦ୍ୟୁତ୍ ନାହିଁ

# ଝାରବନ୍ଧ ବିଇଓ କାର୍ଯ୍ୟାଳୟରେ ଅଚଳାବସ୍ଥା




**ବରଗଡ଼, ୨୩।୪(ସମିସ):** ଝାରବନ୍ଧ ବିଇଓଙ୍କ କାର୍ଯ୍ୟାଳୟରେ ଆଜକୁ ପ୍ରାୟ ୧୫ ଦିନ ଧରି ବିଦ୍ୟୁତ୍ ସେବା ବନ୍ଦ ରହିଥିବା ଘଟଣା ସ୍ଥାନୀୟ ପ୍ରଶାସନୀୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ଫଳରେ କାର୍ଯ୍ୟାଳୟର ସମସ୍ତ ସେକ୍ସନ ପ୍ରାୟଃ ଅଚଳ ଅବସ୍ଥାରେ ରହିଛି। ଏକ ଛୋଟିଆ ସୋଲାର ବ୍ୟବସ୍ଥା ଉପରେ ଭରସା କରି କେବଳ ଜରୁରୀ କାମକୁ ଚାଲୁ ରଖାଯାଉଛି। ପ୍ରବଳ ଗ୍ରୀଷ୍ମ ତାପରେ ପରିସ୍ଥିତି ଆହୁରି ଦୟନୀୟ ହୋଇପଡ଼ିଛି। ପାଣି ଉଠାଇବା ପାଇଁ ଥିବା ମୋଟର ବିଦ୍ୟୁତ୍ ଅଭାବରୁ ଚାଲୁନଥିବାରୁ, କାର୍ଯ୍ୟାଳୟର ପ୍ରାୟ ୧୫ ଜଣ କର୍ମଚାରୀ ପାଣି ପାଇଁ ବିପଦରେ ପଡ଼ିଛନ୍ତି। ଶୌଚାଳୟ ପାଇଁ ମଧ୍ୟ ନଳକୂଅରୁ ପାଣି ଆଣିବାକୁ ବାଧ ହେଉଛନ୍ତି। ଅଫିସ କାମ ପାଇଁ ଆସୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଜନସାଧାରଣ ମଧ୍ୟ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ ହୋଇ ରାସ୍ତା କଡରେ ଥିବା ଜଳଛାତ୍ରରୁ ପାଣି ଆଣି ସମସ୍ତେ ପିଉଛନ୍ତି। ଅନ୍ୟପଟେ, ଗୁଳୁଗୁଳି ଗରମରେ ବିନା ପଙ୍ଖାରେ କାମ କରିବାକୁ କର୍ମଚାରୀ ବାଧ ହେଉଥିବାରୁ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି। ସୂଚନା ଅନୁଯାୟୀ, ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ତତ୍କାଳ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଜିଲ୍ଲା ବିକାଶ ସମନ୍ୱୟ ଏବଂ ତଦାରଖ କମିଟିର ତୃତୀୟ ବୈଠକ

# ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ବରଗଡ଼, ୨୩।୪(ସମିସ)**



ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଙ୍କ ଅଧକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି 'ଦିଶା'ର ତୃତୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଥମ ସମ୍ପାନରେ ସାଂସଦ ଶ୍ରୀ ପୁରୋହିତ ପ୍ରଥମ ବୈଠକରେ ଆଲୋଚ୍ୟ ବିଷୟ ଅନୁଯାଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟ ଗୁଡିକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ପଚାରି ବୁଝି ପର୍ଯ୍ୟାପ୍ତ ପରିମାଣରେ ନଳକୂପ ଖନନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ସହ ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାସନକାର୍ଡ ବଣ୍ଟନ ଲାଗି ପଞ୍ଜୀକରଣ ବ୍ୟବସ୍ଥା ଓ ଉଜ୍ଜ୍ୱଳା ଗ୍ୟାସ ବିତରଣର ସ୍ଥିତି ସମୀକ୍ଷା କରି କୃଷି ଏବଂ କୃଷକ ସାଶକ୍ତିକରଣ ନିମିତ୍ତ ଉପଲବ୍ଧ ବିଭିନ୍ନ ଯୋଜନା ତଥା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନ ମନ୍ତ୍ରୀ କୃଷି ସିଚାୟୀ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପରମ୍ପରଗତ କୃଷି ବିକାଶ ଯୋଜନା, ସଏଲ ହେଲଥ କାର୍ଡ ବିତରଣ, ଉଦ୍ୟାନ, କୃଷି ଏବଂ ମତ୍ସ୍ୟ ବିଭାଗର ସମସ୍ତ ଯୋଜନାର ପ୍ରଗତି, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ି କରଣ ଓ ଶୀତଳ ଭଣ୍ଡାର ନିର୍ମାଣ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡ ବିତରଣ ସ୍ଥିତି, ମହିଳା ଓ ଶିଶୁ ବିକାଶ ବିଭାଗର ବେଟି ବଚାଓ ବେଟି ପଢ଼ାଓ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା, ଛତୁଆ ବଣ୍ଟନ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ତଥା ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଓ ବୃକ୍ଷ ରୋପଣ ଓ ନିଆଁ ଲିଭା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ରାସ୍ତା ନିର୍ମାଣ, ମାଇନିଂ ବିଭାଗଦ୍ୱାରା ବାଲି ଓ ପଥର କୁଆଁରୀ ନିଲାମ, ପିଏମ୍ ପୋଷଣ ଓ ସିଏମ୍ ପୋଷଣ ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ବନ୍ଦ ପ୍ରାଥମିକ ବିଦ୍ୟାଳୟର ପୁନଃ କାର୍ଯ୍ୟକ୍ଷମ, ସ୍କୁଲ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା, ନକଲି ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା, ପୌରାଞ୍ଚଳରେ ଅର୍ବାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟ ଇତ୍ୟାଦି ବିସୟରେ ଆଲୋଚନା କରାଯାଇଥିଲା। ସେହିପରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବର୍ତ୍ତମାନର ସ୍ଥିତି ଏବଂ ପ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରି ଶିକ୍ଷା, କୃଷି, ପୁର୍ତ୍ତ, ରାଜସ୍ୱ, ପାନୀୟ ଜଳ ଯୋଗାଣ, ଏବଂ ଜଳସେଚନ ଭଳି ସମସ୍ତ ବିଭାଗର ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକୁ ଯଥାଶିଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ଚେୟାରମ୍ୟାନ, ପୌରାଧକ୍ଷାଙ୍କ ସମେତ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ପ୍ରତିନିଧି ସୁରେଶ୍ୱର ସତପଥିଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ଦୃଢ ପରିଶ୍ରମ କରି ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଏମ୍‌କେସିଜି ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣା

# ଦୁଇ ଷ୍ଟୋର ଫାର୍ମାସୀଙ୍କ ସହ ନର୍ସିଂ ଅଫିସରଙ୍କୁ ଜେରା

ବ୍ରହ୍ମପୁର,୨୩।୪(ସମିସ)

ଏମ୍‌କେସିଜି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାରେ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତର ପ୍ରଥମ ଦିନରେ ମେଡ଼ିକାଲ ଷ୍ଟୋରଅଫିସରଡ଼ା. ଚିନ୍ମୟଦେବାଶିଷପଣ୍ଡାଙ୍କ ନିକଟରେ ଦୁଇଜଣ ଷ୍ଟୋର ଫାର୍ମାସୀ ଅଫିସରଙ୍କ ସମେତ ମେଡ଼ିସିନ ବିଭାଗର ଏକ ନିର୍ଦ୍ଦିଷ୍ଟ ୟୁନିଟର ଜଣେ ନର୍ସିଂ ଅଫିସର ମଧ୍ୟ ହାଜର ହୋଇଛନ୍ତି। ସମସ୍ତଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। କାହିଁକି ଓ କେଉଁ ପରିସ୍ଥିତିରେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଡଷ୍ଟବିନ ମଧ୍ୟକୁ ଆସିଲା ସେ ନେଇ ତଥ୍ୟ ସଂଗ୍ରହ କରାଯାଇଥିଲା। ଚଳିତ ମାସ ୬ତାରିଖରେ ମେଡ଼ିସିନ ବିଭାଗର ରୋଗୀଙ୍କ ପାଇଁ ୟୁନିଟ ଦାୟିତ୍ୱରେ ଥିବା ନର୍ସିଂ ଅଫିସର ଜଣକ ୩୦ଟି ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଇଣ୍ଡେନ୍ କରିଥିଲେ। ବିଭାଗରେ ଚିକିତ୍ସିତ ୫ଜଣ ରୋଗୀଙ୍କ ଚିକିତ୍ସାରେ ମୋଟ ୯ଟି ଇନସୁଲିନ ଇଞ୍ଜେକ୍ସନକୁ ବ୍ୟବହାର କରାଯାଇଥିବା ବେଳେ ରୋଗୀ ମେଡ଼ିକାଲରୁ ଡିସଚାର୍ଜ ପରେ ଗତ ୧୨ତାରିଖରେ ଅବଶିଷ୍ଟ ୨୧ଟି ଇନସୁଲିନ ଇଞ୍ଜେକ୍ସନକୁ ଷ୍ଟୋରକୁ ଫେରସ୍ତ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ଇନସୁଲିନ ଇଞ୍ଜେକ୍ସନ ଗୁଡ଼ିକ ବ୍ୟବହାର ହୋଇଯାଇଥିବା ଭାବି ଏହାକୁ ଡଷ୍ଟବିନରେ ଫୋପାଡ଼ି ଦିଆଯାଇଥିବା ଫାର୍ମାସୀଙ୍କ ପକ୍ଷରୁ ଜବାବ ମିଳିଥିଲା। ପ୍ରତିଦିନ ଡଷ୍ଟବିନରେ ବହୁ ଇଞ୍ଜେକ୍ସନ୍‌ର ଖାଲି କାଚ ଫୋପଡ଼ାଯାଉଛି। ତେବେ ଗତ ୧୨ତାରିଖରେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଫେରସ୍ତ ହୋଇଥିବା ବେଳେ ୧୦ଦିନ ଅର୍ଥାତ୍ ୨୨ତାରିଖ ପର୍ଯ୍ୟନ୍ତ ଡଷ୍ଟବିନର ଉପର ଭାଗରେ କାହିଁକି ଓ କେଉଁ ପରିସ୍ଥିତରେ ରହିଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଘଟଣାକୁ ଦୁଇଦିନ ବିତିଯାଇଥିବା ବେଳେ ମେଡ଼ିକାଲ ଷ୍ଟୋର ଅଫିସରଙ୍କ ନିର୍ଦ୍ଦେଶ ପରେ ମଧ୍ୟ ମେଡ଼ିକାଲ ପକ୍ଷରୁ କେତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ କ୍ରୟ କରାଯାଇଥିଲା। ମେଡ଼ିକାଲର ବିଭିନ୍ନ ବିଭାଗକୁ କେତେ ଇନସୁଲିନ୍ ଇଞ୍ଜେକ୍ସନ୍ ଇଣ୍ଡେନ୍ କରାଯାଇଛି। ସେ ସବୁର ହିସାବ ଦାୟିତ୍ୱରେ ଥିବା ଫାର୍ମାସୀ ଅଫିସର ଜଣକ ମେଡ଼ିକାଲ ଷ୍ଟୋର ଅଫିସରଙ୍କୁ ଦେଇନଥିବା ଜଣାପଡ଼ିଛି।

**ଉପଲବ୍ଧ ହେଉନି ଲୋକାଲ ପର୍ଚେଜ୍ ସମ୍ପର୍କିତ ତଥ୍ୟ**

ସୂଚନାଯୋଗ୍ୟ ଯେ, ଏମକେସିଜି ମେଡ଼ିକାଲର ପିଏମଆର କୋଠାରେ ଥିବା ମେଡ଼ିକାଲ ଷ୍ଟୋର ପକ୍ଷରୁ ମଧୁମେହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ୧୦୦ଏମଏଲ ଲୋକାଲ ପର୍ଚେଜ କରାଯାଉଛି। ଡାକ୍ତରଙ୍କ ପରାମର୍ଶ କ୍ରମରେ ଟାଇପ୍-୧ ମଧୁମେହରେ ପୀଡିତ ବୟସ୍କ ଓ ପିଲାମାନଙ୍କୁ ଏବଂ ଟାଇପ୍-୨ ମଧୁମେହରେ ପୀଡିତ ବୟସ୍କମାନଙ୍କୁ ଚିକିତ୍ସାରେ ବ୍ୟବହାର କରାଯାଏ। ଇଞ୍ଜେକ୍ସନ୍ ମୂଲ୍ୟ ୭୬୯ଟଙ୍କା ରହିଥିବା ବେଳେ ବୁଧବାର ଷ୍ଟୋର ବାହାରେ ଥିବା ଏକ ଡଷ୍ଟବିନରେ ମୋଟ ୨୧ଟି ଇଞ୍ଜେକ୍ସନ ଲୁଚାଇ ରଖାଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା ଓ କିଛି ଫାର୍ମାସୀ ଅଫିସର ପହଞ୍ଚି ଡଷ୍ଟବିନରୁ ଇଞ୍ଜେକ୍ସନ୍‌କୁ ଜବତ କରିଥିଲେ। ମେଡ଼ିକାଲ ଷ୍ଟୋରରେ ଏହି ଦାମୀ ଇଞ୍ଜେକ୍ସନକୁ କେହି କର୍ମଚାରୀ ଚୋରି କରି ଡଷ୍ଟବିନରେ ଲୁଚାଇ ରଖିଥିବା ସନ୍ଦେହ ଘନୀଭୂତ ହୋଇଛି। ଘଟଣା ସମ୍ନାକୁ ଆସିବା ପରେ ମେଡ଼ିକାଲ ଷ୍ଟୋର ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଯୁବତୀଙ୍କ ଫଟୋ ଭାଇରାଲ୍; ଯୁବକ ଗିରଫ



ବ୍ରହ୍ମପୁର,୨୩।୪(ସମିସ): ଜଣେ ଯୁବତୀଙ୍କ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଚମାଖଣ୍ଡି ବି. ତୋଟାପଲ୍ଲୀର ସୁମନ୍ତ ନାହାକ(୨୮)। ସୁମନ୍ତ ଏବଂ ସଂପୃକ୍ତ ଯୁବତୀଙ୍କ ମଧ୍ୟରେ ପୂର୍ବରୁ ପରିଚୟ ଥିଲା। ପରବର୍ତ୍ତୀ ସମୟରେ ସୁମନ୍ତ ଯୁବତୀଙ୍କ ବିନା ଅନୁମତିରେ ତାଙ୍କର ବ୍ୟକ୍ତିଗତ ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରି ଦେଇଥିଲେ। ଏ ନେଇ ଯୁବତୀ ଜଣକ ଅଭିଯୋଗ କରିବା ପରେ ଚଳିତ ମାସ ୧୧ରେ ଏଭଳି କାର୍ଯ୍ୟ ନକରିବା ପାଇଁ ସୁମନ୍ତ ବୈଦ୍ୟନାଥପୁର ଥାନାରେ ଏକ ଲିଖିତ ଅଣ୍ଡରଟେକିଂ ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ୧୩ତାରିଖରେ ପୁଣି ଏକ ଆପତ୍ତିଜନକ ଫଟୋ ପ୍ରଘଟ କରିଥିଲେ। ଏପରିକି ଅଭିଯୁକ୍ତ ସୁମନ୍ତ ଯୁବତୀଙ୍କ ଭଡ଼ା ଘରେ ଜବରଦସ୍ତି ପ୍ରବେଶ କରିବା ସହ ତାଙ୍କୁ ହ୍ୱାଟ୍ସଆପ୍‌ରେ ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିଲେ। ଘଟଣାକୁ ନେଇ ଯୁବତୀ ଜଣକ ପୁଣି ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ସୁମନ୍ତକୁ କାବୁ କରିଥିଲା।

## ଜେଇଇ (ମେନ୍) ପରୀକ୍ଷା

# ଆର୍ଯ୍ୟଭଟ୍ଟ ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର,୨୩।୪(ସମିସ)

ଚଳିତ ବର୍ଷ ଅନ୍ତିମ ଜେଇଇ ମେନ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ୩୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସର୍ବାଧିକ ଶ୍ୱେତାଲିନା ସାହୁ ଶତକଡ଼ା ୯୯.୪୬ ନମ୍ବର ରଖିଥିବା ବେଳେ ଆରିୟନ ସାହୁ ୯୮.୮୫, ମୋନାଲିସା ପାଢ଼ୀ ୯୮.୪୬, ରିତେଶ ପାଣିଗ୍ରାହୀ ଶତକଡ଼ା ୯୮. ୨୫ ଭାଗ ନମ୍ବର ରଖିଛନ୍ତି। ମୋଟ ୧୩ ଜଣ ଛାତ୍ରଛାତ୍ରୀ ୯୫ ଶତକଡ଼ାରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୨୩ ଜଣ ଛାତ୍ରଛାତ୍ରୀ ୯୦ ଶତକଡ଼ାରୁ ଅଧିକ ନମ୍ବର ରଖି କୃତ କାର୍ଯ୍ୟ ହୋଇଛନ୍ତି। ବିଗତ ୨୦ ବର୍ଷ ଧରି ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଦକ୍ଷିଣ ଓଡ଼ିଶା ଛାତ୍ରଛାତ୍ରୀଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବୈଷୟିକ, ଭେଷଜ ଓ ଗବେଷଣା ଅନୁଷ୍ଠାନରେ ଯୋଗଦେବା କୁ ହେଉଥିବା ପ୍ରବେଶିକା ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦେଇ ସେଥିରେ କୃତକାର୍ଯ୍ୟ କରେଇ ଆସିଛି।




# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା



ବ୍ରହ୍ମପୁର,୨୩।୪(ସମିସ)

ପ୍ରକାଶିତ ଜେଇଇ ମେନ୍ ଦ୍ୱିତୀୟ ପର୍ଯ୍ୟାୟ ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦର ଛାତ୍ରଛାତ୍ରୀ ବେଶ୍ ସଫଳତା ଅର୍ଜନ କରିଛନ୍ତି। ଶତକଡ଼ା ୯୯ ଭାଗରୁ ଅଧିକ ନମ୍ବର ରଖି ୨ ଜଣ, ୯୮ରୁ ଅଧିକ ନମ୍ବର ରଖି ୮ ଜଣ ରହିଥିବା ବେଳେ ୧୦୪ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଭାରତର ବିଭିନ୍ନ ବୈଷୟିକ ଅନୁଷ୍ଠାନରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ସହିତ ସାଧାରଣ ବର୍ଗରୁ ୬୨ ଜଣ ଛାତ୍ରଛାତ୍ରୀ ଜେଇଇ(ଆଡ୍‌ଭାନସଡ୍) ପରୀକ୍ଷା ଦେବାକୁ ବିବେଚିତ ହୋଇଛନ୍ତି। ବିଦ୍ୟାମନ୍ଦରର ଏସ୍. ନିହାର ରଞ୍ଜନ ପାତ୍ର ୯୯.୩୬ ଓ ସ୍ୱସ୍ତିକ ସାହୁ ୯୯.୦୬ ରଖି ବିଦ୍ୟାଳୟର ଟପ୍ପର୍ ହୋଇଛନ୍ତି। ସେହିପରି ସୋହନ ଦାଶ ୯୮.୬୯, ମହାପ୍ରସାଦ ଦାଶ ୯୮.୩୯, ସ୍ୱସ୍ତିକ ସାହୁ ୯୮.୩୭, କେ. ଶ୍ରୀ କିରନ ୯୮.୩୬, ବିଭୂତି ଭୂଷଣ ପଣ୍ଡା ୯୮.୨୬, ଦେବଦତ୍ତ ଦେହୁରୀ ୯୮.୦୫, କେଶବ ଚନ୍ଦ୍ର ପରିଡ଼ା ୯୭.୯୪, ଅମନଜିତ୍ ତ୍ରିପାଠୀ ୯୭.୯୩, ଜସ୍ମିନ୍ ପାଣିଗ୍ରାହୀ ୯୭.୬୪, ଅଂଶୁମାନ ରାଉତରାଏ ୯୭.୬୨, ଧିରୋଜ ସ୍ୱାଇଁ ୯୭.୨୯, ସ୍ୱୟଂ ଆରିୟନ୍ ପଣ୍ଡା ୯୭.୨୫, ଅଂଶୁମାନ ସାହୁ ୯୭.୧୮, ବିଭୂଦତ୍ତ ପୃଷ୍ଟି ୯୭.୧୧, ସଂଜ୍ଞାଦେବୀ ଜେନା ୯୭.୦୬, ବି. ପବିତ୍ର ୯୭.୦୦, କେ ସନ୍ଦିପ୍ କୁମାର ୯୬.୯୭, ସତ୍ୟନାରାୟଣ ସାହୁ ୯୬.୯୩, ଜୀବନଜ୍ୟୋତି ନାହାକ ୯୬.୯୦, ସ୍ମୃତିରାଣୀ ମିଶ୍ର ୯୬.୮୬, ତନ୍ମୟ ଆଚାର୍ଯ୍ୟ ୯୬.୭୭, ସ୍ୱୟଂଶକ୍ତି ପ୍ରଧାନ ୯୬.୭୦, ଦ୍ୱିତିକୃଷ୍ଣ ପରିଡ଼ା ୯୬.୬୯, ଓମ୍ ପ୍ରକାଶ ନାୟକ ୯୬.୬୪, ଦେବାଶିଷ ରଥ ୯୬.୩୫, ଶ୍ରୀୟା ମିଶ୍ର ୯୬.୨୬, ଶ୍ରୀୟାସ୍ମିନ୍ ପାତ୍ର ୯୬.୨୪, ଦିବ୍ୟଞ୍ଜନା ବିଶ୍ୱାଳ ୯୬.୨୦, ମହେଶ୍ୱର ପଣ୍ଡା ୯୬, ଶଶାଙ୍କ କୁମାର ସାହୁ ୯୫.୮୦, ସୌମ୍ୟସୌରଭ ନାୟକ ୯୫.୭୩, ନାରାୟଣ ଦାଶ ୯୫.୫୮, ଯଶସ୍ୱୀ କୁମାର ସାହୁ ୯୫.୫୫, ଜେ. ସାଇଶ୍ରୀ ପୃଷ୍ଟି ୯୫.୫୪, ଇତିଶ୍ରୀ ବେହେରା ୯୫.୫୧, ଅମିତ୍ କୁମାର ବିଶ୍ୱାଳ ୯୫.୪୭, ଶୁଭପ୍ରସାଦ ପଣ୍ଡା ୯୫.୩୦, ଶିବ ଚରଣ ରଣା ୯୫.୧୭, ଦିପ୍ତୀମୟୀ ଗୌଡ଼ ୯୫.୧୦, ରୁଦ୍ରପ୍ରତାପ ସାଶମଲ୍ ୯୫.୧୦ ପ୍ରତିଶତ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାମନ୍ଦିରର କୋଚିଂ ଡିଭିଜନ୍‌ର ସର୍ବଭାରତୀୟ ସ୍ତରର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ଉତ୍ସର୍ଗୀକୃତ ଭାବେ ଶିକ୍ଷାଦାନ ଦେଉଥିବା ସର୍ବଭାରତୀୟ ସ୍ତରର ଅଭିଜ୍ଞ ପ୍ରାଧାପକଙ୍କ ପରିଶ୍ରମ, ଅଭିଭାବକଙ୍କ ସଦିଚ୍ଛା ଓ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇଥିବା ବିଦ୍ୟାମନ୍ଦର ପକ୍ଷରୁ କୁହାଯାଇଛି।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର,୨୩।୪(ସମିସ)

ନିଷ୍ଟ ବିଶ୍ୱବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି କୁମାର ରଥ, ଶେଷ ବର୍ଷ ସଂଯୋଜକ ଡ଼. ସନ୍ତୋଷ କର ଏବଂ ଏମସିଏ ସଂଯୋଜକ ଡ଼. ପ୍ରଦୀପ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳ ଭବିଷ୍ୟତ କାମନା ବ୍ୟାପାର ଡ. ପ୍ରୀତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ କୁଳସଚିବ ବିଷ୍ଣୁଙ୍କର ନାୟକ, ବିଭାଗୀୟ ମୁଖ୍ୟ ଡ଼. ବ୍ରଜ କିଶୋର



ଭାବେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡ଼. ସୁକାନ୍ତ କିଶୋର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରପ୍ରାପ୍ତ କୁଳପତି ଡ଼. ପି. ରାଜେଶ କୁମାର, ବିଓଏ ସଦସ୍ୟ ଇଂ. ଅରୁଣ କରିଥିଲେ। କାର୍ଯ୍ୟକ୍ରମରେ ବିଟେକ୍, ଏମସିଏ ଓ ବିଏସସି ଶେଷ ବର୍ଷର ଛାତ୍ରଛାତ୍ରୀ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବମ ସସମାଲ ଓ ଧରିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆସୋସିଏଟ୍ ଡିନ୍ ଛାତ୍ର ମିଶ୍ର, ଡ଼. ରାଜେଶ ପାଟଜୋଷୀ, ଡ଼. ସୀମାଞ୍ଚଳ ପାଣିଗ୍ରାହୀ, ଡ଼. ସଞ୍ଜିତ କୁମାର ଆଚାର୍ଯ୍ୟ, ଡ଼. ସୋରେନ ମିଶ୍ର. ଡ଼. ଦୁର୍ଯ୍ୟୋଧନ ସାହୁ, ଡ଼. ସବ୍ୟସଚୀ ରଥ, ଡ଼. ବରଦା ପ୍ରସାଦ ସେଠୀ ଓ ପରୀକ୍ଷା ନିୟନ୍ତ୍ରକ ଡ଼. ସ୍ୱାଧୀନ ମିଶ୍ର ଉପସ୍ଥିତ ଥିଲେ।

## ଏମ୍‌କେସିଜିର ରେଜିଷ୍ଟ୍ରାର ହେବେ ଡ. ଶ୍ୱେତ ଦାଶ

ବ୍ରହ୍ମପୁର,୨୩।୪(ସମିସ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ରେଜିଷ୍ଟ୍ରାର ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଶ୍ୱେତ କୁମାର ଦାଶଙ୍କ ବଦଳି ହୋଇଛି। ଏହା ପୂର୍ବରୁ ସେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସଚିବ ଥିଲେ। ଏମକେସିଜି ମେଡିକାଲରେ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ବରିଷ୍ଠ ଓଏଏସ ଅଧିକାରୀ ସଂଗ୍ରାମ ପଣ୍ଡା ପଦୋନ୍ନତି ପାଇଥିବା ବେଳେ ତାଙ୍କୁ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ଏମକେସିଜି ମେଡ଼ିକାଲକୁ ବଦଳି ହୋଇଥିଲା। କିନ୍ତୁ କୌଣସି କାରଣରୁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ। ଫଳରେ ସେବେଠାରୁ ଏହି ପଦ ଖାଲି ପଡିଥିଲା। ଦୁଇ ମାସ ହେବ ରେଜିଷ୍ଟ୍ରାର ନଥିବା ବେଳେ କିଛିଦିନ ହେବ ଏମକେସିଜି ମେଡ଼ିକାଲର ଅଧୀକ୍ଷକ ପଦବୀ ଖାଲି ପଡ଼ିଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ସେହିକ୍ରମରେ ଏମକେସିଜି ମେଡ଼ିକାଲର ନୂତନ ରେଜିଷ୍ଟ୍ରାର ଯଥାସମ୍ଭବ କାର୍ଯ୍ୟରେ ଯୋଗଦେବେ ବୋଲି କୁହାଯାଉଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

ବ୍ରହ୍ମପୁର,୨୩।୪(ସମିସ): ଖୁବ୍‌ଶୀଘ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇବେ ନୂଆ କୁଳପତି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଜଣେ କୁଳପତିଙ୍କର କାର୍ଯ୍ୟକାଳ ୪ବର୍ଷ ଥିବା ବେଳେ ବର୍ତ୍ତମାନର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କର ଆସନ୍ତା ମେ ୬ତାରିଖରେ କାର୍ଯ୍ୟକାଳ ପୂରଣ ହେବାକୁ ଯାଉଛି। ଫଳରେ ତାହା ପୂର୍ବରୁ ନୂତନ କୁଳପତିଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଯାଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କୁ ନିଯୁକ୍ତି ଦିଆଯାଉଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜ୍ୟର ଏକ ପୁରାତନ ତଥା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଅନ୍ୟତମ। ଏଣୁ ଏଠାରେ କୁଳପତି ଭାବେ ନିଯୁକ୍ତି ପାଇବା ନିଶ୍ଚିତ ପକ୍ଷେ ଗର୍ବ ଓ ଗୌରବର ବିଷୟ।

■ ନ୍ୟୁରୋସର୍ଜରି ବିଭାଗରେ ଅତ୍ୟାଧୁନିକ ମେସିନ

# କିଛି ମିନଟ୍‌ରେ ହେବ ଟ୍ୟୁମର ଅସ୍ତ୍ରୋପଚାର

ବ୍ରହ୍ମପୁର,୨୩।୪(ସମିସ)

ଏମ୍‌କେସିଜି ମେଡ଼ିକାଲର ନ୍ୟୁରୋସର୍ଜରି ବିଭାଗରେ ଅତ୍ୟାଧୁନିକ ନୂତନ କାଭିଟ୍ରନ୍ ଅଲ୍ଟ୍ରାସୋନିକ୍ ସର୍ଜିକାଲ୍ ଆସ୍ପିରେଟର(କୁଶା) ମେସିନର କାର୍ଯ୍ୟକ୍ଷମ ହୋଇଛି। ମେଡ଼ିକାଲର ଆନାଟୋମି ବିଭାଗର ମୁଖ୍ୟ ଜେ. ସାଗର ପୃଷ୍ଟି ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଜରିଆରେ ମନୁଷ୍ୟ ଶରୀରର ବିଭିନ୍ନ ସ୍ଥାନରେ ହେଉଥିବା ଟ୍ୟୁମରର ସହଜରେ ଅସ୍ତ୍ରୋପଚାର କରାଯାଇପାରିବ। ସାଧାରଣ ଭାବେ ଏଭଳି ଅସ୍ତ୍ରୋରପଚାର ନିମନ୍ତେ ୪ରୁ ୬ଘଣ୍ଟା ସମୟ ଲାଗୁଥିବା ବେଳେ ଏହି ମେସିସ ସାହାଯ୍ୟରେ ମାତ୍ର କିଛି ମିଟନ ମଧ୍ୟରେ ଟ୍ୟୁମର ଅସ୍ତ୍ରୋପଚାର ହୋଇପାରିବ। ଟ୍ୟୁମରକୁ ଅତି ସୂକ୍ଷ୍ମ ଭାବେ ଖଣ୍ଡଖଣ୍ଡ କରାଯାଇ ବାହାର କରାଯାଇପାରିବ। ଏହା ସହ ଅସ୍ତ୍ରୋପଚାର ସମୟରେ ଟ୍ୟୁମର ସ୍ଥାନ ବ୍ୟତିତ ରୋଗୀଙ୍କ ଅନ୍ୟ ସ୍ଥାନର ଟିସୁ ଗୁଡ଼ିକ ନଷ୍ଟ ହେବ ନାହିଁ। ଯୁକ୍ତରାଷ୍ଟ୍ର ଆମେରିକାରେ ନିର୍ମିତ ଏହି ମେସିନ୍‌ରେ ବ୍ୟବହାର ଫଳରେ ଅଳ୍ପ ସମୟରେ ଉନ୍ନତମାନର ଚିକିତ୍ସା ଯୋଗାଇବାର କ୍ଷମତା ରହିଥିବା ବେଳେ ମେଡ଼ିକାଲ ଅଧିକ ରୋଗୀଙ୍କ ଅସ୍ତ୍ରୋପଚାର ହୋଇପାରିବ ବୋଲି ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡା କହିଛନ୍ତି। ପୂର୍ବରୁ ରାଜ୍ୟରେ କେବଳ ଏମ୍ସରେ ଉକ୍ତ ମେସିନ ରହିଥିବା ବେଳେ ମେଡ଼ିକାଲ କଲେଜ ଓ ହସ୍ପିଟାଲ ମଧ୍ୟରେ ଉକ୍ତ ମେସିନ ବ୍ୟବହାରରେ ଏମକେସିଜି ମେଡ଼ିକାଲ ରାଜ୍ୟରେ ପ୍ରଥମ ବୋଲି ଡ଼ା. ପଣ୍ଡା କହିଛନ୍ତି। ଉଦ୍‌ଘାଟନୀ ଅବସରରେ ନିଶ୍ଚେତକ ବିଭାଗର ମୁଖ୍ୟ ଡା. ସଞ୍ଜୀବ ପାତ୍ରଙ୍କ ସମେତ ବିଭାଗର ବହୁ ଡ଼ାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।



## ଆଜି ବିଇଏମ୍‌ସିର ସ୍ୱତନ୍ତ୍ର ଅଧିବେଶନ

# ପାରିତ ହେବ ୬୨୩ କୋଟିର ବଜେଟ

ବ୍ରହ୍ମପୁର,୨୩।୪(ସମିସ)

ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବିଇଏମସି ବା ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୬୨୩କୋଟି ଟଙ୍କାର ବଜେଟ ପ୍ରସ୍ତୁତ ହୋଇଛି। ଗତ ୨୩ତାରିଖରେ ଅନୁଷ୍ଠିତ ନିଗମର ଫାଇନାନ୍ସ ଷ୍ଟାଣ୍ଡିଂ କମିଟିରେ ଏନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାହାକୁ ଆଜି ହେବାକୁ ଥିବା ନିଗମର ସ୍ୱତନ୍ତ୍ର ବଜେଟ ଅଧିବେଶନରେ ଉପସ୍ଥାପନ କରାଯିବ। ଏନେଇ ଆଲୋଚନା ପରେ ସର୍ବସମ୍ମତି କ୍ରମେ ପାରିତ କରାଯାଇ ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ପଠାଯିବ। ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ଏ. ସସ୍ୟା ରେଡ୍ଡୀ, ବିତ୍ତ ଅଧିକାରୀ, ସମସ୍ତ କର୍ପୋରେଟରଙ୍କ ସମେତ ଉଭୟ ବ୍ରହ୍ମପୁର ଓ ଗୋପାଳପୁର ବିଧାୟକ ଅଥବା ସେମାନଙ୍କ ପ୍ରତିନିଧି ଓ ସାଂସଦ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବେ। ରାଜ୍ୟରେ ନୂତନ ସରକାର ଗଠନ ପରଠାରୁ ବିଜେଡି ହାତରେ ଥିବ। ବ୍ରହ୍ମପୁର ମହାନଗର ନିଗମକୁ ରାଜ୍ୟ ସରକାର କ୍ରମାଗତ ଅବହେଳା ପ୍ରଦର୍ଶନ କରି ଆସୁଥିବା ଅଭିଯୋଗ ହୋଇଛି। ନିଗମକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ବିଭିନ୍ନ ଅନୁଦାନ ଆସିବାରେ ସମସ୍ୟା ହେଉଛି। ଯଦ୍ୱାରା ଗତ ଦୁଇ ବର୍ଷରେ ନିଗମକୁ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ମିଳିବାକୁ ଥିବା ପ୍ରାୟ ୨୮୦କୋଟି ଟଙ୍କାର ଅନୁଦାନ ଆସିନଥିବା ଜଣାପଡିଛି। ଗୋଟିଏ ପଟେ ନିଗମର ନିଜସ୍ୱ ଆୟ ଉତ୍ସ ହ୍ରାସ ପାଇବାରେ ଲାଗିଥିବା ବେଳେ ସରକାରୀ ଅନୁଦାନ ମିଳିବାରେ ଉପୁଜିଥିବା ସମସ୍ୟା ଯୋଗୁଁ ବିକାଶ ମୂଳକ କାର୍ଯ୍ୟ ଆଗେଇ ନେବାରେ କଷ୍ଟ ହେଉଛି। ଚଳିତ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ ଗତବର୍ଷ ତୁଳନାରେ ୫୦କୋଟି ଅଧିକ ଥିବା ଜଣାପଡିଛି।

● ଦୁଇବର୍ଷ ଧରି ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ବିଇଏମ୍‌ସିକୁ ମିଳିପାରିନି ୨୮୦ କୋଟିର ଅନୁଦାନ

● ନିଗମ ପ୍ରତି ସରକାରୀ ଅବହେଳାକୁ ନେଇ ବୈଠକରେ ହୋଇପାରେ ସରଗରମ ଆଲୋଚନା

ବ୍ରହ୍ମପୁର ମହାନଗର ନିଗମ

୨୩/୪/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୧,୨୭୮/- ସୁନା:୦୦.୩୫୦ ଗ୍ରାମ୍ ରୁପା: ୩୨.୫୦୦ ଗ୍ରାମ୍



ନରେନ୍ଦ୍ର ବାଣ ବିସ୍ଫୋରଣକୁ ୩ ବର୍ଷ ପୂରିବ

# ଏ ଯାଏ ପୁରୀରେ ଖୋଲିଲାନି ବର୍ଣ୍ଣ ୟୁନିଟ୍

**ପୁରୀ,୨୩।୪(ସମିସ):** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହିଁ ବର୍ଣ୍ଣ କେୟାର ୟୁନିଟ୍। ଫଳରେ ପୋଡ଼ାଜଳା ରୋଗୀଙ୍କୁ ଏଠାରେ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରୁନାହିଁ। ଏଭଳି କୌଣସି ରୋଗୀ ଆସିଲେ ସେମାନଙ୍କୁ କଟକ, ଭୁବନେଶ୍ୱର ସ୍ଥାନାନ୍ତର କରୁଛନ୍ତି ଡାକ୍ତର। ପ୍ରାୟ ପ୍ରତିଦିନ ଏହିଭଳି ରୋଗୀଙ୍କୁ ନାକେଦମ୍ ହେବାକୁ ପଡୁଛି। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ ସହର। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଏବଂ ଭକ୍ତ ଆସିଥା'ନ୍ତି। ହେଲେ ଏମାନଙ୍କ ସହିତ ସହରବାସୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେବାରେ ବିଫଳ ହୋଇଛନ୍ତି ସରକାର। ବିଭିନ୍ନ ସମୟରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବାକୁ ନେଇ ନାନା ପ୍ରକାର ଆପତ୍ତି ଅଭିଯୋଗ ଉଠୁଛି। ସବୁଠୁ ବଡ଼ କଥା ହେଉଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ କେୟାର ୟୁନିଟ୍ ନାହିଁ। ଅର୍ଥାତ୍ ପୋଡ଼ାଜଳା ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ସେମିତି କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ଗତ ଦୁଇବର୍ଷ ମଧ୍ୟରେ କେବଳ ବାଣ ବିସ୍ଫୋରଣ ଘଟି ୧୯ ଜଣଙ୍କ ଅକାଳ ବିୟୋଗ ଘଟିଛି।




୨୦୨୪ ମେ' ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ଯାତ୍ରା ଅବସରରେ ଘଟିଥିଲା ଭୟାନକ ବାଣ ବିସ୍ଫୋରଣ। ସେଦିନ ଥିଲା ଭଉଁରୀ। ରାତିରେ ଠାକୁରଙ୍କ ୨୦ ଘେରା ଚାପ ଖେଳ ଚାଲିଥିଲା। ରାତି ପ୍ରାୟ ୧୦ଟା ୪୫ରୁ ୧୧ଟା ମଧ୍ୟରେ ଘଟିଥିଲା ଅଘଟଣ। ନରେନ୍ଦ୍ର ପୁଷ୍କରିଣୀର ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁ ବସି ଠାକୁରଙ୍କ ଚାପ ଖେଳ ଦେଖୁଥିଲେ। ଏହି ସମୟରେ ଦେବୀଘାଟ ପଟେ ହଠାତ୍ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ୩୦ରୁ ଅଧିକ ଜଣ ପୋଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଏଠାରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣ ୟୁନିଟ୍ ନ ଥିବାରୁ ସେମାନଙ୍କୁ କଟକ, ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆଗପଛ ହୋଇ ୧୭ ଜଣଙ୍କ ଜୀବନ ଚାଲିଯାଇଥିଲା। ସେହିପରି ୨୦୨୪ ପବିତ୍ର ଦୀପାବଳି ସନ୍ଧ୍ୟାରେ ସଦର ଥାନା ଅନ୍ତର୍ଗତ ବାଟଗାଁ ରାଉତସାହିରେ ବାଣ ବିସ୍ଫୋରଣ ଘଟିଥିଲା। ୩ ଜଣଙ୍କୁ ଗୁରୁତର

## ପୋଡ଼ାଜଳା ରୋଗୀଙ୍କୁ ମିଳୁନି ଚିକିତ୍ସା

ଅବସ୍ଥାରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ଥିବାବେଳେ ୩ ଜଣଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଥିଲା।

ବଡ଼ କଥା ହେଉଛି ସଙ୍ଗେ ସଙ୍ଗେ ଚିକିତ୍ସା ସେବା ଆଶାରେ ସମ୍ପର୍କୀୟମାନେ ବିଭିନ୍ନ ପ୍ରକାର ପୋଡ଼ାଜଳା ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଛନ୍ତି। କିନ୍ତୁ ଏଠାରେ ମିଳୁନି ଚିକିତ୍ସା ସେବା। ପୁରୀରେ ବର୍ଣ୍ଣ ୟୁନିଟ୍ ଖୋଲିବା ନେଇ ଗତବର୍ଷ ରଥଯାତ୍ରା ବୈଠକରେ ଆଲୋଚନା ହୋଇଥିଲା। ଅସ୍ଥାୟୀ ଭାବେ ରଥଯାତ୍ରା ସମୟରେ ଏହା ଖୋଲାଯିବ ବୋଲି କୁହାଯାଇଥିଲା। ହେଲେ ଏହାପରେ ବର୍ଣ୍ଣ ୟୁନିଟ୍ ଖୋଲିବା କଥା ପ୍ରାୟ ସମସ୍ତେ ଭୁଲିଗଲେଣି। ପୁରୀ ସାଂସଦ ସମ୍ବିତ୍ ପାତ୍ର ସଂସଦରେ ଏହି ପ୍ରସଙ୍ଗ ଉଠାଇଥିଲେ। ପୁରୀ ମେଡିକାଲରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା କରାଯିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ନିଶ୍ଚିତ ଡବଲ ଇଞ୍ଜିନ ସରକାର ଏହି ଦାବି ପୂରଣ କରିବେ ବୋଲି ବିଜେପି ନେତୃତ୍ୱ ମତ ରଖିଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ପୁରୀ ମେଡିକାଲରେ ବର୍ଣ୍ଣ ୟୁନିଟ୍ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ପୁରୀରେ ବର୍ଣ୍ଣ ୟୁନିଟ୍ ଖୋଲିବା ପାଇଁ ବିଭିନ୍ନ ସ୍ତରରେ ବାରମ୍ବାର ଦାବି ହୋଇଆସୁଛି। ସରକାର ଏ ଦିଗରେ ବିହୀତ ପଦକ୍ଷେପ ନେଉନାହାନ୍ତି। ଫଳରେ ପୁରୀବାସୀଙ୍କ ସମେତ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକଙ୍କ ଜୀବନକୁ ବାଜିରେ ଲଗାଯାଉଛି ବୋଲି ଚର୍ଚ୍ଚା ହେଉଛି।

# ଆଜି ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ

● ଅଧିବାସ ହେଲା ୧୦୮ ଗରା ଜଳ

**ପୁରୀ,୨୩।୪(ସମିସ):** ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରତିଷ୍ଠା ହୋଇଥିଲା ଶ୍ରୀମନ୍ଦିର। ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ବଡ଼ଦେଉଳରେ ପାଳିତ ହୋଇଥାଏ ନୀଳାଦ୍ରି ମହୋଦୟଷ୍ଟମୀ। ଶୁକ୍ରବାର ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ ନୀତି ପାଳିତ ହେବ। ଏଥିପାଇଁ ଗୁରୁବାର ରାତିରେ ମହାପ୍ରଭୁଙ୍କ ଚନ୍ଦନ ଲାଗି ନୀତି ବଢ଼ିବା ପରେ ଭୋଗମଣ୍ଡପ ଘରକୁ ଧୂଆଯାଇ ଚାନ୍ଦୁଆ ବନ୍ଧା ଯାଇଥିଲା। ଏହାପରେ ୧୦୮ ଗରାରେ ପାଣି ଭର୍ତ୍ତି କରାଯାଇଥିଲା। ସେଥିରେ ସୁବାସିତ ଫୁଲ ପକାଯାଇ ସରା ଘୋଡ଼ାଇ ଚାନ୍ଦୁଆ ତଳେ ଚାରି ପନ୍ତି କରି ରଖାଯାଇଥିଲା। ପୂଜାପଣ୍ଡା ଆସି ଏହି ଜଳକୁ ଅଧିବାସ କରିଥିଲେ। ଶୁକ୍ରବାର ପୂଜାପଣ୍ଡା ସାମନ୍ତ ଏହାକୁ ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଜଳଲାଗି କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ପୂର୍ବରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଭୋର୍ ୪ଟା ମଙ୍ଗଳ ଆଳତି ସରି ଅନ୍ୟାନ୍ୟ ନୀତି ଚାଲିବ।

● ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ କଢ଼ାଯିବ ବାଲି

# ଗର୍ଭଗୃହକୁ ଟନେଲ ନିର୍ମାଣ ଜାରି

**କୋଣାର୍କ,୨୩।୪(ସମିସ):** ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବ। ଏଥିପାଇଁ ପ୍ରକ୍ରିୟା ଜାରି ରଖିଛି ପ୍ରତ୍ନତତ୍ତ୍ୱ ବିଭାଗ। ଗତ ୨୦ ତାରିଖରୁ ଗର୍ଭଗୃହକୁ ଟନେଲ ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୪ ଜଣ କୁଶଳୀ କାରିଗରଙ୍କ ଦ୍ୱାରା କୌଣସି ଯନ୍ତ୍ରାଂଶ ବ୍ୟବହାର ନ କରି ହାତ ହତିଆରରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ଚତୁର୍ଥ ଦିନ ସୁଦ୍ଧା ୨ ଫୁଟ୍‌ରେ ୨ ଫୁଟ୍ ଚଉଡ଼ାର ୪ଫୁଟ୍ ଲମ୍ବରେ ଖନନ କରାଯାଇଛି। ଏହି କାର୍ଯ୍ୟକୁ ସ୍ୱତନ୍ତ୍ର ମନିଟରିଂ ଟିମ୍ ଅନୁଧ୍ୟାନ କରୁଛି। ମନ୍ଦିର ଗର୍ଭଗୃହ ମଧ୍ୟରେ ବାଲି ଭର୍ତ୍ତି ସମୟରେ ବ୍ରିଟିଶ୍‌ମାନେ ମନ୍ଦିରର ପଶ୍ଚିମରେ ତଳୁ ୮୦ ଫୁଟ୍ ଉପରେ ଥିବା ପ୍ରଥମ ପିଢ଼ ଉପରି ଭାଗରେ ଏକ ଟନେଲ କରି ବାଲି ଭର୍ତ୍ତି କରିବା ପରେ ଏହି ସ୍ଥାନକୁ ପଥର କାନ୍ଥ କରି ବନ୍ଦ କରିଦେଇଥିଲେ। ତେବେ ଏହି ସ୍ଥାନରେ ପଥରର ସ୍ଥିତି ଯାଞ୍ଚ ଆଉ ଦୁଇଟି କୋର୍ ଡ୍ରିଲ୍ କରାଯାଇଥିଲା। ମାଡ୍ରାସ ଆଇଆଇଟି ଦ୍ୱାରା ଗର୍ଭଗୃହରେ ଥିବା ବାଲିର ସ୍ଥିତି ଯାଞ୍ଚ ପରେ ବାଲି କାଢ଼ିଲେ ମନ୍ଦିର ପ୍ରତି କୌଣସି ବିପଦ ନ ଥିବା ରିପୋର୍ଟରୁ ଜଣାପଡ଼ିଥିଲା। ଏହାପରେ ପ୍ରତ୍ନତତ୍ତ୍ୱ ବିଭାଗ ଟନେଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏହି ଖନନ କାର୍ଯ୍ୟ ପାଇଁ ୱେଲ୍ଡର, ଷ୍ଟୋନ୍ ଡ୍ରେସର, ଷ୍ଟୋନ୍ କଟର, ଆର୍କିଟେକ୍‌ଚରମାନଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟର ଟେକ୍ନିକାଲ ପାରାମିଟର ଚେକିଙ୍ଗ୍ ପାଇଁ ଏଏସ୍‌ଆଇ ଗୋଟିଏ ସପୋର୍ଟ ସିଷ୍ଟମ ଟିମ୍, ଗୋଟିଏ ଡକ୍ୟୁମେଣ୍ଟେସନ ଟିମ୍, ମେକାନିକାଲ ସପୋର୍ଟ ଟିମ୍, ଇନ୍‌ଷ୍ଟ୍ରୁମେଣ୍ଟ ଓ ଇଲୋକ୍ଟ୍ରୋନିକ୍ସ ଟିମ୍ ଓ ଗୋଟିଏ କଞ୍ଜର୍ଭେସନ ଟିମ୍ ଗଠନ କରିଛି। ପର୍ଯ୍ୟାୟକ୍ରମେ ସ୍ଥିତି ଯାଞ୍ଚ କରାଯାଇ ସମାନ୍ତରାଳ ଭାବେ ମନ୍ଦିର କାନ୍ଥରେ ୯ ମିଟର ପର୍ଯ୍ୟନ୍ତ ଟନେଲ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହାପରେ ମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯାଇ ଗର୍ଭଗୃହର ସ୍ଥିତି ଯାଞ୍ଚ କରାଯିବ ଏବଂ ମନ୍ଦିରର ସୁରକ୍ଷା ପାଇଁ ଅତ୍ୟାଧୁନିକ ପଦକ୍ଷେପ ନିଆଯିବ।



# ଦୁଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ପୁରୀ,୨୩।୪(ସମିସ):** ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା, ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ଲାଗି ପୁଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ଅପରାଧ ନିୟନ୍ତ୍ରଣ ଓ ସମାଜରେ ଶୃଙ୍ଖଳା ରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା-୧୨୯ ଅନୁଯାୟୀ ବିଭିନ୍ନ ଥାନା ଅଞ୍ଚଳରେ ବାଉଣ୍ଡ ଡାଉନ୍ ଗ୍ରହଣ କରାଯାଇଛି। ଏହି ପ୍ରକ୍ରିୟାରେ ମୋଟ୍ ୩୬ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ବାଉଣ୍ଡ ଡାଉନ୍ କରାଯାଇଛି। ଅର୍ଥାତ୍ ଆଇନ ଭଙ୍ଗ କରିବାରୁ ସେମାନଙ୍କୁ ରୋକିବା ପାଇଁ ଏହା ଏକ ପ୍ରତିରୋଧାତ୍ମକ ପଦକ୍ଷେପ। ଏହି କ୍ରମରେ ଶୁକ୍ରବାର ୨ ଅପରାଧୀଙ୍କ ବିରୋଧରେ ବାଉଣ୍ଡ ଡାଉନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜଣେ ହେଲେ କୁମ୍ଭାରପଡ଼ା ଥାନା ମାମଲାରେ ସୁଷମା ଭୋଇ ଏବଂ ଅନ୍ୟ ଜଣେ ପୁରୀ ସଦର ଥାନା ମାମଲାରେ ଉମାକାନ୍ତ ଦାସ। ଏହି ପଦକ୍ଷେପ ଗ୍ରହଣର ମୂଳ ଉଦ୍ଦେଶ୍ୟ ହେଉଛି ଆଗାମୀ ଦିନରେ କୌଣସି ପ୍ରକାର ଅପରାଧ ଘଟଣା ଘଟିବାକୁ ନ ଦେବା ଓ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷାକୁ ଆହୁରି ନିଶ୍ଚିତ କରିବା। ସୂଚନାଥାଉ କି, ବାଉଣ୍ଡ ଡାଉନ୍ ଅନ୍ତର୍ଗତ ଅଭିଯୁକ୍ତମାନେ ଆଇନ ଉଲ୍ଲଂଘନ କରିବେ ନାହିଁ ବୋଲି ଲିଖିତ ଦେବାକୁ ବାଧ୍ୟ ହୋଇଥା'ନ୍ତି।

# ବିବାହ ଯାତ୍ରାରେ ଗଣ୍ଡଗୋଳ; ୩ ଗିରଫ

**ପୁରୀ,୨୩।୪(ସମିସ):** ବିବାହ ଯାତ୍ରାକୁ କେନ୍ଦ୍ର କରି ପୁରୀ ସୁନ୍ଦର ଯାଗା କଲ୍ୟାଣ ମଣ୍ଡପରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ଉଭୟ ପକ୍ଷରୁ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗୋଟିଏ ପକ୍ଷର ମାଟିତୋଟା ନୂଆସାହିର ଚନ୍ଦନ କୁମାର ମହାପାତ୍ର (୨୨), ବାଲିସାହିର ଅଂଶୁମାନ ବିଶ୍ୱାଳ (୧୯) ଏବଂ ଅପରପକ୍ଷର ଧାନକୁଟି ସାହିର ଗୋପାଳ ବାରିକ (୨୩)। ବୁଧବାର ରାତି ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ଏହି ଗଣ୍ଡଗୋଳ ଘଟିଥିଲା। ପୂର୍ବ ଶତ୍ରୁତାକୁ ନେଇ ଧାନକୁଟି ସାହିର ଗୋବିନ୍ଦ ବାରିକ ଓ ତାଙ୍କ ଭାଇ ଗୋପାଳ ଏବଂ ଅନ୍ୟପକ୍ଷର ଚନ୍ଦନ ଓ ତାଙ୍କ ସାଙ୍ଗ ଅଂଶୁମାନଙ୍କ ମଧ୍ୟରେ ବାଦବିବାଦ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଏହି ମାର୍‌ପିଟ୍‌ରେ ଗୋବିନ୍ଦଙ୍କ ଡାହାଣ ହାତ ଓ ମୁଣ୍ଡରେ ଗୁରୁତର ଚୋଟ ଲାଗିଥିବାବେଳେ ଚନ୍ଦନ ମହାପାତ୍ରଙ୍କ ମୁହଁରେ ଆଘାତ ଲାଗିଥିବା ସହ ତାଙ୍କ ତଳ ଦାନ୍ତ ଭାଙ୍ଗିଯାଇଥିଲା। ଉଭୟ ପକ୍ଷର ଲିଖିତ ଅଭିଯୋଗ ଆଧାରରେ ପୁଲିସ ପୃଥକ୍ ପୃଥକ୍ ଦୁଇଟି ମାମଲା (ନଂ.୨୬୬ ଏବଂ ୨୬୮)ରେ ମାମଲା ରୁଜୁ କରିଛି। ବୁଧବାର ରାତିରେ ପ୍ରଥମ ପକ୍ଷର ୨ ଜଣଙ୍କୁ ଓ ଗୁରୁବାର ସକାଳେ ଦ୍ୱିତୀୟ ପକ୍ଷର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସବୁ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉଭୟ ପକ୍ଷ ବିରୋଧରେ ଧାରା ୧୨୬ ବିଏନ୍‌ଏସ୍‌ଏସ୍ ଅନୁଯାୟୀ ପ୍ରୋସିକ୍ୟୁସନ ରିପୋର୍ଟ ଦାଖଲ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

ଅନୈତିକ କାର୍ଯ୍ୟରେ ଲିପ୍ତ ସେବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ସେବାରୁ ନିଲମ୍ବନ; ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା

**ପୁରୀ, ୨୩।୪ (ସମିସ):** ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକମାନଙ୍କୁ ଭକ୍ତମାନେ ଏକ ଭିନ୍ନ ଦୃଷ୍ଟିରେ ଦେଖିଥା'ନ୍ତି। ମହାପ୍ରଭୁଙ୍କ ସେବା କରୁଥିବାରୁ ସେମାନଙ୍କ ପ୍ରତି ସମସ୍ତଙ୍କ ସମ୍ମାନ ଥାଏ। ହେଲେ ଏମିତି ହାତଗଣତି କିଛି ସେବକ ରହିଛନ୍ତି ଯେଉଁମାନେ ତାଙ୍କ ଆଚାର ବ୍ୟବହାରରେ ଶାଳୀନତା ରଖୁନାହାନ୍ତି। ବିଭିନ୍ନ ବିଭ୍ରାଟ ପାଇଁ ସେମାନଙ୍କ ଉପରକୁ ଅଙ୍ଗୁଳି ଉଠୁଛି। ମନ୍ଦିର ପ୍ରଶାସନ ମଧ୍ୟ ସେମାନଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଆପଣାଉଛି। ଏମିତି ଜଣେ ଶୁଦ୍ଧ ସୁଆର ଓ ଦଇତାପତି ସେବକ ଶ୍ରଦ୍ଧାନନ୍ଦ ଦାସ ମହାପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ପୃକ୍ତ ସେବକ ଶ୍ରୀ ଦାସମହାପାତ୍ର ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ତାଙ୍କ ବିରୋଧରେ ପୁଲିସ ମୋକଦ୍ଦମା ରୁଜୁ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନଙ୍କ ଦୃଷ୍ଟିକୁ ଆସିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀମନ୍ଦିର ଆଇନ ଅନୁଯାୟୀ ତାଙ୍କୁ ଅନ୍ୟାଦେଶ ପାଇଁ ନିଲମ୍ବନ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଉକ୍ତ ସେବକଙ୍କ ଅନୈତିକ କାର୍ଯ୍ୟ ସମଗ୍ର ସେବକ ସମାଜ ଏବଂ ଶ୍ରୀମନ୍ଦିରର ସମ୍ମାନ ଓ ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ପରିପ୍ରେକ୍ଷୀରେ ତାଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି କରାଯାଇଛି। ଏହା ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ନିଲମ୍ବନ ଅବଧିରେ ସମ୍ପୃକ୍ତ ସେବକ ସେବାରୁ ବଞ୍ଚିତ ହେବା ସହିତ ଶ୍ରୀମନ୍ଦିରରେ ପ୍ରବେଶ କରିବା ପାଇଁ ନିଷେଧାଜ୍ଞା ଜାରି କରିଛନ୍ତି ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିରର ପ୍ରାୟତଃ ସେବକଙ୍କ ଆଚାର ବ୍ୟବହାର ସଠିକ୍ ଯୋଗୁଁ ନୀତିକାନ୍ତି ସମ୍ପାଦନ ଶୃଙ୍ଖଳିତ ହୋଇପାରୁଛି। କିନ୍ତୁ କିଛି ସେବକଙ୍କ ଅବାଞ୍ଛିତ କାର୍ଯ୍ୟକଳାପ ସମଗ୍ର ସେବକସମାଜକୁ ବଦନାମ୍ କରୁଥିବା ଦର୍ଶାଇ କୌଣସି ବି ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି: ୨୩ ଦିନରେ ପଦଯାତ୍ରା; ପ୍ରଶାସନ ଚୁପ୍

**ପୁରୀ,୨୩।୪(ସମିସ):** ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ବାବୁ କିମ୍ବା ରାଜନେତା କେହି ବି ଏଥିପ୍ରତି ସମ୍ବେଦନଶୀଳ ହେଉନାହାନ୍ତି। ପୁରୀବାସୀ ସେମାନଙ୍କ ହକ୍ ହାସଲ ଜିଦ୍‌ରେ ଅଟଳ ରହିଛନ୍ତି। ଜାରି ରହିଛି ସଚେତନତା ପଦଯାତ୍ରା। ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଏପ୍ରିଲ୍ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ଗୁରୁବାର ୨୩ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିବା ସହ ପ୍ରଶାସନ କାହିଁକି ଚୁପ୍ ବୋଲି ପ୍ରଶ୍ନ କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ବିଜୟ ମିଶ୍ର, ଶୁକାନ୍ତ ପଣ୍ଡା, ବିଦ୍ୟୁଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, କାହ୍ନୁ ଚରଣ ପ୍ରଧାନ, ବିଶ୍ୱନାଥ ବେହେରା, ସୂର୍ଯ୍ୟ ରଥ, ପ୍ରକାଶ ନାୟକ, ପବିତ୍ର ନାୟକ, କଳ୍ପନା ମୁଦୁଲି, ବିଶ୍ୱନାଥ ମିଶ୍ର, ପ୍ରତିଭା ନାୟକ, ସନ୍ତୋଷ ସେନାପତି, ନିହାରିକା ତ୍ରିପାଠୀ, ମନୋଜ ସାମଲ, ସନ୍ଧ୍ୟାରାଣୀ ମିଶ୍ର, ଯାଦବାନନ୍ଦ ରାୟ, ପ୍ରଣତୀ ରାୟ, ଅରୁଣା ପଟ୍ଟନାୟକ, ରାଜା ମହାନ୍ତି, ମିନାକ୍ଷୀ ଦାସ, କିଶୋର ଦାସ, ଜଗନ୍ନାଥ ମହାନ୍ତି, ନୃସିଂହନାଥ ନାୟକ, ସଦାଶିବ ପଣ୍ଡା, ମନୋଜ ପଟ୍ଟନାୟକ, ପ୍ରଦୀପ୍ତ ମହାନ୍ତି, ନିତ୍ୟାନନ୍ଦ ବାରିକ, ଶୈଳବାଳା ବାରିକ, ଅମୂଲ୍ୟ ଦାସ, ଦୀପା ବେହେରା ଓ ବନିତା ଦୀକ୍ଷିତ ପ୍ରମୁଖ ସାମିଲ ଥିଲେ।



# ଯୁଗଳବନ୍ଦୀ ସଙ୍ଗୀତରେ ବିଭୋର ଜାପାନୀ ପର୍ଯ୍ୟଟକ



**ପୁରୀ,୨୩।୪(ସମିସ):** ଜାପାନ ତୋତରିରେ ଓଡ଼ିଶାର ନିପୁଣ କଳାକୁ ତାବଲା ଓ ସୀତାର ଜରିଆରେ ପରିବେଷଣ କରିଛନ୍ତି ତାବଲା ବାଦକ ଗୁରୁ ଲିଙ୍ଗରାଜ ଦାସ ଓ ସୀତାର ବାଦକ ଗୁରୁ ସତ୍ୟବାନ ସେଠୀ। ତାବଲା-ସୀତାର ଯୁଗଳବନ୍ଦୀ ସଙ୍ଗୀତରେ ବିଭୋର ହୋଇପଡ଼ିଥିଲେ ଜାପାନୀ। ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ ସେଣ୍ଟର ଓ ତୋତରି ସରାକାରଙ୍କ ବାଣିଜ୍ୟ ପରାମର୍ଶଦାତା କୁନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୋତରିରେ ୨ ଦିନିଆ ଆୟୋଜିତ ଜାପାନ ଫେଷ୍ଟିଭାଲରେ ଓଡ଼ିଶାର ଦୁଇ କଳାକାରଙ୍କ ତବଲା ଓ ସୀତାରର ସ୍ୱର ଜାପାନବାସୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏହି ଅବସରରେ ଇଣ୍ଡିଆ ଜାପାନ ଫ୍ରେଣ୍ଡସିପ ସେଣ୍ଟର୍ ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଗତ ଫେବୃଆରୀ ୭ ଓ ୮ରେ ତାଳବଣିଆରେ ଓଡ଼ିଶା-ଜାପାନ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଜପାନ କଳାକାରମାନେ ସାମିଲ୍ ହୋଇ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏବେ ଜାପାନର ତୋତରି ଜାପାନ ଫେଷ୍ଟିଭାଲରେ ଓଡ଼ିଶାର କଳାକାରମାନଙ୍କୁ ସାମିଲ୍ ଲାଗି ନିମନ୍ତ୍ରଣ କରିଥିଲେ। ଆଗାମୀ ଦିନରେ ଉଭୟ ଦେଶର କଳାକାରମାନଙ୍କୁ ଓଡ଼ିଶା ଓ ଜାପାନର କଳା ଓ ସଂସ୍କୃତି ପ୍ରଚାରପ୍ରସାର ହେବା ସହିତ ପର୍ଯ୍ୟଟନର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।

ପୁନରୁଦ୍ଧାର ଅପେକ୍ଷାରେ ତୀର୍ଥ ପୁଷ୍କରିଣୀ

# ଆରମ୍ଭ ପୂର୍ବରୁ କାମ ବନ୍ଦ

**ପୁରୀ,୨୩।୪(ସମିସ):** ପୁନରୁଦ୍ଧାର ଅପେକ୍ଷାରେ ଶ୍ରୀକ୍ଷେତ୍ରର ଅନ୍ୟତମ ତୀର୍ଥ ପୁଷ୍କରିଣୀ 'ପଥର ପୋଖରୀ'। ଦୀର୍ଘବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ପୋଖରୀ ନୂଆରୂପ ପାଇବ ବୋଲି ସବୁ ପ୍ରକାର ବ୍ୟବସ୍ଥା ସରିଥିଲା। ଟେଣ୍ଡର ସରି କାମ ଆରମ୍ଭ ଲାଗି ପୋଖରୀରୁ ପାଣି ଶୁଖାଯାଇଥିଲା। ହେଲେ କାମ ଆରମ୍ଭ ପୂର୍ବରୁ ଏଥିରେ ଲାଗିଛି ବ୍ରେକ୍। କାହିଁକି ହଠାତ୍ ଏହାର କାମ ବନ୍ଦ ହେଲା ସେ ନେଇ କୌଣସି ସ୍ପଷ୍ଟ ସୂଚନା ନ ଥିବାବେଳେ ଏହାର ମୁଖ୍ୟ ପ୍ରବେଶ ପଥକୁ ମଧ୍ୟ ବନ୍ଦ କରିଦିଆଯାଇଛି।

ଅବଢ଼ା ଯୋଜନାରେ ପଥର ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିଲାଗି ୨କୋଟି ୧୬ଲକ୍ଷ ୫୨ ହଜାର ୨୮୮ ଟଙ୍କା ମଞ୍ଜୁର ହୋଇଥିଲା। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ କାମ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପାଇପ୍ ଯୋଗେ ପୋଖରୀରୁ ପାଣି ଖାଲି କରାଯାଇଥିଲା। କିନ୍ତୁ ମଞ୍ଜୁର ଅର୍ଥରେ ପୋଖରୀର ପୁନରୁଦ୍ଧାର ସମ୍ପୂର୍ଣ୍ଣ ହେବ ନାହିଁ। ତେଣୁ ଅନୁଦାନ ରାଶି ବଢ଼ାଇବା ପାଇଁ କାମ ଅଟକିଥିଲା। ଗତବର୍ଷ ଆରମ୍ଭରେ ଏହାର ଅନୁଦାନ ପରିମାଣ ବଢ଼ାଯାଇଥିବା ବେଳେ ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା। ଅନୁଦାନ ବଢ଼ିବା ବର୍ଷେରୁ ଉର୍ଦ୍ଧ୍ୱ ହେଲାଣି ଏହାର ପୁନରୁଦ୍ଧାର ଆରମ୍ଭ ହୋଇପାରି ନାହିଁ। ଶ୍ରୀକ୍ଷେତ୍ରର ଅନ୍ୟ ତୀର୍ଥ ପୁଷ୍କରିଣୀ ଭଳି ପଥର ପୋଖରୀକୁ ମଧ୍ୟ ଖଣ୍ଡୋଲାଇଟ୍ ପଥରରେ

## ଦୀର୍ଘବର୍ଷ ହେବ ପରିତ୍ୟକ୍ତ ହୋଇପଡ଼ିଛି ପଥର ପୋଖରୀ

ଆଚ୍ଛାଦିତ କରାଯିବା ନେଇ ହୋଇଥିଲା ଯୋଜନା। ଏହାବ୍ୟତୀତ ଚତୁଃପାର୍ଶ୍ୱରେ ଖଣ୍ଡୋଲାଇଟ୍ ପଥରରେ ପୌରାଣିକ କଥାବସ୍ତୁର ଅବତାରଣା କରାଯିବା ନେଇ ଡିଜାଇନ ପ୍ରସ୍ତୁତ ହୋଇଥିଲା। ଓବିସିସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପୁଷ୍କରିଣୀରୁ ପାଇପ୍ ଯୋଗେ ପାଣି ଖାଲି କରାଯାଇଥିଲା। ପାଣି ଖାଲି ହେବା ପରେ ମାଟି ପରୀକ୍ଷା ହୋଇଥିଲା। ପରୀକ୍ଷା ପରେ ସ୍ଥିତି ଦେଖି ଡିଜାଇନ୍‌ରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲା ଓବିସିସି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଣି ଖାଲି ହେବା ପରେ ପୁରୁଣା ରିଟେନିଂ ୱାଲ୍‌ର ପଥର ଦୁର୍ବଳ ହୋଇଯାଇଥିବା ଜଣାପଡ଼ିଥିଲା। ତେଣୁ ପୁଷ୍କରିଣୀର ପୂର୍ବ ଡିଜାଇନ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଓବିସିସିର ଯନ୍ତ୍ରୀ ସ୍ପଷ୍ଟ କରିଥିଲେ। ତେଣୁ ସେତେବେଳର ନିଷ୍ପତ୍ତି ମୁତାବକ ଅନୁଦାନ ରାଶି ୨କୋଟି ୧୬ଲକ୍ଷରୁ ୪ କୋଟି ୧୩ଲକ୍ଷ ୩୫ ହଜାର ୪୪୬ ଟଙ୍କା, ଅର୍ଥାତ୍ ଦୁଇ ଗୁଣା ବୃଦ୍ଧି ପାଇଛି। ଟେଣ୍ଡର ଡକାଯାଇ ୬ ମାସରେ କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

ଶ୍ରୀକ୍ଷେତ୍ରର ପ୍ରବେଶ ପଥ ଅଠର ନଳା ନିକଟରେ ରହିଛି ମା' ଆଲାମଚଣ୍ଡୀଙ୍କ ମନ୍ଦିର। ମନ୍ଦିର ସମ୍ମୁଖ ଭାଗରେ ରହିଛି ଏହି ପୁଷ୍କରିଣୀ। ଏହାକୁ ମଧ୍ୟ କେହି କେହି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ କହିଥା'ନ୍ତି। ଏହି ପଥର ପୋଖରୀ ନବକଳେବର ସହ ଜଡ଼ିତ। ମହାପ୍ରଭୁଙ୍କ ନବକଳେବର ଦଇତାପତିମାନେ ବନଯାଗ ଯାତ୍ରାରେ ଦାରୁ ନେଇ ଫେରିବା ବେଳେ ଏଠାରେ ବିଶ୍ରାମ ନେଇ ପୁଷ୍କରିଣୀରେ ସ୍ନାନ କରନ୍ତି। ସେଠାରେ ଅଟକିଥିବା ଦାରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରେ। ମାତ୍ର ଐତିହ୍ୟ ଗୁରୁତ୍ୱ ବହନ କରୁଥିବା ଏହି ପୁଷ୍କରିଣୀ ପର୍ଯ୍ୟଟକଙ୍କ ଆଢୁଆଳରେ ରହିଯାଇଛି।

ନବକଳେବର ଯାତ୍ରାକୁ ଦୃଷ୍ଟିରେ ରଖି ୨୦୧୩ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୋଖରୀର ପୁନରୁଦ୍ଧାର ଲାଗି ୨୬ଲକ୍ଷ ୫୨ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏହି ଅନୁଦାନରେ ପୋଖରୀର ପୁନରୁଦ୍ଧାର, ପାହାଚ, ଚତୁଃପାର୍ଶ୍ୱରେ ୩ ଫୁଟ୍‌ର ପାଚେରି, ଲ୍ୟାଣ୍ଡ ସ୍କେପିଂ ଓ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ରହିଥିଲା। ୨୦୧୪ରେ ଏହାର ପନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ପଙ୍କୋଦ୍ଧାର ସହ ଲ୍ୟାଣ୍ଡ ସ୍କେପିଂ, ଉଜ୍ୱଳ ଆଲୋକୀକରଣ, ପାଚେରି ଆଦି କରାଯାଇଥିଲା। ଏହି ପୁନରୁଦ୍ଧାର କାମ ୨୦୧୫ ମାର୍ଚ୍ଚରେ ଶେଷ ହୋଇଥିଲା। କିନ୍ତୁ ପୋଖରୀର ପୁନରୁଦ୍ଧାର ସତ୍ତ୍ୱେ ପାଣି ପ୍ରଦୂଷିତ ରହିବାରୁ ନବକଳେବର ବେଳେ ଦଇତାପତିମାନେ ସ୍ନାନ ପାଇଁ ବ୍ୟବହାର କରିପାରି ନ ଥିଲେ। ନବକଳେବର ଯାତ୍ରା ଶେଷ ପରେ ପୋଖରୀର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଗଲାନାହିଁ। ୨୦୧୬ ବର୍ଷା ଦିନରେ ଏହାର ଦକ୍ଷିଣ ପାଶ୍ୱର୍ ପାଚେରି ଭୁଶୁଡ଼ି ପଡ଼ିଲା। ନିମ୍ନମାନର କାମ ଯୋଗୁଁ ଏପରି ଘଟିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହା ସତ୍ତ୍ୱେ ଭୁଶୁଡ଼ି ଥିବା ପାଚେରିର ମରାମତି କରାଯାଇ ନ ଥିବାବେଳେ ପୋଖରୀକୁ ତିନି ପାଶ୍ୱର୍ରୁ ଜବରଦଖଲ କରାଯାଇଛି। ଏ ସମ୍ପର୍କରେ ଓବିସିସି ଅଧିକାରୀ ସୌମ୍ୟରଞ୍ଜନ କଦମସିଂହ କହିଛନ୍ତି, ଏହାର ଡିଜାଇନ୍‌ରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଚତୁଃପାର୍ଶ୍ୱରେ ପରିକ୍ରମା କରିବା ଲାଗି ପାଥ୍‌ୱେ ନିର୍ମାଣ ହେବ। ଏହାକୁ ଖୁବ୍‌ଶୀଘ୍ର ଅନୁମୋଦନ ମିଳିବା ପରେ କାମ ଆରମ୍ଭ କରାଯିବ।



ସକାଳ THE SAKALA



## ସାମୁଦ୍ରିକ ଉତ୍ପାଦ ରପ୍ତାନୀରେ ସର୍ବକାଳୀନ ରେକର୍ଡ

# ଟପିଲା ୭୨ ହଜାର କୋଟି

### ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନୀରେ ଦେଶ ଅଗ୍ରଣୀ

### ଆମେରିକା, ଚୀନ ଅଧିକ ଆମଦାନିକାରୀ ଦେଶ

ପାରାଦୀପ,୨୩।୪(ସମିସ)

ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି ପରିମାଣ ସର୍ବକାଳୀନ ରେକର୍ଡ ୭୨ ହଜାର କୋଟି ଅତିକ୍ରମ କରିଛି। ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନୀରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆମେରିକା ଏବଂ ଚୀନ ଆମଦାନୀକାରୀ ଦେଶମାନଙ୍କ ମଧ୍ୟରେ ସବୁଠାରୁ ଶୀର୍ଷରେ ରହିଛନ୍ତି। ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମପିଇଡିଏ) ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି ରେକର୍ଡ ୭୨, ୩୨୫, ୮୨ କୋଟିକୁ ବୃଦ୍ଧି ପାଇଛି। ସାମଗ୍ରୀର ପରିମାଣ ୧୯.୩୨ ଲକ୍ଷ ମେଟ୍ରିକ ଟନ ରେ ପହଞ୍ଚିଛି। ଫ୍ରୋଜେନ ଚିଙ୍ଗୁଡ଼ି ପ୍ରାଥମିକ ଅଭିବୃଦ୍ଧି ବାହକ ଭାବରେ ରହିଥିଲା, ଯାହାର ଅବଦାନ ୪୭, ୯୭୩, ୧୩ କୋଟି ରହିଛି। ଯାହା ମୋଟ ରପ୍ତାନି ଆୟର ଦୁଇ ତୃତୀୟାଂଶରୁ ଅଧିକ। ଚିଙ୍ଗୁଡ଼ିର ରପ୍ତାନି ପରିମାଣରେ ୪.୬ ପ୍ରତିଶତ ଏବଂ ମୂଲ୍ୟରେ ୬.୩୫ ପ୍ରତିଶତ ବୃଦ୍ଧି ପାଇଛି।ଯାହା ଭାରତର ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ଏହାର ପ୍ରାଧାନ୍ୟକୁ ସୁଦୃଢ଼ କରିଛି।ଦ୍ୱିତୀୟ ବୃହତମ ଗନ୍ତବ୍ୟସ୍ଥଳ ଚୀନକୁ ରପ୍ତାନି ମୂଲ୍ୟରେ ୨୨.୭ ପ୍ରତିଶତ ଏବଂ ପରିମାଣରେ ୨୦.୧ ପ୍ରତିଶତ ବୃଦ୍ଧି ପାଇଛି। ଏଥିରୁ ୟୁରୋପୀୟ ସଂଘ ଲାଭ ପାଇଛି। ରପ୍ତାନି ମୂଲ୍ୟରେ ୩୭.୯ ପ୍ରତିଶତ ଏବଂ ପରିମାଣରେ ୩୫.୨ ପ୍ରତିଶତ ବୃଦ୍ଧି ପାଇଛି। ଜାପାନକୁ ରପ୍ତାନି ମୂଲ୍ୟରେ ୬.୫୫ ପ୍ରତିଶତ ବୃଦ୍ଧି ପାଇଛି। ଆର୍ଥିକ ବର୍ଷ ଶେଷ ଭାଗରେ ଏହି ଅଞ୍ଚଳରେ ଦେଖାଦେଇଥିବା ଅସ୍ଥିରତା ଯୋଗୁଁ ୦.୫୫ ପ୍ରତିଶତର ସାମାନ୍ୟ ହ୍ରାସ ପାଇଛି। କେତେକ ବଜାରରେ ଦୃଢ଼ ଅଭିବୃଦ୍ଧି ରେକର୍ଡ କରାଯାଇଛି। ଯାହା ବାଣିଜ୍ୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସ୍ପଷ୍ଟ ପରିବର୍ତ୍ତନକୁ ସୂଚିତ କରୁଛି। ଉତ୍ପାଦ ଦିଗରେ ଫ୍ରୋଜେନ ମାଛ, ସ୍କିଡ୍, କଟଲଫିସ୍, ଶୁଖିଲା ଜିନିଷ ଏବଂ ଜୀବନ୍ତ ଉତ୍ପାଦର ରପ୍ତାନି ସକାରାତ୍ମକ ଗତି ଦେଖାଇଛି। ସୁରିମି, ମାଛମିଲ ଏବଂ ମାଛ ତେଲର ରପ୍ତାନି ଉନ୍ନତ ପ୍ରଦର୍ଶନ ରିପୋର୍ଟ ରହିଛି। ଲଜିଷ୍ଟିକ ଦୃଷ୍ଟିରୁ ଶ୍ରେଷ୍ଠ ପାଞ୍ଚଟି ବନ୍ଦର ଭାଇଯାକ, ଜେଏନପିଟି, କୋଚିନ କୋଲକାତା ଏବଂ ଚେନ୍ନାଇ ମୋଟ ରପ୍ତାନି ମୂଲ୍ୟର ପ୍ରାୟ ୬୪ ପ୍ରତିଶତ ପାଇଁ ଦାୟୀ, ଯାହା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନି ଯୋଗାଣ ଶୃଙ୍ଖଳରେ ସେମାନଙ୍କର ନିରନ୍ତର ଗୁରୁତ୍ୱକୁ ଉଲ୍ଲେଖ କରିଥାଏ ବୋଲି ଏମ୍‌ପିଇଡିଏ ପକ୍ଷରୁ ସୂଚନା ଦିଆଯାଇଛି।

## ଗଇଠିପୁରରେ ମାଗଣା ସ୍ୱାସ୍ଥ୍ୟ ଶିବିର



ତିର୍ତ୍ତୋଲ,୨୩।୪(ସମିସ): ତିର୍ତ୍ତୋଲ ବ୍ଲକ୍ କନିମୂଳ ପଞ୍ଚାୟତ ଗଇଠିପୁର ଗ୍ରାମରେ ବଜରଙ୍ଗବାଲି ସାଂସ୍କୃତିକ ପରିଷଦ ପକ୍ଷରୁ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପୂର୍ବତନ କର୍ମଚାରୀ ରବୀନ୍ଦ୍ର କୁମାର ସାହୁ ଓ ଡାକ୍ତର ଆରାଧନା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ଭୁବନେଶ୍ୱର ହାଇଟେକ୍ ମେଡିକାଲର ଭେଷଜ, ଅସ୍ଥିଶଲ୍ୟ, ଶିଶୁ, ଚକ୍ଷୁ, କର୍ଣ୍ଣ ନାସା ଗଳା, ଦନ୍ତ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଡାକ୍ତର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ୫ ଶହରୁ ଊର୍ଦ୍ଧ୍ୱ ରୋଗୀ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଗଇଠିପୁର ମା ଗର୍ଭାୟଣୀ ଯୁବକ ସଙ୍ଘର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏହି ଶିବିରକୁ ପରିଚାଳନା କରିଥିଲେ।

■ କ୍ୟାନଫେଷ୍ଟ-୨୦୨୬ର ତୃତୀୟ ଦିନ

## ନାଟକ 'ସେକ୍ସପିଅର' ମଞ୍ଚସ୍ଥ



ପାରାଦୀପ,୨୩।୪(ସମିସ): ପାରାଦୀପ ଜୟଦେବ ସଦନଠାରେ କ୍ୟାନମାସ୍ ଦ୍ୱାରା ଆୟୋଜିତ ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ଆଜି ଥିଲା ତୃତୀୟ ଦିନ। ତୃତୀୟ ଦିନରେ ପ୍ରଫେସର ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱରର ହୃଦୟର କଳାକାରମାନଙ୍କ ଦ୍ୱାରା ନାଟକ ସେକ୍ସପିୟର ମଞ୍ଚସ୍ଥ ହେବା ସହିତ ଶେଷ ହୋଇଛି। ସେକ୍ସପିଅର ହେଉଛି ସର୍ବକାଳୀନ ମହାନ କବି ଏବଂ ନାଟ୍ୟକାର ୱିଲିୟମ୍ ସେକ୍ସପିଅରଙ୍କ ଜୀବନୀ ଏବଂ କାର୍ଯ୍ୟ ଉପରେ ଏକ ନାଟକ। କବିଙ୍କ ଆତ୍ମା ତାଙ୍କ କବରରୁ ବାହାରକୁ ଆସି ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ନାଟ୍ୟକାର ଭାବରେ ତାଙ୍କ କ୍ୟାରିଅର ଏବଂ ସେ ଯେଉଁ ସମୟରେ ବାସ କରୁଥିଲେ ତାହା ବର୍ଣ୍ଣନା କରନ୍ତି। ନାଟକଟି ଆଜ୍ ୟୁ ଲାଇକ୍ ଇଟ୍‌ର ପ୍ରସିଦ୍ଧ ଏକକ ସଂଳାପ 'ଅଲ୍ ଦି ୱାର୍ଲ୍ଡସ୍ ଏ ଷ୍ଟେଜ୍' ସହିତ ଆରମ୍ଭ ହୁଏ ଏବଂ ରୋମିଓ ଆଣ୍ଡ ଜୁଲିଏଟ୍, ହାମଲେଟ୍, ଦି ମର୍ଚାଣ୍ଟ ଅଫ୍ ଭେନିସ୍, ମ୍ୟାକବେଥ୍, ଜୁଲିୟସ୍ ସିଜର, ଓଥେଲୋ, କାଇଣ୍ଡ ଲିଅର୍ ଏବଂ ଦି ଟେମ୍ପେଷ୍ଟ ଭଳି ତାଙ୍କର କାଳଜୟୀ କୃତିରୁ କିଛି ନାଟକୀୟ ଦୃଶ୍ୟ ପ୍ରଦର୍ଶିତ ହୁଏ। ନାଟକଟି ଶେକ୍ସପିଅରଙ୍କ ଆକାର ବିଦାୟ ଏବଂ କବରକୁ ଫେରିବା ସହିତ ଶେଷ ହୁଏ। ଏହି ନାଟକଟି ଶେକ୍ସପିୟରଙ୍କ ସୃଷ୍ଟିକୁ ମନେ ପକାଇ ଦେଇଥିଲା।ଆସନ୍ତା କାଲି ଚତୁର୍ଥ ସନ୍ଧ୍ୟାରେ ଦିଲ୍ଲୀର ଥିଏଟର ୱାଲା ହିନ୍ଦୀ ନାଟକ କୋଇ ବାତ ଚାଲେ ମଞ୍ଚସ୍ଥ କରାଯିବ।

## ରେଡିଓ ଆଉଟରିଚରେ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ

ଏରସମା,୨୩।୪(ସମିସ): ଅଗ୍ରଣୀ କମ୍ୟୁନିଟି ରେଡିଓ ଷ୍ଟେସନ ରେଡିଓ ଆଉଟରିଚ ୯୦.୮ ଏଫଏମ ପକ୍ଷରୁ ଜୟକୃଷ୍ଣ ବିଦ୍ୟାପୀଠ, ଇଦ୍ରିସିଂହରେ ଛାତ୍ରଛାତ୍ରୀଙ୍କ ପାଇଁ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଂଶୁଘାତର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଖରା ଦିନେ ଅଧିକ ପାଣି ପିଇବା, ଦିନ ୧୧ଟାରୁ ୩ଟା ମଧ୍ୟରେ ଘର ବାହାରୁ ନଯିବା, ଖରାରେ ମୁଣ୍ଡ ଢାଙ୍କିବା, ହାଲୁକା ସୂତା ଓ ଢିଲା ପୋଷାକ ପିନ୍ଧିବା ଓ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଅଂଶୁଘାତ ହେଲେ ଅସୁସ୍ଥ ବ୍ୟକ୍ତିଙ୍କୁ ତୁରନ୍ତ ଥଣ୍ଡା ଜାଗାକୁ ନେବା, ପାଣି ପିଆଇବା ଓ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ସେ କହିଥିଲେ।ଅଂଶୁଘାତ ସଚେତନତାରେ ରେଡିଓର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ପତି କହିଥିଲେ। ଗ୍ରାମୀଣ ଓ ଦୂରଦୂରାନ୍ତର ଅଞ୍ଚଳରେ ରେଡିଓ ସହଜରେ ପହଞ୍ଚି ପାରୁଥିବାରୁ ଏହା ମାଧ୍ୟମରେ ସରଳ ଭାଷାରେ ସ୍ୱାସ୍ଥ୍ୟ ସନ୍ଦେଶ ପ୍ରଚାର କରି ଲୋକମାନଙ୍କୁ ସଚେତନ କରାଯାଇପାରେ। ବିଶେଷକରି ଗ୍ରୀଷ୍ମକାଳରେ ନିୟମିତ ସୂଚନା ପ୍ରସାରଣ ଦ୍ୱାରା ଲୋକମାନେ ପୂର୍ବ ସତର୍କତା ନେବାରେ ସକ୍ଷମ ହେଉଛନ୍ତି। ରେଡିଓ ଆଉଟରିଚ ପକ୍ଷରୁ ପ୍ରତିଦିନ ଅଂଶୁଘାତ ସଚେତନତା ବାର୍ତ୍ତା ପ୍ରଚାର ହେଉଛି। ଏହାକୁ ଶୁଣିବାକୁ ଛାତ୍ରଛାତ୍ରୀଙ୍କୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ରାଉତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ଶିକ୍ଷକ ରବିନ୍ଦ୍ର ଦାସ ଏବଂ ସୁଚିସ୍ମିତା ଦାସ ସହଯୋଗ କରିଥିଲେ। ଏହି ଅବସରରେ ରେଡ଼ିଓ ଆଉଟରିଚ ପକ୍ଷରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏକ ରେଡ଼ିଓ ସେଟ ଉପହାର ସ୍ୱରୂପ ପ୍ରଦାନ କରାଯାଇ ଥିଲା। ରେଡିଓ ଆଉଟରିଚର ସାମ୍ବାଦିକ ସ୍ମୃତି ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିଥିବାରୁ ଅଭିଭାବକ ଓ ଶିକ୍ଷକମାନେ ସନ୍ତୋଷ ପ୍ରକାଶ କରିଥିଲେ।



## ୩୮ ବର୍ଷ ପରେ ଏକାଠି ହେଲେ ପୁରୁଣା ବନ୍ଧୁ



ତିର୍ତ୍ତୋଲ,୨୩।୪(ସମିସ): ତିର୍ତ୍ତୋଲ ଥାନା ଗରେଇସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗରେଇର ୧୯୮୮ ବ୍ୟାଚ୍ ମାଟ୍ରିକ ବିଦ୍ୟାର୍ଥୀଙ୍କ ଏକ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ପ୍ରାକ୍ତନ ବିଦ୍ୟାର୍ଥୀମାନେ ସେମାନଙ୍କର ଗୁରୁ ତତ୍କାଳୀନ ପ୍ରଧାନଶିକ୍ଷକ ହୃଷୀକେଶ ଆଚାର୍ଯ୍ୟ, ଶିକ୍ଷକ ସୁଶାନ୍ତ ସାହୁ, ବିକ୍ରମ ଦାସ, ଗନ୍ଧର୍ବ ମଲ୍ଲ ଓ ଶିକ୍ଷୟିତ୍ରୀ ଅରୁଣିମା ମିଶ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ବ୍ୟାଚ ତରଫରୁ ପାଣି ଶୁଦ୍ଧିକରଣ ଓ ଶୀତଳିକରଣ ଯନ୍ତ୍ର ବିଦ୍ୟାଳୟର ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା। ବ୍ୟାଚର ବିକାଶ ନାୟକ, ଶ୍ରୀପତି ନନ୍ଦ, ମାନସୀ ଦାସ ଓ ଜ୍ୟୋତିର୍ମୟ ପାଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାବେଶରେ ଦିଲ୍ଲୀପ ରାଉତ, ସୁଜାତା ଶତପଥୀ, ସୁବାସ ସେଠୀ, ହୃଷୀକେଶ ବିହାରୀ, ନିତ୍ୟାନନ୍ଦ ରାଉତ, ଶ୍ରୀବତ୍ସ ଶତପଥୀ ଓ ଭିକାରୀ ରାଉତଙ୍କ ସମେତ ଅନ୍ୟ ସହପାଠୀମାନେ ଯୋଗଦେଇ ବିଦ୍ୟାଳୟ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ।

## ଗ୍ରୀଷ୍ମପ୍ରବାହରେ ପକ୍ଷୀଙ୍କ ପାଇଁ ଜଳଦାନ



ପାରାଦୀପ,୨୩।୪(ସମିସ): ତୀବ୍ର ଗ୍ରୀଷ୍ମ ତାପରେ ପକ୍ଷୀମାନଙ୍କ ଜୀବନ ରକ୍ଷା ପାଇଁ ପାରାଦୀପ କଲେଜ୍ ଏନସିସି ଆଲୁମୁନି ଆସୋସିଏସନ ପକ୍ଷରୁ ଏକ ସ୍ୱାଗତଯୋଗ୍ୟ ପରିବେଶମୁଖୀ ପଦକ୍ଷେପ ଗ୍ରହଣ କରାଯାଇଛି। ସଂଘର ସଦସ୍ୟମାନେ କଲେଜ ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗଛମାନଙ୍କରେ ମାଟିର ଜଳପାତ୍ର ଓ ଖାଦ୍ୟ ପାତ୍ର ଟାଙ୍ଗିବା ସହିତ କଲେଜ ଘର, ବ୍ୟାଙ୍କ ରାସ୍ତାରେ, ଥାନା ଛକ ଏବଂ ବଡ଼ପଡ଼ିଆ ମାର୍କେଟ ଓ ବ୍ୟାଙ୍କ ଘର ଛାତ ଉପରେ ପାଣିର ବ୍ୟବସ୍ଥା କରିଛନ୍ତି। ଏହା ଫଳରେ ତିବ୍ର ଉଷ୍ଣତା ସମୟରେ ପକ୍ଷୀମାନେ ସହଜରେ ପାଣି ଓ ଖାଦ୍ୟ ପାଇ ପାରିବେ ଏବଂ ତାଙ୍କର ଜୀବନ ରକ୍ଷା ହେବ। ଏହା ସହିତ ପ୍ଲାଷ୍ଟିକ ବୋତଲକୁ ପୁନଃବ୍ୟବହାର କରି ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ଭାବେ ଖାଦ୍ୟ ଓ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଛି, ଯାହା ପରିବେଶ ସୁରକ୍ଷାରେ ଏକ ନୂତନ ଉଦାହରଣ ସୃଷ୍ଟି କରିଛି। ଏନସିସି ଆଲୁମୁନି ସଂଘ ପ୍ରତି ରବିବାର ସମୁଦ୍ର କୂଳ ସଫାଇ କାର୍ଯ୍ୟକ୍ରମ କରୁଥିବା ବେଳେ, ବିଗତ ଏକ ମାସ ଧରି ପକ୍ଷୀମାନଙ୍କ ପାଇଁ ଜଳପାତ୍ର ସ୍ଥାପନ ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଜାରି ରଖିଛି। ପ୍ରତିବର୍ଷ ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୦୦ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଛି। ଏହା ସହିତ ପ୍ଲାଷ୍ଟିକ ବ୍ୟବହାର ରେ ରୋକ ଲଗାଇବା ସହିତ ନିଶା ସେବନ ରୁ ମୁକ୍ତ ରହିବା, ବୃକ୍ଷ ରୋପଣ ଓ ସ୍ୱଚ୍ଛତା ହିଁ ସେବା ଭଳି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ସଫଳତାର ସହ ଆୟୋଜନ କରି ଆସୁଛି। ସରକାରୀ ଯୋଜନା ଓ ସଚେତନତା ବାର୍ତ୍ତାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଏନସିସି କ୍ୟାଡେଟ ଓ ଆଲୁମୁନି ସଦସ୍ୟମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି।ଏହି ସମାଜସେବୀ ପଦକ୍ଷେପ ମାଧ୍ୟମରେ ପରିବେଶ ସୁରକ୍ଷା ଓ ପକ୍ଷୀ ସୁରକ୍ଷା ପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବାକୁ ସଂଘ ପକ୍ଷରୁ ଉଦ୍ୟମ କରାଯାଇଛି। ସଂଘର ସଦସ୍ୟମାନେ କହିଛନ୍ତି, ପ୍ରତ୍ୟେକ ନାଗରିକ ଯଦି ଏପରି ଛୋଟ ଛୋଟ ପଦକ୍ଷେପ ନିଅନ୍ତି, ତେବେ ପ୍ରକୃତି ସୁରକ୍ଷା ସହ ସମସ୍ତ ପ୍ରାଣୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ଗଢ଼ି ତୋଳିବା ସମ୍ଭବ ହୋଇପାରିବ।ସଂଘର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ଏପରି ପରିବେଶମୁଖୀ ଓ ସମାଜସେବୀ କାର୍ଯ୍ୟକ୍ରମ ଜାରି ରହିବ।

## ରାସ୍ତା କାମ ନିମ୍ନମାନର, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ପାରାଦୀପ,୨୩।୪(ସମିସ): ସରକାରଙ୍କର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚାଲିଥିବା କାମ ବିଶ୍ୱାଳି ପଞ୍ଚାୟତରେ ଏବେ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏଭଳି ଯୋଜନା ଉପରୁ ଗ୍ରାମର ସାଧାରଣ ଜନତାଙ୍କର ଭରସା ତୁଟିଗଲାଣି। ଅଧିକ ଲାଭ ଆଶାରେ କାମ ନେଇଥିବା ସଂସ୍ଥା ନ୍ୟୁନମାନର କାମ କରି ଛାଡ଼ି ଦେଉଛି। କାମ କରିବା ପାଇଁ ସରକାରଙ୍କର ଥିବା ନୀତି ନିୟମକୁ ଫୁ'କରି ଦେଉଛନ୍ତି। ତେବେ ଏଭଳି ସ୍ଥିତିରେ ସରକାର ନାମକୁ ମାତ୍ର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କହି ଲୋକଙ୍କୁ ଭ୍ରମିତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସବୁ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏହାକୁ ତଦାରଖ କରିବା ଆବଶ୍ୟକତା ଅଛି। ହେଲେ ବିଭାଗୀୟ ଯନ୍ତ୍ରୀ କାହିଁକି କାମର ତଦାରଖ କରିବାକୁ ଆନ୍ତରିକତା ଦେଖାଉ ନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ରାସ୍ତା କାମ ଚାଲିଥିବାବେଳେ ଏଭଳି ଅଭିଯୋଗ ଆସିଛି ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମ ଠାରୁ ବିଶ୍ୱାଳୀର ଅପାଣିଆ ପର୍ଯ୍ୟନ୍ତ ଚାଲିଥିବା ଢଳେଇ ରାସ୍ତା କାମରେ। ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବାର ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ନରେନ୍ଦ୍ରପୁର ଗ୍ରାମର ବସନ୍ତ ମଲିକ ଘରଠାରୁ ସଂଯୋଗ କରୁଥିବା ରାସ୍ତା ବିଶ୍ୱାଳୀର ଅପାଣିଆ ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ହେଲେ ରାସ୍ତା ନିର୍ମାଣ କାର୍ଯ୍ୟ ସରକାରୀ ନିୟମ ଅନୁସାରେ ହେଉ ନଥିବା ବେଳେ ନିମ୍ନମାନର ଗୋଡି, ବାଲି ଓ ସିମେଣ୍ଟ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। ରାସ୍ତାର ଉଭୟ ପାର୍ଶ୍ୱର୍ରେ ଧାନ ବିଲ ଯୋଗୁଁ ବର୍ଷା ଦିନରେ ବର୍ଷା ଜଳ ଜମି ରୁହେ। ଗାର୍ଡ ୱାଲ୍ ନକରି ପୁରୁଣା ଫାଟିଥିବା ରାସ୍ତାକୁ ନଭାଙ୍ଗି ତା'ଉପରେ ମାତ୍ର ଏକ ଇଞ୍ଚରୁ ଦୁଇ ଇଞ୍ଚ ମଧ୍ୟରେ ଢଳେଇ ପକା ଯାଉଛି। ରାସ୍ତାର ଉଭୟ ପାର୍ଶ୍ୱର୍ରେ ବିନା ପଥର ସୋଲିଂରେ ଢଳେଇ ହେଉଛି। ଭାଇବ୍ରେଟର ମଧ୍ୟ ବ୍ୟବହାର କରାଯାଉ ନାହିଁ। ଯାହା ଫଳରେ ହନିକମ୍ବ ଅର୍ଥାତ୍ ଗୋଡ଼ି ଅଲଗା ଅଲଗା ଦେଖାଯିବା କାରଣରୁ ତା' ଉପରେ ବାଲି ମସଲା ବୋଳି ଯେନତେନ ଜଲଦି କାମ ସାରିଦେବା ଲକ୍ଷ୍ୟ ରଖାଯାଇଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ଓ ସୁରକ୍ଷା ନେଇ ଉଭୟ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ରାସ୍ତା ପଞ୍ଚାୟତ ସମିତି କୁଜଙ୍ଗ ବ୍ଲକ ଅଧୀନରେ ନିର୍ମାଣ କାର୍ଯ୍ୟ ହେଉଥିବା ଜଣାପଡ଼ିଛି। ରାସ୍ତାର ବ୍ୟୟ ଅଟକଳ ପରିମାଣ ୯ ଲକ୍ଷ ୫୦ ହଜାର ଟଙ୍କା ବୋଲି ଫଳକରୁ ଜଣାପଡ଼ିଛି। ସରକାରୀ ନିୟମ ଅନୁସାରେ ରାସ୍ତା କାମ ହେଉ ନଥିବା ପ୍ରତ୍ୟକ୍ଷଦର୍ଶୀ ଗ୍ରାମର ଆଲୋକ ଓଝା ଅଭିଯୋଗ କରିଛନ୍ତି। ଯାହା ଜଣାପଡୁଛି ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ବୋଲି ଉଭୟ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତେବେ ସରକାରଙ୍କର ଏହି ଯୋଜନାରେ ଗ୍ରାମବାସୀ ଉପକୃତ ହେବା ବଦଳରେ ରାଜ କୋଷରୁ ଅର୍ଥ ଏକପ୍ରକାର ହରିଲୁଟ ହେଉଛି।ଯାହା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଜନଶୁଣାଣି ପୋର୍ଟାଲରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରି ବିଭାଗୀୟ ଯନ୍ତ୍ରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅବଶିଷ୍ଟ ରାସ୍ତା କାମ ଭଲ ଭାବରେ କରିବାକୁ ସଚେତନ ନାଗରିକ ବିପିନ ବିହାରୀ ପରିଡ଼ା ଓ ଆଲୋକ ଓଝା ଓ ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ସାହୁ ଦାବି କରିଛନ୍ତି।

## ଚାଷୀଖଣ୍ଡ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବିରିଡ଼ି,୨୩।୪(ସମିସ): ବିରିଡି ବ୍ଲକ ୨୨ମୌଜା ଚାଷୀଖଣ୍ଡ ସରସ୍ୱତୀ ଶିଶୁମନ୍ଦିରର ୧୫ତମ ବାର୍ଷିକ ଉତ୍ସବ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଯୁଧିଷ୍ଠିର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶଶାଙ୍କ ଶେଖର ମିଶ୍ର ଉପସଚିବ ରେଭିନ୍ୟୁ, ମୁଖ୍ୟବକ୍ତା ଆଲୋକପ୍ରସାଦ ନନ୍ଦ ବରିଷ୍ଠ ଆଇନଜୀବୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ଼ ଭାରତ ଭୂଷଣ ଶତପଥି, ଡ. ସୌଭାଗ୍ୟ ପାଣିଗ୍ରାହୀ, ଡା. ବିଦ୍ୟୁତ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଏବିଇଓ ପ୍ରକାଶ ଦାଶ, ନିକୁଞ୍ଜ ବିହାରୀ ଭଞ୍ଜ, ସୁଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ପାଠପଢ଼ା ସହିତ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ ବାର୍ଷିକ ବିବରଣୀ ପାଠକରିଥିଲେ। ଏହି ଅବସରରେ ୫ମ ଓ ୩ୟ ଶ୍ରେଣୀବୃତ୍ତିପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭଶ୍ରୀ ସେଠୀ, ମୌସୁମୀ ବେହେରା, ସୁଜାତା ବେହେରା, ସସ୍ମିତା ଭୋଇ, ରୋଜାଲିନ ପ୍ରଧାନ, ଅର୍ଚ୍ଚନା ପଣ୍ଡା, ଆଶାମଣି ଜେନା, ସୁସ୍ମିତା ମହାନ୍ତି, ସଂଯୁକ୍ତା ଦାସ, ସୌଭାଗିନୀ ପତି, ସରୋଜ ବାରିକ, ପ୍ରିୟମ୍ବଦା ମହାରଣା ପରିଚାଳନା କରିଥିବାବେଳେ ପ୍ରମୋଦ ପାଳ ଧନ୍ୟବାଦ ଦେଇଥିଲେ। ଶେଷରେ ପିଲାମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## 'ହେନ୍ତାଳ ପରିସଂସ୍ଥାନର ପରିବେଶୀୟ ଗୁରୁତ୍ୱ' ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା

ଜଗତସିଂହପୁର,୨୩।୪(ସମିସ):




ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସଉପଲକ୍ଷେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଜୈବ ବିବିଧତା ବୋର୍ଡ ଆନୁକୂଲ୍ୟରେ ଏରସମା ବ୍ଲକ ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ, ଓଲରାରେ ହେନ୍ତାଳ ପରିସଂସ୍ଥାନର ପରିବେଶୀୟ ଗୁରୁତ୍ୱ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ସହାୟତାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉକ୍ତ ବିଦ୍ୟାଳୟ ସମେତ ସ୍ଥାନୀୟ ଛଅଟି ବିଦ୍ୟାଳୟର ସର୍ବମୋଟ ୩୮ଜଣ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଚାରକଭାବେ ଅବସରପ୍ରାପ୍ତ ବିରିଡି ବ୍ଲକ ଶିକ୍ଷାଅଧିକାରୀ ସର୍ବେଶ୍ୱର ବିଶ୍ୱାଳ, ଅବସରପ୍ରାପ୍ତ କୃତୀ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଓ ରାଜେନ୍ଦ୍ର ପ୍ରସାଦ ଜେନା ପ୍ରମୁଖ ଚିତ୍ରାଙ୍କନ ଗୁଡିକୁ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାର ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରନ ମହାନ୍ତି ସଂଯୋଜକଭାବେ ଉକ୍ତ ପ୍ରତିଯୋଗିତାର ଆଭିମୁଖ୍ୟ ସାଙ୍ଗକୁ ଉପକୂଳର ନିରବ ପ୍ରହରୀ ହେନ୍ତାଳ ବଣର ମାନବ ସମାଜର ହିତ ସହିତ ଦୁର୍ଲ୍ଲଭ ଜୈବବିବିଧତାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଏବଂ ଏହାର ପରିବେଶ ସୁରକ୍ଷା ଉନ୍ନତି ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଲୋଚକଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ରିସର୍ଚ୍ଚ ସ୍କଲାର ସୌମ୍ୟା ଶେଫାଳିକା ସ୍ୱାଇଁ ଓ ମଧୁସ୍ମିତା ଘଣା ଯୋଗଦେଇ ହେନ୍ତାଳବଣ ଓ ଏହାର ପରିବେଶ ଏକ ଭଙ୍ଗୁର ପରିସଂସ୍ଥା, ଯେଉଁଠିକି ସ୍ୱତନ୍ତ୍ର ପ୍ରଜାତିର ଉଦ୍ଭିଦ ଓ ବନ୍ୟଜୀବ ତିଷ୍ଠି ରହିପାରନ୍ତି ଏବଂ ଏହି ପରିସଂସ୍ଥାର ବୃକ୍ଷରାଜି ଓ ଜୀବଜନ୍ତୁ ବଞ୍ଚିରହିବା ପାଇଁ ନଦୀରୁ ପ୍ରବାହିତ ମଧୁରଜଳ ଓ ସମୁଦ୍ରର ଲୁଣି ପାଣି ମିଶ୍ରଣ, ପାଣିର ଗୁଣବତ୍ତାକୁ ସମୃଦ୍ଧ କରିବା ସହିତ ବନ୍ୟଜୀବକୁ ବଂଚିବା ତଥା ତିଷ୍ଠିବା ପାଇଁ ସହାୟକ ହୋଇଥାଏ ବୋଲି ଦର୍ଶାଇଥିଲେ। ଏହି ଅବସରରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଭାବେ ଅର୍ଚ୍ଚିତା ସ୍ୱାଇଁ, ଶ୍ରୀୟାଶ୍ରୀ ମୁଦୁଲି, ରୂପାଲି ଗୁଡ଼ିଆ, ଲିଜା ଦାସ, କୁମାର ସୌମ୍ୟଜିତ୍ ଓ ଜୟଦେବ କରଣଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସିଦ୍ଧିଲାଲ ସୋରେନ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂଜା ବେହେରା, ଶୁଭସ୍ମିତା ବଳ, ଶିବାନୀ ଚୌଧୁରୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିବାରେ ସହଯୋଗ କରିଥିଲେ। ପ୍ରକାଶଥାଏକି, ସର୍ବମୋଟ ଦୁଇଜଣ ଶ୍ରେଷ୍ଠ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ ହେବେ।

# ବଦଳିଛି ରଙ୍ଗ; ବଦଳୁନି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାଗ୍ୟ

ଭଦ୍ରକ,୨୩।୪(ସମିସ)





ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଜିଲ୍ଲାର ଲୋକସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବାବେଳେ ଏମାନଙ୍କର ସ୍ୱାସ୍ଥ୍ୟ ସେବା ପାଇଁ ଏକମାତ୍ର ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସମସ୍ୟା ସହ ଭିତ୍ତିଭୂମିର ବିକାଶ ସମସ୍ୟା ସରକାର ଦୂର କରୁନାହାନ୍ତି। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ, ରୋଗୀଙ୍କ ସମ୍ପର୍କୀୟମାନେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଜେପି ସରକାରକୁ ଆସିବା ପରେ କେବଳ ରଙ୍ଗ ପରିବର୍ତ୍ତନ କରିବାରେ ବ୍ୟସ୍ତ ରହୁଥିବାବେଳେ ଡାକ୍ତରଖାନାର ସମସ୍ୟା କିମ୍ବା ରୋଗୀଙ୍କ ଉନ୍ନତ ସେବା ଦିଗରେ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ପୂର୍ବ ସରକାର ଅମଳରେ ପ୍ରାୟ ୧୪୬ କୋଟି ଟଙ୍କା ବ୍ୟୟରେ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗେଲପୁରଠାରେ ନିର୍ମିତ ହେଲା। ଗତ ୮ ମାସରୁ ଅଧିକ ହେବ ଏହା କାର୍ଯ୍ୟକ୍ଷମ ହେଲାଣି। ତେବେ ଅତ୍ୟାଧୁନିକ ଚକାଚକ୍ ଓ ବିରାଟ ପରିସରରେ ନିର୍ମିତ ହୋଇଥିବା ଏହି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂଆ ସରକାର ରଙ୍ଗ ବଦଳାଇ ଦେଲେ। କିନ୍ତୁ ଡାକ୍ତରଖାନାର ଭାଗ୍ୟ ବଦଳାଇ ପାରୁନାହାନ୍ତି। ଫଳରେ ରୋଗୀଙ୍କ ସେବା ବିପର୍ଯ୍ୟସ୍ତ ହେବା ସହ ରୋଗୀଙ୍କ ସମ୍ପର୍କୀୟମାନେ ବି କଳବଲ ହେଉଥିବା ପରିଲକ୍ଷିତ ହେଉଛି।

ସୂଚନାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ୧୭୧ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦ ମଧ୍ୟରୁ ୭୦ଭାଗ ଡାକ୍ତର ନାହାନ୍ତି। ପୂର୍ବ ସରକାର ଅମଳରୁ ଉଦ୍‌ଘାଟିତ ହୋଇଥିଲା ଶିଶୁ ଓ ମାତୃ ଚିକିତ୍ସାଳୟ(ଏମ୍‌ସିଏଚ୍) ଓ ନିର୍ମାଣ ସରିଥିଲା ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ତେବେ ନୂଆ ସରକାର ଆସିବା ପରେ ଏହାର ସବୁଜ ରଙ୍ଗକୁ ବଦଳାଇଛନ୍ତି। ତେବେ ଜିଲ୍ଲା ହସ୍ପିଟାଲର ନାନା ଅବ୍ୟବସ୍ଥା ନେଇ କିଛି ସୁବନ୍ଦୋବସ୍ତ କରୁନାହାନ୍ତି। ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଲାଗି ଏକ କ୍ୟାଣ୍ଟିନ୍ ଓ ପାନୀୟ ଜଳର ବ୍ୟବସ୍ଥା ନାହିଁ। ପ୍ରଚଣ୍ଡ ଖରାରେ ରୋଗୀ, ସମ୍ପର୍କୀମାନେ ପାଣି ଓ ଖାଦ୍ୟ ପାଇଁ ଏପଟସେପଟ ହୋଇ ନୟାନ୍ତ ହେଉଛନ୍ତି। ଏଯାଏଁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାମ୍ପସରୁ ଗୁରୁତ୍ୱପୂର୍ଣ୍ଣ ବ୍ଲଡ୍ ବ୍ୟାଙ୍କ ବା ରକ୍ତ ଭଣ୍ଡାର ନୂତନ ଡିଏଚ୍ଏଚ୍ କ୍ୟାମ୍ପସ୍‌କୁ ଆସିପାରିନି। ସେହିଭଳି ଶବ ବ୍ୟବଚ୍ଛେଦ ବା ପୋଷ୍ଟ ମର୍ଟମ କାର୍ଯ୍ୟ ପୁରୁଣା ହସ୍ପିଟାଲରେ ଅଦ୍ୟାବଧି ଚାଲିଛି। ସେହିଭଳି ନୂଆ ମୁଖ୍ୟ ଚିକିତ୍ସାଳୟର କ୍ୟାମ୍ପସ୍‌ରେ ଏକ ପାଚେରି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହି ରାସ୍ତାରେ ବେଆଇନ ଯାତାୟାତ ଚାଲିଛି। ଆଉ ମୁଖ୍ୟ ଚିକିତ୍ସାଳୟ ପ୍ରବେଶ ପଥ କଡ଼ରେ ଶତାଧିକ ବେଆଇନ ଜବରଦଖଲ କରି ଜନବସତିକୁ ମଧ୍ୟ ହଟାଯାଉ ନାହିଁ। ନୂଆ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏବେ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୁଲିସ ଆଉଟ୍ ପୋଷ୍ଟ ସ୍ୱତନ୍ତ୍ର ଭାବେ ବାହାରେ ଖୋଲାଯାଇନି। ଡାକ୍ତରଖାନା ଭିତରେ ଏହି ପୁଲିସ ଆଉଟ୍ ପୋଷ୍ଟ ଖୋଲାଯାଇଥିଲେ ହେଁ କେହି ଜାଣିପାରୁ ନାହାନ୍ତି କି ସୁରକ୍ଷା ପାଇଁ ତୁରନ୍ତ ଯାଇପାରୁନାହାନ୍ତି। ଏତେ ବଡ଼ ହସ୍ପିଟାଲରେ ଭେଣ୍ଟିଲେଟର ଓ ଆଇସିୟୁ ବ୍ୟବସ୍ଥା ପାଇଁ ସରଞ୍ଜାମ ମହଜୁଦ ଥିଲେ ବି ତାଲିମପ୍ରାପ୍ତ ଡାକ୍ତର ନ ଥିବାରୁ ଏହି ସେବା ଆରମ୍ଭ କରାଯାଇ ପାରୁନି। ଗୁରୁତ୍ୱପୂର୍ଣ୍ଣ କଥା, ଏଯାଏଁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାକ୍ତର ଓ ଡାକ୍ତରଖାନା କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ହୋଇନି। ଫଳରେ ଜରୁରୀକାଳୀନ ସେବା ଯୋଗାଇବାକୁ ଡାକ୍ତରମାନେ ଘଣ୍ଟା ଘଣ୍ଟା କାଳ ବିଳମ୍ବରେ ପହଞ୍ଚିବା ଯୋଗୁଁ ରୋଗୀଙ୍କ ଜୀବନ ଅନାୟାସରେ ଚାଲିଯାଉଥିବା ପରିଲକ୍ଷିତ ହୋଇଛି। ତେଣୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ରଙ୍ଗ ବଦଳାଯାଇଛି ସତ, ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାଗ୍ୟ ବଦଳୁନି ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

## ତିହିଡ଼ି ତହସିଲ୍ ଅଫିସରେ କର୍ମଚାରୀ ମରୁଡ଼ି

ଦୋଳସାହି,୨୩।୪(ସମିସ): ଗଦା ଗଦା ଅଭିଯୋଗର ସମାଧାନ ହୋଇପାରୁନି। ତିହିଡ଼ି ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ନେଇ ହଜାର ହଜାର ଅଭିଯୋଗ ଗଦା ହୋଇ ରହିବା ସହ ଅଭିଯୋଗର ସମାଧାନ ଦୀର୍ଘ ବର୍ଷ ଧରି ହୋଇପାରୁ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ତିହିଡ଼ି ତହସିଲ୍ କାର୍ଯ୍ୟାଳୟରେ ୪ଶହରୁ ଅଧିକ ଡିମାରକେସନ ଅଭିଯୋଗ ଦୀର୍ଘ ଏକ ବର୍ଷ ଧରି ପଡ଼ିରହିଛି। ଅମିନ ପଦ ଖାଲି ପଡ଼ିଥିବାରୁ ଏହି ଡିମାରକେସନ ଅଭିଯୋଗର ସମାଧାନ ହୋଇପାରୁ ନ ଥିବା ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି। ଏହି ତହସିଲ୍‌ରେ ଦୁଇ ଜଣ ବରିଷ୍ଠ କିରାଣି, ଚାରି ଜଣ କନିଷ୍ଠ କିରାଣି, ଚାରି ଜଣ ଅମିନ ପଦ ଖାଲି ପଡ଼ିଥିବା ଜଣାଯାଇଛି। ସେହିପରି ଏହି ତହସିଲ୍‌ରେ ବିଭିନ୍ନ ବିଭାଗରେ ପଦ ପଦବୀ ଅଭାବ ଥିବା ଯୋଗୁଁ ସାଧାରଣ ଲୋକଙ୍କ ବିଭିନ୍ନ ସରକାରୀ କାର୍ଯ୍ୟରେ ଆବଶ୍ୟକ ପ୍ରମାଣପତ୍ର ପାଇବାରେ ବହୁ ବିଳମ୍ବ ଘଟୁଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ବାସୁଦେବ ପୀଠରୁ ଚୋରି

ଅସୁରାଳି,୨୩।୪(ସମିସ): ବୈତରଣୀ ନଦୀ କୂଳରେ ଅବସ୍ଥିତ ଧାମନଗର ବ୍ଲକ୍‌ର ଅର୍ଜ୍ଜୁନପୁର ପଞ୍ଚାୟତସ୍ଥିତ ବାଲିପାଟଣା ବାସୁଦେବ ପୀଠରୁ ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ଧୂଷୁରୀ ପୁଲିସ ପ୍ରାଥମିକ ଅନୁସନ୍ଧାନ କରି ସନ୍ଦେହରେ ଜଣଙ୍କୁ ଅଟକ ରଖିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାସୁଦେବ ପୀଠ ପରିସରରେ ଥିବା କୋଠ ଘର ଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିରରେ ନୀତିକାନ୍ତି ପାଇଁ ବ୍ୟବହାର ହେଉଥିବା ପିତ୍ତଳ, କଂସା ଆଦି ଲକ୍ଷାଧିକ ଟଙ୍କାର ସରଞ୍ଜାମ ସହିତ ପ୍ରସାଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଚାଉଳ, ଡାଲି, ମୁଗ ଆଦିକୁ ନେଇଯାଇଛନ୍ତି। ଏକଥା ବୁଧବାର ସକାଳେ ଜଣାପଡ଼ିଥିଲା। ଏ ସମ୍ପର୍କରେ ଅଭିଯୋଗ ପାଇ ଧୂଷୁରୀ ପୁଲିସ ଅନୁସନ୍ଧାନ କରିଛି। ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଚୋରି କରିବା ସନ୍ଦେହରେ ଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି।

● ୧୦ ମାସ ହେଲା ବର୍ଦ୍ଧିତ ଭତ୍ତାକୁ ଚାହିଁଛନ୍ତି ହିତାଧିକାରୀ

## ୭ ହଜାର ଆବେଦନକାରୀରୁ ପାଇଛନ୍ତି ୭ ଜଣ

ଦୋଳସାହି,୨୩।୪(ସମିସ): ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୭ହଜାରରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିବାବେଳେ ମାତ୍ର ୭ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା 'ସକାଳ'କୁ ସୂଚନା ମିଳିଛି। ସେହିପରି ଏହି ବ୍ଲକ୍‌ରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ୮ଶହରୁ ଅଧିକ ବର୍ଦ୍ଧିତ ଭତ୍ତା ପାଇବାକୁ ଅନାଇ ବସିଥିବା ଜଣାଯାଇଛି। ସେହିପରି ଏହି ବ୍ଲକ୍‌ରେ ୭ ହଜାରରୁ ଅଧିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କରିଥିବାବେଳେ କିପରି ଏହି ୭ଜଣ ଭତ୍ତା ପାଇଁ ବିବେଚିତ ହେଲେ ଆବେଦନକାରୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଖୋଲିଲା ଜଳଛତ୍ର; ନାହିଁ ଜଳ




ଦୋଳସାହି,୨୩।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ଓ ଗୁଆମାଳ ପଞ୍ଚାୟତରେ ଜଳଛତ୍ର ଖୋଲି ନ ଥିବା ନେଇ ମଙ୍ଗଳବାର 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶି ହେବା ପରେ ଦୋଳସାହି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ୩ଟି ସ୍ଥାନରେ ଜଳଛତ୍ର ଖୋଲିଥିଲା। ସେହିପରି ଗୁଆମାଳ ପଞ୍ଚାୟତରେ ଏହି ଜଳଛତ୍ର କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ପଣ୍ଡା ସୂଚନା ଦେଇଥିବାବେଳେ ଏହି ଜଳଛତ୍ର କେନ୍ଦ୍ରରେ ଜଳ ନ ଥିବା ଦେଖିବାକୁ ମିଳିଛି। ସେହିପରି ଏହି ଜଳଛତ୍ର କାର୍ଯ୍ୟକ୍ରମ କରୁଥିବାବେଳେ ଜଳ ବଣ୍ଟନ ପାଇଁ ପୁରୁଣା ହାଣ୍ଡି (ଜଳପାତ୍ର) ଖୋଜିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

● ଘରେ ଓ ବାହାରେ ଅଗ୍ନିବର୍ଷା

## ଆମ୍ବ ଗଛ ମୂଳେ ବିତୁଛି ମଧ୍ୟାହ୍ନ ସମୟ

ବାରିକପୁର,୨୩।୪(ସମିସ): ଗତ ସପ୍ତାହ ପଣା ସଂକ୍ରାନ୍ତିରୁ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ଏବେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ବିଶେଷ କରି ଦୁଇ ଚାରି ଦିନ ହେବ ଖରା ସାଙ୍ଗକୁ ଗୁଳୁଗୁଳି ଦ୍ୱିଗୁଣିତ ହେବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ରାତିରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଦିନରେ ମଧ୍ୟ ଗରମ ପବନକୁ ଖରାର ପ୍ରକୋପ ବି କିଛି କମ୍ ହେଉନାହିଁ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପ୍ରତ୍ୟେକ



ଦିନ ତାପମାତ୍ରା ବୃଦ୍ଧି ପାଉଛି। ଗତ ଦୁଇ ଦିନ ଧରି ୪୦ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଗୁରୁବାର ୪୨ ଡିଗ୍ରୀରେ ପହଞ୍ଚିଛି। ଯାହାକି ୪୫ ଡିଗ୍ରୀ ଭଳି ଅନୁଭବ ହେଉଛି। ବଢୁଥିବା ତାପମାତ୍ରାକୁ ଦୃଷ୍ଟିରେ ରଖି ସକାଳ ୬.୩୦ରୁ ୯ଟା ଯାଏଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏପଟେ ଦୈନନ୍ଦିନ କାର୍ଯ୍ୟ ପାଇଁ ଲୋକେ ଦିନ ୧୦ଟା ପରେ ବାହାରକୁ ଯିବା ପାଇଁ ଭୟ କରୁଛନ୍ତି। ସକାଳ ୬ଟାରୁ ୧୧ଟା ଯାଏଁ ଗ୍ରାମାଞ୍ଚଳରେ ଦୋକାନ ବଜାର ଖୋଲା ରହୁଥିବାବେଳେ ପରେ ସବୁ ଯେମିତି ଖାଁ ଖାଁ ଲାଗୁଛି। ରାସ୍ତାଘାଟରେ ଯାନବାହନ ଚଳାଚଳ ମଧ୍ୟ କମିଯାଉଛି। ଘରେ ଓ ବାହାରେ ସବୁଠି ଯେମିତି ଅଗ୍ନିବର୍ଷା ଭଳି ତାତି ପବନ ହେଉଛି। ଗାଁ ଗହଳିର ବାଡ଼ି ବଗିଚାରେ ଥିବା ଆମ୍ବ ଗଛ ମୂଳେ ପରିବାରକୁ ଧରି ଅନେକ ଲୋକ ମଧ୍ୟାହ୍ନ ସମୟକୁ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ବ୍ଲକ୍‌ର ବିଷ୍ଣୁପୁରଠାରୁ ଆରମ୍ଭ କରି ଆଖୁଆପଦା ଓ ମଞ୍ଜୁରୀରୋଡ୍‌ଠାରୁ ମଣିନାଥପୁର ଯାଏଁ ସବୁଠି ଗ୍ରୀଷ୍ମର ରାଜୁତି ଅନୁଭୂତ ହୋଇଛି।

ଶାସକ ଦଳର ପ୍ରରୋଚନାରେ କାମ କରୁଛନ୍ତି ଏନ୍‌ଏସି ଅଧିକାରୀ

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ଜେଲ୍ ଗଲେ ବିଜେଡି କର୍ମୀ

ଭଦ୍ରକ,୨୩।୪(ସମିସ)





ସାଧାରଣ ଲୋକଙ୍କ ପାଇଁ ଲଢ଼େଇ କରି କିଛିଦିନ ତଳେ ଜେଲ୍ ଯାଇଥିଲେ ଚାନ୍ଦବାଲି ବିଜେଡିର ଯୁବ ନେତା ଜିତେନ୍ଦ୍ର ପାଣି। ଜେଲ୍‌ରୁ ଫେରିବା ପରେ ସ୍ୱାଗତ କଲା ଯୁବ ବିଜେଡି। ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏନ୍‌ଏସି ଅଧିକାରୀ ଓ ଶାସକ ଦଳ ବିରୋଧରେ ଆଣିଲେ ସଙ୍ଗୀନ ଅଭିଯୋଗ। ଅଭିଯୋଗ ମୁତାବକ, ଚାନ୍ଦବାଲି ଏନ୍‌ଏସି ଅଧିକାରୀ ଶାସକ ଦଳର ପ୍ରରୋଚନାରେ କାର୍ଯ୍ୟ କରୁଛନ୍ତି। ବିଜେଡିକୁ ସମର୍ଥନ କରୁଥିବା ସାଧାରଣ ଲୋକଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରୁଛନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ପାଇବାର ହକ୍‌ଦାର ଥିବା ହିତାଧିକାରୀଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଛି। ଯାହାକୁ ନେଇ ବିଜେଡିର ଯୁବ ନେତା ଜିତେନ୍ଦ୍ର ପାଣି କିଛି ଦିନ ତଳେ ଏନ୍‌ଏସି ଅଫିସରେ ଅଭିଯୋଗ କରିବା ସହ ଉଚ୍ଚ ସ୍ୱରରେ ଅଫିସରଙ୍କ ସହ ଯୁକ୍ତିତର୍କ କରିଥିଲେ। ଯାହାକୁ ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଶାସକ ଦଳ ଚାପରେ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଜେଲ୍‌ରୁ ବାହାରିବା ପରେ ଗୁରୁବାର ଶହଶହ ବିଜେଡି ନେତା ଓ କର୍ମୀ ଚାନ୍ଦବାଲି କାଳୀମନ୍ଦିରଠାରୁ ଏକ ବାଇକ୍ ରାଲିରେ ତାଙ୍କୁ ସ୍ୱାଗତ କରି ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଗରିବ ଅସହାୟ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରି ଯଦି ମତେ ବାରମ୍ବାର ଜେଲ୍ ଯିବାକୁ ପଡ଼େ ମୁଁ ସେଥିପାଇଁ ପ୍ରସ୍ତୁତ ଅଛି ବୋଲି ଯୁବ ନେତା ଜିତେନ୍ଦ୍ର ପାଣି ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୁବନେତା ଜିତେନ୍ଦ୍ର ପାଣିଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ମାନସ ଦାସ, ଦୀପକ ରଞ୍ଜନ ରାଉତ, ସୋମନାଥ ପରିଡ଼ା, ଅନିଲ ଦାସଙ୍କ ସମେତ ଶହଶହ ଯୁବ ନେତା ଉପସ୍ଥିତ ଥିଲେ।

ମାଟି ଆବରଣ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି

## ଗେଙ୍ଗୁଟି ଗର୍ଭରେ ଲୁଚି ରହିଛି ବୈତରଣୀ ମୁକ୍ତା !

ବାରିକପୁର,୨୩।୪(ସମିସ)

ଭଣ୍ଡାରୀପୋଖରୀ ଦେଇ ଯାଇଥିବା ବୈତରଣୀ ନଦୀର ବାଲି ସବୁଠାରୁ ମୂଲ୍ୟବାନ ଅଟେ। ଭଦ୍ରକ ସମେତ ଯାଜପୁର, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନକୁ ଏହି ବାଲି ଚାଲାଣ ହୋଇଥାଏ।



ଏପରିକି ମାଫିଆମାନଙ୍କ ଜରିଆରେ ବୈତରଣୀ ବାଲି ପଶ୍ଚିମବଙ୍ଗ ସୀମାନ୍ତରେ ପହଞ୍ଚିଯାଏ। ଏବେ ନଦୀର କିଛି ସୈରାତରୁ ବାଲି ସମ୍ପୂର୍ଣ୍ଣ ଶେଷ ହୋଇଥିବାବେଳେ ଆଉ କିଛି ସୈରାତ ନିଲାମ ନ ହୋଇ ପଡ଼ି ରହିଛି। ସେଠାରୁ ବେଳେବେଳେ ଚୋରା ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଅଙ୍କୁଶ ଥିବା ହେତୁ ମାଫିଆମାନେ ଖୁଲମ୍‌ଖୁଲା ପରିବହନ କରିପାରୁ ନାହାନ୍ତି। ଏବେ ବୈତରଣୀ ଶାଖା ଗେଙ୍ଗୁଟି ନଦୀ ଉପରେ ବାଲି ବେପାରୀଙ୍କ ନଜର ରହିଛି। ବିଶେଷ କରି ଗେଙ୍ଗୁଟିର ଆରମ୍ଭ ସ୍ଥାନ ମୁଢ଼ାପଦାଠାରୁ ଦାଣ୍ଡକୂଳ, ଟିଖିଲିଆ, ଷଠଗାଁ, ଦୋଳଗୋବିନ୍ଦପୁର, ଗୋହିରାଟିକିରି ନିକଟସ୍ଥ ସ୍ଥାନରୁ ବାଲି ଚୋରି ପାଇଁ ଯୋଜନା କରାଯାଉଛି। ଶୁଖିଲା ପଡ଼ିଥିବା ନଦୀପଠାର ମାଟି ଆବରଣ ତଳେ ହଜାର ହଜାର ଟ୍ରିପ୍ ବାଲି ରହିଛି। ଗେଙ୍ଗୁଟି ଗର୍ଭରେ ସତେଯେମିତି ବୈତରଣୀ ମୁକ୍ତା ଲୁଚି ରହିଥିବା କୁହାଯାଉଛି।

ସରକାରୀ ଛୁଟି ଦିବସ ଓ ରାତିରେ ମାଫିଆମାନେ ଜେସିବି ଏବଂ ଟ୍ରାକ୍ଟର ସହାୟତାରେ ମାଟି ଆବରଣକୁ କାଢ଼ି ବାଲି ଉତ୍ତୋଳନ କରୁଥିବା ସୂଚନା ମିଳିଛି। ଅଞ୍ଚଳରେ ଅନେକ ଇଟାଭାଟି ଥିବା ହେତୁ ବାଲି ସହିତ ବେଆଇନ ମାଟି ମଧ୍ୟ ଚାଲାଣ ହେଉଛି। ଏଥିରେ ଲାଭଖୋର ବାଲି ବ୍ୟବସାୟୀ, ଟ୍ରାକ୍ଟର ଓ ଜେସିବି ମାଲିକ ସାମିଲ୍ ଥିବା ଅଭିଯୋଗ ହୋଇଛି। ବେଧଡ଼କ ବାଲି ସହିତ ମାଟି ଉତ୍ତୋଳନ ଯୋଗୁଁ ଗାଈଗୋରୁ ଚାରଣରୁ ବଞ୍ଚିତ ହେଉଥିବାବେଳେ ପରିବେଶ ଉପରେ ମଧ୍ୟ କୁପ୍ରଭାବ ପଡୁଛି। ଏହାଛଡ଼ା ନଦୀର ଗତିପଥ ବଦଳୁଥିବା ବେଳେ ଲକ୍ଷଲକ୍ଷ ଟଙ୍କାର ସରକାରୀ ସମ୍ପତ୍ତି ଲୁଟ୍ ହେଉଛି। ଲଘୁ ଖଣିଜ ପଦାର୍ଥ ସୁରକ୍ଷା ଦାୟିତ୍ୱରେ ଥିବା ଥାନା, ତହସିଲ୍ ଓ ଜିଲ୍ଲା ଖଣି ନିଗମ ଅଧିକାରୀମାନେ ଏଯାଏଁ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପରିତାପର ବିଷୟ ପାଲଟିଛି। ଏପରି ବେଆଇନ କାର୍ଯ୍ୟରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୁଦ୍ଧିଜୀବୀମାନେ କହିଛନ୍ତି।

## 'ନିରହଂକାରୀ ଶାନ୍ତିଲତା ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ'

ଭଦ୍ରକ,୨୩।୪(ସମିସ): ଭିନ୍ନ ଚିନ୍ତାଧାରା ଭିନ୍ନ ଦୃଷ୍ଟିଭଙ୍ଗୀ ଏକାଧାରରେ ଜଣେ ସାହିତ୍ୟିକା, ଜଣେ ସଂଗଠକ, ଜଣେ ସରଳ ନିଷ୍କପଟ ମଣିଷ ଥିଲେ ଶାନ୍ତିଲତା ବାରିକ (ନାଗ)। ଗାନ୍ଧୀବାଦରେ ବିଶ୍ୱାସ ରଖୁଥିବା ଜଣେ ବ୍ୟକ୍ତିତ୍ୱ। ଜଣେ ଅନୁଷ୍ଠାନ ପ୍ରେମୀ ଓ ପରୋପକାରୀ ମହିଳା ଭାବେ ସେ ଚିରସ୍ମରଣୀୟ



ହୋଇ ରହିବେ ବୋଲି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଛି। ବରିଷ୍ଠ ସ୍ତମ୍ଭକାର ବାସୁଦେବ ବାରିକଙ୍କ ସଭାପତିତ୍ୱରେ ଶାନ୍ତିଲତା ସ୍ମୃତି କମିଟି ପକ୍ଷରୁ ଆରଡ଼ି ଛକସ୍ଥିତ ପ୍ରେମ ନଗରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ବ୍ରଜମୋହନ ମିଶ୍ର, ମୁଖ୍ୟବକ୍ତା ପବିତ୍ର ପାଣିଗ୍ରାହୀ, ସମ୍ମାନିତ ବକ୍ତା ଡ. ଭାଗବତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଶାନ୍ତିଲତା ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସମସ୍ତଙ୍କୁ ନିଜର କରିପାରିବାର ଏକ ସ୍ୱତନ୍ତ୍ର କଳା ତାଙ୍କୁ ଜଣା ଥିଲା। ସେହି ସୂତ୍ରରେ ସେ ଅନେକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କୁ 'ପ୍ରଥମ ଶାନ୍ତିଲତା ନାଗ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କବୟିତ୍ରୀ ସଂଯୁକ୍ତା ବଳଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଶାନ୍ତିଲତା ବାରିକ, ଗୌରାଙ୍ଗ ବାରିକ, ଅମର ପାଣିଗ୍ରାହୀ, ମନୋରମା ରାୟ, ଜାନକୀ ପାଢ଼ୀ, ବିପ୍ଳବ ହୋତା, ସନାତନ ଦାସ, ରମେଶ ଚନ୍ଦ୍ର ଦାସ, କାଳନ୍ଦୀ ମଲ୍ଲିକ, କବି ଗୋକୁଳାନନ୍ଦ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। କବି ଚୈତାଳୀ ଖିଲାର ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଅଶୋକ ଦାସ ସ୍ୱାଗତ ଭାଷଣ ଓ ଉପେନ୍ଦ୍ର କୁମାର ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶାନ୍ତନୁ ରାଉତ, ରମାକାନ୍ତ ମଣ୍ଡଳ, ସୁଧାକର ରାଉତ, ନିର୍ମଳ ରାଉତ, ଗିରିଧାରୀ ନାଥ, ରୂପକ ବିହାରୀ ରାୟ ପ୍ରମୁଖ ସ୍ୱର୍ଗତଃ ନାଗଙ୍କ ସ୍ମୃତିଚାରଣ କରିଥିଲେ। କୈଳାସ ଚନ୍ଦ୍ର ପଣ୍ଡା, ଅତିଶ ବେହେରା, ବିଚିତ୍ରାନନ୍ଦ ଦାସ, ପ୍ରଦୀପ ପଲ୍ଲାଇ, ରାଜେନ୍ଦ୍ର ବାରିକ ଓ ପରିବାର ସଦସ୍ୟ ଉତ୍ସବ ପରିଚାଳନା କରିଥିବାବେଳେ ପ୍ରଫୁଲ୍ଲ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଚିହ୍ନଟ ମୌଜାରୁ ବାଲି ଉତ୍ତୋଳନ ବନ୍ଦ

ବାରିକପୁର,୨୩।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ରୋକିବା ପାଇଁ ପ୍ରଶାସନ ନାକେଦମ୍ ହେଲାଣି। କେତେବେଳେ ନଦୀ ପଠାରେ ନାଳ ଚିରା ଯୋଜନା ତ ପୁଣି କେତେବେଳେ ନିଷିଦ୍ଧାଞ୍ଚଳ ଘୋଷଣା କରି ବେଆଇନ ପରିବହନକୁ ରୋକିବା ପାଇଁ ପ୍ରଶାସନ ଚେଷ୍ଟା ଜାରି ରଖିଛି। ଯେଉଁଠି ଅଧିକାରୀମାନେ ବାଲି ପରିବହନ ପଥରେ ନାଳ ଚିରୁଛନ୍ତି ତା' ପରଦିନ ବିପରୀତ ଦିଗରେ ବାଲି ପରିବହନ ହେଉଥିବା ଦେଖାଯାଇଛି। ପ୍ରଶାସନର ମିଛିମିଛିକା ଚେଷ୍ଟା କେବଳ ଧର୍ମକୁ ଆଖିଠାର ଭଳି ହେଉଛି। ଗତ ବୁଧବାର ନଦୀର କେତେକ ସ୍ଥାନରେ ୧୬୩ ଧାରା ଜାରି ହୋଇଥିବାବେଳେ ଉକ୍ତ ସ୍ଥାନକୁ ଚିହ୍ନଟ ମଧ୍ୟ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜଗନ୍ନାଥପ୍ରସାଦ (ଖ) ଖାତା ନଂ ୭୯୯ ଓ ପ୍ଲଟ୍ ନଂ ୧୬୫୩/୨୭୩୩, ୨୭୩୪, ୨୭୩୫ରୁ ବାଲି ଉତ୍ତୋଳନ ପାଇଁ ବାରଣ କରାଯାଇଛି। ସେହିଭଳି ଟିକରାଠାରେ ଖାତା ନଂ ୧୫୪, ପ୍ଲଟ୍ ନଂ ୧, ଯଶୋଟିକିରିଠାରେ ଖାତା ନଂ ୪୧୪, ପ୍ଲଟ୍ ନଂ ୧, ବଳିପୁରଠାରେ ଖାତା ନଂ ୩୪୬, ପ୍ଲଟ୍ ନଂ ୫୮୭, ଝୁଟୁଣାଠାରେ ଖାତା ନଂ ୫୩୧, ପ୍ଲଟ୍ ନଂ ୧, ୧/୨୯୭୭, ୧୮୮୪/୨୯୮୦, ୨/୨୯୮୧ ପ୍ଲଟ୍ ଉପରେ ଧାରା ୧୬୩ ଜାରି



ହୋଇଛି। ଅନୁରୂପ ଭାବେ ବଡ଼ବନସ୍ତା 'କ, ଖ ଓ ଗ' ସୈରାତଠାରେ ଖାତା ନଂ ୨୮୦ ଓ ପ୍ଲଟ୍ ନଂ ୯୫, ୯୬ ଏବଂ ୫ରୁ ବାଲି ଉତ୍ତୋଳନ ହେବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଖଣି ଉପନିର୍ଦ୍ଦେଶକଙ୍କୁ ପତ୍ର ଯୋଗେ ସୂଚନା ଦିଆଯାଇଛି।

ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟିର ବୈଠକ

## ଉନ୍ନତ ସ୍ୱାସ୍ଥ୍ୟ ସେବା, ଜଳ ସଂକଟ ଦୂର ପାଇଁ ଗୁରୁତ୍ୱାରୋପ

ଭଦ୍ରକ,୨୩।୪(ସମିସ)






ଡିଷ୍ଟ୍ରିକ୍ଟ ପ୍ଲାନିଂ ଏଣ୍ଡ ମନିଟରିଂ କମିଟି ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଏସିଡିସି ବୈଠକ ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନମଣ୍ଡଳୀ ନିମନ୍ତେ ଭଦ୍ରକ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ଜନପ୍ରତିନିଧିମାନେ ଅଂଶଗ୍ରହଣ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପାନୀୟଜଳ, ଶକ୍ତି, ମହିଳା ଓ ଶିଶୁ ବିକାଶ, ବିଭିନ୍ନ ହିତାଧିକାରୀମାନଙ୍କୁ ଭତ୍ତା, ରାସନ କାର୍ଡ ଓ ଗୃହ ଆବଣ୍ଟନ ଆଦି ବିଷୟରେ ଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ପର୍ଯ୍ୟାଲୋଚନା କରାଯାଇ ନିଷ୍କର୍ଷ ସ୍ଥିର କରାଯାଇଥିଲା। ବୈଠକ ଆଲୋଚନାର ମୁଖ୍ୟ ଭାଗରେ ଚାନ୍ଦବାଲି ବିଧାୟକ ଡ. ରାୟ, ଭଦ୍ରକ ଜିଲ୍ଲା ସିଡିଓ ଶୁଭେନ୍ଦ୍ର ସାମଲ, ଡିଡି ପ୍ରହ୍ଲାଦ ରଣା, ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର, ଚାନ୍ଦବାଲି ଏନ୍‌ଏସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ୍, ଚାନ୍ଦବାଲି ବ୍ଲକ୍ ଅଧ୍ୟକ୍ଷା ମିନତୀ ସୂତାର, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ ଓ ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀର ସର୍ବାଙ୍ଗିଣ ଉନ୍ନତି ତଥା ଚାନ୍ଦବାଲିକୁ ଏକ ବିକଶିତ ନିର୍ବାଚନମଣ୍ଡଳୀରେ ପରିଣତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଥିଲା। ବିଶେଷକରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସମସ୍ତ ବିଭାଗର ଆବଶ୍ୟକ ଡାକ୍ତରୀ ଅଭାବ ଦୂରୀକରଣ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥା, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ପାନୀୟଜଳ ସଙ୍କଟ ଦୂରୀକରଣ, ଚାନ୍ଦବାଲି ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବା ସମସ୍ତ ସେତୁର ନିର୍ମାଣ କାର୍ଯ୍ୟ ଶେଷ ଏବଂ ଶିକ୍ଷା କ୍ଷେତ୍ରରେ ଥିବା ଶିକ୍ଷକ ଅଭାବ ସମସ୍ୟାର ଦୂରୀକରଣ ଆଦି ବିଷୟରେ ଗୁରୁତ୍ୱାରୋପ କରି ଏହାର ତୁରନ୍ତ ସମାଧାନ ଦିଗରେ ନିଷ୍ପତ୍ତି ସ୍ଥିରୀକୃତ ହୋଇଥିଲା। ବିଶେଷ କରି ଚାନ୍ଦବାଲି ଡାକ୍ତରଖାନାରେ ରକ୍ତଭଣ୍ଡାର ଖୋଲିବା ପାଇଁ ଚାନ୍ଦବାଲି ବିଧାୟକ ଡ. ରାୟ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ବୈଠକ ସଫଳ ହୋଇଥିବାରୁ ଚାନ୍ଦବାଲି ବିଧାୟକ ଅଂଶଗ୍ରହଣକାରୀ ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ।